# ଧରିତ୍ରୀ
DHARITRI
51 Years

ଭୁବନେଶ୍ୱର, ରବିବାର, ଜୁନ୍ ୨୯/୨୦୨୫ (୧୪ ପୃଷ୍ଠା+ଛୁଟିଦିନ) | Bhubaneswar, Sunday, June 29/2025 | Page 14 | ₹ 7.00 | DHENKANAL

୫୧ଶ ଭାଗ ୨୧୪ ସଂଖ୍ୟା | www.orissakhabar.com/www.dharitri.com | Printed at Angul, Bhubaneswar, Sambalpur & Rayagada | VOLUME 51 ISSUE 214 | ମୂଲ୍ୟ₹୭/-


# ରଥଟଣା ବିଳମ୍ବରୁ ରାଜନୀତି

ଶ୍ରୀକ୍ଷେତ୍ର ପୁରୀରେ ଶୁକ୍ରବାର ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରା ଆରମ୍ଭ ହୋଇଥିବାବେଳେ ନିର୍ଦ୍ଧାରିତ ସମୟ ଅପରାହ୍ନ ୪ଟାରେ ରଥଟଣା ହୋଇପାରି ନ ଥିଲା। ପରମ୍ପରା ଅନୁଯାୟୀ, ଶ୍ରୀ ବଳଭଦ୍ରଙ୍କ ତାଳଧ୍ୱଜ ରଥ ପ୍ରଥମେ ଅପରାହ୍ନ ୪ଟା ୧୦ରେ ଗଡ଼ିଥିଲା। ପରେ ଦେବୀ ସୁଭଦ୍ରାଙ୍କ ଦର୍ପଦଳନ ରଥକୁ ଶ୍ରଦ୍ଧାଳୁ ଟାଣିନେଇଥିଲେ। ସମସ୍ତଙ୍କ ଅପେକ୍ଷା ରହିଥିଲା ମହାପ୍ରଭୁଙ୍କ ନନ୍ଦିଘୋଷ ରଥ ଗଡ଼ିବାକୁ। କେତେକ କାରଣ ଯୋଗୁ ରାତି ୭ଟା ୪୫ ବେଳକୁ ଅଝଟିଆ କାଳିଆ ସାଆନ୍ତଙ୍କ ମନ ବୁଝିଥିଲା। ସିଂହଦ୍ୱାରଠାରୁ ପ୍ରାୟ ପାହୁଣ୍ଡେ ଗଡ଼ିପାରିଥିଲା ନନ୍ଦିଘୋଷ। ଅନେକ ଭକ୍ତ ଏହାକୁ ମହାପ୍ରଭୁଙ୍କ ଇଚ୍ଛା ବୋଲି କହୁଥିବାବେଳେ ବିରୋଧୀ ଦଳଗୁଡ଼ିକ ରଥଟଣାରେ ଏହି ବିଳମ୍ବ ପାଇଁ ଅବହେଳାକୁ ଦାୟୀ କରି ରାଜ୍ୟ ସରକାରଙ୍କୁ ଘେରିଛନ୍ତି। ଏହାକୁ ନେଇ ରାଜନୀତି ଜୋର୍ ଧରିଥିବାବେଳେ ଶାସକ-ବିରୋଧୀଙ୍କ ପକ୍ଷରୁ ଆରୋପ-ପ୍ରତ୍ୟାରୋପ ଦେଖିବାକୁ ମିଳିଛି।



**ଶରଧାବାଲିରେ ୩ ରଥ**

ଭୁବନେଶ୍ୱର,୨୮।୬(ସୁନିତ୍ ମିଶ୍ର) ରଥଯାତ୍ରାରେ ରଥ ଗଡ଼ିବାରେ ବିଳମ୍ବ ହେବାକୁ ନେଇ ରାଜ୍ୟ ରାଜନୀତି ଜୋର୍ ଧରିଛି। ଶୁକ୍ରବାର ରାତି ୭ଟା ୩୦ ପର୍ଯ୍ୟନ୍ତ ନନ୍ଦିଘୋଷ ରଥ ଅଳ୍ପ କିଛି ବାଟ ନ ଗଡ଼ିବା ଅଧିକ ଚର୍ଚ୍ଚାର ବିଷୟ ପାଲଟିଛି। ଏହାକୁ ନେଇ ଶାସକ ଦଳ ଉପରେ ବିରୋଧୀ ପ୍ରବଳ ବର୍ଷିଛନ୍ତି। ଅନ୍ୟପଟେ ବିଶିଷ୍ଟ ବ୍ୟବସାୟୀ ଗୌତମ ଆଦାନୀ ଶନିବାର ପୁରୀ ଆସି ରଥରେ ଜଗନ୍ନାଥ, ବଳଭଦ୍ର ଏବଂ ସୁଭଦ୍ରାଙ୍କୁ ଦର୍ଶନ କରିଛନ୍ତି। ତେଣୁ ଆଦାନୀଙ୍କ ପାଇଁ ରଥଯାତ୍ରା ଗୋଟିଏ ଦିନ ବିଳମ୍ବ କରାଯାଇଥିବା କଂଗ୍ରେସ ଅଭିଯୋଗ କରିଛି। ଅଭିଯୋଗକୁ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଖଣ୍ଡନ କରିବା ସହ ବିରୋଧୀଙ୍କୁ ଟାର୍ଗେଟ କରିଛନ୍ତି।

ଶୁକ୍ରବାର ୩ ରଥଟଣାରେ ବିଳମ୍ବ ସହ ନନ୍ଦିଘୋଷ ରଥ ସିଂହଦ୍ୱାର ସାମ୍ନାରେ ହିଁ ଛିଡ଼ାହୋଇ ରହିବା ଘଟଣାକୁ ☞ପୃଷ୍ଠା-୪

# ବସ୍ ଧକ୍କାରେ ୩ ଛାତ୍ରୀଙ୍କ ମୃତ୍ୟୁ

**ମୃତକମାନେ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟର ଛାତ୍ରୀ**

**୪ ଲକ୍ଷ ଲେଖାଏ ସହାୟତା ଘୋଷଣା କଲେ ମୁଖ୍ୟମନ୍ତ୍ରୀ**


ପିପିଲି,୨୮।୬ (ଦୁର୍ଗା ମାଧବ ମିଶ୍ର/ପ୍ରଭାତ ମହାପାତ୍ର) ରଥାରୂଢ଼ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରିବାକୁ ଯାଉଥିଲେ। ହେଲେ କିଏ ଜାଣିଥିଲା ମୃତ୍ୟୁ ଅଧାବାଟରେ ଛକି ରହିଛି। ସ୍କୁଟିରେ ଭୁବନେଶ୍ୱରରୁ ପୁରୀ ଯାଉଥିବାବେଳେ ପିପିଲି ଥାନା ଅନ୍ତର୍ଗତ ତରାକାଜ ଓଭରବ୍ରିଜ୍ ନିକଟରେ ଆମ ବସ୍ ଧକ୍କାରେ ୩ଜଣ ଛାତ୍ରୀଙ୍କ ମୃତ୍ୟୁ ହୋଇଛି। ମୃତାମାନେ ହେଲେ ପୁରୁଣା ଭୁବନେଶ୍ୱର ଅଞ୍ଚଳରେ ରହୁଥିବା ରିମିଝିମ୍ ପ୍ରିୟଦର୍ଶନୀ ସାହୁ(୨୦), ଏଲିନା ଦାଶ (୨୦) ଓ କାଜଲ ଦାଶ (୨୨)। ଏମାନେ ସମସ୍ତେ ଭୁବନେଶ୍ୱର ଉତ୍କଳସଙ୍ଗୀତ ମହାବିଦ୍ୟାଳୟର ଛାତ୍ରୀ ବୋଲି ଜଣାପଡ଼ିଛି। ଏଲିନା ଏବଂ କାଜଲ ୨ଭଉଣୀ ହୋଇଥିବାବେଳେ ସେମାନଙ୍କ ଘର କେନ୍ଦ୍ରାପଡ଼ା ବୋଲି ପୋଲିସ ସୂତ୍ରରୁ ଜଣାପଡ଼ିଛି। ଘଟଣାସ୍ଥଳରେ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**
**୭୫ ବର୍ଷ ପୂର୍ବର ଦୃଷ୍ଟିକୋଣ**

# ପରାଗ ଜୈନ 'ର' ମୁଖ୍ୟ



ନୂଆଦିଲ୍ଲୀ, ୨୮।୬(ପି.ଟି.) 'ଅପରେଶନ୍ ସିନ୍ଦୂର' ବେଳେ ପ୍ରମୁଖ ଭୂମିକା ନେଇଥିବା ବରିଷ୍ଠ ଭାରତୀୟ ପୋଲିସ ସେବା(ଆଇପିଏସ୍) ଅଧିକାରୀ ପରାଗ ଜୈନଙ୍କୁ ଶନିବାର ଦେଶର ବହିର୍ବ୍ୟାପାର ଗୋଇନ୍ଦା ସଂସ୍ଥା ରିସର୍ଚ୍ଚ ଆଣ୍ଡ୍ ଆନାଲିସିସ୍ ୱିଙ୍ଗ୍ (ର) ମୁଖ୍ୟ ଭାବେ ନିଯୁକ୍ତି ଦିଆଯାଇଛି। ୧୯୮୯ ବ୍ୟାଚ୍ ପଞ୍ଜାବ କ୍ୟାଡର ଆଇପିଏସ୍ ଅଧିକାରୀ ପରାଗ ଜୁଲାଇ ୧ରୁ ନୂଆ ଦାୟିତ୍ୱ ଗ୍ରହଣ କରିବେ। ଜୁନ୍ ୩୦ରେ ଅବସର ନେବାକୁ ଥିବା ବର୍ତ୍ତମାନର ର' ମୁଖ୍ୟ ରବି ସିହ୍ନାଙ୍କ ☞ପୃଷ୍ଠା-୪







**ଓଡ଼ିଶା ସରକାର**

**ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ**

**ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ**


No.T- : ଏତଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ମାନ୍ୟବର ମୁଖ୍ୟମନ୍ତ୍ରୀ ଆସନ୍ତା **ତା୩୦.୦୬.୨୦୨୫ରିଖ ସୋମବାର ଦିନ ସକାଳ ୧୦.୩୦ ଘଟିକାରୁ ୟୁନିଟ୍-୨, ଅଶୋକ ନଗର, ଭୁବନେଶ୍ୱରସ୍ଥିତ ପୂର୍ବତନ ସରକାରୀ ପ୍ରାଥମିକ ବିଦ୍ୟାଳୟ (କ୍ୟାପିଟାଲ ନର୍ସରୀ ନିକଟସ୍ଥ) ଠାରେ** ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗର ଶୁଣାଣି କରିବେ।


ଏହି ଅଭିଯୋଗ ଶୁଣାଣି ପାଇଁ ଅନଲାଇନ ପଞ୍ଜୀକରଣ **ତା୨୭/୦୬/୨୦୨୫ରିଖ ଠାରୁ** ଆରମ୍ଭ ହୋଇ **ସର୍ବାଧିକ ୧୦୦୦ ଜଣ** ପଞ୍ଜୀକରଣ କରିବା ପର୍ଯ୍ୟନ୍ତ ଖୋଲା ରହିବ। ଏଥିନିମନ୍ତେ, ଆଗ୍ରହୀ ଜନସାଧାରଣ **ଜନଶୁଣାଣି ପୋର୍ଟାଲ** (https://janasunani.odisha.gov.in/) ଅଥବା **ଜନଶୁଣାଣି ମୋବାଇଲ ଆପ୍ଲିକେଶନ** ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ୍ କରିବା ପାଇଁ ପଞ୍ଜୀକରଣ କରିପାରିବେ। ଜନସାଧାରଣ ପଞ୍ଜୀକୃତ ପ୍ରାପ୍ତି ସ୍ୱୀକାରପତ୍ର ଏବଂ ବ୍ୟକ୍ତିଗତ ପରିଚୟ ପତ୍ର ତଥା ନିଜର ଅଭିଯୋଗ ପତ୍ର ସହ ଦର୍ଶାଯାଇଥିବା ସ୍ଥାନରେ ନିର୍ଦ୍ଧାରିତ ସମୟରେ ଉପସ୍ଥିତ ରହି ନିଜର ଅଭିଯୋଗ ମୁଖ୍ୟମନ୍ତ୍ରୀଙ୍କୁ ଜଣାଇପାରିବେ। ଉପରୋକ୍ତ ସ୍ଥାନକୁ ଆସିବା ପାଇଁ ନିମ୍ନ ପ୍ରଦର୍ଶିତ QR କୋଡ୍‌କୁ ମୋବାଇଲ ଫୋନ ଦ୍ୱାରା ସ୍କାନ କରି ଗୁଗଲ ମ୍ୟାପ ସାହାଯ୍ୟରେ ଜନଶୁଣାଣି ସ୍ଥଳରେ ପହଞ୍ଚି ପାରିବେ।

**ଅତିରିକ୍ତ ମୁଖ୍ୟ ଶାସନ ସଚିବ**
**ସାଧାରଣ ପ୍ରଶାସନ ଓ**
**ସାଧାରଣ ଅଭିଯୋଗ ବିଭାଗ**

OIPR-09014/11/0159/2526







ଅଭିନେତ୍ରୀ ଶେଫାଳି ଜରିୱାଲାଙ୍କର ୪୨ ବର୍ଷ ବୟସରେ ଶୁକ୍ରବାର ମୁମ୍ବାଇରେ ପରଲୋକ ଘଟିଛି। ମୃତ୍ୟୁର କାରଣ ଜଣାପଡ଼ିନାହିଁ। ଶେଫାଳି ନିଜର ଯୁବାବସ୍ଥା ବଜାୟ ରଖିବା ପାଇଁ ଆଣ୍ଟି-ଏଜିଂ ଚିକିତ୍ସା କରାଉଥିଲେ। 'କାଣ୍ଟା ଲାଗା' ମ୍ୟୁଜିକ୍ ଭିଡିଓରେ ପ୍ରଦର୍ଶନ ପାଇଁ ପରିଚିତ ଶେଫାଳି ମୁଝ୍‌ସେ ଶାଦି କରୋଗୀ ଚଳଚ୍ଚିତ୍ରରେ ଅଭିନୟ କରିବା ସହ ବିଗ୍‌ବସ୍-୧୩ରେ ସାମିଲ ହୋଇଥିଲେ।

# ଆତ୍ମଘାତୀ ଆକ୍ରମଣ: ୧୬ ପାକ୍ ସୈନ୍ୟ ମୃତ



ପାକିସ୍ତାନୀ ସେନା ଗାଡ଼ିକୁ ଧକ୍କା ଦେଇ ବିସ୍ଫୋରକ ଭର୍ତ୍ତି ଗାଡ଼ି ଜଳିଯାଉଛି।

ପେଶାୱର,୨୮।୬

ପାକିସ୍ତାନର ନର୍ଥ ୱାଜିରିସ୍ତାନରେ ଶନିବାର ଆତ୍ମଘାତୀ ଆକ୍ରମଣରେ ୧୬ ସୈନ୍ୟ ନିହତ ହେବା ସହ ୨୪ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି। ଆହତଙ୍କ ମଧ୍ୟରେ ସାଧାରଣ ଲୋକ ମଧ୍ୟ ରହିଛନ୍ତି। ପାକିସ୍ତାନୀ ତାଲିବାନ ସଂଗଠନ ଏହି ବିସ୍ଫୋରଣ ଘଟାଇଥିବା ସ୍ଥାନୀୟ ସରକାର ଏବଂ ପୋଲିସ ଅଧିକାରୀ କହିଛନ୍ତି।

ଖାଇବର ପଖତୁନ୍‌ଖ୍ୱା ପ୍ରଦେଶର ନର୍ଥ ୱାଜିରସ୍ତାନ ଜିଲାରେ ଆତ୍ମଘାତୀ ବମ୍ବର ବିସ୍ଫୋରକ ଭର୍ତ୍ତି ଗାଡ଼ିକୁ ପାକ୍ ସେନା ଗାଡ଼ିସମୂହ ସହ ଧକ୍କା କରାଇଥିଲେ। ବିସ୍ଫୋରଣ ଏତେ ଶକ୍ତିଶାଳୀ ଥିଲା ଯେ, ପାଖରେ ଥିବା ୨ ଘରର ଛାତ ଭୁଶୁଡ଼ି ପଡ଼ିବା ସହ ୬ ଜଣ ପିଲା ଆହତ ହୋଇଛନ୍ତି। ପାକିସ୍ତାନୀ ତାଲିବାନ ସଂଗଠନର ସଶସ୍ତ୍ର ହାଫିଜ୍ ଗୁଲ୍ ବାହାଦୁର ଗ୍ରୁପ୍‌ର ଆତ୍ମଘାତୀ ଶାଖା ଆକ୍ରମଣ ପାଇଁ ନିଜକୁ ଦାୟୀ କରିଛି। ୨୦୨୧ରେ ତାଲିବାନ ଆଫଗାନିସ୍ତାନରେ କ୍ଷମତାକୁ ଆସିବା ପରେ ଏହାର ସୀମାବର୍ତ୍ତୀ ପାକିସ୍ତାନ ଅଞ୍ଚଳରେ ହିଂସା ବଢ଼ିଚାଲିଛି। ପଡ଼ୋଶୀ ଦେଶ ଏହାର ଭୂମିକୁ ପାକିସ୍ତାନ ବିରୋଧରେ ଆକ୍ରମଣ ପାଇଁ ବ୍ୟବହାର କରୁଥିବା ନେଇ ଇସ୍‌ଲାମାବାଦ ଅଭିଯୋଗ କରୁଥିଲାବେଳେ ତାଲିବାନ ଏହାକୁ ଖଣ୍ଡନ କରିଛି।

# 'ମହାକାଶରୁ ଭାରତ ଭବ୍ୟ ଦେଖାଯାଉଛି'

ନୂଆଦିଲ୍ଲୀ, ୨୮।୬



ଶୁଭାଂଶୁ ଶୁକ୍ଳା



ନରେନ୍ଦ୍ର ମୋଦି

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର ଅନ୍ତର୍ଜାତୀୟ ମହାକାଶ କେନ୍ଦ୍ର (ଆଇଏସ୍‌ଏସ୍)ରେ ଥିବା ଭାରତୀୟ ମହାକାଶଚାରୀ ତଥା ବାୟୁସେନା ଗ୍ରୁପ୍ କ୍ୟାପ୍ଟେନ୍ ଶୁଭାଂଶୁ ଶୁକ୍ଳାଙ୍କ ସହ କଥା ହୋଇଛନ୍ତି। ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଏକ୍ସ'ରେ ଏହାର ଏକ ଭିଡିଓ ଶେୟାର କରାଯାଇଛି। ଏହି ଭିଡିଓରେ ଶୁଭାଂଶୁଙ୍କୁ ଅଭିନନ୍ଦନ ଜଣାଇ ମୋଦି କହିଛନ୍ତି, ପ୍ରଥମ ଭାରତୀୟ ଭାବେ ଆଇଏସ୍‌ଏସ୍‌ରେ ପହଞ୍ଚି ଇତିହାସ ରଚିଥିବାରୁ ଆପଣଙ୍କୁ ଅଭିନନ୍ଦନ। ପୂରା ଭାରତବାସୀ ଆପଣଙ୍କୁ ନେଇ ଗର୍ବିତ। ଭାରତର ଯୁବପିଢ଼ିଙ୍କ ପାଇଁ ଶୁଭାଂଶୁ ପ୍ରେରଣା ପାଲଟିଥିବା ମୋଦି କହିଛନ୍ତି। ପ୍ରଧାନମନ୍ତ୍ରୀ ଶୁଭାଂଶୁଙ୍କୁ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ। ଶୁଭାଂଶୁ କହିଛନ୍ତି, ଆଇଏସ୍‌ଏସ୍‌ରେ ସେ ସୁସ୍ଥ ଏବଂ ସୁରକ୍ଷିତ ଅଛନ୍ତି ଓ ଭଲ ଅନୁଭବ କରୁଛନ୍ତି। ଏହା ତାଙ୍କ ପାଇଁ

### ମୋଦିଙ୍କୁ କହିଲେ ଶୁଭାଂଶୁ

ଏକ ନୂତନ ଅଭିଜ୍ଞତା। ଏହି ଯାତ୍ରା କେବଳ ତାଙ୍କର ନୁହେଁ ବରଂ ପୂରା ଦେଶବାସୀଙ୍କର ବୋଲି ଶୁଭାଂଶୁ କହିଛନ୍ତି। ଆଇଏସ୍‌ଏସ୍‌ରେ ଭାରତର ପ୍ରତିନିଧିତ୍ୱ କରି ସେ ଗୌରବାନ୍ୱିତ ଅନୁଭବ କରୁଛନ୍ତି। ଶୁଭାଂଶୁ ପ୍ରଧାନମନ୍ତ୍ରୀଙ୍କୁ ଆହୁରି କହିଛନ୍ତି, ଆଇଏସ୍‌ଏସ୍‌ରୁ ସେ ଦିନକରେ ୧୬ଥର ସୂର୍ଯ୍ୟୋଦୟ ଏବଂ ସୂର୍ଯ୍ୟାସ୍ତ ଦେଖିପାରୁଛନ୍ତି। ସେଠାରୁ ଭାରତ ବିଶାଳ ଏବଂ ଭବ୍ୟ ଦେଖାଯାଉଛି।

### ଆଇନ ଛାତ୍ରୀ ଗଣବଳାତ୍କାର ଘଟଣା

# ବିକ୍ଷୋଭ ବେଳେ କେନ୍ଦ୍ରମନ୍ତ୍ରୀ ମଜୁମଦାର ଅଟକ

କୋଲକାତା,୨୮।୬

କୋଲକାତାରେ ଆଇନ ଛାତ୍ରୀଙ୍କୁ ଗଣବଳାତ୍କାର ଘଟଣାରେ ଶୁକ୍ରବାର ଆଇନ କଲେଜର ଜଣେ ପୂର୍ବତନ ଛାତ୍ରଙ୍କ ସମେତ ୩ ଜଣଙ୍କୁ ଗିରଫ କରାଯାଇଥିବାବେଳେ ଶନିବାର ସକାଳେ ଜଣେ ସୁରକ୍ଷା କର୍ମୀଙ୍କୁ ଗିରଫ କରାଯାଇଛି। ସୁରକ୍ଷା କର୍ମୀଙ୍କ ଉତ୍ତରରେ ତାଳମେଳ ନ ରହିବା ଏବଂ କଲେଜ ପରିସରରେ ଲାଗିଥିବା ସିସିଟିଭି ଫୁଟେଜ୍ ଆଧାରରେ ତାଙ୍କୁ ଗିରଫ କରାଯାଇଥିବା ପୋଲିସ କହିଛି।

ଆଇନ ଛାତ୍ରୀ ଗଣବଳାତ୍କାରର ପ୍ରତିବାଦରେ ଶନିବାର କୋଲକାତାରେ ବିକ୍ଷୋଭ ବେଳେ କେନ୍ଦ୍ରମନ୍ତ୍ରୀ ତଥା ପଶ୍ଚିମବଙ୍ଗ ଭାଜପା ସଭାପତି ସୁକାନ୍ତ ମଜୁମ୍‌ଦାରଙ୍କୁ ଅଟକ ରଖାଯାଇଛି। ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ନିର୍ଦ୍ଦେଶକ୍ରମେ ତାଙ୍କୁ ଓ ଦଳର ଅନ୍ୟ ନେତାମାନଙ୍କୁ ପୋଲିସ ଅଟକ ରଖିଥିବା ମଜୁମଦାର ଏକ୍ସ'ରେ ଲେଖିଛନ୍ତି। ଗଣବଳାତ୍କାର ତୃଣମୂଳ କଂଗ୍ରେସ ଦ୍ୱାରା ନିଯୁକ୍ତ ଛାତ୍ରନେତା ମନୋଜିତ ମିଶ୍ରା ଓ ତାଙ୍କ ସହଯୋଗୀ ସମ୍ପୃକ୍ତ।

# ପ୍ରତିଶୋଧ ପାଇଁ ବାଘୁଣୀ, ୪ ଶାବକଙ୍କୁ ବିଷ

ବେଙ୍ଗାଲୁରୁ, ୨୮।୬

କର୍ଣାଟକର ଚାମରାଜାନଗର ଜିଲା ହୁଗ୍ୟାମ ବନାଞ୍ଚଳରେ ଜଣେ ବ୍ୟକ୍ତି ଏକ ବାଘୁଣୀ ଓ ଏହାର ୪ ଶାବକଙ୍କୁ ବିଷ ଦେଇ ହତ୍ୟା କରିଛନ୍ତି। ବାଘୁଣୀଟି ଅଭିଯୁକ୍ତ ମାଦୁରାଜୁଙ୍କ ଗାଈକୁ ଶିକାର କରିଥିଲା। ଏହାର ପ୍ରତିଶୋଧ ପାଇଁ ସେ ବାଘୁଣୀ ଓ ଏହାର ୪ ଶାବକଙ୍କୁ ବିଷ ଦେଇଥିଲେ। ପୋଲିସ ଉକ୍ତ ମାମଲାରେ ମାଦୁରାଜୁଙ୍କ ସମେତ ୩ ଜଣଙ୍କୁ ଗିରଫ କରିଛି। ମାଦୁରାଜୁ ତାଙ୍କ ଗାଈର ନାମ କେଞ୍ଚି ରଖିଥିଲେ। ବାଘୁଣୀ କେଞ୍ଚିକୁ ଶିକାର କରିଥିବାରୁ ମାଦୁରାଜୁ ଉତ୍ତେଜିତ ହୋଇ କେଞ୍ଚିର ମୃତଦେହରେ ବିଷ ଛିଞ୍ଚି ଦେଇଥିଲେ। ଏହି କାର୍ଯ୍ୟରେ ତାଙ୍କୁ ତାଙ୍କ ବନ୍ଧୁ କୋନପ୍ପା ଏବଂ ନାଗରାଜୁ ସହାୟତା କରିଥିଲେ। ଯେତେବେଳେ ବାଘୁଣୀ ଓ ଏହାର ଶାବକମାନେ ପୁଣିଥରେ ଗାଈର ମାଂସ ଖାଇବା ପାଇଁ ଆସିଥିଲେ, ସେତେବେଳେ ମାଂସ ସହ ବିଷ ମଧ୍ୟ ସେମାନଙ୍କ ଶରୀରରେ ପ୍ରବେଶ କରିଥିଲା। ଫଳରେ ବାଘୁଣୀ ଏବଂ ଏହାର ୪ ଶାବକଙ୍କର ମୃତ୍ୟୁ ହୋଇଯାଇଥିଲା।

# ତେଲୁଗୁ ନ୍ୟୁଜ୍ ଆଙ୍କରଙ୍କ ଆତ୍ମହତ୍ୟା

**ହାଇଦ୍ରାବାଦ, ୨୮।୬ :** ତେଲୁଗୁ ନ୍ୟୁଜ୍ ଆଙ୍କର ଶ୍ୱେତା ଭୋଟାର୍‌କର୍ (୪୦)ଙ୍କ ଝୁଲନ୍ତା ମୃତଦେହ ଶନିବାର ହାଇଦ୍ରାବାଦର ଜର୍ନାଲିଷ୍ଟ କଲୋନୀସ୍ଥିତ ବାସଭବନରୁ ଜବତ ହୋଇଛି। ଶ୍ୱେତା ଆତ୍ମହତ୍ୟା କରିଥିବା ପୋଲିସ ସନ୍ଦେହ କରୁଛି। ସେ ଏକ ପ୍ରମୁଖ ତେଲୁଗୁ ନ୍ୟୁଜ୍ ଚ୍ୟାନେଲରେ ବରିଷ୍ଠ ଆଙ୍କର ଭାବେ କାର୍ଯ୍ୟରତ ଥିଲେ। ଆତ୍ମହତ୍ୟା ପାଇଁ ଶ୍ୱେତାଙ୍କୁ ଉସ୍‌କାଯାଇଛି ବୋଲି ତାଙ୍କ ବାପା ଅଭିଯୋଗ କରିଛନ୍ତି। ଉକ୍ତ ଅଭିଯୋଗ ଆଧାରରେ ପୋଲିସ ମାମଲା ରୁଜୁ କରି ଆତ୍ମହତ୍ୟାର ତଦନ୍ତ କରୁଛି।

DSPL - 156
ମୁଖ୍ୟ ନିର୍ବାଚନ ଅଧିକାରୀ, ଓଡ଼ିଶା
ceoodisha.nic.in
ଭୋଟର ପରିଚୟପତ୍ରର ସମସ୍ତ ସଂଶୋଧନ ଫର୍ମ-୮ ମାଧ୍ୟମରେ ସମ୍ଭବ


ଘର ଠିକଣା ପରିବର୍ତ୍ତନ କରିପାରିବେ
ନାମ, ବୟସ, ଫଟୋ, ମୋବାଇଲ୍ ନମ୍ବର ଏବଂ ଅନ୍ୟ ବିବରଣୀ ଗୁଡ଼ିକକୁ ସଂଶୋଧନ ଏବଂ ସଂଯୋଗ କରିପାରିବେ
ନଷ୍ଟ କିମ୍ବା ହଜି ଯାଇଥିଲେ ନୂତନ ଭୋଟର ପରିଚୟପତ୍ର ପାଇଁ ଆବେଦନ
ଭିନ୍ନକ୍ଷମ ଭାବେ ନିଜକୁ ଚିହ୍ନଟ କରିବାପାଇଁ ମଧ୍ୟ ଆବେଦନ କରିପାରିବେ
ଏବେ ଘରେ ବସି ନିଜ ଭୋଟର ପରିଚୟପତ୍ରରେ ସଂଶୋଧନ କରିପାରିବେ

Voter Helpline App କିମ୍ବା https://voters.eci.gov.in/
ମାଧ୍ୟମରେ ଫର୍ମ ୮ ପୂରଣ କରିପାରିବେ
ଅଧିକ ସୂଚନା ପାଇଁ ୧୯୫୦ ଟୋଲ-ଫ୍ରି ନମ୍ବରରେ କଲ କରନ୍ତୁ
OIPR-12113/13/0034/2526
CEO Odisha | Ceoodisha | odishaceo | Chief Electoral Officer Odisha | ମୁଖ୍ୟ ନିର୍ବାଚନ ଅଧିକାରୀ, ଓଡ଼ିଶା

ସମଗ୍ର ଶିକ୍ଷା
Samagra Shiksha

## ନିପୁଣ ଓଡ଼ିଶା ମିଶନର ଉପଲବ୍ଧି

ପ୍ରାଥମିକ ସ୍ତରରେ ପିଲାମାନଙ୍କର ମୂଳଦୁଆକୁ ଦୃଢ଼ କରିବା ପାଇଁ ଗୁଣାତ୍ମକ ଶିକ୍ଷାର ଆବଶ୍ୟକତା ରହିଛି। ଏହି ଆବଶ୍ୟକତାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ୫ ସେପ୍ଟେମ୍ବର ୨୦୨୪ (ଗୁରୁଦିବସ)ରେ 'ନିପୁଣ ଓଡ଼ିଶା ମିଶନ' ଆରମ୍ଭ କରିଛନ୍ତି । ସମସ୍ତ ପିଲାଙ୍କ ପଠନ, ଲିଖନ ଓ ଗାଣିତିକ ଦକ୍ଷତା ବଢ଼ାଇବା ପାଇଁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଦ୍ୱାରା ବିଭିନ୍ନ ପଦକ୍ଷେପ ନିଆଯାଉଛି ।

- **ଉଚ୍ଚମାନର ଶିକ୍ଷଣ ସାମଗ୍ରୀର ପ୍ରସ୍ତୁତି:** ଶିଶୁବାଟିକା, ପ୍ରଥମ, ଦ୍ୱିତୀୟ ଓ ତୃତୀୟ ଶ୍ରେଣୀ ପାଇଁ ଭାଷା ଓ ଗଣିତର କାର୍ଯ୍ୟପୁସ୍ତିକା, ବଡ଼ବହି, ଗଳ୍ପକାର୍ଡ଼, ଚିତ୍ର ଓ କବିତାପୋଷ୍ଟର ଓ ଗଣିତ କଳିକା କିଟ୍ ପ୍ରଦାନ କରାଯାଇଛି ।
- **ଶିକ୍ଷକ ପ୍ରଶିକ୍ଷଣ:** ଶିକ୍ଷକମାନଙ୍କର ଦକ୍ଷତା ବିକାଶ ପାଇଁ ଅନ୍‌ଲାଇନ ଓ ଅଫ୍‌ଲାଇନ ମାଧ୍ୟମରେ ପ୍ରଶିକ୍ଷଣ ଦିଆଯାଉଛି ।
- **କ୍ଲଷ୍ଟରସ୍ତରୀୟ ବୈଠକ:** ଶ୍ରେଣୀଗୃହ ଶିକ୍ଷାଦାନର ଅଗ୍ରଗତି, ଆହ୍ୱାନ ଓ ବିଭିନ୍ନ ଶିକ୍ଷଣ କୌଶଳର ଆଲୋଚନା ପାଇଁ ପ୍ରତି ମାସରେ କ୍ଲଷ୍ଟର ସ୍ତରୀୟ ବୈଠକ ଆୟୋଜନ ହେଉଅଛି ।
- **ଶିକ୍ଷଣ ସୋପାନ ରେଜିଷ୍ଟର:** ପ୍ରତ୍ୟେକ ମାସରେ ପିଲାମାନଙ୍କର ଶୈକ୍ଷିକ ଅଗ୍ରଗତିକୁ ଲିପିବଦ୍ଧ କରାଯାଇ ସେହି ଆଧାରରେ ଆଗାମୀ କାର୍ଯ୍ୟଯୋଜନା ପ୍ରସ୍ତୁତ କରାଯାଉଛି ।
- **ଆନନ୍ଦଦାୟୀ ଶ୍ରେଣୀଗୃହ (FLN Compliant Classroom):** ଶ୍ରେଣୀଗୃହର ଭୌତିକ ପରିବେଶ ଓ ଛାପାଲେଖା ସାମଗ୍ରୀ ମାଧ୍ୟମରେ ପିଲାମାନଙ୍କୁ ପଠନ ଓ ଲିଖନ ପ୍ରତି ପ୍ରେରିତ କରାଯାଉଛି ।
- **ନିପୁଣ ଓଡ଼ିଶା ମେଳା:** ପିତାମାତା, ଅଭିଭାବକ ଓ ଗୋଷ୍ଠୀକୁ ବିଦ୍ୟାଳୟ କାର୍ଯ୍ୟକ୍ରମରେ ଯୋଡ଼ିବା ପାଇଁ ରାଜ୍ୟବ୍ୟାପୀ କ୍ଲଷ୍ଟର, ବ୍ଲକ ଓ ଜିଲ୍ଲା ସ୍ତରରେ "ନିପୁଣ ଓଡ଼ିଶା ମେଳା"ର ଆୟୋଜନ କରାଯାଇଅଛି ।




OIPR-

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ଓଡ଼ିଶା ସରକାର




# ୩ ଦିନରେ ଭାଜପାର ନୂଆ ସଭାପତି

**ଭୁବନେଶ୍ୱର,୨୮।୬(ସୁନିତ୍ ମିଶ୍ର)**

ଭାଜପାର ନୂଆ ରାଜ୍ୟ ସଭାପତି କିଏ ହେବେ, ସେନେଇ ଆସନ୍ତା ସୋମବାର ଜଣାପଡ଼ିଯିବ। ଏନେଇ ଦଳ ତରଫରୁ ପ୍ରକ୍ରିୟା ଆରମ୍ଭ ହୋଇଯାଇଛି। ଦଳର ସଭାପତି ନିର୍ବାଚନ ଲାଗି ରବିବାର ନୋଟିସ ଜାରି ହେବ। ସୋମବାର ନାମାଙ୍କନପତ୍ର ଦାଖଲ କରାଯିବ ବୋଲି ଭାଜପାର ଜଣେ ବରିଷ୍ଠ ନେତା ସୂଚନା ଦେଇଛନ୍ତି। ଦଳ ପକ୍ଷରୁ ଶନିବାର ଏକ ପ୍ରେସ୍ ବିଜ୍ଞପ୍ତି ଜାରି କରାଯାଇଥିବା ବେଳେ ସେଥିରେ ଉଲ୍ଲେଖ କରାଯାଇଛି, ଭାଜପାର କେନ୍ଦ୍ର ନିର୍ବାଚନ ଅଧିକାରୀ ବି. ଲକ୍ଷ୍ମଣଙ୍କ ନିର୍ଦ୍ଦେଶକ୍ରମେ ବିଭିନ୍ନ ରାଜ୍ୟ ସଭାପତି ଓ ରାଷ୍ଟ୍ରୀୟ ପରିଷଦ ସଦସ୍ୟମାନଙ୍କ ନିର୍ବାଚନ ପ୍ରକ୍ରିୟା ଶନିବାରଠାରୁ ଆରମ୍ଭ ହୋଇଛି। ୩ ଦିନ ଧରି ହେବାକୁ ଥିବା ଏହି ନିର୍ବାଚନ ପ୍ରକ୍ରିୟା ଆସନ୍ତା ୧ ତାରିଖ ସୁଦ୍ଧା ଶେଷ ହେବ ବୋଲି ଦଳର ରାଜ୍ୟ ନିର୍ବାଚନ ଅଧିକାରୀ ତଥା ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ କହିଛନ୍ତି। ସେ କହିଛନ୍ତି, ଏହି ନିର୍ବାଚନ ପ୍ରକ୍ରିୟାର ସୁପରିଚାଳନା ଓ ତଦାରଖ ପାଇଁ କେନ୍ଦ୍ର ନିର୍ବାଚନ ଅଧିକାରୀଙ୍କ ତରଫରୁ ବିହାର ଏମ୍‌ପି ସଞ୍ଜୟ ଜୟସ୍ୱାଲଙ୍କୁ ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତି ଦିଆଯାଇଛି। ସେ ରବିବାର ଓଡ଼ିଶା ଗସ୍ତରେ ଆସିବେ। ଏହାପରେ ନିର୍ବାଚନ ପ୍ରକ୍ରିୟାର ନୋଟିସ ଜାରି କରିବେ। ଜଣେ ବରିଷ୍ଠ ନେତା ନାମ ଗୋପନ ସର୍ତ୍ତରେ କହିଛନ୍ତି, ଦଳର ରାଜ୍ୟ ସଭାପତି କିଏ ହେବେ ସେକଥା ଉପରୁ ଏକପ୍ରକାର ନିଷ୍ପତ୍ତି ସରିଥିବ। ପର୍ଯ୍ୟବେକ୍ଷକ ଆସିବା ପରେ ନୋଟିସ ମାରିବେ ଏବଂ ଅନୌପଚାରିକ ଭାବେ କିଏ ଏହି ପଦ ଲାଗି ନାମାଙ୍କନ କରିବେ ସେନେଇ ସୂଚନା ଦେବେ। ତେଣୁ ଜଣେ ମାତ୍ର ହିଁ ବ୍ୟକ୍ତି ଦଳରୁ ନାମାଙ୍କନ କରିବେ। ସେଦିନ ହିଁ ଜଣାପଡ଼ିଯିବ କିଏ ସଭାପତି ହେଉଛନ୍ତି। କିଛିଦିନ ତଳେ ସଭାପତି ପଦକୁ ନେଇ ସମସ୍ତଙ୍କ ମତାମତ ଲୋଡ଼ାଯାଇଥିଲା। ଦଳ ଯାହାଙ୍କୁ ଦାୟିତ୍ୱ ଦେବ ତାଙ୍କୁ ସମସ୍ତେ ମାନି ଚାଲିବେ ବୋଲି ଅଧିକାଂଶ ନେତା ମତ ରଖିସାରିଛନ୍ତି।

ରାଜ୍ୟରେ ଭାଜପା ପ୍ରଥମ ଥର ଲାଗି ସରକାରକୁ ଆସିଛି। ତେଣୁ ଏଥର ଦଳର ରାଜ୍ୟ ସଭାପତି କିଏ ହେବ ତାହା ଉପରେ ସମସ୍ତଙ୍କ ନଜର ରହିଛି। କେତେଜଣଙ୍କ ନାଁ ସଭାପତି ନିର୍ବାଚନ ଲାଗି ଚର୍ଚ୍ଚାରେ ରହିଛି। ଅନ୍ୟପଟେ ବର୍ତ୍ତମାନ ସଭାପତି ଥିବା ମନମୋହନଙ୍କୁ ଆଉ ଥରେ ଏହି ପଦରେ ରଖିବା ପାଇଁ ଉପରେ ନିଷ୍ପତ୍ତି ହୋଇଥିବା କଥା ମଧ୍ୟ ଶୁଣିବାକୁ ମିଳୁଛି। ଅନ୍ୟପଟେ ଭାଜପା ସରକାରରେ ନିଗମ ଓ ବୋର୍ଡଗୁଡ଼ିକର ଅଧ୍ୟକ୍ଷ ପଦ ଖାଲିପଡ଼ିଛି। ରାଜ୍ୟ ସଭାପତି ନିର୍ବାଚନ ପରେ ଏହି ପଦବୀ ପୂରଣ ହେବ ବୋଲି ଦୀର୍ଘଦିନ ଧରି ଶୁଣିବାକୁ ମିଳୁଛି। ଅନ୍ୟପଟେ ସଭାପତି ଚୟନ ପରେ ଖାଲି ପଡ଼ିଥିବା ୬ ମନ୍ତ୍ରୀ ପଦବୀ ପୂରଣ ହେବା ସହ ମନ୍ତ୍ରିମଣ୍ଡଳ ଅଦଳବଦଳ ହୋଇପାରେ ବୋଲି ଭାଜପା ମହଲରେ ଚର୍ଚ୍ଚା ଚାଲିଛି।

ସୂଚନାଯୋଗ୍ୟ, ଭାଜପାରେ ପ୍ରତି ୩ ବର୍ଷରେ ଥରେ ସାଙ୍ଗଠନିକ ନିର୍ବାଚନ ପ୍ରକ୍ରିୟା ଅନୁଷ୍ଠିତ ହୁଏ। ଗତ ନିର୍ବାଚନ ପରି ଚଳିତ 'ସାଙ୍ଗଠନିକ ନିର୍ବାଚନ ୨୦୨୪' ସ୍ଥାନୀୟସ୍ତରରୁ ଆରମ୍ଭ ହୋଇ ରାଷ୍ଟ୍ରୀୟ ଅଧ୍ୟକ୍ଷଙ୍କ ନିର୍ବାଚନରେ ଶେଷ ହେବ। ଏଥିରେ ଭାଜପାର ସ୍ଥାନୀୟ ସମିତି, ମଣ୍ଡଳ ସମିତି, ଜିଲା ସମିତି ନିର୍ବାଚନ ପ୍ରକ୍ରିୟା ଶେଷ ହୋଇଛି।

# ଶରଧାବାଲିରେ ୩ ରଥ

■ ଆଜି ଆଡ଼ପ ପହଣ୍ଡି
■ ୩୦ରୁ ଆଡ଼ପ ଦର୍ଶନ

**ପୁରୀ,୨୮।୬(ଅଜିତ୍ କୁମାର ମହାନ୍ତି)**

ବଡ଼ଦାଣ୍ଡରେ ଅଟକି ରହିଥିବା ତିନିରଥ ଘୋଷ ଯାତ୍ରା ପରଦିନ ଅର୍ଥାତ୍ ଶନିବାର ଶ୍ରୀଗୁଣ୍ଡିଚା ମନ୍ଦିର ସମ୍ମୁଖ ଶରଧାବାଲିରେ ପହଞ୍ଚିଛି। ଏହାପରେ ସେଠାରେ ଭକ୍ତଙ୍କ ପ୍ରବଳ ଗହଳି ଲାଗିଛି। ହରିବୋଲ, ହୁଳହୁଳି, ଭଜନ କୀର୍ତ୍ତନ ସହ ଜୟଜଗନ୍ନାଥ ଆଦି ଧ୍ୱନିରେ ପ୍ରକମ୍ପିତ ହୋଇଉଠୁଛି ଶରଧାବାଲି ଅଞ୍ଚଳ। ରବିବାର ଆଡ଼ପ ପହଣ୍ଡି ହେବ। ସୋମବାରଠାରୁ ଆଡ଼ପ ଦର୍ଶନ ଆରମ୍ଭ ହେବା ସହ ଆଡ଼ପ ଅବଢ଼ା ବାହାରିବ।

ଘୋଷଯାତ୍ରା ଅବସରରେ ଦାରୁଦିଅଁ ଶୁକ୍ରବାର ଶ୍ରୀମନ୍ଦିରରୁ ବାହାରି ଶ୍ରୀଗୁଣ୍ଡିଚା ମନ୍ଦିର ଅଭିମୁଖେ ରଥାରୂଢ଼ ହୋଇଥିଲେ। ଶ୍ରୀମନ୍ଦିର ପ୍ରଶାସନର ନୀତି ନିର୍ଘଣ୍ଟ ଅନୁଯାୟୀ ଭୋରରୁ ନୀତିକାନ୍ତି ଆରମ୍ଭ ହୋଇଥିଲେ ମଧ୍ୟ ନିର୍ଦ୍ଧାରିତ ସମୟଠାରୁ ୧୦ ମିନିଟ ବିଳମ୍ବରେ ରଥଟଣା ହୋଇଥିଲା। ରାତି ୭ଟା ୫୪ରେ ରଥଟଣା ବନ୍ଦ ହେବା ବେଳକୁ କୌଣସି ରଥ ଶରଧାବାଲିରେ ପହଞ୍ଚିପାରି ନ ଥିଲା। ବଳଭଦ୍ରଙ୍କ ତାଳଧ୍ୱଜ ରଥ ବଳଗଣ୍ଡି ଛକ ପଛକୁ, ସୁଭଦ୍ରାଙ୍କ ଦର୍ପଦଳନ ରଥ ମାର୍କେଟ ଛକ ଏବଂ ମହାପ୍ରଭୁଙ୍କ ନନ୍ଦିଘୋଷ ରଥ ଶ୍ରୀମନ୍ଦିର ସିଂହଦ୍ୱାରଠାରୁ କିଛି ବାଟ ଗଡ଼ି ଅଟକି ରହିଥିଲା। ପରେ ରଥ ଉପରେ ମହାପ୍ରଭୁଙ୍କ ଅନ୍ୟାନ୍ୟ ନୀତି ଅନୁଷ୍ଠିତ ହୋଇଥିଲା। ରାତି ୧ଟାରେ ତିନି ରଥର ମଇଲମ, ୨ଟା ୨୦ରେ ମହାସ୍ନାନ ସମ୍ପନ୍ନ ପରେ ସର୍ବାଙ୍ଗ ନୀତି ହୋଇ ଘଣ୍ଟଛତା ମଧ୍ୟାହ୍ନ ଧୂପ ରାତି ୪ଟା ୧୫ରେ ସରିଥିଲା। ରଥଟଣାର ଦ୍ୱିତୀୟ ଦିନ ଶନିବାର ସକାଳ ୭ଟା ୧୦ରୁ ୮ଟା ୪୫ ମଧ୍ୟରେ ମଙ୍ଗଳ ଆଳତି, ଅବକାଶ ନୀତି ପରେ ୯ଟା ୨୫ରେ ବେଶ ଶେଷ ହୋଇଥିଲା। ବିଜେ କାହାଳୀ ବାଜିବା ପରେ ୯ଟା ୩୦ରେ ରଥ ଟଣାଯାଇଥିଲା। ଭକ୍ତମାନେ ବର୍ଷାରେ ଭିଜି ଆନନ୍ଦ ଉତ୍ସାହର ସହ ୩ ରଥକୁ ଟାଣି ଟାଣି ନେଇ ଶ୍ରୀଗୁଣ୍ଡିଚା ମନ୍ଦିର ସମ୍ମୁଖରେ ପହଞ୍ଚାଇଥିଲେ। ପୂର୍ବାହ୍ନ ୧୧ଟା ୩୦ରେ ଶ୍ରୀଗୁଣ୍ଡିଚା ମନ୍ଦିର ସମ୍ମୁଖରେ ତାଳଧ୍ୱଜ ରଥ ପହଞ୍ଚିଥିଲା। ପରେ ଦର୍ପଦଳନ ରଥ ୧୨ଟା ୧୫ ଏବଂ ଶେଷରେ ନନ୍ଦିଘୋଷ ରଥ ଅପରାହ୍ନ ୧ଟା ୫ରେ ଶ୍ରୀଗୁଣ୍ଡିଚା ମନ୍ଦିର ସମ୍ମୁଖରେ ଲାଗିଥିଲା। ଏହାପରେ ରଥରେ ଶ୍ରୀଜୀଉମାନଙ୍କ ବିଭିନ୍ନ ନୀତି ଅନୁଷ୍ଠିତ ହେବା ସହ ସହ ଶୃଙ୍ଖଳା ଭୋଗ ଲାଗି କରାଯାଇଛି।


ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଶ୍ରଦ୍ଧାଳୁମାନଙ୍କ ସହ ଶନିବାର ନନ୍ଦିଘୋଷ ରଥକୁ ଶରଧାବାଲି ଅଭିମୁଖେ ଟାଣି ନେଉଛନ୍ତି।

# ପୁରୁଲିଆ- ହାଓଡା ମେମୁ ସେବାର ଶୁଭାରମ୍ଭ କଲେ ଅଶ୍ୱିନୀ

**ଭୁବନେଶ୍ୱର,୨୮।୬ (ଅନୁରାଧା ମହାରଣା)**

ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, କେନ୍ଦ୍ର ଶିକ୍ଷା ରାଷ୍ଟ୍ରମନ୍ତ୍ରୀ ଡ. ସୁକାନ୍ତ ମଜୁମ୍‌ଦାର, ବିଷ୍ଣୁପୁର ଏମ୍‌ପି ସୌମିତ୍ର ଖାନ୍ ଏବଂ ହାଓଡା ଏମ୍‌ପି ପ୍ରସୂନ ବାନାର୍ଜୀ ଶନିବାର ପଶ୍ଚିମବଙ୍ଗର ସାନ୍ତ୍ରାଗାଛି ରେଳ ଷ୍ଟେଶନ ପରିଦର୍ଶନ କରିଛନ୍ତି। ଏହି ଅବସରରେ ରେଳମନ୍ତ୍ରୀ ଅମୃତ ଭାରତ ଷ୍ଟେଶନ ଯୋଜନାରେ ଚାଲିଥିବା ପୁନଃନିର୍ମାଣ କାର୍ଯ୍ୟର ଅଗ୍ରଗତିର ସମୀକ୍ଷା କରିଥିଲେ। ଏହା ସହ ପୁରୁଲିଆ ଏବଂ ହାଓଡ଼ା ମଧ୍ୟରେ ମେମୁ ସେବା(ଟ୍ରେନ ନମ୍ବର ୦୮୧୨୧)ର ଶୁଭାରମ୍ଭ କରିଥିଲେ। ଅଶ୍ୱିନୀ କହିଲେ, ଏହି ମେମୁ ଟ୍ରେନ୍‌ର ଶୁଭାରମ୍ଭ ଦ୍ୱାରା ପୁରୁଲିଆ, ବାଙ୍କୁରା ଏବଂ ହାଓଡ଼ାର ଲୋକମାନେ ଏବେ ଏକ ସ୍ୱଚ୍ଛ, ଦ୍ରୁତ ଏବଂ ଅଧିକ ସୁଲଭ ରେଳ ଯାତ୍ରାର ସୁବିଧା ପାଇଛନ୍ତି। ଏହା ଆମ ସମସ୍ତଙ୍କ ପାଇଁ ଏକ ଗର୍ବର ମୁହୂର୍ତ୍ତ। ଭାରତୀୟ ରେଳ ପରିବାରର ୧.୨ ନିୟୁତରୁ ଅଧିକ ସଦସ୍ୟ ସମର୍ପିତ ଭାବରେ କାର୍ଯ୍ୟ କରୁଛନ୍ତି। କେବଳ ପଶ୍ଚିମବଙ୍ଗରେ ଅମୃତ ଭାରତ ଷ୍ଟେଶନ ଯୋଜନା ଅଧୀନରେ ପ୍ରାୟ ୧୦୧ଟି ଷ୍ଟେଶନରେ କାମ ଚାଲିଛି। ୫୦-୬୦ ବର୍ଷ ପୁରୁଣା ଷ୍ଟେଶନଗୁଡ଼ିକୁ ବଦଳାଇ ଆଧୁନିକ ଷ୍ଟେଶନଗୁଡ଼ିକ ବ୍ୟବହାର କରାଯିବ ବୋଲି ସେ ସୂଚନା ଦେଇଛନ୍ତି। ଏହି ସମାରୋହରେ ପୁରୁଲିଆର ଏମ୍‌ପି ଜ୍ୟୋତିର୍ମୟ ସିଂ ମହାତୋ, ପୁରୁଲିଆ ବିଧାୟକ ସୁଦୀପ କୁମାର ମୁଖାର୍ଜୀ ପୁରୁଲିଆରୁ ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ଯୋଗଦେଇଥିବାବେଳେ ବାଙ୍କୁରାରୁ ନୀଳାଦ୍ରି ସେଖର ଦାନା, ଛାତନା ବିଧାୟକ ସତ୍ୟନାରାୟଣ ମୁଖୋପାଧ୍ୟାୟ, ଓଣ୍ଡାର ବିଧାୟକ ଅମର ନାଥ ଶାଖା, ସୋନୁମୁଖୀର ବିଧାୟକ ଦିବାକର ଗରାମି, ଇନ୍ଦୁସର ବିଧାୟକ ନିର୍ମଳ କୁମାର ଧରା ଯୋଗଦେଇଥିଲେ।





# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ 'ଐତିହ୍ୟର ଅନ୍ତେ'ଙ୍କ ମିଳିତ ସହଯୋଗରେ ଗଜପତି ଗୌରବ ଦିବସ, ସ୍ଥାନ: ରାଜ୍ୟ ସଂଗ୍ରହାଳୟ ପ୍ରେକ୍ଷାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଓଡ଼ିଶୀ ପ୍ରତିଭା ଉତ୍ସବ, ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।
- ପୁରୀ ରଥଯାତ୍ରାରେ ଖବରଦାତାଙ୍କୁ ପୋଲିସ ଲଗାଇ ମାଡ଼ ମାରିବା ବିରୋଧରେ ସିପିଆଇ ଓ ବିକେଏମ୍‌ୟୁର ବିକ୍ଷୋଭ, ସ୍ଥାନ: ରାଜମହଲ ଛକ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଉତ୍କଳ ସମ୍ମିଳନୀ କେନ୍ଦ୍ରୀୟ କାର୍ଯ୍ୟ ନିର୍ବାହୀ ସମିତି ବୈଠକ, ସ୍ଥାନ: ଉତ୍କଳ ସମ୍ମିଳନୀ କେନ୍ଦ୍ରୀୟ କାର୍ଯ୍ୟାଳୟ, ଅଶୋକ ନଗର, ସମୟ: ପୂର୍ବାହ୍ନ ୧୧ଟା।
- ଲୋକ ଜନଶକ୍ତି ପାର୍ଟି ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ରେଡକ୍ରସ ଭବନ, ସମୟ: ମଧ୍ୟାହ୍ନ ୧୨ଟା।
- ୧୪ତମ ଓଡ଼ିଶୀ ନୃତ୍ୟ ସଙ୍ଗୀତ ସମ୍ମାନ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା।

## ବାଲେଶ୍ୱର

- ତୁଳସୀ ଅଭିଷେକ, ସ୍ଥାନ:ଗୁଣ୍ଡିଚା ମନ୍ଦିର, ରେମୁଣା, ସମୟ: ପୂର୍ବାହ୍ନ ୧୦ଟା ୩୦।
- ରଥ ଟଣା କାର୍ଯ୍ୟ, ସ୍ଥାନ: ରଥଦାଣ୍ଡ, ନୀଳଗିରି, ସମୟ: ଅପରାହ୍ନ ୩ଟା
- କୀର୍ତ୍ତନ, ହରିନାମ ସଙ୍କୀର୍ତ୍ତନ, ସ୍ଥାନ: ମେଳା ପଡ଼ିଆ, ରେମୁଣା, ସମୟ: ଅପରାହ୍ନ ୩ଟା ୩୦।
- ଅଫିସର୍ସ କଲୋନୀ ମହିଳାଙ୍କ ଦ୍ୱାରା ନୃତ୍ୟ, ସ୍ଥାନ: ମେଳା ପଡ଼ିଆ, ରେମୁଣା, ସମୟ: ଅପରାହ୍ନ ୫ଟା
- ରାସଲୀଳା, ସ୍ଥାନ: ମେଳା ପଡ଼ିଆ, ରେମୁଣା, ସମୟ: ସନ୍ଧ୍ୟା ୬ଟା ୩୦।
- ଶୟନ ଆରତୀ, ସ୍ଥାନ: ଗୁଣ୍ଡିଚା ମନ୍ଦିର, ରେମୁଣା, ସମୟ: ରାତି ୮ଟା ୪୫।
- ଦିଅଁମାନଙ୍କ ଆଡ଼ପମଣ୍ଡପକୁ ପହଣ୍ଡି ବିଜେ, ସ୍ଥାନ: ମାଉସୀ ମା' ମନ୍ଦିର, ନୀଳଗିରି, ସମୟ: ରାତି ୧୦ଟା।

## ଭଦ୍ରକ

- ୧୯ତମ ଜାତୀୟ ପରିସଂଖ୍ୟାନ ଦିବସ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ସଦ୍‌ଭାବନା ସଭାଗୃହ, ଭଦ୍ରକ, ସମୟ: ପୂର୍ବାହ୍ନ ୧୧ଟା।

## ମୟୂରଭଞ୍ଜ

- ଦର୍ପଦଳନ ଓ ନନ୍ଦିଘୋଷ ରଥଟଣା, ସ୍ଥାନ: ବାରିପଦା,ସମୟ: ଅପରାହ୍ନ ୨ଟା ୩୦।
- ଶ୍ରୀ ଗୁଣ୍ଡିଚା ଆଡ଼ପ ମଣ୍ଡପକୁ ମହାପ୍ରଭୁଙ୍କ ପହଣ୍ଡି ବିଜେ, ସ୍ଥାନ: ମାଉସୀ ମା' ମନ୍ଦିର, ବାରିପଦା, ସମୟ: ରାତି ୧୦ଟା ୩୦।

## ବ୍ରହ୍ମପୁର

- ନାରାୟଣ ସାହୁ ସ୍ମୃତି ସମିତିର ଶ୍ରଦ୍ଧାଞ୍ଜଳୀ ସଭା, ସ୍ଥାନ: ସର୍କିଟ ହାଉସ , ସମୟ: ଅପରାହ୍ନ ୪ ଟା।

## କନ୍ଧମାଳ

- ପବିତ୍ର ଘୋଷ ଯାତ୍ରା ଅବସରରେ ଆଧ୍ୟାତ୍ମିକ ପ୍ରବଚନ, ସ୍ଥାନ : ଗୁଣ୍ଡିଚା ମନ୍ଦିର ପରିସର ବାଲିଗୁଡା, ସମୟ: ସନ୍ଧ୍ୟା ୭ ଟା।

## କେନ୍ଦ୍ରାପଡ଼ା

- କେନ୍ଦ୍ରାପଡ଼ା ସାଇକେଲ କ୍ଲବ ପକ୍ଷରୁ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ପୁରୁଣା ବସଷ୍ଟାଣ୍ଡ, ସମୟ: ସକାଳ ୬ଟା।
- ଶ୍ରୀବଳଦେବଜୀଉଙ୍କ ବ୍ରହ୍ମ ତାଳଧ୍ୱଜ ରଥଟଣା, ସ୍ଥାନ: ଇଚ୍ଛାପୁର, କେନ୍ଦ୍ରାପଡ଼ା ସହର, ସମୟ: ପୂର୍ବାହ୍ନ ୧୧ଟା।

## ଯାଜପୁର

- ଘୋଷଯାତ୍ରା ଉପଲକ୍ଷେ ମାଉସୀ ମା'ମନ୍ଦିର ପରିସରରେ ପ୍ରବଚନ କାର୍ଯ୍ୟକ୍ରମ, ସ୍ଥାନ: ଧର୍ମଶାଳା ହାଟପଡ଼ିଆ, ସମୟ: ସନ୍ଧ୍ୟା ୬ଟା।

## ନୟାଗଡ଼

- ସ୍ୱାସ୍ଥ୍ୟ କ୍ୟାମ୍ପ, ସ୍ଥାନ: ଇଟାମାଟି ଇନଡୋର ଷ୍ଟାଡିୟମ, ସମୟ: ସକାଳ ୯ଟା।
- ରାଜ୍ୟସ୍ତରୀୟ ପ୍ରଥମ ଡେଭିଡ୍ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ, ସ୍ଥାନ: ମିନି ଷ୍ଟାଡିୟମ ଓଡ଼ଗାଁ, ସମୟ: ଅପରାହ୍ନ ୫ଟା।
- ଶ୍ରୀଜୀଉଙ୍କ ରାଜା ରାଜେଶ୍ୱର ବେଶ, ସ୍ଥାନ: ନୟାଗଡ଼ ଗୁଣ୍ଡିଚା ମନ୍ଦିର, ସମୟ: ସନ୍ଧ୍ୟା ୬ଟା।

## ରାୟଗଡ଼ା

- ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ଶତବାର୍ଷିକୀ ପାଳନ ପ୍ରସ୍ତୁତି ବୈଠକ, ସ୍ଥାନ: ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ଗୁଣପୁର, ସମୟ: ସକାଳ ୯ଟା ୩୦।
- ଶ୍ରୀଜୀଉଙ୍କ କୁର୍ମ ଅବତାର, ସ୍ଥାନ: ରାୟଗଡ଼ା ଗୁଣ୍ଡିଚା ମନ୍ଦିର, ସମୟ: ସକାଳ ୬ଟା।

## କୋରାପୁଟ

- କଂଗ୍ରେସର ସମ୍ବିଧାନ ବଞ୍ଚାଅ ସମାବେଶ, ସ୍ଥାନ: ଦଶହରା ପଡିଆ, ଜୟପୁର, ସମୟ: ମଧ୍ୟାହ୍ନ ୧୨ଟା।

## ସମ୍ବଲପୁର

- ଜିଲାକ୍ରୀଡା ସଂଘ ପକ୍ଷରୁ ସାହାଣୀ କ୍ଲବ ଆନ୍ତଃ ଜିଲା ଫୁଟବଲ ଟୁର୍ଣ୍ଣାମେଣ୍ଟ ସକାଶେ ଖେଳାଳି ଚୟନ ଶିବିର, ସ୍ଥାନ : ବୀର ସୁରେନ୍ଦ୍ର ଷ୍ଟାଡିୟମ, ସମୟ : ସକାଳ ୭ଟା।
- ରାଷ୍ଟ୍ର ନିର୍ମାଣରେ ଯୁବ ପ୍ରସ୍ତୁତି ପ୍ରଶିକ୍ଷଣ ଶିବିର, ସ୍ଥାନ : ପବ୍ଲିକ ଲାଇବ୍ରେରୀ ପ୍ରେକ୍ଷାଳୟ, ସମୟ : ସକାଳ ୮ଟା ।
- ପ୍ରତିଭା ସମ୍ମାନ ସମାରୋହ, ସ୍ଥାନ : ଓଡ଼ିଶା ସାଂସ୍କୃତିକ ସମାଜ, ସମୟ : ପୂର୍ବାହ୍ନ ୧୦ଟା।
- ପଶ୍ଚିମାଞ୍ଚଳ ଏକତା ମଞ୍ଚ ପକ୍ଷରୁ ରାଜ୍ୟସ୍ତରୀୟ ସମ୍ବଲପୁରୀ ଦିନ ପ୍ରସ୍ତୁତି ବୈଠକ, ସ୍ଥାନ : ସାମ୍ବାଦିକ ଭବନ, ସମୟ : ଅପରାହ୍ନ ୫ଟା।
- ସାଓଲିନ କୁଙ୍ଗ ଫୁ ଉସୁ ଆସୋସିଏଶନ ଆୟୋଜିତ ମାଗଣା ପ୍ରଶିକ୍ଷଣ ଶିବିର, ସ୍ଥାନ : ଜିଲା ଜୁଡୋ ହଲ, ସମୟ : ସନ୍ଧ୍ୟା ୬ଟା ୩୦।

## ରାଉରକେଲା

- ନିଶାମୁକ୍ତ ସଚେତନତା ଶିବିର, ସ୍ଥାନ: ଲେପର୍ସୀ କଲୋନି, ସମୟ: ସକାଳ ୯ଟା ୩୦।
- ଇସ୍ପାତ ସାହିତ୍ୟ ସଂସଦର ଅଷ୍ଟମ ବାର୍ଷିକ ଉତ୍ସବ, ସ୍ଥାନ: ସେକ୍ଟର-୭, ସମୟ: ପୂର୍ବାହ୍ନ ୧୦ଟା।
- ଆଦର୍ଶ ଯୁବ ପରିଷଦର ୧୧ତମ ରଜ ମଉଜ ଉତ୍ସବ ପାଳନ, ସ୍ଥାନ: ସିଭିକ୍ ସେଣ୍ଟର, ସମୟ: ଅପରାହ୍ନ ୩ଟା।
- ସୁନାଫୁଲ ସାହିତ୍ୟ ସଂସଦ ପକ୍ଷରୁ ସାହିତ୍ୟ ଓ କବିତା ଆସର, ସ୍ଥାନ: ମଧୁସୂଦନ ପାଠାଗାର, ସମୟ: ଅପରାହ୍ନ ୫ଟା ୩୦।

## କଳାହାଣ୍ଡି

- ରଥଯାତ୍ରା ଅବସରରେ ଭଜନ ସମାରୋହ, ସ୍ଥାନ: ଭବାନୀପାଟଣା ମାଉସୀ ମା' ମନ୍ଦିର, ସମୟ: ଅପରାହ୍ନ ୫ଟା।
- କୃତୀ ଛାତ୍ରୀଛାତ୍ରଙ୍କ ସମ୍ବର୍ଦ୍ଧନା ସମାରୋହ, ସ୍ଥାନ: ଭବାନୀପାଟଣା ବିକାଶ କଲେଜ, ସମୟ: ପୂର୍ବାହ୍ନ ୧୦ଟା।

## ବୌଦ୍ଧ

- ବୌଦ୍ଧ କଲଚରାଲ ଏକାଡେମୀର ପକ୍ଷରୁ ସାହିତ୍ୟ ସଭା ଓ ଆଲୋଚନାଚକ୍ର, ସ୍ଥାନ: ଟାଉନହଲ ବୌଦ୍ଧ, ସମୟ: ୧୦ଟା।

## ଦେବଗଡ଼

- ସତ୍ୟସାଇ ମନ୍ଦିର କମିଟି ପକ୍ଷରୁ ନଗର କୀର୍ତ୍ତନ ପରିକ୍ରମା, ସ୍ଥାନ: ଦେବଗଡ଼ ସହର, ସମୟ: ପ୍ରାତଃ ୪ଟା।
- ଶ୍ରୀଗୁଣ୍ଡିଚାଯାତ୍ରାର ଦ୍ୱିତୀୟ ଦିବସରେ ରଥଟଣା, ସ୍ଥାନ: ପୁରୁଣାଗଡ଼, ଦେବଗଡ଼, ସମୟ: ଅପରାହ୍ନ ୪ଟା।
- ମା'କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତୀ, ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ଦେବଗଡ଼, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର

- ଜାତୀୟ ପରିସଂଖ୍ୟାନ ଦିବସ ପାଳନ, ସ୍ଥାନ: ଜିଲା ଯୋଜନା ଓ ପରିସଂଖ୍ୟାନ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୯ଟା।
- ତରଭାର ଅନ୍ତର୍ଭା ତ୍ରିନାଥ ମନ୍ଦିରରେ ତ୍ରିନାଥ ମେଳା ଓ ପୁରାଣ ପଠନ, ସ୍ଥାନ: ମନ୍ଦିର ପ୍ରାଙ୍ଗଣ, ସମୟ: ସନ୍ଧ୍ୟା ୭ଟା।
- ତରଭା ରଥଯାତ୍ରାର ତୃତୀୟ ଦିନରେ ରଥ ଟଣା ଓ ମହାପ୍ରଭୁଙ୍କ ରଥେ ବରାହ ଅବତାର, ସ୍ଥାନ: ସୁନାରି ପଡା, ସମୟ: ରାତି ୮ଟା।

## ନୂଆପଡ଼ା

- ୧୯ତମ ଜାତୀୟ ପରିସଂଖ୍ୟାନ ଦିବସ ପାଳନ, ସ୍ଥାନ: ସଦ୍‌ଭାବନା ସଭାଗୃହ ନୂଆପଡ଼ା, ସମୟ: ପୂର୍ବାହ୍ନ ୧୦ଟା।

# ଅନନ୍ତା ସିନେମାର ଚିତ୍ରନାଟ୍ୟ ପୁସ୍ତକ ଉନ୍ମୋଚିତ

**ଭୁବନେଶ୍ୱର,୨୮।୬(ସୁଚିସ୍ମିତା ସାହୁ)**

ଅନନ୍ତା ଚଳଚ୍ଚିତ୍ରର ଅପୂର୍ବ ସଫଳତା ପରେ ସମ୍ପୂର୍ଣ୍ଣ ଚଳଚ୍ଚିତ୍ରଟିର ଚିତ୍ରନାଟ୍ୟ ଓ ସଂଳାପ ପୁସ୍ତକ ମାଧ୍ୟମରେ ପ୍ରକାଶିତ ହୋଇଛି। ମହାରାଜା ସିନେମା ପ୍ରେକ୍ଷାଳୟରେ ନିର୍ଦ୍ଦେଶକ ସବ୍ୟସାଚୀ ମହାପାତ୍ର, ଅଭିନେତା ସବ୍ୟସାଚୀ ମିଶ୍ର, ସଂଳାପ ଲେଖକ ରଜନୀ ରଞ୍ଜନ, ଅଭିନେତ୍ରୀ ଜ୍ୟୋତିର୍ମୟୀ ପଣ୍ଡାଙ୍କ ସମେତ ବହୁ କବି ଓ ଲେଖକଙ୍କ ଗହଣରେ ଏହାର ଉନ୍ମୋଚନ କରାଯାଇଛି । ଅନନ୍ତା ପୁସ୍ତକଟି ପକ୍ଷୀଘର ପ୍ରକାଶନୀ ଦ୍ୱାରା ପ୍ରକାଶିତ ହୋଇଛି । ବ୍ୟାସକବି ଫକୀର ମୋହନ ସେନାପତିଙ୍କ କାଳଜୟୀ ଗଳ୍ପ 'ରାଣ୍ଡୀ ପୁଅ ଅନନ୍ତା' ଉପରେ ନିର୍ମିତ ଅନନ୍ତା ଚଳଚ୍ଚିତ୍ରରେ ସବ୍ୟସାଚୀ ମହାପାତ୍ର ଏବଂ କୁମାର ସି ଦେବ ନିର୍ଦ୍ଦେଶନା ଦେଇଛନ୍ତି। ସଂଳାପ ରଚନା କରିଛନ୍ତି ରଜନୀ ରଞ୍ଜନ। ପୁସ୍ତକ ପ୍ରଣନର ଲକ୍ଷ୍ୟ ସମ୍ପର୍କରେ ନିର୍ଦ୍ଦେଶକ କହିଲେ, ଯେଉଁ ଦର୍ଶକ ପ୍ରେକ୍ଷାଳୟରେ ଚଳଚ୍ଚିତ୍ରଟି ଦେଖିବାକୁ ସୁଯୋଗ ପାଇ ନ ଥିବେ ସେମାନେ ଏହି ପୁସ୍ତକ ପଢି ପୂରା ଚଳଚ୍ଚିତ୍ରଟିକୁ ଦେଖିଲା ଭଳି ଅନୁଭବ କରିପାରିବେ। ଏହି ଚଳଚ୍ଚିତ୍ରରେ ପ୍ରତ୍ୟେକ ଚରିତ୍ର ନିଖୁଣ ଅଭିନୟ କରି ଦର୍ଶକଙ୍କୁ ଢେର ମନୋରଞ୍ଜନ ଯୋଗାଇପାରିଛି। ଆମ ମାଟିର କଥା, ଆମ ଗାଁ ପୁଅ ବଳିଦାନର କଥା ଦେଖିବାକୁ ଦର୍ଶକଙ୍କ ସୁଅ ଛୁଟୁଛି । ମୌଳିକ କାହାଣୀ ପ୍ରତି ଦର୍ଶକଙ୍କର ରୁଚି ବଢିଛି, ଯାହା ଅନନ୍ତା ଚଳଚ୍ଚିତ୍ରରୁ ଅନୁମେୟ ହେଉଛି। ଲେଖିକା ପ୍ରଫେସର ସଂଘମିତ୍ରା ମିଶ୍ର, ସୁଷମା ମିଶ୍ର, ପ୍ରବୀଣା ମହାନ୍ତି ପ୍ରମୁଖ ଯୋଗଦେଇଥିଲେ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି କୃତ୍ତିକା ନକ୍ଷତ୍ର ବନ୍ଧୁଙ୍କ ପରାମର୍ଶରେ ସାମାଜିକ ସ୍ତରରେ ଉଲ୍ଲେଖନୀୟ କାମ କରି ପ୍ରଶଂସିତ ହେବେ। କେତେକ ଭୁଲ୍‌ରୁ କାମ ବିଶୃଙ୍ଖଳିତ ହେବା ଆଶଙ୍କା ରହିଛି। ଆର୍ଥିକ ସ୍ୱଚ୍ଛଳତା ରହିଥିଲେ ମଧ୍ୟ ପରକଥା ଶୁଣି ମାନସିକ ଶାନ୍ତି ବ୍ୟାହତ ହେବ। କେତେକଙ୍କ କ୍ଷେତ୍ରରେ ମାନସିକ ଚାପ ଓ ପାରିବାରିକ ଅସହଯୋଗରୁ ଚିନ୍ତିତ ରହିବାକୁ ପଡ଼ିବ।

**ବୃଷ**
ରୋହିଣୀ ନକ୍ଷତ୍ର ସକାଶେ ଆଜିର କାମ ହାସଲ ପାଇଁ ଅସୁବିଧା ହେବ ନାହିଁ। ଆନୁଷ୍ଠାନିକ କ୍ଷେତ୍ରରେ, ବନ୍ଧୁତ୍ୱ ସ୍ଥାପନରେ, ଲେଖାପଢ଼ାରେ ଆଳସ୍ୟ ଓ ଅବହେଳା କରି ସମାଲୋଚିତ ହେବେ। ବାଣିଜ୍ୟ ଓ ପରିବହନାଦିରୁ ସମସ୍ୟା ମୁକ୍ତ ରହିପାରନ୍ତି। ଭୁଲ୍ ବୁଝାମଣାରୁ କର୍ମକ୍ଷେତ୍ରରେ ବିବାଦୀୟ ପରିସ୍ଥିତି ଭିନ୍ନ ରୂପ ନେଇପାରେ।

**ମିଥୁନ**
ପୁନର୍ବସୁ ନକ୍ଷତ୍ରର ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣ ନ ହେଲେ ମଧ୍ୟ ବିଶେଷ ଖରାପ ହେବ ନାହିଁ। କିନ୍ତୁ ପରିବାରରେ ପିଲାଙ୍କ ବିଶୃଙ୍ଖଳିତ ଆଚରଣରେ କ୍ଷୁବ୍ଧ ହୋଇପାରନ୍ତି। ପ୍ରତୀକ୍ଷିତ ଖବରଟି ଆଜି ଅପରାହ୍ନେ ପାଇବାରେ ଜଣେ ଅଜଣା ବନ୍ଧୁଙ୍କ ଅବଦାନ ରହିବ। କାର୍ଯ୍ୟବ୍ୟସ୍ତତା କାରଣରୁ ଅନ୍ୟମନସ୍କ ରହି ମାନସିକ ଭାବଧାରାକୁ ବିକ୍ଷିପ୍ତ କରିବେ।

**କର୍କଟ**
ନିଜର ପ୍ରତ୍ୟୁତ୍ପନ୍ନମତିତା କାରଣରୁ ପ୍ରତ୍ୟେକ ଅସଜଡ଼ା ପରିସ୍ଥିତିର ମୁକାବିଲା କରିବାରେ ସମର୍ଥ ହେବେ। ସହକର୍ମୀ କିମ୍ବା ବନ୍ଧୁଙ୍କ ପ୍ରହେଳିକାପୂର୍ଣ୍ଣ କଥା ଶୁଣି ମରୀଚିକା ପଛରେ ଦୌଡ଼ିପାରନ୍ତି। ଅଶ୍ଳେଷା ନକ୍ଷତ୍ରର ବାକ୍ ଅସଂଯମତା ଯୋଗୁ ସୁସମ୍ପର୍କ ବ୍ୟାହତ ହେବ। ବାଣିଜ୍ୟ, ପରିବହନ ଓ ନିର୍ମାଣ କାର୍ଯ୍ୟକୁ ସଙ୍କୁଚିତ କରିନେଇ ପାରନ୍ତି ।

**ସିଂହ**
ନୂତନ କାର୍ଯ୍ୟରେ ହାତ ଦେଲେ ସଫଳତା ପାଇବେ। ଅତୀତ ଦିନର ବିବାଦୀୟ ଘଟଣାରେ ଆଶଙ୍କା ସୃଷ୍ଟି ହେଲେ ମଧ୍ୟ ସେମିତି କିଛି ହେବ ନାହିଁ। ମଘା ନକ୍ଷତ୍ର ସକାଶେ ନିଜ ଲୋକ କେହି ହଇରାଣରେ ପକାଇବାକୁ ଚେଷ୍ଟା କରିପାରନ୍ତି। ଶତ୍ରୁତା କାରଣରୁ ପରିବାରରେ ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି।

**କନ୍ୟା**
ଆଜି ଯେତେ ଭଲ କାମ କଲେ ମଧ୍ୟ ଅନ୍ୟମାନଙ୍କୁ ସନ୍ତୁଷ୍ଟ କରାଇ ପାରିବେ ନାହିଁ। ଉତ୍ତରା ଫାଲ୍‌ଗୁନୀ ନକ୍ଷତ୍ର ସକାଳୁ କୌଣସି ଖବର ପାଇ ବିସ୍ମୟ ପ୍ରକାଶ କରିବେ। ଭାବପ୍ରବଣବଶତଃ ବନ୍ଧୁଙ୍କ ସହ ଓଲଟା କଥା କହି ଅପଦସ୍ଥ ହୋଇପାରନ୍ତି। ସହକର୍ମୀମାନଙ୍କ ସହ ଆଜିର ଭ୍ରମଣ ସୁଖ ବେଶ୍ ଉପଭୋଗ୍ୟ ହୋଇପାରେ।

**ତୁଳା**
ପରିସ୍ଥିତିର ବଶବର୍ତ୍ତୀ ହୋଇ କେତେକ କ୍ଷେତ୍ରରେ ଇଚ୍ଛା ବିରୋଧରେ କାମ କରି ଅନୁତପ୍ତ ହେବେ। ଈର୍ଷାପରାୟଣ ବ୍ୟକ୍ତି ପ୍ରତିଷ୍ଠା ଓ ପ୍ରଶଂସା ଭିନ୍ନାର୍ଥରେ ଗ୍ରହଣ କରିପାରନ୍ତି। ସ୍ୱାତୀ ନକ୍ଷତ୍ର ଅଭାବ ନ ଥିଲେ ମଧ୍ୟ ଯାହା ଚାହୁଁଛନ୍ତି ତାହା ନ ପାଇ ଅବସାଦ ଲାଗି ରହିବ। ଯାତ୍ରାରେ ବିଳମ୍ବ ଘଟିବ। ଲକ୍ଷ୍ୟ ହାସଲରେ ଅସୁବିଧା ହେବନାହିଁ।

**ବିଛା**
ପ୍ରତ୍ୟେକ କଥାରେ ଆଲୋଚନା ଦ୍ୱାରା ସମସ୍ୟାର ସମାଧାନ ହୋଇଯିବ। ଶିଳ୍ପ, ବାଣିଜ୍ୟ, ପ୍ରକାଶନ, ଆନୁଷ୍ଠାନିକ କାମରେ ପ୍ରତିବନ୍ଧକ ଦୂରେଇଯିବ। ଅନୁରାଧା ନକ୍ଷତ୍ର ଯେତେଶୀଘ୍ର ଶେଷ କରିବା ସକାଶେ ଭାବୁଥିବା କାମଟିକୁ ଶେଷ କରିପାରିବେନି। ବନ୍ଧୁଙ୍କ ପରାମର୍ଶରେ ଋଣ ପରିଶୋଧ ପାଇଁ ନୂତନ ଯୋଜନା କରିପାରନ୍ତି।

**ଧନୁ**
ଅନ୍ୟମାନଙ୍କ କଥାରେ ଭାସିବୁଲିଲେ ମୁଣ୍ଡରେ ହାତ ଦେଇ ବସିବାକୁ ପଡ଼ିବ। ଆଜି ଉଚ୍ଚବର୍ଗଙ୍କ ସାହାଯ୍ୟ ଓ ବନ୍ଧୁମିଳନରୁ ଉତ୍ସାହିତ ହେବେ। ରାଜନୀତି, ପ୍ରକାଶନ କିମ୍ବା ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବାରେ ଧୈର୍ଯ୍ୟଶୀଳତା କାମକୁ ଆସିପାରେ। ପୂର୍ବାଷାଢ଼ା ନକ୍ଷତ୍ର ଅର୍ଥ ସମ୍ପର୍କକୁ ନେଇ ବନ୍ଧୁଙ୍କ ସହ ସମ୍ପର୍କ ହାନି ଘଟିପାରେ।

**ମକର**
ଶ୍ରବଣା ନକ୍ଷତ୍ରର ଶାରୀରିକ ସୁସ୍ଥତା ଅକ୍ଷୁଣ୍ଣ ରହିଥିଲେ ମଧ୍ୟ ମାନସିକ ସ୍ଥିତି ଭଲ ରହିବ ନାହିଁ। ଗଠନମୂଳକ ପ୍ରସ୍ତାବ ଦେଇ କର୍ମକ୍ଷେତ୍ରରେ, ରାଜନୀତିରେ, ସାଂସ୍କୃତିକ କାମରେ ପ୍ରଶଂସିତ ହେବେ। ମାତ୍ର ଏଣେ ଅଫିସରେ ଏକାଧିକ କାମ ହାତକୁ ନେଇ ବିବ୍ରତ ହେବେ। କର୍ମାରମ୍ଭ, ଯାନବାହନ, ପାରିବାରିକ ସମସ୍ୟା ନେଇ ଚିନ୍ତା କରିବେ।

**କୁମ୍ଭ**
କୌଣସି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା ପୂର୍ବରୁ ପରିବାର ସହ ଆଲୋଚନା କରିବା ଭଲ। ସମ୍ପର୍କୀୟ କିମ୍ବା ଆତ୍ମୀୟଙ୍କ ପକ୍ଷପାତିତାକୁ ନାପସନ୍ଦ କରିପାରନ୍ତି। ଶତଭିଷା ନକ୍ଷତ୍ର ସକାଶେ ବିଶେଷ ଭ୍ରମଣଜନିତ ଶାରୀରିକ ଅସୁସ୍ଥତା ଲାଗି ରହିପାରେ। ଆବଶ୍ୟକତା ପୂରଣ ସକାଶେ ସମ୍ପର୍କୀୟ ଜଣେ ବନ୍ଧୁ ଅର୍ଥ ସାହାଯ୍ୟର ପ୍ରତିଶ୍ରୁତି ଦେବେ।

**ମୀନ**
ବହୁ ଆକାଂକ୍ଷିତ ଅପୂରଣୀୟ ଅଭିଳାଷ ନେଇ ନୈରାଶ୍ୟଜନିତ ଦୁଃଖ ଅନୁଭବ କରିପାରନ୍ତି। ସନ୍ଧ୍ୟାରେ ଜଣେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରେ ଆସି ଖୁସି ହେବେ। ନିଜ ଚତୁଃପାର୍ଶ୍ୱରେ ରହୁଥିବା ବ୍ୟକ୍ତିମାନଙ୍କ ଶୁଣାକଥାକୁ ବିଶ୍ୱାସ କଲେ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି। ରେବତୀ ନକ୍ଷତ୍ର ପରିବାରର ଖର୍ଚ୍ଚ ଭାର ବୃଦ୍ଧି ଯୋଗୁ ଚିନ୍ତାପ୍ରକଟ କରିପାରନ୍ତି।

ଆଜି ଜୁନ୍ ୨୯ ତାରିଖ, ଜାତୀୟ ପରିସଂଖ୍ୟାନ ଦିବସ (ପରିସଂଖ୍ୟାନବିତ୍ ପ୍ରଶାନ୍ତଚନ୍ଦ୍ର ମହାଲ୍ ନୋବିସ୍‌ଙ୍କ ଜନ୍ମ ଦିବସ), ଆଷାଢ଼ ଶୁକ୍ଳ ଚତୁର୍ଥୀଯୁକ୍ତ ୫ମୀ ରବିବାର। ରାଶି ନକ୍ଷତ୍ର-ମଘା/ସିଂହ, ୫ମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୭।୦୦ ଗତେ ଘ.୦୯।୩୮ ମଧ୍ୟେ, ଘ.୦୧।୨୯ ଗତେ ଘ.୦୨।୫୪ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୪।୪୬ ଗତେ ଘ.୦୬।୨୫ ମଧ୍ୟେ ରାହୁକାଳ।

# ଗଛରେ ପିଟି ହେଲା ବାଇକ୍, ୨ ମୃତ, ଜଣେ ଗୁରୁତର

**ବିଷମକଟକ/ମୁନିଗୁଡ଼ା,୨୮।୬(ପ୍ରସନ୍ନ କୁମାର ପଣ୍ଡା/ନନ୍ଦକିଶୋର ପଟ୍ଟନାୟକ )**



ରାୟଗଡା ଜିଲା ବିଷମକଟକ ବ୍ଲକ ଅନ୍ତର୍ଗତ ପାଇକଡାକୁଲୁଗୁଡା ଗ୍ରାମ ନିକଟରେ ବାଇକ୍ ଦୁର୍ଘଟଣାରେ ୨ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଜଣେ ଗୁରୁତର ହୋଇଛନ୍ତି। ମୃତକ ହେଲେ ମନୋଜ ସାରକା(୩୦) ଓ ଗାହିଁ ହୁଇକା(୨୮)। ପ୍ରକାଶ ଯେ, ବିଷମକଟକ ବ୍ଲକ ଡୁମୁରିନେଳି ଗ୍ରାମର ୩ ଜଣ ଯୁବକ ଏକ ବାଇକ୍‌ରେ ମୁନିଗୁଡାରୁ ନିଜଗାଁ ଡୁମୁରିନେଳିକୁ ଶନିବାର ଫେରୁଥିବା ବେଳେ ପାଇକଡାକୁଲୁଗୁଡା ଗ୍ରାମ ନିକଟରେ ବାଇକ୍‌ଟି ଭାରସାମ୍ୟ ହରାଇ ରାସ୍ତାକଡରେ ଥିବା ଏକ ଗଛରେ ପିଟି ହୋଇଯାଇଥିଲା। ଏଥିରେ ୩ ଜଣଙ୍କ ମଧ୍ୟରୁ ଘଟଣାସ୍ଥଳରେ ଜଣକର ମୃତ୍ୟୁ ହୋଇଥିଲା। ସ୍ଥାନୀୟ ଲୋକେ ଆହତଙ୍କୁ ଉଦ୍ଧାରକରି ମୁନିଗୁଡା ମେଡିକାଲକୁ ନେଇଥିଲେ। ସେଠାରେ ଚିକିତ୍ସାଧିନ ଅବସ୍ଥାରେ ଆଉ ଜଣକର ମୃତ୍ୟୁ ଘଟିଛି । ଆହତ ହାଡି ପିଡିକାକା ସେଠାରେ ଚିକିତ୍ସିତ ହେଉଛନ୍ତି । ତାଙ୍କ ଅବସ୍ଥା ସଙ୍କଟାପନ୍ନ ଥିବା ଜଣାପଡିଛି। ମୁନିଗୁଡା ପୋଲିସ୍ ଦୁର୍ଘଟଣାଗ୍ରସ୍ତ ବାଇକ୍ ଜବତ କରିବା ସହ ଦୁଇ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

# କୋଟିଆ ଗସ୍ତ କରିବ ଅନୁଧ୍ୟାନ କମିଟି: ରାଜସ୍ୱ ମନ୍ତ୍ରୀ

**ପଟ୍ଟାଙ୍ଗି,୨୮।୬(ଶରତ କୁମାର ଧଳ)**

## କୋଟିଆରେ ୫ ମନ୍ତ୍ରୀଙ୍କ ରୁଦ୍ଧଦ୍ୱାର ବୈଠକ

## ରିପୋର୍ଟ ହସ୍ତଗତ ହେଲେ ନିଆଯିବ ଉଚିତ ପଦକ୍ଷେପ

କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ୍ କୋଟିଆ ପଞ୍ଚାୟତରେ ପ୍ରଥମଥର ରାଜ୍ୟର ୫ ମନ୍ତ୍ରୀ ରଥଯାତ୍ରାରେ ଅଂଶଗ୍ରହଣ କରିଥିବାରୁ ସୀମାନ୍ତବାସୀଙ୍କୁ ଉତ୍ସାହିତ କରିଛି। କୋଟିଆ ପଞ୍ଚାୟତ କାର୍ଯ୍ୟାଳୟ ପରିସରସ୍ଥିତ ଅତିଥି ଭବନରେ ଏକ ରୁଦ୍ଧଦ୍ୱାର ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓଙ୍କ ସମେତ ରାଜସ୍ୱ ଓ ବିପର୍ଯ୍ୟୟ ମନ୍ତ୍ରୀ ସୁରେଶ ପୂଜାରୀ, ବାଣିଜ୍ୟ ପରିବହନ, ଇସ୍ପାତ ଓ ଖଣି ମନ୍ତ୍ରୀ ବିଭୂତି ଭୂଷଣ ଜେନା, ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ, କ୍ଷୁଦ୍ର ଉଦ୍ୟୋଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ପ୍ରମୁଖ ସରପଞ୍ଚ ଲିଉ ଗେମେଲ, ଅନ୍ୟ କେତେଜଣ ନିର୍ବାଚିତ ଜନପ୍ରତିନିଧି, ବ୍ଲକ୍ ଅଧକ୍ଷା କଳ୍ପନା ପାଙ୍ଗୀ, ଅବସରପ୍ରାପ୍ତ ଜିଲାପାଳ ଗଦାଧର ପରିଡ଼ାଙ୍କ ସହ ଦୀର୍ଘ ସମୟ ବୈଠକ କରିଥିଲେ। ଏହି ସମୟରେ ସରପଞ୍ଚ ଗେମେଲ ଗଠନ ହୋଇଥିବା କମିଟି ସରପଞ୍ଚ ଓ ନିର୍ବାଚିତ ଜନପ୍ରତିନିଧିଙ୍କୁ ନେଇ ଅନୁଧ୍ୟାନ କରିବା ଆବଶ୍ୟକ। ପଞ୍ଚାୟତରେ ହେଉଥିବା ଉନ୍ନୟନମୂଳକ କାର୍ଯ୍ୟରେ ସରପଞ୍ଚ ଓ ଅନ୍ୟ ନିର୍ବାଚିତ ପ୍ରତିନିଧିଙ୍କ ଦୃଷ୍ଟିକୁ ଅଣାଯାଉନାହିଁ। ଉନ୍ନୟନମୂଳକ କାର୍ଯ୍ୟ ସରପଞ୍ଚ ଓ ୱାର୍ଡ ସଦସ୍ୟଙ୍କୁ ଅବଗତ କରାଇ କାର୍ଯ୍ୟ କରିବା ଆବଶ୍ୟକ ବୋଲି ସେ କହିଥିଲେ। ଏହାକୁ ନେଇ ରାଜସ୍ୱ ମନ୍ତ୍ରୀ ପୂଜାରୀ ଏହିପରି ହେବା ଠିକ୍ ନୁହେଁ। ବର୍ତ୍ତମାନ ହେବାକୁ ଥିବା ଉନ୍ନୟନମୂଳକ କାର୍ଯ୍ୟଗୁଡ଼ିକ ସରପଞ୍ଚ ଓ ଜନପ୍ରତିନିଧିଙ୍କ ଦୃଷ୍ଟିରେ ଥାଇ ହେବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ରାଜସ୍ୱ ମନ୍ତ୍ରୀ ପୂଜାରୀଙ୍କୁ ଏକ ଲିଖିତ ଦାବିପତ୍ର ଦିଆଯାଇ ପଞ୍ଚାୟତରେ ଥିବା ୨୨ଟି ସମସ୍ୟାର ଦୃଷ୍ଟି ଆକର୍ଷଣ କରାଯାଇଥିବା ସରପଞ୍ଚ ଗେମେଲ୍ ଗଣମାଧ୍ୟମକୁ ସୂଚନା ଦେଇଥିଲେ। ବୈଠକରୁ ସମସ୍ତ ଗଣମାଧ୍ୟମ ପ୍ରତିନିଧିଙ୍କୁ ସମ୍ପୂର୍ଣ୍ଣ ଦୂରେଇ ରଖାଯାଇଥିଲା। ବୈଠକ ପରେ ସମସ୍ତ ମନ୍ତ୍ରୀ ବାହାରକୁ ଆସି କୋଟିଆ ପ୍ରସଙ୍ଗ ବର୍ତ୍ତମାନ ସରକାରଙ୍କର ନୁହେଁ, ଏହା ପୂର୍ବ ସରକାରଙ୍କ ବୋଲି ଗଣମାଧ୍ୟମକୁ ଜଣାଇଥିଲେ। ଏହା ଓଡ଼ିଶାର ବିଷୟ କହି ପୂର୍ବ ସରକାରଙ୍କୁ ଦୋଷାରୋପ କରିଥିଲେ। ସୀମା ବିବାଦ ମାମଲାରେ ପୂର୍ବ ସରକାର ହାରିଯାଇଥିବା ରାଜସ୍ୱ ମନ୍ତ୍ରୀ ପୂଜାରୀ ଗଣମାଧ୍ୟମ ଆଗରେ ଉତ୍ତର ରଖିଥଲେ। ପ୍ରଶ୍ନର ଉତ୍ତର ଦେଇ ମୋ ଅଧ୍ୟକ୍ଷତାରେ ରାଜ୍ୟର ସମସ୍ତ ବିଭାଗର ପ୍ରମୁଖ ଶାସନ ସଚିବଙ୍କୁ ନେଇ ଗଠିତ ଏକ ଅନୁଧ୍ୟାନ କମିଟି କୋଟିଆ ପଞ୍ଚାୟତ ଗସ୍ତ କରିବା କାର୍ଯ୍ୟକ୍ରମ ରହିଛି। ଉକ୍ତ ଟିମ୍‌ର ରିପୋର୍ଟ ହସ୍ତଗତ ହେବା ପରେ କୋଟିଆ ପାଇଁ ଉଚିତ ପଦକ୍ଷେପ ଗ୍ରହଣ କରାଯିବ ବୋଲି ପ୍ରକାଶ କରିଥିଲେ। ଏହାପରେ ବାହାରେ ଅପେକ୍ଷାରତ ଅନ୍ୟ ସୀମାନ୍ତବାସୀଙ୍କ ସହ ଆଲୋଚନା କରିଥିଲେ। ଏହି ସମୟରେ ପଞ୍ଚାୟତର ମାଥଲାମ୍ବା, ସୁଲିଆମାରି, କାତ୍ରାଗୁଡା, ତଳକାଣ୍ଟି ଓ ଗୁମେଲପଦର ଆଦି ଗ୍ରାମରେ ବିଦ୍ୟୁତ୍ ସେବା ପହଞ୍ଚିନାହିଁ। ଏଠାରେ ହୋଇଥିବା ସ୍ୱତନ୍ତ୍ର ଆଦର୍ଶ ବିଦ୍ୟାଳୟରେ ହଷ୍ଟେଲ ବ୍ୟବସ୍ଥା ନାହିଁ, ଏମ୍‌ଜିଏନ୍‌ଆରଇଜିଏସ୍‌ର କୌଣସି କାମ ହେଉ ନ ଥିବା ଏବଂ ଓଡ଼ିଶା ପକ୍ଷରୁ ଯୋଗାଇ ଦିଆଯାଇଥିବା ଆବାସ ଗୃହର ଅର୍ଥ ଅତି କମ୍ ଥିବାରୁ ଏହାକୁ ବଢ଼ାଇବାକୁ ଉପମୁଖ୍ୟମନ୍ତ୍ରୀ ସିଂଦେଓ ଏବଂ ରାଜସ୍ୱ ମନ୍ତ୍ରୀ ପୂଜାରୀଙ୍କୁ ଦାବି କରିଥିଲେ।

## ପ୍ରଥମ ପୃଷ୍ଠାରୁ...

### ରଥଟଣା ବିଳମ୍ବରୁ ...

ନେଇ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ରାଜ୍ୟ ସରକାରଙ୍କୁ କଡ଼ାଭାଷାରେ ସମାଲୋଚନା କରିଛନ୍ତି। ନବୀନ ନିଜ ଏକ୍ସ' ହ୍ୟାଣ୍ଡେଲରେ ପୋଷ୍ଟକରି କହିଛନ୍ତି, ନନ୍ଦିଘୋଷ ରଥଟଣାରେ ଅଯଥା ବିଳମ୍ବ ପାଇଁ ପ୍ରଶାସନକୁ ଦୋଷାରୋପ କିମ୍ବା ଅଙ୍ଗୁଳି ନିର୍ଦ୍ଦେଶ କରିବାକୁ ଆମେ ଚାହୁଁନାହୁଁ। କିନ୍ତୁ ରାଜ୍ୟର ବହୁ କୋଟି ଜଗନ୍ନାଥପ୍ରେମୀଙ୍କ ଏହି ପବିତ୍ର ଉତ୍ସବରେ ଯେଉଁ ଅଘଟଣ ଘଟିଛି, ତାହା ପ୍ରତି ଗଭୀର ଚିନ୍ତା ଓ ଦୁଃଖ ପ୍ରକାଶ ନ କରି ରହି ହେଉନାହିଁ। ଗତବର୍ଷ ଆଡ଼ପ ପହଣ୍ଡି ବିଜେ ସମୟରେ ଭଗବାନ ବଳଭଦ୍ର ପଡ଼ିଯିବା ଘଟଣାକୁ ଏଯାଏ ଆମେ କେହି ଭୁଲିପାରୁ ନାହୁଁ। ଏହା ଏପରି ଏକ ମୁହୂର୍ତ୍ତ ଥିଲା ଯାହା ଅଗଣିତ ଶ୍ରଦ୍ଧାଳୁଙ୍କୁ ମର୍ମାହତ କରିଥିଲା। ଏବର୍ଷ ସମସ୍ତେ ଦେଖିଲେ ନନ୍ଦିଘୋଷ ରଥ ସିଂହଦ୍ୱାର ସାମ୍ନାରେ ସନ୍ଧ୍ୟା ୭ଟା ୪୫ ପର୍ଯ୍ୟନ୍ତ ଅଟକି ରହିଥିଲା। ଦିନ ଶେଷ ହେବା ପୂର୍ବରୁ ମାତ୍ର କିଛି ମିଟର ଗଡ଼େଇ ଦିଆଗଲା। ବିଶ୍ୱର ବିଭିନ୍ନ ପ୍ରାନ୍ତରୁ ଏହି ଅନନ୍ୟ ଉତ୍ସବ ଦେଖିବାକୁ ଆସିଥିବା ଲକ୍ଷାଧିକ ଭକ୍ତଙ୍କୁ ଏହା ସମ୍ପୂର୍ଣ୍ଣ ନିରାଶ ଓ ହତାଶ କରିଛି। ଭିଡ଼ ନିୟନ୍ତ୍ରଣରେ ଅପାରଗତା ହେତୁ ବହୁ ଭକ୍ତ ଆହତ ହୋଇଛନ୍ତି। ଆମେ କେବଳ ଏତିକି ପ୍ରାର୍ଥନା କରିପାରିବା ରଥଯାତ୍ରାର ଏହି ଦିବ୍ୟ ଉତ୍ସବରେ ହୋଇଥିବା ଭୟଙ୍କର ବିଭ୍ରାଟ ତଥା ବିଶୃଙ୍ଖଳା ପାଇଁ ଦାୟୀ ସମସ୍ତଙ୍କୁ ମହାପ୍ରଭୁ ଶ୍ରୀଜଗନ୍ନାଥ କ୍ଷମା କରନ୍ତୁ। ଆଶା କରୁଛୁ, ଏହି ଘଟଣା ସରକାରରେ ଥିବା ସମସ୍ତଙ୍କ ମନରେ ଗଭୀର ଆତ୍ମଚିନ୍ତନ ଆଣିବ। ଚକା ଆଖି ସବୁ ଦେଖୁଛି ବୋଲି ସେ କହିଛନ୍ତି।

- **ବିଭ୍ରାଟ ପାଇଁ ଦାୟୀ ସମସ୍ତଙ୍କୁ ମହାପ୍ରଭୁ କ୍ଷମାକରନ୍ତୁ: ନବୀନ**
- **ଆଦାନୀ ଆସି ରଥ ଟାଣିବେ ବୋଲି ଗୋଟିଏ ଦିନ ବିଳମ୍ବ: ପ୍ରସାଦ**
- **ଯେଉଁମାନେ ରାଜନୀତି କରୁଛନ୍ତି, ଆଜି ନ ହେଲେ କାଲି ଭୋଗିବେ: ଆଇନମନ୍ତ୍ରୀ**

ପ୍ରଦେଶ କଂଗ୍ରେସ କମିଟି(ପିସିସି)ର ପୂର୍ବତନ ସଭାପତି ପ୍ରସାଦ ହରିଚନ୍ଦନ କହିଛନ୍ତି, ଗୌତମ ଆଦାନୀ ଆସି ରଥ ଟାଣିବେ ବୋଲି ନନ୍ଦିଘୋଷ ରଥକୁ ଗୋଟିଏ ଦିନ ବିଳମ୍ବ କରାଗଲା। ବିଭ୍ରାଟ ପ୍ରସଙ୍ଗରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କ ମନ୍ତବ୍ୟ ଏ ଦିଗକୁ ପ୍ରମାଣ କରୁଛି। କେତେଜଣ ଭକ୍ତ ଆସିପାରିଲେ ନାହିଁ। ତେଣୁ ରଥକୁ ଅଟକାଇ ଦିଆଗଲା। ତେବେ ଆଦାନୀଙ୍କ ପାଇଁ ଚଳିତ ଥର ରଥଯାତ୍ରା ପରିଚାଳନା ଦାୟିତ୍ୱ ସରକାରୀ ଦଳ ହାତରେ ଟେକିଦିଆଗଲା। ପହଣ୍ଡି ପର୍ଯ୍ୟନ୍ତ ଠିକ୍ ଥିଲା, ମାତ୍ର ପହଣ୍ଡିରୁ ଛେରା ପହଁରା ମଧ୍ୟରେ ଫରକ ରହିଲା। ଗଜପତି ମହାରାଜା ଦିବ୍ୟସିଂହ ଦେବ ଓ ଆଇନ ମନ୍ତ୍ରୀଙ୍କ କଥା ବାର୍ତ୍ତାରେ ଫରକ୍ ରହିଲା। ଗତବର୍ଷ ବଡ଼ଠାକୁର ପଡ଼ିଯାଇଥିଲେ। ବହୁ ଲୋକ ବି ଆହତ ହୋଇଥିଲେ। ଏ ବର୍ଷ ମଧ୍ୟ ଦଳାଚକଟାରେ ୭୫୦ ଜଣ ଆହତ ହୋଇଛନ୍ତି। ବହୁ ବରିଷ୍ଠ ସାମ୍ବାଦିକ ପୋଲିସ ମାଡ଼ରେ ଆହତ ହୋଇଛନ୍ତି। ରଥଯାତ୍ରାରେ ବିଭ୍ରାଟ ସମସ୍ତଙ୍କୁ ପ୍ରଚଣ୍ଡ ଆଘାତ ଦେଇଛି। ତେଣୁ ପୁରୀ ଜିଲା ଦୌରାଜଜ୍ ତୁରନ୍ତ ନ୍ୟାୟିକ ତଦନ୍ତ କରନ୍ତୁ। ବିନା ପରିଚାଳନା କମିଟିରେ ରଥଯାତ୍ରା ହେଲା। ତେଣୁ ନୀଳାଦ୍ରିବିଜେର ୧୦ ଦିନ ପରେ ନ୍ୟାୟିକ ତଦନ୍ତ ହେଉ। ଦୋଷୀ ସାବ୍ୟସ୍ତ ହେଲେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯାଉ ବୋଲି ସେ କହିଛନ୍ତି।

ରଥଯାତ୍ରା ଅବସରରେ ରଥଟଣାରେ ବିଳମ୍ବ ସହ ଜଗନ୍ନାଥଙ୍କ ନନ୍ଦଘୋଷ ସନ୍ଧ୍ୟା ୭ଟା ୪୫ ପର୍ଯ୍ୟନ୍ତ ଛିଡ଼ାହୋଇ ରହିବାକୁ ନେଇ ବିରୋଧୀଙ୍କ ମନ୍ତବ୍ୟ ଉପରେ ପ୍ରତିକ୍ରିୟା ଦେଇ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି, ବିରୋଧୀ କୁତ୍ସିତ ରାଜନୀତି କରୁଛନ୍ତି। ଜଣ୍ଡିସ୍ ହୋଇଥିବା ଲୋକଙ୍କୁ ମହାପ୍ରଭୁଙ୍କ ଲୀଳା ରାଜନୀତି ପରି ଲାଗୁଛି। କିନ୍ତୁ ମନେରଖିବା ଉଚିତ, ଅତୀତରେ ସେମାନେ ତ୍ରୁଟିକରି ମହାପ୍ରଭୁଙ୍କୁ ଅପମାନିତ କରିଛନ୍ତି। ତାଙ୍କ ଦେଖିବାରେ ୧୯୭୭ ମସିହାଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ପ୍ରଥମ ଦିନରେ ୩ ରଥ ପହଞ୍ଚିନାହିଁ। ଅଧିକାଂଶ ବର୍ଷ ରଥ ଦ୍ୱିତୀୟ ଦିନରେ ଶରଧାବାଲିରେ ପହଞ୍ଚିଥାନ୍ତି। ଯେଉଁମାନେ ରାଜନୀତି କରୁଛନ୍ତି, ଆଜି ନ ହେଲେ କାଲି ଭୋଗିବେ ବୋଲି ଆଇନମନ୍ତ୍ରୀ କହିଛନ୍ତି।

### ପରାଗ ଜୈନ...

ସ୍ଥାନରେ ସେ ଅବସ୍ଥାପିତ ହେବେ। ତାଙ୍କ କାର୍ଯ୍ୟକାଳ ୨ ବର୍ଷ ରହିବ ବୋଲି କେନ୍ଦ୍ର ସରକାରଙ୍କ ପକ୍ଷରୁ ଜାରି ଏକ ବିବୃତିରେ କୁହାଯାଇଛି। ବିବୃତି ଅନୁସାରେ ପରାଗ ଜୈନଙ୍କୁ ର' ସଚିବ ପଦରେ ନିଯୁକ୍ତି ପ୍ରଦାନ ପ୍ରସ୍ତାବକୁ କ୍ୟାବିନେଟ୍ ସମ୍ପର୍କିତ ନିଯୁକ୍ତି କମିଟି ଅନୁମୋଦନ କରିଛି। ସେ କ୍ୟାବିନେଟ ସେକ୍ରେଟାରିଏଟ୍ ଅଧୀନରେ ଦାୟିତ୍ୱ ନେବା ଦିନଠାରୁ ୨ ବର୍ଷ ପାଇଁ କାର୍ଯ୍ୟ କରିବେ। ଏହା ପୂର୍ବରୁ ପରାଗ ସିଗିଣ୍ଟ ଅପରେଶନ୍ସ, ଫଟୋ ରେକନ୍ନିଏନ୍ସ ଫ୍ଲାଇଟ୍ସ (ପିଏର୍‌ଓଟିଆଇଏନ୍‌ଟି), ମନିଟରିଂ ଅଫ୍ ବର୍ଡର ଆଣ୍ଡ୍ ଇମେଜେରି ଇଣ୍ଟେଲିଜେନ୍ସ (ଆଇଏମ୍‌ଆଇଏନ୍‌ଟି) ଆଦି ବୁଝୁଥିବା ସଂସ୍ଥା ଏରିଏଲ୍ ସର୍ଭିଲାନ୍ସ ମୁଖ୍ୟ ଭାବେ କାର୍ଯ୍ୟ କରୁଥିଲେ। ଭାରତୀୟ ସଶସ୍ତ୍ର ବଳ ପକ୍ଷରୁ ପାକିସ୍ତାନ ଓ ପାକ୍-ଅଧିକୃତ କଶ୍ମୀର (ପିଓକେ)ରେ 'ଅପରେଶନ୍ ସିନ୍ଦୂର' କରାଯାଇ ଆତଙ୍କବାଦୀଙ୍କ ଭିତ୍ତିଭୂମିକୁ ଧ୍ୱସ୍ତବିଧ୍ୱସ୍ତ କରାଯାଇଥିଲା। ଏହି ଅପରେଶନ୍ ପଛରେ ପରାଗଙ୍କ ଭୂମିକାକୁ ବଡ଼ ଶ୍ରେୟ ଦିଆଯାଉଛି। ଜମ୍ମୁ-କଶ୍ମୀରରେ ସୁରକ୍ଷା ଅପରେଶନ୍‌ଗୁଡ଼ିକରେ ମଧ୍ୟ ତାଙ୍କର ବିସ୍ତୃତ ଅଭିଜ୍ଞତା ରହିଛି। ୨୦୨୧ ଜାନୁଆରୀ ୧ରେ ପରାଗଙ୍କୁ ପୋଲିସ ମହାନିର୍ଦ୍ଦେଶକ (ଡିଜିପି) ପାହ୍ୟାକୁ ପଦୋନ୍ନତି ମିଳିଥିଲା।

### ବସ୍ ଧକ୍କାରେ ...

୩ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏହି ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଦୁଃଖ ପ୍ରକାଶ କରିଛନ୍ତି। ମୃତକଙ୍କ ଶୋକସନ୍ତପ୍ତ ପରିବାରବର୍ଗଙ୍କ ପ୍ରତି


ରିମିଝିମ୍ ପ୍ରିୟଦର୍ଶନୀ ସାହୁ


ଏଲିନା ଦାଶ


କାଜଲ ଦାଶ

ସମବେଦନା ଜଣାଇବା ସହ ପ୍ରତିମୃତାଙ୍କ ନିକଟତମ ଆତ୍ମୀୟଙ୍କ ପାଇଁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୪ ଲକ୍ଷ ଲେଖାଏ ଅନୁକମ୍ପାମୂଳକ ସହାୟତା ଘୋଷଣା କରିଛନ୍ତି।

ମିଳିଥିବା ସୂଚନାନୁସାରେ, ସ୍କୁଟି ଯୋଗେ ୩ଜଣ ଛାତ୍ରୀ ରଥଯାତ୍ରା ଦେଖିବାକୁ ପୁରୀ ଯାଉଥିଲେ। ଅପରାହ୍ନ ୩ଟାରେ ତରାକାଜ ଓଭରବ୍ରିଜ୍ ନିକଟରେ ସ୍କୁଟିକୁ ଏକ ବାଇକ୍ ସାଇଡ୍ ମାରିବାରୁ ସେମାନେ ଛିଟିକି ଯାଇ ରାସ୍ତାରେ ପଡ଼ିଥିଲେ। ଏହି ସମୟରେ ପଛରୁ ଆସୁଥିବା ଏକ ଆମ ବସ୍ (ନଂ. ଓଡି ୧୩ କିୟୁ ୧୮୮୩) ସେମାନଙ୍କ ଉପରେ ମାଡ଼ିଯାଇଥିଲା। ସ୍ଥାନୀୟ ଲୋକଙ୍କ ସହଯୋଗରେ ପୋଲିସ ଗୁରୁତରଙ୍କୁ ସେଠାରୁ ଉଦ୍ଧାର କରି ପିପିଲି ମେଡିକାଲକୁ ଚିକିତ୍ସା ପାଇଁ ନେଇଥିଲା। ଡାକ୍ତର ସେଠାରେ ୩ଜଣଙ୍କୁ ମୃତ ଘୋଷଣା କରିଥିଲେ। ଧକ୍କା ଦେଇଥିବା ବସ୍‌ଟି ଘଟଣାସ୍ଥଳରୁ ଫେରାର ହୋଇଯାଇଛି। ମୃତାଙ୍କ ସମ୍ପର୍କୀୟ ପିପିଲି ମେଡିକାଲରେ ପହଞ୍ଚି ବେପରୁଆ ବସ୍ ଡ୍ରାଇଭରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ଦୁର୍ଘଟଣା ପରେ କିଛି ସମୟ ପାଇଁ ରାସ୍ତା ଜାମ୍ ହୋଇଥିବାବେଳେ ଉତ୍ତେଜନା ପ୍ରକାଶ ପାଇଥିଲା। ପିପିଲି ଏସ୍‌ଡିପିଓ ଦେବାଶିଷ ମିଶ୍ର, ଥାନା ଅଧିକାରୀ ସୌମେନ୍ଦୁ ଶେଖର ତ୍ରିପାଠୀ, ତହସିଲଦାର ହୃଷୀକେଶ ତ୍ରିପାଠୀ ପ୍ରମୁଖ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିବା ପରେ ଟ୍ରାଫିକ୍ ସମସ୍ୟା ନିୟନ୍ତ୍ରଣକୁ ଆସିଥିଲା।

# ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କ ଉପରେ ରହିବ ଫୋକସ: ଜଷ୍ଟିସ୍ ପଶାୟତ

## ସେପ୍ଟେମ୍ବରରେ ପରବର୍ତ୍ତୀ ବୈଠକ ଅହମଦାବାଦରେ ହେବ ଏସ୍ଆଇଟିର ଗୁରୁତ୍ୱପୂର୍ଣ୍ଣ ବୈଠକ


ଜଷ୍ଟିସ୍ ଅରିଜିତ୍ ପଶାୟତଙ୍କ ବାସଭବନରେ ଅନୁଷ୍ଠିତ ବୈଠକରେ ଯୋଗଦେବାକୁ ପଦାଧିକାରୀମାନେ ଯାଉଛନ୍ତି।

**କଟକ,୨୮।୬(କାର୍ତ୍ତିକ ସାହୁ)**

କଳାଧନ କାରବାର ରୋକିବାକୁ ଗଠିତ ସ୍ୱତନ୍ତ୍ର ତଦନ୍ତକାରୀ ଦଳ (ଏସ୍ଆଇଟି)ର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ କଟକରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏସ୍ଆଇଟି ଉପାଧ୍ୟକ୍ଷ ଜଷ୍ଟିସ୍ ଅରିଜିତ୍ ପଶାୟତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ କେନ୍ଦ୍ର ଓ ରାଜ୍ୟର ବହୁ ଗୁରୁତ୍ୱପୂର୍ଣ୍ଣ ଏଜେନସି ଓ ବିଭାଗର ଅଧିକାରୀଙ୍କ ସହ ବିହାର ଓ ଝାଡ଼ଖଣ୍ଡ ପୋଲିସର ବରିଷ୍ଠ ଅଧିକାରୀ ଯୋଗଦେଇଥିଲେ। ଇଡି, ଆୟକର ବିଭାଗ, ନାର୍କୋଟିକ୍ସ, ଭିଜିଲାନ୍ସ, କ୍ରାଇମବ୍ରାଞ୍ଚ, ଓଡ଼ିଶା ପୋଲିସ, ଜିଏସ୍ଟି ଓ ଖଣି ବିଭାଗର ଅଧିକାରୀମାନେ ଯୋଗଦେଇ ନିଶା କାରବାରରେ ଯୁବପିଢି ଅଧିକ ସାମିଲ ହୋଇଥିବାରୁ ଏବଂ ଏଥିରେ ସର୍ବାଧିକ ବେଆଇନ ଅର୍ଥ କାରବାର ହେଉଥିବାରୁ ଏହାକୁ ରୋକିବା ଉପରେ ଫୋକସ କରିବାକୁ ନିଷ୍ପତ୍ତି ହୋଇଥିଲା। ସେହିପରି ସର୍ବଭାରତୀୟ ସ୍ତରର ଅଧିକାରୀ ଅଧିକରୁ ଅଧିକ ଏବେ ଦୁର୍ନୀତିରେ ଜଡିତ ହୋଇ ଧରା ପଡୁଥିବାରୁ ଆଗକୁ ଫୋକସ ତା ଉପରେ ରହିବ ବୋଲି ଜଷ୍ଟିସ୍ ପଶାୟତ କହିଛନ୍ତି। ଆସନ୍ତା ସେପ୍ଟେମ୍ବରରେ ଏସ୍ଆଇଟିର ପରବର୍ତ୍ତୀ ବୈଠକ ଅହମଦାବାଦରେ ହେବ। ଏହା ପରେ ସୁପ୍ରିମକୋର୍ଟଙ୍କୁ ଦଶମ ରିପୋର୍ଟ ପ୍ରଦାନ କରାଯିବ ବୋଲି ଜଷ୍ଟିସ ପଶାୟତ କହିଛନ୍ତି। ସିଆଇଡି ଏଏସ୍ପି ଅଜୟ କୁମାର, ବରିଷ୍ଠ ପୋଲିସ ଅଧିକାରୀ ବିନୟ ତୋଷ ମିଶ୍ର, ଡିଆର୍ଆଇ ଡିଜି ଅଭୟ କୁମାର ଶ୍ରୀବାସ୍ତବ, ଡିଜି ରାଜେନ୍ଦ୍ର ସିଂହ, ଆଇଆର୍ଏସ୍ ପ୍ରଶାନ୍ତ ସାଗର, ଆନନ୍ଦ ବଇୱାର, ଅରୁଣ ଶେଖାୱାତଙ୍କ ସମେତ ବହୁ ଅଧିକାରୀ ଯୋଗଦେଇଥିଲେ।

## ୨ ଲଘୁଚାପ: ୪ ଯାଏ ପ୍ରବଳ ବର୍ଷା

**ଭୁବନେଶ୍ୱର,୨୮।୬(ଅନୁରାଧା ମହାରଣା):** ଗୁଜରାଟର ସୌରାଷ୍ଟ୍ର ଓ କଚ୍ଛର ଦକ୍ଷିଣ ଭାଗ ଏବଂ ପାର୍ଶ୍ୱବର୍ତ୍ତୀ ଉତ୍ତରପୂର୍ବ ଆରବସାଗର ଅଞ୍ଚଳରେ ବାୟୁମଣ୍ଡଳରେ ଘୂର୍ଣ୍ଣିବଳୟ ସକ୍ରିୟ ରହିଛି। ଏହା ଘନୀଭୂତ ହୋଇ ରବିବାର ସମାନ ଅଞ୍ଚଳରେ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି। ସେହିପରି ଦେଶର ପୂର୍ବ ଭାଗରେ ଉତ୍ତର-ବଙ୍ଗୋପସାଗର ପାର୍ଶ୍ୱବର୍ତ୍ତୀ ବାଂଲାଦେଶ ଏବଂ ପଶ୍ଚିମବଙ୍ଗ ଉପକୂଳସ୍ଥ ବାୟୁମଣ୍ଡଳରେ ଆଉ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବ ଓ ୩୦ ତାରିଖରେ ସମାନ ଅଞ୍ଚଳରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହି ୨ ଲଘୁଚାପ ପ୍ରଭାବରେ ଆସନ୍ତା ୪ ତାରିଖ ପର୍ଯ୍ୟନ୍ତ ସାରା ରାଜ୍ୟରେ ପ୍ରବଳ ବର୍ଷା ହେବ। ଏନେଇ ଶନିବାର ପାଣିପାଗ ବିଭାଗ ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି। ଅଧିକ ବର୍ଷା ନେଇ ବହୁ ଜିଲାକୁ ଅରେଞ୍ଜ ଓ ୟେଲୋ ୱାର୍ନିଂ ଦିଆଯାଇଛି। ରବିବାର ୧୬ ଜିଲା ପାଇଁ ୟେଲୋ ୱାର୍ନିଂ ଜାରି କରାଯାଇଛି।

# ମହାପ୍ରଭୁଙ୍କୁ ଦର୍ଶନ କଲେ ଆଦାନୀ ପରିବାର



**ପୁରୀ,୨୮।୬(ଅଜିତ୍ କୁମାର ମହାନ୍ତି)**

ବିଶିଷ୍ଟ ଶିଳ୍ପପତି ତଥା ଆଦାନୀ ଗ୍ରୁପ୍ ଅଧ୍ୟକ୍ଷ ଗୌତମ ଆଦାନୀ ଶନିବାର ଶ୍ରୀଗୁଣ୍ଡିଚା ମନ୍ଦିର ସମ୍ମୁଖରେ ରଥାରୂଢ଼ ଚତୁର୍ଦ୍ଧା ବିଗ୍ରହଙ୍କୁ ଦର୍ଶନ କରିଛନ୍ତି। ଗୌତମ ତାଙ୍କ ସ୍ତ୍ରୀ ପ୍ରୀତି ଆଦାନୀ ଏବଂ ପୁଅ କରନ ଆଦାନୀଙ୍କ ସହ ମହାପ୍ରଭୁଙ୍କୁ ଦର୍ଶନ କରିବା ସହ ଭାବବିହ୍ୱଳ ହୋଇପଡ଼ିଥିଲେ। ଏହି ଅବସରରେ ସେ କହିଥିଲେ, ଭଗବାନ ଜଗନ୍ନାଥଙ୍କ କୃପାରୁ ସବୁକିଛି ପାଇଛି। ମୋ ପାଖରେ କିଛି ନ ଥିଲା। ହେଲେ ଲୋକମାନଙ୍କ ଭଲପାଇବା ଏବଂ ଭଗବାନଙ୍କ ଆଶୀର୍ବାଦରୁ ଏବେ ମୋ ପାଖରେ ସବୁ କିଛି ଅଛି। ଦେଶର ଉଜ୍ଜ୍ୱଳ ଭବିଷ୍ୟତ ଏବଂ ଓଡ଼ିଶାର ବିକାଶ ପାଇଁ ମୁଁ ପ୍ରଭୁ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରିଛି। ଆମ ଦେଶ ପ୍ରଗତିର ଶୀର୍ଷରେ ପହଞ୍ଚିବା ସହ ଏହାର ସୁଫଳ ସମସ୍ତ ଜନସାଧାରଣ ପାଆନ୍ତୁ ବୋଲି ଆଦାନୀ କହିଛନ୍ତି।

ଗୌତମ ପରିବାର ସହ ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିବାପରେ ପୁରୀ ଯାଇଥିଲେ। ସେଠାରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରିବା ସହ ପୁରୀ ରଥଯାତ୍ରାକୁ ଦେଶର ମୁଖ୍ୟ ପର୍ବ ବୋଲି କହିଥିଲେ। ରଥଯାତ୍ରା ବିଶ୍ୱାସ, ସେବା ଏବଂ ଏକତାର ପ୍ରତୀକ, ଯାହା ମନ, ବୁଦ୍ଧି ଏବଂ ଆତ୍ମାକୁ ଏକକାର କରିଥାଏ। ସେ ରଥରେ ପ୍ରଭୁଙ୍କୁ ଦର୍ଶନ କରି ନିଜକୁ ଅତ୍ୟନ୍ତ ସୌଭାଗ୍ୟବାନ୍ ମନେକରୁଛନ୍ତି। ଏହା ତାଙ୍କ ଜୀବନର ଏକ ଦୁର୍ଲଭ ମୁହୂର୍ତ୍ତ ବୋଲି କହିଥିଲେ। ଏଭଳି ଏକ ପବିତ୍ର ଉତ୍ସବକୁ ସୁଚାରୁରୂପେ ପାଳନ କରିଥିବାରୁ ସେ ରାଜ୍ୟ ସରକାରଙ୍କୁ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଆଦାନୀ ଗ୍ରୁପ୍ ପକ୍ଷରୁ ପୁରୀରେ ଖୋଲାଯାଇଥିବା ପ୍ରସାଦ ବଣ୍ଟନ କେନ୍ଦ୍ରକୁ ଗୌତମ ଆଦାନୀ ଯାଇ ଶ୍ରଦ୍ଧାଳୁମାନଙ୍କୁ ପ୍ରସାଦ ବାଣ୍ଟିଥିଲେ। ଏହି ସେବା ଜୁନ୍ ୨୬ରୁ ଜୁଲାଇ ୮ତାରିଖ ପର୍ଯ୍ୟନ୍ତ ଚାଲିବ। ଶ୍ରଦ୍ଧାଳୁମାନଙ୍କୁ ମାଗଣା ପ୍ରସାଦ ବଣ୍ଟାଯାଉଛି। ଗୌତମ ପ୍ରସାଦ ପ୍ରସ୍ତୁତ ହେଉଥିବା କେନ୍ଦ୍ରକୁ ମଧ୍ୟ ବୁଲି ଦେଖିଥିଲେ।

# ଯୁବଗୋଷ୍ଠୀ ହିଁ ବିକଶିତ ଭାରତର ଆଧାର



**ଭୁବନେଶ୍ୱର,୨୮।୬(ସୁଚିସ୍ମିତା ସାହୁ)**

### ଓୟୁଏଟି କୃଷି ମହାବିଦ୍ୟାଳୟର ବାର୍ଷିକ ଉତ୍ସବ

ଯୁବ ଗୋଷ୍ଠୀ ହିଁ ବିକଶିତ ଭାରତର ଆଧାର। ଛାତ୍ରୀଛାତ୍ରଙ୍କ ଅନ୍ତର୍ନିହିତ କୌଶଳର ସଦୁପଯୋଗରେ ଶିକ୍ଷା ଓ ଗବେଷଣା କ୍ଷେତ୍ରରେ ନୂତନ ଦିଗନ୍ତ ସୃଷ୍ଟିହେବ ବୋଲି ଓୟୁଏଟି କୃଷି ମହାବିଦ୍ୟାଳୟର ୬୧ତମ ବାର୍ଷିକ ଉତ୍ସବରେ ଅତିଥିମାନେ ମତପ୍ରକାଶ କରିଛନ୍ତି। ସମ୍ମାନିତ ଅତିଥି ଭାବେ ଏକାମ୍ର ବିଧାୟକ ବାବୁ ସିଂ ଓ ମୁଖ୍ୟବକ୍ତା ଭାବେ ଭିଏସ୍ଏସ୍ୟୁଟି ବିଶ୍ୱବିଦ୍ୟାଳୟ କୁଳପତି ଦୀପକ କୁମାର ସାହୁ ଯୋଗଦେଇଥିଲେ। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳ ଅଧ୍ୟକ୍ଷତା କରି କହିଲେ, ଛାତ୍ର ଜୀବନରେ ଶୃଙ୍ଖଳା ଆବଶ୍ୟକ। ଯୁବ ଗୋଷ୍ଠୀ ସଶକ୍ତ ହେଲେ ହିଁ ଦେଶର ବିକାଶ ସମ୍ଭବ। କୌଶଳଭିତ୍ତିକ ଶିକ୍ଷାର ମହତ୍ତ୍ୱ ରହିଥିବା ସେ କହିଥିଲେ। ଏହି ଅବସରରେ କୁଳପତି 'ଛାତ୍ର ସଂସଦ ସ୍ମରଣିକା' ଓ କୃଷି ପ୍ରାବନ୍ଧିକ ନଟବର ଖୁଣ୍ଟିଆଙ୍କ ରଚିତ 'କୃଷି ମହାବିଦ୍ୟାଳୟ – ଜଣେ ଛାତ୍ରର ସ୍ମୃତି' ପୁସ୍ତକକୁ ଉନ୍ମୋଚନ କରିଥିଲେ। ଛାତ୍ର କମିଟିରେ ପରିଚାଳନା ଅଧ୍ୟକ୍ଷ ରାମକୃଷ୍ଣ ପ୍ରତାପ ସିଂ ବାର୍ଷିକ ବିବରଣୀ ପାଠ କରିଥିଲେ। କୃଷି ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଫେସର ହୃଷୀକେଶ ପାତ୍ର ସ୍ୱାଗତ ଭାଷଣ ଓ ଛାତ୍ର ସଂସଦର ଉପଦେଷ୍ଟା ପ୍ରଫେସର ରବୀନ୍ଦ୍ର କୁମାର ନାୟକ ଧନ୍ୟବାଦ ଦେଇଥିଲେ।

# ୬ ମାଓବାଦୀଙ୍କ ଆତ୍ମସମର୍ପଣ

**ମାଲକାନଗିରି,୨୮।୬(ଦୁର୍ଯ୍ୟୋଧନ ପାତ୍ର)**


ଛତିଶଗଡ଼ ନାରାୟଣପୁର ଜିଲା ପୋଲିସ ନିକଟରେ ୬ ମାଓବାଦୀ ଶନିବାର ଆତ୍ମସମର୍ପଣ କରିଛନ୍ତି। ଏମାନଙ୍କ ମଧ୍ୟରୁ ୪ ମହିଳା ଓ ୨ଜଣ ପୁରୁଷ ଥିବା ବେଳେ ସମସ୍ତେ ବିଏସ୍ଏଫ୍ ୧୫ ବାହିନୀ କମାଣ୍ଡାଣ୍ଟ ନବଲ ସିଂ ଓ ୫୩ ବାହିନୀ କମାଣ୍ଡାଣ୍ଟ ସଞ୍ଜୟ କୁମାରଙ୍କ ନିକଟରେ ଆତ୍ମସମର୍ପଣ କରିଛନ୍ତି। ସେମାନଙ୍କ ମଧ୍ୟରୁ ୫ ଲକ୍ଷ ପୁରସ୍କାର ଘୋଷିତ ଧନାୟ ହଲାମି, ୧ ଲକ୍ଷ ପୁରସ୍କାର ଘୋଷିତ ଦଶମତୀ କେବାଚି, ସୁକାୟ ଓରଫ ରୋଶନୀ ପୋୟାମ, ଚେତରାମ ଉସେଣ୍ଡି ଓରଫ ରୁଷି, ଗାଙ୍ଗୁ ପୋୟାମ, ଶାରୀ ଓରଫ ଗାଗରି କେବାଚୀ ରହିଛନ୍ତି। ଏମାନେ କହିଛନ୍ତି, ବର୍ତ୍ତମାନ ଛତିଶଗଡ଼ ସରକାର ଓ ପୋଲିସ ଦ୍ୱାରା ବିଭିନ୍ନ ସ୍ଥାନରେ କୋମ୍ବିଂ ସହ ମାଓବାଦୀଙ୍କ ଉପରେ ଆକ୍ରମଣ, ଟପ୍ କ୍ୟାଡରଙ୍କ ମୃତ୍ୟୁ ହେବା ଫଳରେ ସଂଗଠନ ପ୍ରାୟତଃ ଭୁଶୁଡ଼ିବା ସହ ଏଥିରେ ପୂର୍ବ ଆଦର୍ଶ ନ ଥିବା ଓ ଛତିଶଗଡ଼ ସରକାରଙ୍କ ଦ୍ୱାରା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ହେଉଥିବାରୁ ସେଥିରେ ଅନୁପ୍ରାଣିତ ହୋଇ ଏହି ୬ ଜଣ ଆତ୍ମସମର୍ପଣ କରିଥିବା କହିଛନ୍ତି। ନାରାୟଣପୁର ପୋଲିସ ତରଫରୁ ସମସ୍ତଙ୍କୁ ୫୦ ହଜାର ଟଙ୍କା ଲେଖାଏ ସହାୟତା ରାଶି ପ୍ରଦାନ କରାଯାଇଛି।



ଆତ୍ମସମର୍ପଣ କରିଥିବା ମାଓବାଦୀ।

# ତଥ୍ୟ ବ୍ୟବହାର କରି ନିଷ୍ପତ୍ତି

**ଆଜି ରାଷ୍ଟ୍ରୀୟ ପରିସଂଖ୍ୟାନ ଦିବସ**




ରାଷ୍ଟ୍ରୀୟ ପରିସଂଖ୍ୟାନ ଦିବସ,୨୦୦୭ ମସିହାରୁ ପ୍ରତିବର୍ଷ ଜୁନ୍ ୨୯ରେ ପାଳିତ ହୋଇଆସୁଛି। ଏହି ଦିବସ ପ୍ରଖ୍ୟାତ ପରିସଂଖ୍ୟାନବିତ୍ ପ୍ରଶାନ୍ତ ଚନ୍ଦ୍ର ମହାଲାନୋବିସ୍‌ଙ୍କର ଜନ୍ମଦିନ। ଆମଦେଶର ପରିସଂଖ୍ୟାନ ପ୍ରଣାଳୀର ସୂତ୍ରଧର ଭାବେ ତାଙ୍କୁ ଅଭିହିତ କରାଯାଏ। ଭାରତୀୟ ପରିସଂଖ୍ୟାନ ସଂସ୍ଥାନ(ଇଣ୍ଡିଆନ ଷ୍ଟାଟିଷ୍ଟିକାଲ ଇନ୍‌ଷ୍ଟିଚ୍ୟୁଶନ)ପ୍ରତିଷ୍ଠାରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିଲା। ୧୮୯୩ ଜୁନ୍ ୨୯ରେ କୋଲକାତାଠାରେ ତାଙ୍କର ଜନ୍ମ ହୋଇଥିଲା। ୧୯୭୨ ଜୁନ୍ ୨୮ରେ ଦ୍ୱିତୀୟ ପଞ୍ଚବାର୍ଷିକ ଯୋଜନାର ସୂତ୍ରଧର ଭାବେ ପରିଚିତ ମହାଲାନୋବିସ୍‌ଙ୍କର ମୃତ୍ୟୁ ଘଟିଥିଲା। ଏହି ଦିବସର ପାଳନର ଲକ୍ଷ୍ୟ ହେଉଛି ସାମାଜିକ- ଆର୍ଥିକ ନିୟୋଜନ, ନୀତି ନିର୍ଦ୍ଧାରଣ ଏବଂ ଯୁବବର୍ଗଙ୍କୁ ସଚେତନ ଲାଗି ପ୍ରୋତ୍ସାହନ ଦେବା। ଚଳିତ ବର୍ଷ ଏହି ଦିବସ ଲାଗି ଥିମ୍ ରହିଛି: 'ତଥ୍ୟ ବ୍ୟବହାର କରି ନିଷ୍ପତ୍ତି ନେବା'।

# ୨୯କୁ 'ଅସ୍ମିତା ଦିବସ' ଭାବେ ପାଳନ କରିବାକୁ ମୁଖ୍ୟମନ୍ତ୍ରୀଙ୍କୁ ପତ୍ର

**ଭୁବନେଶ୍ୱର,୨୮।୬(ବନ୍ଦନା ସେଠୀ)**

୧୪୩୫ ଜୁନ୍ ୨୯ରେ ଗଜପତି କପିଳେନ୍ଦ୍ର ଦେବ ନିଜ ସିଂହାସନ ଆରୋହଣ ଅବସରରେ ''ମୋ ଜାତି ଓଡ଼ିଆ, ମୋ ଭାଷା ଓଡ଼ିଆ, ମୋ ରାଜ୍ୟର ନାମ ଓଡ଼ିଶା ଓ ଓଡ଼ିଶାର ରାଷ୍ଟ୍ର ଦେବତା ଶ୍ରୀଜଗନ୍ନାଥ'' ବୋଲି ଘୋଷଣା କରିଥିଲେ। ଇତିମଧ୍ୟରେ ୯୯୦ବର୍ଷ ବିତିଯାଇଥିଲେ ସୁଦ୍ଧା ଏ ଜାତି କୃତଜ୍ଞତା ସ୍ୱରୂପ ଜୁନ୍ ୨୯କୁ 'ଅସ୍ମିତା ଦିବସ' ଭାବରେ ପାଳନ କରିପାରିଲା ନାହିଁ। ତେଣୁ ପ୍ରତିବର୍ଷ ଏହି ଦିନକୁ 'ଓଡ଼ିଆ ଅସ୍ମିତା' ଦିବସ ଭାବେ ପାଳନ କରିବାକୁ ଓଡ଼ିଆ ଅସ୍ମିତା ପରିଷଦ ପକ୍ଷରୁ ଦାବି କରାଯାଇଛି। ଏନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କୁ ପରିଷଦର ଆବାହକ ରବି ବେହେରା ପତ୍ର ଲେଖିଛନ୍ତି। ଗଜପତି ଏ ରାଜ୍ୟକୁ ପରିଚୟ ସହିତ ସ୍ୱାଭିମାନ ଦେଲେ। ଓଡ଼ିଆ ଭାଷାକୁ ଏକ ସ୍ୱତନ୍ତ୍ର ପରିଚୟ ଦେଇ ସରକାରୀ ଭାଷା ଭାବରେ ଘୋଷଣା କଲେ। ମାତ୍ର ତାଙ୍କୁ ଉଚିତ ସମ୍ମାନ ମିଳିପାରିଲା ନାହିଁ। ସେହିପରି ସମ୍ପୃକ୍ତ ଦିନଟିକୁ ଏକ ସ୍ମରଣୀୟ ଦିବସ ଭାବେ ମଧ୍ୟ ପାଳନ କରାଯାଉନାହିଁ। ରାଜ୍ୟ ସରକାର ଓଡ଼ିଆ ଅସ୍ମିତାର ସୁରକ୍ଷା ତଥା ଏହାର ପ୍ରଚାର ଓ ପ୍ରସାର ପାଇଁ ରାଜ୍ୟସ୍ତରରେ ଏବଂ ଜିଲାସ୍ତରରେ ଅସ୍ମିତା ଭବନ ନିର୍ମାଣ କରିବାକୁ ସ୍ୱତନ୍ତ୍ର ପାଣ୍ଠିର ବ୍ୟବସ୍ଥା କରିଛନ୍ତି। ଏହା ସ୍ୱାଗତଯୋଗ୍ୟ ପଦକ୍ଷେପ ହୋଇଥିବାବେଳେ ଏନେଇ ମୁଖ୍ୟମନ୍ତ୍ରୀ ଓ ସଂସ୍କୃତିମନ୍ତ୍ରୀଙ୍କୁ ପରିଷଦ ପକ୍ଷରୁ ଧନ୍ୟବାଦ ଜଣାଯାଇଛି।

# କୋଟିଆରେ ୪ ମନ୍ତ୍ରୀଙ୍କ ସହ ରଥ ଟାଣିଲେ ଉପମୁଖ୍ୟମନ୍ତ୍ରୀ


କୋଟିଆରେ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ ଏବଂ ଅନ୍ୟମନ୍ତ୍ରୀମାନେ ରଥ ଟାଣୁଛନ୍ତି।

**ପଟ୍ଟାଙ୍ଗି,୨୮।୬(ଶରତ କୁମାର ଧଳ)**

ପୁରୀରେ ରୀତିନୀତି ଅନୁଯାୟୀ ୩ ଠାକୁରଙ୍କ ରଥଯାତ୍ରା ପାଳନ ହୋଇଥିବା ବେଳେ ଏହାର ଗୋଟିଏ ଦିନ ପରେ କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ୍ ସୀମାନ୍ତ କୋଟିଆ ପଞ୍ଚାୟତରେ ରଥଟଣା କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓଙ୍କ ସମେତ ରାଜସ୍ୱ ଓ ବିପର୍ଯ୍ୟୟ ମନ୍ତ୍ରୀ ସୁରେଶ ପୂଜାରୀ, ବାଣିଜ୍ୟ ପରିବହନ, ଇସ୍ପାତ ଓ ଖଣି ମନ୍ତ୍ରୀ ବିଭୂତି ଭୂଷଣ ଜେନା, ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ, କ୍ଷୁଦ୍ର ଉଦ୍ୟୋଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, କୋରାପୁଟ ଏମ୍ପି ସପ୍ତଗିରି ଉଲକା, ପଟ୍ଟାଙ୍ଗି ବିଧାୟକ ରାମଚନ୍ଦ୍ର କାଡାମ, କୋରାପୁଟ ବିଧାୟକ ରଘୁରାମ ମାଛ, ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି, ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉଁତା, କୋଟପାଡ଼ ବିଧାୟକ ରୂପୁ ଭତ୍ରା, ମାଲକାନଗିରି ବିଧାୟକ ନରସିଂହ ମାଡକାମୀ, ଜିଲାପାଳ ଭି.କୀର୍ତ୍ତିୱାସନ ଓ ଏସ୍ପି ରୋହିତ ଭର୍ମା ପ୍ରମୁଖ ଏଥିରେ ଯୋଗଦେଇଥିଲେ। ଉପମୁଖ୍ୟମନ୍ତ୍ରୀ ସିଂଦେଓ ଏବଂ ଅନ୍ୟ ମନ୍ତ୍ରୀ, ଏମ୍ପି ଓ ବିଧାୟକମାନେ ରଥ ଟାଣି ଅଙ୍ଗନୱାଡି କେନ୍ଦ୍ରର ଅସ୍ଥାୟୀ ଗୁଣ୍ଡିଚା ମନ୍ଦିରରେ ପହଞ୍ଚାଇଥିଲେ। ୩ ଠାକୁରଙ୍କ ପହଣ୍ଡିରେ ଅଂଶଗ୍ରହଣ କରିଥିଲେ। ସମସ୍ତେ କୋଟିଆ ଜଗନ୍ନାଥ ମନ୍ଦିର ପରିଦର୍ଶନକରି ପାରିପାର୍ଶ୍ୱିକ ସ୍ଥିତି ଅନୁଧ୍ୟାନ କରିଥିଲେ। ଥାନା ନିକଟରେ ନବନିର୍ମିତ ଗେଷ୍ଟ ହାଉସ୍ ଉଦ୍‌ଘାଟନ କରିଥିଲେ। କୋରାପୁଟ ଫେରିବା ବେଳେ ଦେଓମାଳି ପର୍ଯ୍ୟଟନସ୍ଥଳୀ ପରିଦର୍ଶନକରି ଉନ୍ନୟନମୂଳକ କାର୍ଯ୍ୟ ଦେଖିଥିଲେ। ଏହି ସମୟରେ ପଟ୍ଟାଙ୍ଗି ବ୍ଲକ୍ ଅଧ୍ୟକ୍ଷା କଳ୍ପନା ପାଙ୍ଗୀ, ଉପଜିଲାପାଳ ପ୍ରେମଲାଲ୍ ହିଆଲ, ସିଡିଓ ବେଣୁଧର ଶବର,ଜିଲା ଭାଜପା ସଭାପତି ଶିବ ମୁଦୁଲି, ପୂର୍ବତନ ସଭାପତି ସୁମନ୍ତ ପ୍ରଧାନ, ପୂର୍ବତନ ଏମ୍ପି ତଥା କଂଗ୍ରେସ ଦଳ ନେତା ଜୟରାମ ପାଙ୍ଗୀ, ପୂର୍ବତନ ବିଧାୟକ ପ୍ରଫୁଲ୍ଲ ପାଙ୍ଗୀ, ସରପଞ୍ଚ ଲିଉ ଗେମେଲ, ସମିତି ସଭ୍ୟା ଅମ୍ବିକା ପାଙ୍ଗୀ, ଜୋନ୍ ୨ ଜିଲା ପରିଷଦ ସଭ୍ୟ ଲଇଚନ ଖରା, ପୂର୍ବତନ ମାଲକାନଗିରି ବିଧାୟକ ଡମ୍ବରୁ ଶୀସା ପ୍ରମୁଖ ଯୋଗଦେଇଥିଲେ। ପଟ୍ଟାଙ୍ଗି ବିଡିଓ ରାମକୃଷ୍ଣ ନାୟକ ଓ ତହସିଲଦାର ଦେବେନ୍ଦ୍ର ବାହାଦୁର ସିଂ ଧାରୁଆଙ୍କ ତତ୍ତ୍ୱାବଧାନରେ ବ୍ଲକ୍ ଓ ତହସିଲ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ପରିଚାଳନାରେ ସହଯୋଗ କରିଥିଲେ। ଉପମୁଖ୍ୟମନ୍ତ୍ରୀ ଓ ୪ଟି ମନ୍ତ୍ରୀଙ୍କ ଗସ୍ତକୁ ଦୃଷ୍ଟିରେ ରଖି ଜିଲା ପୋଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଥିଲା। ଉପ ଆରକ୍ଷୀ ଅଧୀକ୍ଷକ ମନୋବ୍ରତା ଶତପଥୀ ଓ ସୁନାବେଡ଼ା ଏଡିପିଓ ସୁମିତ୍ରା ଜେନା ସୁରକ୍ଷା ବ୍ୟବସ୍ଥାର ତଦାରଖ କରିଥିଲେ।

# ଅଧାବାଟରେ ଅଟକିଲେ ଚତୁର୍ଦ୍ଧା ମୂର୍ତ୍ତି




**ନୀଳଗିରି, ୨୮।୬(ପ୍ରଶାନ୍ତ ବିଶ୍ୱାଳ)**

### ନୀଳଗିରି ଘୋଷଯାତ୍ରା

ବାଲେଶ୍ୱର ଜିଲା ନୀଳଗିରିରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ଘୋଷଯାତ୍ରା ଶନିବାର ଅପରାହ୍ନରେ ଭଜନ କୀର୍ତ୍ତନ, ଉପସ୍ଥିତ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ହରିବୋଲ, ଜୟ ଜଗନ୍ନାଥ ଧ୍ୱନି ସହ ଘଣ୍ଟୁଆଙ୍କ ଘଣ୍ଟ ଓ ଶଙ୍ଖଧ୍ୱନିରେ ରଥଦାଣ୍ଡ ପ୍ରକମ୍ପିତ ହୋଇଥିଲା। ଘୋଷଯାତ୍ରାର ପ୍ରଥମଦିନରେ ଭକ୍ତମାନେ ଜଗନ୍ନାଥ ମନ୍ଦିର ନିକଟରୁ ରଥଟାଣି ଅଧାରାସ୍ତା ତଥା ପୋଷ୍ଟ ଅଫିସ ସମ୍ମୁଖରେ ପହଞ୍ଚାଇଥିଲେ। ରଥ ଉପରେ ତିନିଠାକୁର ଗୋଟିଏ ରାତି ବିତାଇବା ପରେ ପୁଣି ରବିବାର ଅପରାହ୍ନରେ ରଥଟଣା କାର୍ଯ୍ୟ ଆରମ୍ଭ ହେବ।

ନୀଳଗିରିର ଆଦିସେବକ ରାଜା ଜୟନ୍ତ ମର୍ଦ୍ଦରାଜ ହରିଚନ୍ଦନ ପ୍ରଥମେ ରଥଟଣା ପ୍ରଥମେ ଶୁଭାରମ୍ଭ କରିଥିଲେ। ଏହି ଘୋଷଯାତ୍ରାରେ ଜିଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ, ଜିଲା ଆରକ୍ଷୀ ଅଧୀକ୍ଷକ ରାଜ ପ୍ରସାଦ, ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ, ପୂର୍ବତନ ବିଧାୟକ ଇଂ. ସୁକାନ୍ତ କୁମାର ନାୟକ ଓ ଚିତ୍ତରଞ୍ଜନ ଷଡ଼ଙ୍ଗୀ, ନୀଳଗିରି ଉପଜିଲାପାଳ ଡ. ମଧୁସ୍ମିତା ସାମନ୍ତରାୟ, ତହସିଲଦାର ସୋନମ୍ ଦାସ, ଏମ୍ପିଙ୍କ ବ୍ୟକ୍ତିଗତ ସହାୟକ ଚନ୍ଦ୍ରବିନ୍ଦୁ ଦାସ, ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ପ୍ରମୋଦ ମଲ୍ଲିକ, ଏନ୍ଏସି ନିର୍ବାହୀ ଅଧିକାରୀ ଅଂଶୁମାନ ପରିଡ଼ା, ଆଇଆଇସି ଗୋବର୍ଦ୍ଧନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଶ୍ରଦ୍ଧାଳୁଙ୍କ ଭିଡ଼ ନିୟନ୍ତ୍ରଣ ଓ ଶୃଙ୍ଖଳିତ ଦର୍ଶନ ପାଇଁ ରଥଦାଣ୍ଡ ସମେତ ବିଭିନ୍ନ ସ୍ଥାନରେ ୪୦ ପୋଲିସ ଅଫିସର ଓ ୭ ପ୍ଲାଟୁନ ପୋଲିସ ଫୋର୍ସ ନିୟୋଜନ କରାଯାଇଥିଲା। ନୀଳଗିରି ବିଡିଓ ବିକ୍ରମ କେଶରୀ ପରିଡ଼ା ରଥ ପରିଚାଳନା ଏବଂ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଗୋବର୍ଦ୍ଧନ ବିଶ୍ୱାଳ ରଥର ଦିଗ ନିର୍ଦ୍ଦେଶ କରିଥିଲେ। ପ୍ରଦୀପ୍ତ ମିଶ୍ର ଧାରା ବିବରଣୀ ପ୍ରକାଶ କରିଥିଲେ। ଏହି ଅବସରରେ ସ୍ଥାନୀୟ କେସି ହାଇସ୍କୁଲ ପଡ଼ିଆରେ ଚାଲିଥିବା ପ୍ରଦର୍ଶନୀରେ ଲୋକଙ୍କ ଭିଡ ଦେଖିବାକୁ ମିଳିଥିଲା।



ପୃଥିବୀର କ୍ରମବିକାଶ ଧାରାରେ ମଣିଷର ଅତିମାନବ ସ୍ତରକୁ ଉତ୍ତୀର୍ଣ୍ଣ ହେବା ହେଉଛି ପ୍ରକୃତିର ଏକ ନିକଟବର୍ତ୍ତୀ ସମ୍ପାଦନ ବା କୃତିତ୍ୱ। ସେହିଠାରେ ଇ ରହିଛି ଆମର ନିୟତି। ଏବଂ ସେହିଠାରେ ହିଁ ରହିଛି ଆମ ମୁକ୍ତିର ଚାବିକାଠି- ଯାହା ପାଇଲେ ଆମେ ଆମର ଏହି ଅଭୀପ୍ସା ପରାୟଣ ଅଥଚ ସୀମାବଦ୍ଧ ଓ ବାଧାବିଘ୍ନ ସଂକୁଳ ଜୀବନରୁ ରକ୍ଷାପାଇବୁ। -ଶ୍ରୀଅରବିନ୍ଦ



# ୭୫ ବର୍ଷ ପୂର୍ବର ଦୃଷ୍ଟିକୋଣ



ଆକାର ପଟେଲ

କିଛି ଦିନ ପୂର୍ବେ ଆମେ ଜରୁରିକାଳୀନ ପରିସ୍ଥିତିର ୫୦ତମ ବାର୍ଷିକୀ ପାଳନ କରିଥିବାବେଳେ ଭାରତୀୟ ଜନସଂଘର ପ୍ରତିଷ୍ଠା ବାର୍ଷିକୀକୁ ପାସୋରିଗଲୁ। ତେବେ ଜନସଂଘ ଗଠନ ପଛରେ ଅନେକ କାରଣ ରହିଛି। ୫ ମେ ୧୯୫୦ରେ ଏସ୍.ପି. ମୁଖାର୍ଜୀ ପାର୍ଟିର ଏଜେଣ୍ଡା ପ୍ରସ୍ତୁତ କରିଥିଲେ ଓ ସେଥିରେ ୮ସୂତ୍ରୀ କାର୍ଯ୍ୟକ୍ରମ ରହିଥିଲା। ସେଗୁଡ଼ିକ ହେଲା, ୧- ଅଖଣ୍ଡ ଭାରତ, ୨- ପାକିସ୍ତାନ ପ୍ରତି ତୁଷ୍ଟୀକରଣ ବଦଳରେ ପାରସ୍ପରିକ ସମ୍ପର୍କ ରକ୍ଷା, ୩- ଏକ ସ୍ୱାଧୀନ ବିଦେଶୀ ନୀତି, ୪-ଶରଣାର୍ଥୀ ଥଇଥାନ, ୫- ଶିଳ୍ପର ବିକେନ୍ଦ୍ରୀକରଣ ଓ ସାମଗ୍ରୀ ଉତ୍ପାଦନ ବୃଦ୍ଧି, ୬- ଏକକ ଭାରତୀୟ ସଂସ୍କୃତିର ବିକାଶ, ୭- ସମସ୍ତ ନାଗରିକଙ୍କୁ ସମାନ ଅଧିକାର ଓ ପଛୁଆବର୍ଗଙ୍କ ବିକାଶ, ୮- ବିହାର ଓ ପଶ୍ଚିମବଙ୍ଗ ସୀମାର ପୁନଃ ବ୍ୟବସ୍ଥାପନ। ମୁଖାର୍ଜୀଙ୍କ ବ୍ୟତୀତ ଜନସଂଘ ଗଠନ ପଛରେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ (ଆର୍‌ଏସ୍‌ଏସ୍) ରହିଥିଲା। ଆର୍‌ଏସ୍‌ଏସ୍ କାହିଁକି ରାଜନୀତିକୁ ପ୍ରବେଶ କଲା, ତାହାର କାହାଣୀ ରୋଚକପୂର୍ଣ୍ଣ। କିଛି ବର୍ଷ ପୂର୍ବେ ଭାଜପା ପକ୍ଷରୁ ଅଧିକାରୀ ସ୍ତରରେ ପ୍ରକାଶ ପାଇଥିବା ଜନସଂଘର ଇତିହାସକୁ ଦେଖିଲେ ଏହା ବୁଝିହେବ। ଡିସେମ୍ବର ୧୯୪୭ରେ ଦିଲ୍ଲୀରେ ଆରଏସ୍‌ଏସ୍ ଦ୍ୱାରା ଆୟୋଜିତ ବିଶାଳ ଜନସମାବେଶ ହିନ୍ଦୁ ରାଜକୁମାର, ବ୍ୟବସାୟୀ ଏବଂ ହିନ୍ଦୁ ସଂଗଠନଗୁଡ଼ିକର ନେତାଙ୍କୁ ଆକର୍ଷିତ କରିଥିଲା। ଆର୍‌ଏସ୍‌ଏସ୍ ଅନୁଯାୟୀ, ଏହାର ଲୋକପ୍ରିୟତା କଂଗ୍ରେସ ବିଶେଷକରି ନେହେରୁଙ୍କ ପ୍ରତି ଥିଲା ସତର୍କ ଘଣ୍ଟି। ତେବେ ୩୦ ଜାନୁଆରୀ ୧୯୪୮ରେ ଗାନ୍ଧିଜୀଙ୍କୁ ହତ୍ୟା କରାଯିବାର ୩ ଦିନ ପରେ ଅର୍ଥାତ୍ ୨ ଫେବୃଆରୀରେ କଂଗ୍ରେସ ଆର୍‌ଏସ୍‌ଏସ୍‌କୁ ନିଷେଧ କରିବାକୁ ନିଷ୍ପତ୍ତି ନେଲା। ଆର୍‌ଏସ୍‌ଏସ୍ ମୁଖ୍ୟ ଗୋଲ୍‌ୱାଲକର ଜାଣିଥିଲେ ଯେ, ଗାନ୍ଧିଜୀଙ୍କ ହତ୍ୟା ସମ୍ପର୍କିତ ସବିଶେଷ ରିପୋର୍ଟ ବାହାରିଲେ ଆର୍‌ଏସ୍‌ଏସ୍ ସମସ୍ୟାରେ ପଡ଼ିଯିବ। ଏଣୁ ସେ ଗାନ୍ଧିଜୀଙ୍କୁ ହତ୍ୟା କରାଯିବା ଦିନ ହିଁ ଆର୍‌ଏସ୍‌ଏସ୍‌ର ସମସ୍ତ କାର୍ଯ୍ୟକ୍ରମ ୧୩ ଦିନ ପର୍ଯ୍ୟନ୍ତ ବନ୍ଦ କରିବାକୁ ସବୁ ଶାଖାକୁ ଟେଲିଗ୍ରାମ ପଠାଇଥିଲେ। ସେହି ସମାନ ଦିନରେ ସେ ନେହେରୁ, ପଟେଲ ଏବଂ ଦେବଦାସ ଗାନ୍ଧୀଙ୍କ ପାଖକୁ ଟେଲିଗ୍ରାମ କରି ସମବେଦନା ଜଣାଇଥିଲେ। ଏହି ନିଷ୍ଠୁର ତଥା ଘାତକ ଆକ୍ରମଣରେ ସେ ଅତ୍ୟନ୍ତ ମର୍ମାହତ ଓ ଏଥିରେ ଜଣେ ବିଶିଷ୍ଟ ବ୍ୟକ୍ତିଙ୍କର ଦୁଃଖଦ ଅନ୍ତ ଘଟିଲା ବୋଲି କହିଥିଲେ। ତା' ପରଦିନ ସେ ପୁନର୍ବାର ନେହେରୁଙ୍କ ନିକଟକୁ ଲେଖି ତାଙ୍କର ଦୁଃଖ ଜଣାଇଥିଲେ। ସେଥିରେ ଗଡ୍‌ସେଙ୍କୁ ଜଣେ ବିଚାରହୀନ ବିକୃତ ମାନସିକତାର ବ୍ୟକ୍ତି ଭାବେ ଦର୍ଶାଇବା ସହ ଗୁଳିକରି ପୂଜ୍ୟ ମହାତ୍ମାଙ୍କ ଜୀବନର ହଠାତ୍ ଦୁଃଖଦ ଅନ୍ତ ଘଟାଇବା ଭଳି ଜଘନ୍ୟ କାର୍ଯ୍ୟ କରିଥିବା ଉଲ୍ଲେଖ କରିଥିଲେ। ସେ ମଧ୍ୟ ଏହି ହତ୍ୟାକାଣ୍ଡକୁ ଅକ୍ଷମଣୀୟ ଓ ଦେଶଦ୍ରୋହ କାର୍ଯ୍ୟ ବୋଲି କହିଥିଲେ। ସେହିଦିନ ମଧ୍ୟ ସେ ପଟେଲଙ୍କ ପାଖକୁ ଲେଖି ଜଣାଇଥିଲେ, ''ଏହା ତାଙ୍କ ହୃଦୟକୁ ଅତ୍ୟଧିକ ବ୍ୟଥିତ କରିଛି। ଏହି ଅପରାଧ ଘଟାଇଥିବା ବ୍ୟକ୍ତିଙ୍କୁ ନିନ୍ଦା କରିବା ପାଇଁ ତାଙ୍କ ପାଖରେ କୌଣସି ଶବ୍ଦ ନାହିଁ।''

ଆର୍‌ଏସ୍‌ଏସ୍‌କୁ ଅବୈଧ ଘୋଷଣା କରି ସରକାରୀ ବିଜ୍ଞପ୍ତିରେ କୁହାଯାଇଥିଲା, ''ହିନ୍ଦୁମାନଙ୍କ ଶାରୀରିକ, ବୌଦ୍ଧିକ ତଥା ନୈତିକ କଲ୍ୟାଣକୁ ଗୁରୁତ୍ୱ ଦେଇ ସେମାନଙ୍କ ମଧ୍ୟରେ ଭ୍ରାତୃତ୍ୱ, ପ୍ରେମ ଏବଂ ସେବା ଭାବ ବୃଦ୍ଧି କରିବା ହେଉଛି ଆର୍‌ଏସ୍‌ଏସ୍‌ର ଲକ୍ଷ୍ୟ ଓ ଉଦ୍ଦେଶ୍ୟ। ସରକାର ଦୁଃଖିତ ଯେ, ଆର୍‌ଏସ୍‌ଏସ୍‌ର ସକ୍ରିୟ ସଦସ୍ୟମାନେ ତଥାକଥିତ ସିଦ୍ଧାନ୍ତକୁ ପାଳନ କରିନାହାନ୍ତି। ସଂଘର ସଦସ୍ୟଙ୍କ ଦ୍ୱାରା ଅବାଞ୍ଛିତ ତଥା ବିପଜ୍ଜନକ କାର୍ଯ୍ୟକଳାପ ଜାରି ରହିଛି, ଯେଉଁମାନେ ହିଂସା ବୃଦ୍ଧି କରିବା ଭଳି କାର୍ଯ୍ୟରେ ଜଡ଼ିତ ହେବା ସହ ବେଆଇନ ଭାବେ ଅସ୍ତ୍ରଶସ୍ତ୍ର ଓ ଗୋଳାବାରୁଦ ସଂଗ୍ରହ କରିଛନ୍ତି।'' ୩ ଫେବୃଆରୀରେ ଗୋଲ୍‌ୱାଲ୍‌କରଙ୍କ ସମେତ ୨୦,୦୦୦ ସ୍ୱୟଂସେବକଙ୍କୁ ଗିରଫ କରାଗଲା। ଏହି ସମୟରେ ଆର୍‌ଏସ୍‌ଏସ୍ କହିଥିଲା, କୌଣସି ରାଜନୈତିକ ଦଳ କିମ୍ବା ରାଜନେତା ଏହାକୁ ବିରୋଧ ନ କରିବା କିମ୍ବା କିଛି ନ କହିବା ଦୁଃଖର ବିଷୟ। ଏହି ପ୍ରତିବନ୍ଧକ ପାଖାପାଖି ଦେଢ଼ବର୍ଷ ପର୍ଯ୍ୟନ୍ତ ରହିଲା। ଆର୍‌ଏସ୍‌ଏସ୍‌କୁ ତାହାର ଏକ ସମ୍ବିଧାନ ଲେଖି ଦାଖଲ କରିବାକୁ କୁହାଯାଇଥିଲା ଏବଂ ତାହା କରାଯିବା ଫଳରେ ୧୧ ଜୁଲାଇ ୧୯୪୯ରେ ଆର୍‌ଏସ୍‌ଏସ୍ ଉପରୁ ନିଷେଧାଦେଶ ଉଠିଥିଲା। ଏହାର ଠିକ୍ ପରେ ପରେ ଆର୍‌ଏସ୍‌ଏସ୍ ଦ୍ୱାରା ପ୍ରକାଶିତ ସାପ୍ତାହିକୀ ଦି ଅର୍ଗାନାଇଜରରେ ରାଜନୀତିରେ ପ୍ରବେଶକୁ ନେଇ ଏହା ବିତର୍କ ଆରମ୍ଭ କରିଦେଲା। ଏଥିରେ କେ. ଆର୍. ମାଲକାନିଙ୍କ ସମେତ ଆର୍‌ଏସ୍‌ଏସ୍ କର୍ମକର୍ତ୍ତାଙ୍କ ପ୍ରବନ୍ଧ ପ୍ରକାଶ ପାଇଲା। ମାଲକାନି ଲେଖିଥିଲେ, ସଂଘ ନିଜକୁ ରକ୍ଷାକରିବା ଏବଂ ଅଣ-ଭାରତୀୟ ଓ ଭାରତୀୟ ବିରୋଧୀ ରାଜନୀତି ବନ୍ଦ କରିବା ସହ ଦେଶର ବ୍ୟବସ୍ଥା ମାଧ୍ୟମରେ ଭାରତୀୟତାକୁ ଆଗକୁ ବଢ଼ାଇବା ଲାଗି ଏହା ରାଜନୀତିରେ ଭାଗ ନେବା ଦରକାର। ଦେଶର ସମସ୍ତ ନାଗରିକଙ୍କ ଜାତୀୟ ସାଂସ୍କୃତିକ ଶିକ୍ଷା ପାଇଁ ସଂଘ ଏକ ଆଶ୍ରମ ଭାବେ କାମ ଜାରି ରଖିବା ଆବଶ୍ୟକ। କିନ୍ତୁ ସିଦ୍ଧାନ୍ତଗୁଡ଼ିକର ତ୍ୱରିତ ସଫଳତା ଏବଂ ଅଧିକ ପ୍ରଭାବୀ ଢଙ୍ଗରେ କାର୍ଯ୍ୟ କରିବା ପାଇଁ ସଂଘକୁ ଏକ ରାଜନୈତିକ ଦଳ ଗଢ଼ିବାକୁ ପଡ଼ିବ। ସେ ମଧ୍ୟ କହିଥିଲେ ଯେ, ନୂଆ ଦଳ ପ୍ରାଚୀନ ଧର୍ମୀୟ ଓ ପରମ୍ପରା ମୂଲ୍ୟବୋଧ ଉପରେ କାମ କରିବ ଓ ଏହାର ଲକ୍ଷ୍ୟରେ ଏହା ଭବିଷ୍ୟୋନ୍ମୁଖୀ ହେବ। ଏହା ବିଦେଶୀ ମୂଲ୍ୟବୋଧ, ପ୍ରବୃତ୍ତି ଓ ଧାରା ଉପରେ ନିର୍ଭର କରିବ ନାହିଁ। ହିନ୍ଦୁସ୍ତାନରେ ଏହି ପୁନଃ ସଂଗଠନର ସିଦ୍ଧାନ୍ତ ହିଁ କେବଳ ହିନ୍ଦୁତ୍ୱ ହେବ। ବଲରାଜ ମାଧୋକ ଲେଖିଥିଲେ, ଦେଶର ରାଜନୈତିକ ଓ ଆର୍ଥିକ ସମସ୍ୟା ପରିପ୍ରେକ୍ଷୀରେ ସଂଘ ଦେଶକୁ ନେତୃତ୍ୱ ଦେବା ଉଚିତ। କାରଣ ସଂଘର ଅସ୍ତିତ୍ୱ ପାଇଁ ଏହା ଗୁରୁତ୍ୱପୂର୍ଣ୍ଣ।

୧୯ ଏପ୍ରିଲ ୧୯୫୦ରେ ପାର୍ଲାମେଣ୍ଟରେ ମୁଖାର୍ଜୀ କହିଥିଲେ ଯେ, ବଙ୍ଗ ବିଭାଜନ ସପକ୍ଷରେ ଜନମତ ସୃଷ୍ଟି କରିବାରେ ତାଙ୍କର ପ୍ରମୁଖ ଭୂମିକା ରହିଥିଲା। ସେ ପୂର୍ବ ବଙ୍ଗ (ପରେ ବାଂଲାଦେଶ ହୋଇଛି)ର ହିନ୍ଦୁମାନଙ୍କୁ ଆଶ୍ୱାସନା ଦେଇ କହିଥିଲେ ଯେ, ସେମାନେ ଯଦି ଭବିଷ୍ୟତରେ ପାକିସ୍ତାନ ସରକାର ଦ୍ୱାରା ନିର୍ଯାତିତ ହୁଅନ୍ତି ସ୍ୱାଧୀନ ଭାରତ କେବେ ନୀରବଦ୍ରଷ୍ଟା ହୋଇ ରହିବ ନାହିଁ। ଏବେ ୨୦୨୫ରେ ଭାରତରେ ଆମ ଚାରିପାଖରେ କ'ଣ ସବୁ ଘଟୁଛି, ତାହା ଆମେ ପଢ଼ୁଛୁ ଓ ଆକଳନ କରୁଛୁ। ଏସବୁ ସୂଚିତ କରୁଛି ଯେ ୭୫ ବର୍ଷ ପୂର୍ବର ଦୃଷ୍ଟିକୋଣ ଏସବୁ କରିବାକୁ ପ୍ରେରିତ କରୁଛି। ଏହାସହ ଆମେ ମଧ୍ୟ ଜାଣିପାରୁଛୁ ଯେ, ଏହିସବୁ ବିଷୟ ପାଇଁ ଭାଜପା ଗଠନ କରାଯାଇଛି।

Email:aakar.patel@gmail.com

# ଯୁଦ୍ଧ ଓ କୂଟନୀତି



ସୌଭାଗ୍ୟ ସୁନ୍ଦରରାୟ

'ଅପରେଶନ ସିନ୍ଦୂର' ସ୍ଥଗିତ ରହିବା ଘଟଣାକୁ ମାସେରୁ ଅଧିକ ସମୟ ହେଲାଣି। କିନ୍ତୁ କେଉଁ ପରିସ୍ଥିତିରେ ପାକିସ୍ତାନ ବିରୋଧରେ ଏହି କାର୍ଯ୍ୟାନୁଷ୍ଠାନ ସ୍ଥଗିତ ରଖିବାକୁ ପଡ଼ିଲା ସେଥିନେଇ କୂଟନୈତିକ ବିବାଦ ଲାଗି ରହିଛି। ଭାରତ ସରକାର ଅପରେଶନ ସିନ୍ଦୂରକୁ ପାକିସ୍ତାନ ବିରୋଧରେ ସର୍ବବୃହତ୍ ବିଜୟସୂଚକ କାର୍ଯ୍ୟାନୁଷ୍ଠାନ ବୋଲି ବର୍ଣ୍ଣନା କରିଛନ୍ତି। ତେବେ ଏପରି ଏକ ବୃହତ୍ କାର୍ଯ୍ୟାନୁଷ୍ଠାନକୁ କ'ଣ ପାଇଁ ୩ ଦିନ ମଧ୍ୟରେ ବନ୍ଦ ରଖିବାକୁ ପଡ଼ିଲା ତାହା ବର୍ତ୍ତମାନ ସୁଦ୍ଧା ସ୍ପଷ୍ଟ ହୋଇପାରୁ ନାହିଁ। ଯେଉଁ ଲକ୍ଷ୍ୟ ନେଇ ଏହି କାର୍ଯ୍ୟାନୁଷ୍ଠାନ କରାଯାଇଥିଲା ତାହା ହାସଲ ହୋଇଛି ବୋଲି ମଧ୍ୟ ସରକାର ଦୃଢ଼ ଭାବେ କହିପାରୁ ନାହାନ୍ତି।

ଦେଶରେ ଭାରତୀୟ ଜନତା ପାର୍ଟି (ଭାଜପା) ଶାସନ କ୍ଷମତାରେ ରହିବା ସମୟରେ ପଡ଼ୋଶୀ ପାକିସ୍ତାନ ବିରୋଧରେ ୩ ଥର ସାମରିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା ଜଣାଯାଏ। ଅନ୍ୟ ସମସ୍ତ କାର୍ଯ୍ୟାନୁଷ୍ଠାନ ବା ଯୁଦ୍ଧ କଂଗ୍ରେସ ସରକାର ଅମଳରେ ହୋଇଥିଲା। ଭାଜପା ଶାସନର ଏହି ୩ କାର୍ଯ୍ୟାନୁଷ୍ଠାନ ମଧ୍ୟରୁ 'ଅପରେଶନ ବିଜୟ' ଦୀର୍ଘ ସମୟ ଧରି ଚାଲିଥିଲା। ୧୯୯୯ ମେ'ରୁ ଜୁଲାଇ, ପ୍ରାୟ ୩ ମାସ ଧରି ଏହି ସୀମିତ ଯୁଦ୍ଧ ଭାରତ -ପାକିସ୍ତାନ ମଧ୍ୟରେ ଚାଲିଥିଲା। ନିୟନ୍ତ୍ରଣ ରେଖାରେ ଥିବା ଜମ୍ମୁ-କଶ୍ମୀରର କାର୍‌ଗିଲ ଜିଲା ଅନ୍ତର୍ଗତ ଟାଇଗର ହିଲ୍‌କୁ ପାକିସ୍ତାନୀ ସେନା ଦଖଲ କରିବା ବିରୋଧରେ ଏହି କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇଥିଲା। ସେତେବେଳେ ଭାରତର ପ୍ରଧାନମନ୍ତ୍ରୀ ଥିଲେ ଅଟଳ ବିହାରୀ ବାଜପେୟୀ ଓ ପାକିସ୍ତାନ ପ୍ରଧାନମନ୍ତ୍ରୀ ଥିଲେ ନୱାଜ ସରିଫ। ଯୁଦ୍ଧରେ ଭାରତର ପ୍ରାୟ ୫୫୦ ଯବାନ ନିହତ ହୋଇଥିବାବେଳେ ୧୩୦୦ ଆହତ ହୋଇଥିଲେ। ଭାରତର ଗୋଟିଏ ମିଗ୍ -୨୭ ଓ ଗୋଟିଏ ମିଗ୍ -୨୧ ଖସାଇ ଦେବାରେ ପାକିସ୍ତାନ ସମର୍ଥ ହୋଇଥିଲା। ଏହି ଅନୁପ୍ରବେଶ ଘଟଣାରେ ବିଶ୍ୱ ଦରବାରରେ ପାକିସ୍ତାନକୁ ସମାଲୋଚିତ ହେବାକୁ ପଡ଼ିଥିଲା। ଭାରତର ଆକ୍ରମଣ ପରିପ୍ରେକ୍ଷୀରେ ନୱାଜ ସରିଫ ଜୁଲାଇ ୪ରେ ଆମେରିକା ରାଷ୍ଟ୍ରପତି ବିଲ୍ କ୍ଲିଣ୍ଟନଙ୍କୁ ଭେଟିବା ନିମନ୍ତେ ୱାଶିଂଟନ ଯାତ୍ରା କରିଥିଲେ। କିନ୍ତୁ କ୍ଲିଣ୍ଟନ ତାଙ୍କୁ ଭର୍ତ୍ସନା କରିଥିଲେ। ପାକିସ୍ତାନ ଦ୍ୱାରା ନିୟନ୍ତ୍ରଣରେଖା ଅତିକ୍ରମଣକୁ ଜି-୮ ରାଷ୍ଟ୍ର, ୟୁରୋପୀୟ ୟୁନିୟନ, ଚାଇନା ପ୍ରମୁଖ ଦୃଢ଼ ସ୍ୱରରେ ନିନ୍ଦା କରିବା ସହ ପାକିସ୍ତାନୀ ସେନା ତୁରନ୍ତ ଅଧିକୃତ ସ୍ଥାନରୁ ଫେରିଯିବା ପାଇଁ ପରାମର୍ଶ ଦେଇଥିଲେ। ଆନ୍ତର୍ଜାତିକ ଚାପରେ ପାକିସ୍ତାନୀ ସେନା ବାଧ୍ୟ ହୋଇ ପଶ୍ଚାତ୍‌ଧାବନ କରିଥିଲେ। ଏଥିରେ ଭାରତର ବିଜୟ ହେଲା, ଯାହା ଅପରେଶନ 'ସଫେଦ ସାଗର' ଭାବେ ପରିଚିତ। ସେ ସମୟରେ ବୈଦେଶିକ ମନ୍ତ୍ରୀ ଥିଲେ ଯଶୋୱନ୍ତ ସିଂହ। ଅପରେଶନ ବିଜୟରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଓ ବୈଦେଶିକ ମନ୍ତ୍ରୀ ଯେଉଁ କୂଟନୈତିକ ବିଚକ୍ଷଣତା ପ୍ରଦର୍ଶନ କରିଥିଲେ ତାହା ଥିଲା ଅନନ୍ୟ।



ସେତେବେଳେ ଏହି ଯୁଦ୍ଧ ସମ୍ପର୍କରେ ଅବଗତ କରିବା ନିମନ୍ତେ କୌଣସି ବିଦେଶ ରାଷ୍ଟ୍ରକୁ ସଂସଦୀୟ ପ୍ରତିନିଧି ଦଳ ପ୍ରେରଣ କରାଯାଇ ନ ଥିଲା।

ଏହାପରେ ଅନ୍ୟ ଏକ କାର୍ଯ୍ୟାନୁଷ୍ଠାନ ପାକିସ୍ତାନ ବିରୋଧରେ ହୋଇଥିଲା ୨୦୧୯ରେ। ସେତେବେଳେ ଏହା ଥିଲା ଏକ ତ୍ୱରିତ୍ କାର୍ଯ୍ୟାନୁଷ୍ଠାନ, ଯାହା ସର୍ଜିକାଲ ଷ୍ଟ୍ରାଇକ ଭାବେ ନାମିତ। ପାକ୍ ଅଧିକୃତ କଶ୍ମୀରରେ ଏହି କାର୍ଯ୍ୟାନୁଷ୍ଠାନ ଭାରତ ପକ୍ଷରୁ ହୋଇଥିଲା। ପୁଲୱାମାରେ ଜୈସ-ଇ ମହମ୍ମଦ ସନ୍ତ୍ରାସବାଦୀ ଗୋଷ୍ଠୀର ଆତ୍ମଘାତୀ ଆକ୍ରମଣରେ ୪୦ ଜଣ ସିଆର୍‌ପିଏଫ୍ ଯବାନ ନିହତ ହେବା ଘଟଣାରେ ଭାରତ ପକ୍ଷରୁ ପାକ୍ ଅଧିକୃତ କଶ୍ମୀରରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା, ଯାହା ପରବର୍ତ୍ତୀ ସମୟରେ ନିର୍ବାଚନୀ ପ୍ରସଙ୍ଗ ହୋଇଥିଲା।

ନିକଟରେ ପାକିସ୍ତାନ ବିରୋଧରେ ଭାରତ ଆରମ୍ଭ କରିଥିବା ଅପରେଶନ ସିନ୍ଦୂରକୁ ରଦ୍ଦ କରିନାହିଁ, ସ୍ଥଗିତ ରଖିଛି ବୋଲି କହିଛି। ଏହାର ବିଶେଷ ଅର୍ଥ ବୁଝାପଡୁ ନାହିଁ। ପାକିସ୍ତାନ ପ୍ରୋତ୍ସାହିତ ଉଗ୍ରବାଦୀ ପହଲଗାମ୍‌ରେ ବାଛିବାଛି ପର୍ଯ୍ୟଟକଙ୍କୁ ହତ୍ୟା କରିବା ପ୍ରତିବାଦରେ ଭାରତ ଏହି ଆକ୍ରମଣ ଆରମ୍ଭ କରିଥିଲା। ତୃତୀୟ ପକ୍ଷର ହସ୍ତକ୍ଷେପରେ ଏହି କାର୍ଯ୍ୟାନୁଷ୍ଠାନ ସ୍ଥଗିତ ରଖାଯାଇଛି କି ନାହିଁ ତାହା ଅଦ୍ୟାବଧି ସ୍ପଷ୍ଟ ହୋଇପାରୁ ନାହିଁ। ଏଥିରେ କୌଣସି ତୃତୀୟ ପକ୍ଷ ହସ୍ତକ୍ଷେପ ହୋଇନାହିଁ ବୋଲି ଭାରତ ପକ୍ଷରୁ କୁହାଯାଇଛି। କିନ୍ତୁ ଆନ୍ତର୍ଜାତିକ ମଞ୍ଚରୁ ଯେଉଁ ଆଭାସ ଆସୁଛି ତାହା ଭିନ୍ନ ସଙ୍କେତ ପ୍ରଦାନ କରୁଛି। ସମଗ୍ର ଘଟଣା ବିଶ୍ଳେଷଣ କଲେ ଦେଖାଯାଉଛି ଯେ, ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏହି ଘଟଣାରେ ମଧ୍ୟସ୍ଥତା କରିଥିବା ବାରମ୍ବାର କହିଆସୁଛନ୍ତି। ନିକଟରେ ଟ୍ରମ୍ପ ଓ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନଙ୍କ ମଧ୍ୟରେ ଆଲୋଚନା ସମୟରେ ଏହି ପ୍ରସଙ୍ଗ ଉଠିଥିଲା ବୋଲି ପୁଟିନଙ୍କ ସହାୟକ ୟୁରି ଉସାକୋଭ କହିଛନ୍ତି। ଆଲୋଚନା ସମୟରେ ଭାରତ-ପାକିସ୍ତାନ ବିବାଦରେ ଟ୍ରମ୍ପ ହସ୍ତକ୍ଷେପ କରିଥିବା ବିଷୟ ଜଣାଇଥିଲେ। ଟ୍ରମ୍ପଙ୍କ ଏହି ମନ୍ତବ୍ୟକୁ ପୁଟିନ ଗ୍ରହଣ କରିଛନ୍ତି ବୋଲି ଉସାକୋଭ ପ୍ରକାଶ କରିଛନ୍ତି। ତେଣେ ଆମେରିକାର ବାଣିଜ୍ୟ ସଚିବ ହାୱାର୍ଡ ଲୁଟନିକ୍ ଭାରତ-ପାକିସ୍ତାନ ମଧ୍ୟରେ ପୂର୍ଣ୍ଣାଙ୍ଗ ଯୁଦ୍ଧ ଏଡ଼ାଇବାକୁ ଟ୍ରମ୍ପ ବାଣିଜ୍ୟ କାରବାରକୁ ଉପଯୋଗ କରିଥିଲେ ବୋଲି ଏକ ଆମେରିକୀୟ ଅଦାଲତକୁ ଜଣାଇଛନ୍ତି। ଏଣେ ଭାରତର ପ୍ରତିରକ୍ଷା ବିଭାଗର ବରିଷ୍ଠ ଅଧିକାରୀ ପାକିସ୍ତାନ ଦ୍ୱାରା ଭାରତୀୟ ବିମାନ ଧ୍ୱଂସ ହେବା କଥା କହୁଥିବାବେଳେ କେତେ ସଂଖ୍ୟକ ବିମାନ ନଷ୍ଟ ହୋଇଛି ତାହା ପ୍ରକାଶ କରିନାହାନ୍ତି। ଏହା ପରେ ଜାତିସଂଘ ନିରାପତ୍ତା ପରିଷଦରେ ଉଗ୍ରବାଦ ନିରୋଧୀ କମିଟିର ଉପାଧ୍ୟକ୍ଷ ପଦବୀ ପାକିସ୍ତାନକୁ ମିଳିଥିବାବେଳେ ତାଲିବାନ କଟକଣା କମିଟିର ଅଧ୍ୟକ୍ଷ ପଦବୀ ମିଳିଛି। ଏହା ମଦୁଆ ହାତରେ ନିଶା ନିବାରଣ ବାନା ପ୍ରଦାନ କରିବା ଭଳି ଅବସ୍ଥା। ୨୦୨୨ରେ ଭାରତ ତାଲିବାନ କଟକଣା କମିଟିର ଅଧ୍ୟକ୍ଷ ରହିଥିଲା। ଭାରତର ପ୍ରଧାନମନ୍ତ୍ରୀ ଇତିମଧ୍ୟରେ ଆମେରିକାର ରାଷ୍ଟ୍ରପତିଙ୍କ ସହ କଥାବାର୍ତ୍ତା ହୋଇ ତୃତୀୟ ପକ୍ଷ ମଧ୍ୟସ୍ଥତା ମନ୍ତବ୍ୟକୁ ଅଗ୍ରାହ୍ୟ ବା ଅସ୍ୱୀକାର କରିଛନ୍ତି। ତେଣେ ଯୁଦ୍ଧ ସ୍ଥଗିତ ପାଇଁ ପାକିସ୍ତାନ ପ୍ରସ୍ତାବ ଦେଇଥିଲା ବୋଲି ସେ ଦେଶର ବୈଦେଶିକ ମନ୍ତ୍ରୀ ଇସାକ୍ ଦରଙ୍କ ବକ୍ତବ୍ୟକୁ ତାଙ୍କ ନିଜ ମନ୍ତ୍ରଣାଳୟ ଖଣ୍ଡନ କରି ଆମେରିକା ରାଷ୍ଟ୍ରପତି ଓ ସାଉଦି ଆରବ ବୈଦେଶିକ ମନ୍ତ୍ରୀ ତଥା ଯୁବରାଜ ଫୈଜଲ ବିନ୍ ଫାରାହାନ୍‌ଙ୍କ ହସ୍ତକ୍ଷେପ ଯୋଗୁ ଏହି ଯୁଦ୍ଧ ବିରତି ହୋଇଛି ବୋଲି କହିଛନ୍ତି। ଏଥିପାଇଁ ଆମେରିକା ରାଷ୍ଟ୍ରପତିଙ୍କ ନାମ ୨୦୨୬ ନୋବେଲ ଶାନ୍ତି ପୁରସ୍କାର ପାଇଁ ପାକିସ୍ତାନ ସୁପାରିସ କରିବ ବୋଲି ଘୋଷଣା କରିଛି।

ଉଲ୍ଲେଖ କରାଯାଇପାରେ ଯେ, ଅପରେଶନ ସିନ୍ଦୂର ସମୟରେ ସାଉଦି ଆରବର ବୈଦେଶିକ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ପୂର୍ବ କୌଣସି କାର୍ଯ୍ୟସୂଚୀ ନ ଥାଇ ମେ' ୭ ତାରିଖରେ ନୂଆଦିଲ୍ଲୀରେ ଆସି ପହଞ୍ଚିଥିଲେ। ଏହି ସମୟରେ ଇରାନର ବୈଦେଶିକ ମନ୍ତ୍ରୀ ମଧ୍ୟ ଆସି ପହଞ୍ଚିଥିଲେ। ଇତିମଧ୍ୟରେ ଆନ୍ତର୍ଜାତିକ ମୁଦ୍ରା ପାଣ୍ଠିରୁ ପାକିସ୍ତାନ ଆର୍ଥିକ ସହାୟତା ପାଇସାରିଛି। ଉଗ୍ରବାଦ ପ୍ରୋତ୍ସାହନ ସତ୍ତ୍ୱେ ପାକିସ୍ତାନକୁ ଆର୍ଥିକ ସହାୟତା ପ୍ରଦାନ ନିମନ୍ତେ ଆନ୍ତର୍ଜାତିକ ମୁଦ୍ରା ପାଣ୍ଠି ଅନୁମୋଦନ କରିଛି। ଅର୍ଥାତ୍ ଆନ୍ତର୍ଜାତିକ ମଞ୍ଚ ଜାତିସଂଘ ପାକିସ୍ତାନ ବିରୋଧରେ କୌଣସି କଟକଣା ଲଗାଇବାକୁ ଚାହିଁନାହିଁ। ଏ ସମସ୍ତ ଘଟଣାକୁ ଅନୁଶୀଳନ କଲେ ପାକିସ୍ତାନ ବିରୋଧରେ କାର୍ଯ୍ୟନୁଷ୍ଠାନ ପରିପ୍ରେକ୍ଷୀରେ ଭାରତର କୂଟନୀତି ପ୍ରଭାବଶାଳୀ ହୋଇପାରି ନ ଥିବା ଜଣାପଡୁଛି। ଦୀର୍ଘ ୧ ମାସ ଧରି ବିଭିନ୍ନ ମହଲରୁ ଦ୍ୱନ୍ଦ୍ୱାତ୍ମକ ମତ ଓ ମନ୍ତବ୍ୟ ଆସିବାରେ ଲାଗିଛି। ମାସେ ବିତିଗଲାଣି। ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଓ କାର୍ଯ୍ୟକ୍ରମ ସମ୍ପର୍କରେ ଦେଶବାସୀ ଅନ୍ଧାରରେ ରହିଛନ୍ତି। ଏହାମଧ୍ୟରେ ଭାରତର କଥା କହିବା ପାଇଁ ସଂସଦୀୟ ସର୍ବଦଳୀୟ ପ୍ରତିନିଧି ୩୨ଟି ରାଷ୍ଟ୍ର ଗସ୍ତ କରି ଫେରି ଆସିଛନ୍ତି। ଏପ୍ରକାର ପ୍ରତିନିଧି ଦଳ ଅପରେଶନ ବିଜୟ ସମୟରେ ପ୍ରେରଣ କରାଯାଇ ନ ଥିଲା। ଅପରେଶନ ସିନ୍ଦୂରରୁ ଯେଉଁ ସଫଳତା ମିଳିଛି ତାହାର ଶ୍ରେୟ ପ୍ରତିରକ୍ଷା ବାହିନୀ ଯବାନଙ୍କ ନିକଟକୁ ଯିବା ଆବଶ୍ୟକ। ତେବେ ଏହା କେତେଦିନ ପର୍ଯ୍ୟନ୍ତ ସ୍ଥଗିତ ରହିବ ତାହାର ଉତ୍ତର ରାଜନୈତିକ ନେତୃବୃନ୍ଦ ରଖିବା ଆବଶ୍ୟକ।

ମୋ: ୯୪୩୭୨୨୯୨୩୩

# ଭବ୍ୟ ମହାକାଶଚାରୀ

ମହାକାଶରୁ 'ଜୟ ହିନ୍ଦ୍' ଓ 'ଜୟ ଭାରତ' କହି ଏବେ ଇତିହାସ ରଚିଥିବା ଶୁଭାଂଶୁ ଶୁକ୍ଳା ୪୧ ବର୍ଷ ପୂର୍ବେ ରାକେଶ ଶର୍ମାଙ୍କ ପରେ ସାଧାରଣ ଜ୍ଞାନ ବା ଜିକେ ବହିରେ ସ୍ଥାନ ପାଇବା ନିଶ୍ଚିତ ଭାବେ ପ୍ରତ୍ୟେକ ଭାରତୀୟଙ୍କ ପାଇଁ ଗର୍ବ ଆଣିଦେଇଛି। ୧୯୮୪ରେ ୱିଙ୍ଗ୍ କମାଣ୍ଡର ରାକେଶ ପ୍ରଥମ ଭାରତୀୟ ଭାବେ ମହାକାଶରେ ପହଞ୍ଚିଥିଲେ। ଏହାର ସଦ୍ୟ ବିକଶିତ ସଂସ୍କରଣ ଭାବେ ଶୁଭାଂଶୁ ଅନ୍ତର୍ଜାତୀୟ ମହାକାଶ କେନ୍ଦ୍ର (ଆଇଏସ୍‌ଏସ୍)ରେ ପହଞ୍ଚିବାରେ ପ୍ରଥମ ଭାରତୀୟ ହୋଇ ନୂଆ ହସ୍ତାକ୍ଷର ଲେଖିଛନ୍ତି। ୨୦୨୫ ଜୁନ ୨୫ରେ ଭାରତୀୟ ସମୟ ମଧ୍ୟାହ୍ନ ୧୨ଟା ୧ ମିନିଟ୍‌ରେ ଶୁଭାଂଶୁ ହଙ୍ଗେରୀର ଟିବୋର କାପୁ, ଆମେରିକାର ପେଗୀ ହ୍ୱିଟ୍‌ସନ୍ ଓ ପୋଲାଣ୍ଡର ସ୍ଲାଓଜ୍ ଉଜ୍‌ନାନ୍‌ସ୍କିଙ୍କ ସହ ନ୍ୟାଶନାଲ ଏରୋନଟିକ୍ସ ଆଣ୍ଡ୍ ସ୍ପେସ୍ ଆଡ୍‌ମିନିଷ୍ଟ୍ରେଶନ (ନାସା)ର ଫ୍ଲୋରିଡା ସ୍ପେସ୍‌ପୋର୍ଟରୁ ଆକ୍ସିଅମ-୪ ବାଣିଜ୍ୟିକ ମିଶନରେ ଯାଇ ଜୁନ୍ ୨୬ରେ ଆଇଏସ୍‌ଏସ୍‌ରେ ପହଞ୍ଚିଛନ୍ତି। ଏହି ମିଶନରେ ଶୁଭାଂଶୁ ପାଇଲଟ ଭୂମିକା ନିର୍ବାହ କରିଥିବା ବେଳେ ପେଗୀ ମିଶନ କମାଣ୍ଡର ଏବଂ ସ୍ଲାଓଜ ଓ ଟିବୋର ମିଶନ ସ୍ପେଶାଲିଷ୍ଟ ଭାବେ ଦାୟିତ୍ୱ ନେଇଛନ୍ତି। ଉଲ୍ଲେଖଯୋଗ୍ୟ, ଆକ୍ସିଅମ ହେଉଛି ନାସା ଏବଂ ଏଲନ୍ ମସ୍କଙ୍କ ସ୍ପେସେକ୍ସ ସହିତ ଚୁକ୍ତିବଦ୍ଧ ଏକ ଘରୋଇ ସଂସ୍ଥା, ଯାହା ଆଇଏସ୍‌ଏସ୍ ବାଣିଜ୍ୟିକ ମିଶନ ପାଇଁ ସିଟ୍ ବିକ୍ରି କରିଛି। ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ) ଓ ନାସାର ଏହି ମିଳିତ ମିଶନରେ ଯାଇଥିବା ଡ୍ରାଗନ କ୍ରୁ କ୍ୟାପସୁଲ ଜୁନ ୨୬ରେ ଆଇଏସ୍‌ଏସ୍ ସହିତ ସଫଳତାର ସହିତ ଯୋଡ଼ି ହେବା ପରେ ଶୁଭାଂଶୁ ଓ ତାଙ୍କ ଟିମ୍ ସେଠାରେ ଅନେକ ପରୀକ୍ଷଣ କରିବାର କାର୍ଯ୍ୟକ୍ରମ ରହିଛି। ସେଥିମଧ୍ୟରେ ଇସ୍ରୋର ୮ଟି ପରୀକ୍ଷଣ ଅନ୍ତର୍ଭୁକ୍ତ। ଉଲ୍ଲେଖଯୋଗ୍ୟ, ଗ୍ରୁପ୍ କ୍ୟାପଟେନ୍ ଶୁଭାଂଶୁ ୨୦୨୭ରେ ସ୍ଥିରୀକୃତ ଭାରତର ପ୍ରଥମ ମାନବ ମହାକାଶ ଉଡ଼ାଣ ମିଶନ 'ଗଗନଯାନ'ରେ ଉଡ଼ାଣ କରିବା ପାଇଁ ମୁଖ୍ୟ ପ୍ରାର୍ଥୀଙ୍କ ମଧ୍ୟରେ ଅଛନ୍ତି। କୁହାଯାଇପାରେ ରାକେଶ ଶର୍ମା ଓ ଶୁଭାଂଶୁ ଶୁକ୍ଳାଙ୍କ ଉଡ଼ାଣ ମଧ୍ୟରେ ମହାକାଶ ଉଡ଼ାଣରେ ଅନେକ କିଛି ବଦଳିଛି। ବର୍ତ୍ତମାନର ପ୍ରଯୁକ୍ତି କୌଶଳରେ ଢେର ଉନ୍ନତି ଘଟିଥିଲେ ମଧ୍ୟ ଆଇଏସ୍‌ଏସ୍‌ରେ ହେବାକୁ ଥିବା ଗବେଷଣା ଓ ଅନୁଧ୍ୟାନ ଶୁଭାଂଶୁ ଓ ତାଙ୍କ ସାଥୀମାନଙ୍କ ପାଇଁ ନୂଆ ଆହ୍ୱାନ ସୃଷ୍ଟି କରିଛି। ଶୁଭାଂଶୁଙ୍କ ସଫଳତା ଭାରତୀୟଙ୍କୁ ଉତ୍ସାହିତ କରିଛି। ଅନ୍ତର୍ଜାତୀୟ ମହାକାଶ କେନ୍ଦ୍ରରେ ଥିବା ଭାରତୀୟ ବାୟୁସେନାର ଗ୍ରୁପ୍ କ୍ୟାପ୍‌ଟେନ୍ ଶୁଭାଂଶଙ୍କ ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜୁନ ୨୮ରେ କଥା ହୋଇଛନ୍ତି। ପ୍ରଧାନମନ୍ତ୍ରୀ କହିଛନ୍ତି 'ନାମ ଶୁଭ ହୋଇଥିବାରୁ ଶୁଭାଂଶୁଙ୍କ ମହାକାଶ ଯାତ୍ରା ଦେଶର ଯୁବପିଢ଼ି ପାଇଁ ଏକ ନୂତନ ଯୁଗର ଶୁଭାରମ୍ଭ। ଆପଣ ଭାରତଠାରୁ ବହୁ ଦୂରରେ ଥିଲେ ମଧ୍ୟ ଭାରତୀୟଙ୍କ ହୃଦୟର ନିକଟତର ହୋଇପାରିଛନ୍ତି'। ସେପଟୁ ଶୁଭାଂଶୁ କହିଛନ୍ତି, ଭାରତ ମହାକାଶରୁ ମାନଚିତ୍ରରେ ଦେଖାଯାଉଥିବା ଅପେକ୍ଷା ଅଧିକ ଭବ୍ୟ ଓ ବଡ଼ ଦେଖାଯାଉଛି।

ବ୍ୟକ୍ତିତ୍ୱ



ଶୁଭାଂଶୁ ଶୁକ୍ଳା

ଶୁଭାଂଶୁ ଶୁକ୍ଳା। ଉତ୍ତରପ୍ରଦେଶର ଲକ୍ଷ୍ନୌଠାରେ ସେ ୧୦ ଅକ୍ଟୋବର ୧୯୮୫ରେ ଜନ୍ମଗ୍ରହଣ କରିଥିଲେ। ତାଙ୍କ ପିତା ଅବସରପ୍ରାପ୍ତ ସରକାରୀ ଅଧିକାରୀ ଶମ୍ଭୁ ଦୟାଲ ଶୁକ୍ଳା ଓ ମାତା ଆଶା ଶୁକ୍ଳା ଜଣେ ଗୃହିଣୀ। ଶୁଭାଂଶୁ ତିନି ଭଉଣୀଭାଇଙ୍କ ମଧ୍ୟରୁ ସବୁଠାରୁ ସାନ। ସେ ଆଲିଗଞ୍ଜସ୍ଥିତ ସିଟି ମଣ୍ଟେସୋରୀ ସ୍କୁଲରୁ ତାଙ୍କର ସ୍କୁଲ ଶିକ୍ଷା ସାରିଥିଲେ। ୧୯୯୯ କାର୍‌ଗିଲ ଯୁଦ୍ଧରୁ ପ୍ରେରଣା ପାଇ ସେ ନ୍ୟାଶନାଲ ଡିଫେନ୍ସ ଏକାଡେମୀ(ଏନ୍‌ଡିଏ) ପରୀକ୍ଷା ପାଇଁ ଆବେଦନ କରିଥିଲେ ଓ ସଫଳତାର ସହ ମଧ୍ୟ ଉତ୍ତୀର୍ଣ୍ଣ ହୋଇଥିଲେ। ସେ ୨୦୦୫ରେ ଏନ୍‌ଡିଏରୁ ସାମରିକ ତାଲିମ ସମାପ୍ତ କରି କମ୍ପ୍ୟୁଟର ସାଇନ୍ସରେ ବ୍ୟାଚେଲର ଅଫ୍ ସାଇନ୍ସ ଡିଗ୍ରୀ ହାସଲ କରିଥିଲେ। ତା'ପରେ ସେ ଫ୍ଲାଇଂ ବ୍ରାଞ୍ଚ ପାଇଁ ମନୋନୀତ ହୋଇ ଭାରତୀୟ ବାୟୁସେନା ଏକାଡେମୀରେ ତାଲିମ ଗ୍ରହଣ କରିଥିଲେ। ୨୦୦୬ ଜୁନରେ ସେ ଭାରତୀୟ ବାୟୁସେନାର ଫାଇଟର ଷ୍ଟ୍ରିମ୍‌ରେ ଫ୍ଲାଇଂ ଅଫିସର ଭାବେ ନିଯୁକ୍ତ ହୋଇଥିଲେ। ତାଙ୍କ ନିକଟରେ ସୁଖୋଇ-୩୦ ଏମ୍‌କେଆଇ, ଏମ୍‌ଆଇଜି-୨୧, ଏମ୍‌ଆଇଜି-୨୯, ହକ୍, ଡୋର୍ନିଅର ୨୨୮ ଏବଂ ଜାଗୁଆର ଆଦି ଲଢୁଆ ବିମାନରେ ପ୍ରାୟ ୨ ହଜାର ଘଣ୍ଟାରୁ ଅଧିକ ଉଡ଼ାଣର ଅଭିଜ୍ଞତା ରହିଛି।

ଶୁଭାଂଶୁଙ୍କୁ ୨୦୧୯ ମସିହାରେ ଭାରତୀୟ ମାନବ ଅନ୍ତରୀକ୍ଷ ଉଡ଼ାଣ କାର୍ଯ୍ୟକ୍ରମ ପାଇଁ ଭାରତୀୟ ବାୟୁସେନା ଅଧୀନରେ ଥିବା ଇନଷ୍ଟିଚ୍ୟୁଟ ଅଫ୍ ଏରୋସ୍ପେସ ମେଡିସିନ (ଆଇଏଏମ୍) ଦ୍ୱାରା ମହାକାଶଚାରୀ ଚୟନ ପ୍ରକ୍ରିୟାରେ ଅନ୍ତର୍ଭୁକ୍ତ କରାଯାଇଥିଲା। ପରବର୍ତ୍ତୀ ସମୟରେ ୨୦୨୦ରେ ସେ ରୁଷିଆରେ ଥିବା ୟୁରି ଗାଗାରିନ କସ୍ମୋନଟ ଟ୍ରେନିଂ ସେଣ୍ଟରରେ ତାଲିମ ପାଇଁ ଯାଇଥିଲେ। ୨୦୨୧ରେ ତାଙ୍କର ମୌଳିକ ତାଲିମ ସମାପ୍ତ ହେଲା। ତା'ପରେ ସେ ଭାରତକୁ ଫେରି ବେଙ୍ଗାଲୁରୁରେ ଥିବା ମହାକାଶଚାରୀ ତାଲିମ କେନ୍ଦ୍ରରେ ପ୍ରଶିକ୍ଷଣ ନେଇଥିଲେ। ସେହି ସମୟରେ ସେ ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସାଇନ୍ସରୁ ଏରୋସ୍ପେସ ଇଞ୍ଜିନିୟରିଂରେ ମାଷ୍ଟର ଅଫ୍ ଇଞ୍ଜିନିୟରିଂ ଡିଗ୍ରୀ ହାସଲ କରିଥିଲେ। ଭାରତର ପ୍ରଥମ ମାନବ ଅନ୍ତରୀକ୍ଷ ମିଶନ ପାଇଁ ମହାକାଶଚାରୀ ଦଳର ସଦସ୍ୟ ଭାବେ ତାଙ୍କ ନାମ ପ୍ରଥମେ ୨୭ ଫେବୃଆରୀ ୨୦୨୪ରେ ଥିରୁଭାନନ୍ତପୁରମ୍‌ରେ ଥିବା ଇସ୍ରୋର ବିକ୍ରମ ସାରାଭାଇ ମହାକାଶ କେନ୍ଦ୍ରରେ ଆନୁଷ୍ଠାନିକ ଭାବେ ଘୋଷଣା କରାଯାଇଥିଲା। ତା' ପରଠାରୁ ତାଙ୍କ ଯାତ୍ରା ଶୁଭଙ୍କର ହୋଇ ଆଇଏସ୍‌ଏସ୍ ଯାଏ ପହଞ୍ଚିପାରିଛି।

ଶୁଭାଂଶୁଙ୍କ ବ୍ୟକ୍ତିଗତ ସଂସାର କହିଲେ ସ୍କୁଲ ବେଳର ସହପାଠୀ ଦନ୍ତ ଚିକିତ୍ସିକା କାମନା ମିଶ୍ରଙ୍କୁ ସେ ବିବାହ କରିଛନ୍ତି। ସେମାନଙ୍କର ପୁଅଟିଏ ଅଛି। ଅବସର ସମୟରେ ଶୁଭାଂଶୁ ଶାରୀରିକ ବ୍ୟାୟାମ କରିବା ସହ ବିଜ୍ଞାନ ସମ୍ବନ୍ଧୀୟ ପୁସ୍ତକ ପଢ଼ିବାକୁ ପସନ୍ଦ କରିଥାଆନ୍ତି। ନିକଟରେ ସେ ଜାତକ ଦେଖିବାରେ ଆଗ୍ରହ ବଢ଼ାଇଛନ୍ତି। ଦୁଃସାହସୀ ଶୀର୍ଷରେ ପହଞ୍ଚିବା ପରେ ମଧ୍ୟ ଆହରି ଆଗକୁ ଯିବା ଲାଗି ଜାତକରେ ବିଶ୍ୱାସ ରଖିବା ସମ୍ଭବତଃ ତାଙ୍କ ଜୀବନକୁ ଭବ୍ୟମୟ କରିଦେଉଛି।

-ଜିତେନ୍ଦ୍ର କୁମାର ନାୟକ

## ଏଇ ଭାରତରେ

ବେଳାଭୂମିର ପ୍ଲାଷ୍ଟିକ ପ୍ରଦୂଷଣ ଏବେ ଚିନ୍ତାର କାରଣ ହେଲାଣି। ତେବେ ଏଭଳି ସମସ୍ୟା ଦୂର କରିବା ଲାଗି ବ୍ୟକ୍ତିଗତ ତଥା ସାଂଗଠନିକ ସ୍ତରରେ ଉଦ୍ୟମ ଜାରି ରହିଛି। ଏହି କ୍ରମରେ ମୁମ୍ବାଇର ଚିନ୍ଟୁ କ୍ୱାତ୍ରଙ୍କ ପଦକ୍ଷେପ ପ୍ରଶଂସନୀୟ। ଚିନ୍ଟୁ ଜଣେ କର୍ପୋରେଟ୍ ଏକ୍‌ଜିକ୍ୟୁଟିଭ୍। ସେ ତାଙ୍କ କାର୍ଯ୍ୟରୁ ସମୟ ବାହାର କରି ମୁମ୍ବାଇର ବେଳାଭୂମିଗୁଡ଼ିକରୁ ପ୍ଲାଷ୍ଟିକ୍ ବର୍ଜ୍ୟ ସଂଗ୍ରହ କରି ସେଗୁଡ଼ିକୁ ରିସାଇକେଲ୍ କରୁଛନ୍ତି। ଏଥିରେ ସ୍ଥାନୀୟ ରିସାଇକେଲର ଓ ଫାବ୍ରିକେଟରଙ୍କ ପୂର୍ଣ୍ଣ ସହଯୋଗ ରହୁଛି। ସେ ବିଚ୍ ୱେଷ୍ଟ ରିକଭରି ଫାସିଲିଟି ସଂସ୍ଥା ଗଠନ କରି ସମ୍ପୂର୍ଣ୍ଣ ପ୍ରକ୍ରିୟାକୁ ସଞ୍ଚାଳନ କରୁଛନ୍ତି। ଏଥିରେ ଚିନ୍ଟୁଙ୍କୁ ସହଯୋଗ କରୁଛି ଏକ ଟିମ୍। ଏହି ଟିମ୍‌ରେ ବିଭିନ୍ନ ବର୍ଗର ଲୋକଙ୍କ ସହିତ ସ୍କୁଲ ପିଲାମାନେ ମଧ୍ୟ ସାମିଲ ହୋଇଛନ୍ତି। ବଡ଼ କଥା ହେଉଛି ସଂଗୃହୀତ ପ୍ଲାଷ୍ଟିକ ବର୍ଜ୍ୟରୁ କେବଳ ସ୍କୁଲ ପାଇଁ ବେଞ୍ଚ ତିଆରି କରାଯାଉଛି। ଏହିସବୁ ବେଞ୍ଚକୁ ଗ୍ରାମୀଣ ବିଦ୍ୟାଳୟଗୁଡ଼ିକୁ ଯୋଗାଇ ଦିଆଯାଉଛି। ଫଳରେ ଗ୍ରାମୀଣ ମହାରାଷ୍ଟ୍ରରେ ଦୁର୍ବଳ ଭିତ୍ତିଭୂମି ଥିବା ସ୍କୁଲଗୁଡ଼ିକରେ ପିଲାମାନେ ଉପକୃତ ହେଉଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୨୯ ଜୁନ୍ ୧୯୭୬

- ଫ୍ରାନ୍ସର ଅନାହୁତ ବିମାନକୁ ଅପହରଣକାରୀମାନେ ଲିବ୍ୟାର ବେଂଘାଦିଠାରୁ ନେଇ ଉଗାଣ୍ଡାର ଇଣ୍ଟେବି ବିମାନ ଘାଟିରେ ପହଞ୍ଚିଥିବା ଜଣାପଡ଼ିଛି।
- ପର୍ତ୍ତୁଗାଲର ସାମରିକ ବାହିନୀ ମୁଖ୍ୟ ଜେନୁକ ଆଣ୍ଟୋନିଓ ରାମାହଲୋଇନ୍ସ ଦେଶର ପ୍ରଥମ ମୁକ୍ତ ରାଷ୍ଟ୍ରପତି ନିର୍ବାଚନରେ ବିଜୟୀ ଘୋଷିତ।

## ଚିରନ୍ତନୀ

ଦେଖାଇଲ ଭାବନାର ଉର୍ବରତା
ପ୍ରାଣର ପ୍ରାଚୁର୍ଯ୍ୟ
ଘେନ ତେଣୁ ନବୀନର ଶ୍ରଦ୍ଧା ଅର୍ଘ୍ୟ
ହେ ପୁରାଣ ପୂଜ୍ୟ !
-(ପ୍ରାଚୀନ ଓ ନବୀନ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 8 | | 9 | | 2 | | | 5 |
| 4 | | | | | 3 | 9 | | 2 |
| 2 | | | 4 | | | | | |
| | 4 | | | | | 8 | | 1 |
| | | 1 | | | | | | 6 |
| 9 | | | | | 8 | 4 | | |
| 7 | 2 | | | 1 | 9 | | | |
| | | | 8 | | | | 1 | |
| | | 9 | | 6 | | 2 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 7 | 3 | 5 | 4 | 6 | 9 | 1 | 8 | 2 |
| 6 | 9 | 2 | 1 | 7 | 8 | 4 | 3 | 5 |
| 1 | 4 | 8 | 2 | 5 | 3 | 6 | 9 | 7 |
| 3 | 5 | 4 | 8 | 9 | 6 | 7 | 2 | 1 |
| 8 | 2 | 1 | 7 | 4 | 5 | 3 | 6 | 9 |
| 9 | 7 | 6 | 3 | 2 | 1 | 8 | 5 | 4 |
| 2 | 8 | 7 | 5 | 3 | 4 | 9 | 1 | 6 |
| 5 | 6 | 3 | 9 | 1 | 7 | 2 | 4 | 8 |
| 4 | 1 | 9 | 6 | 8 | 2 | 5 | 7 | 3 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଯାତ୍ରୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି

ମହାଶୟ,

ଭୁବନେଶ୍ୱର ପୂର୍ବତଟ ରେଳପଥ ଷ୍ଟେଶନ ନିକଟକୁ ଲାଗି ମାଷ୍ଟରକ୍ୟାଣ୍ଟିନ ବସଷ୍ଟାଣ୍ଡ। ଏଠାରୁ ଶତାଧିକ ଟାଉନ ବସ୍, ବେସରକାରୀ ବସ୍ ଯାତାୟାତ କରିଥାନ୍ତି। ଏହାର ପ୍ରବେଶ ପଥରୁ ଅନେକ ବର୍ଷଠାରୁ ପିଚୁ ଉଠି ଯାଇ ଖାଲଖମାରେ ପରିପୂର୍ଣ୍ଣ ହୋଇରହିଛି। ବସ୍ ସବୁ ବିମାନ ପରି ହଲିହଲି ବିପଦପୂର୍ଣ୍ଣ ଭାବେ ଯାତାୟାତ କରୁଛନ୍ତି ଓ ଯାତ୍ରୀମାନେ ମଧ୍ୟ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପରିବହନ କର୍ତ୍ତୃପକ୍ଷ, ବସ ସଂଘର କର୍ମକର୍ତ୍ତା ଏଭଳି ସମସ୍ୟା ସମ୍ପର୍କରେ ଉଚ୍ଚକର୍ତ୍ତୃପକ୍ଷଙ୍କୁ ଅବଗତ କରିବା ଦରକାର। ସରକାର ଏହି ସମସ୍ୟାର ତୁରନ୍ତ ସମାଧାନ କରନ୍ତୁ।

-ଶ୍ରୀରାମଚନ୍ଦ୍ର ଦାସ, ବିଦ୍ୟାଧରପୁର, ସତ୍ୟବାଦୀ, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ବିପଦପୂର୍ଣ୍ଣ ଅବସ୍ଥାରେ ବିଦ୍ୟୁତ୍ ଖୁଣ୍ଟ

ଆଠମଲ୍ଲିକ,୨୮।୬(ଉଦୀପ୍ତ ପୁରୋହିତ)



ଅନୁଗୋଳ ଜିଲା ଆଠମଲ୍ଲିକ ସହର ଗଙ୍ଗାରାମ ଛକଠାରୁ କଚେରି ଛକ ପର୍ଯ୍ୟନ୍ତ ରାସ୍ତାକୁ ଏନ୍ଏସି ତରଫରୁ ଆଲୋକୀକରଣ କରାଯାଇଛି। ଏଥିପାଇଁ ରାସ୍ତା ପାର୍ଶ୍ୱରେ ବିଦ୍ୟୁତ୍ ଖୁଣ୍ଟ ବସାଯାଇଥିବା ବେଳେ ସେଥିରୁ କେତୋଟି ବିପଦପୂର୍ଣ୍ଣ ଅବସ୍ଥାରେ ଥିବା ଅଭିଯୋଗ ହେଉଛି। ସୁନୀଲ ଅଗ୍ରୱାଲ ସିମେଣ୍ଟ ଦୋକାନ ନିକଟରେ ଏକ ବିଦ୍ୟୁତ୍ ଖୁଣ୍ଟ ତଳୁ ସମ୍ପୂର୍ଣ୍ଣ ଛିଡି ଯାଇ ଝୁଲି ରହିଛି। ଯେକୌଣସି ମୁହୂର୍ତ୍ତରେ ଖୁଣ୍ଟଟି ତଳେ ପଡି ଅଘଟଣ ଘଟିବାର ସମ୍ଭାବନା ରହିଛି। ଏନ୍ଏସି କର୍ତ୍ତୃପକ୍ଷ ତୁରନ୍ତ ଏହାର ମରାମତି କରିବାକୁ ସାଧାରଣରେ ଦାବି ହେଉଛି।

# ନାବାଳିକା ଅପହରଣ ଅଭିଯୋଗ, ଜଣେ ଗିରଫ

ଛେଣ୍ଡିପଦା,୨୮।୬ (ଅଜିତ ଧଳ)

ଅନୁଗୋଳ ଜିଲା ଛେଣ୍ଡିପଦା ଥାନା ଅଞ୍ଚଳର ଜଣୈକା ନାବାଳିକାଙ୍କୁ ଅପହରଣ ଅଭିଯୋଗରେ ପୋଲିସ କୁକୁରପେଟା ଗାଁର ଶୁକଦେବ ସାହୁଙ୍କୁ ଗିରଫ କରିଛି। ପୋଲିସ କହିଛି, ସମ୍ପୃକ୍ତା ନାବାଳିକା ନିଖୋଜ ଥିବାନେଇ ଛେଣ୍ଡିପଦା ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ନଂ. ୧୯୫/୨୫ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରିବା ସହ ନାବାଳିକାଙ୍କୁ ଉଦ୍ଧାର କରିଥିଲା। ଚଢ଼ାଉ ବେଳେ ଫେରାର ହୋଇଥିବା ଅଭିଯୁକ୍ତ ଶୁକଦେବଙ୍କୁ ତେଣ୍ଟୁଲୋଇ ଗାଁ ନିକଟରୁ ଗିରଫ କରାଯିବା ପରେ ଶନିବାର କୋର୍ଟଚାଲାଣ କରାଯାଇଛି।

# ତଳମୂଳ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରତିଷ୍ଠା ଉତ୍ସବ




ତଳମୂଳ ସରକାରୀ ଉଚ୍ଚ ବିଦ୍ୟାଳୟର ୭୯ତମ ପ୍ରତିଷ୍ଠା ଦିବସ ଅବସରରେ ମଞ୍ଚାସୀନ ଅତିଥିମାନେ।

ସନ୍ଥିଛକ, ୨୮।୬ (ସନ୍ତୋଷ ପରିଡ଼ା)

ଅନୁଗୋଳ ଜିଲା ବଁଅରପାଳ ବ୍ଲକ ତଳମୂଳ ସରକାରୀ ଉଚ୍ଚ ବିଦ୍ୟାଳୟର ୭୯ତମ ପ୍ରତିଷ୍ଠା ଦିବସ ଶନିବାର ପାଳିତ ହୋଇଯାଇଛି। ବିଷ୍ଣୁ ଚରଣ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, ସମ୍ମାନିତ ଅତିଥି ଭାବେ ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା, ଜିଲା ପରିଷଦ ସଦସ୍ୟା ମୀରା ଗଡ଼ନାୟକ, ବ୍ଲକ ଅଧକ୍ଷ ବିଜୟ କୁମାର ନାଥ, ଜିଲା ଶିକ୍ଷା ଅଧିକାରୀ ନିରଞ୍ଜନ ସାହୁ, ପ୍ରଧାନ ଶିକ୍ଷକ ତଥା ଗୋଷ୍ଠୀ ଶିକ୍ଷା ଅଧିକାରୀ ମାନସ ରଞ୍ଜନ ପୃଷ୍ଟି ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ଜିଲା ଶିକ୍ଷାଧିକାରୀ ନିରଞ୍ଜନ ସାହୁ ଉପସ୍ଥିତ ରହି ବିଦ୍ୟାଳୟର ସଫଳ ଛାତ୍ରୀଛାତ୍ରଙ୍କ ବିଷୟରେ ସୂଚନା ପ୍ରଦାନ କରିଥିଲେ। ବିଦ୍ୟାଳୟରେ ଆହୁରି ଉନ୍ନତମାନର ଶିକ୍ଷାଦାନ ଉପରେ ଗୁରୁତ୍ୱ ଦିଆଯିବା ସହ ଉନ୍ନତିମୂଳକ କାର୍ଯ୍ୟ କରାଯିବ ବୋଲି ଅନୁଗୋଳ ବିଧାୟକ ପ୍ରଧାନ ପ୍ରତିଶ୍ରୁତି ଦେଇଥିଲେ।

# ଟ୍ରକ୍‌କୁ ଧକ୍କା ଦେଇ ୪ ଦୋକାନ ଉପରେ ଚଢ଼ିଗଲା ଟ୍ରକ୍

ଅନୁଗୋଳ,୨୮।୬(ମାନସ ବିଶ୍ୱାଳ)



ଅନୁଗୋଳ ଟାଉନ ଥାନା ଅଧୀନ ହେମସୁରପଡ଼ା ଛକ ନିକଟରେ ଶୁକ୍ରବାର ରାତିପ୍ରାୟ ୧୨ଟାରେ ଏକ ଦୁର୍ଘଟଣା ଘଟିଛି। ଏକ ୧୨ ଚକିଆ ଟ୍ରକ୍ (ନଂ. ଓଡି.୦୯ଏଫ–୩୯୮୮) ଅନୁଗୋଳ ଆଡୁ ଛେଣ୍ଡିପଦା ଅଞ୍ଚଳକୁ ଯାଉଥିବା ବେଳେ ହେମସୁରପଡା ଛକରେ ରହିଥିବା ଏକ ଟ୍ରକ୍‌କୁ ଧକ୍କା ଦେଇ ୪ଟି ଦୋକାନ ଭିତରେ ପଶିଯାଇଥିଲା। ଏଥିରେ ମଣ୍ଟୁ ବେହେରାଙ୍କ ଏକ କୁକୁଡ଼ା ଦାନା ଦୋକାନ ଓ ଭେରାଇଟ ଦୋକାନ ଓ ନବିନା ବେହେରାଙ୍କ ଫାଷ୍ଟ ଫୁଡ୍ ଏବଂ ଏକ ଗ୍ୟାରେଜ ଭାଙ୍ଗି ଯାଇଥିଲା। ଏହାକୁ ନେଇ ଉତ୍ତେଜନା ଦେଖାଦେଇଥିବା ବେଳେ ଟାଉନ ଥାନା ପୋଲିସ ପହଞ୍ଚି ବୁଝାଶୁଝା କରିଥିଲା। ଟ୍ରକ୍ ମାଲିକ ପହଞ୍ଚି କ୍ଷତିପୂରଣ ଦେବା ପରେ ପୋଲିସ ଗାଡ଼ି ଜବତ କରି ଥାନାକୁ ନେଇଥିଲା। ଚାଳକଙ୍କୁ ଅଟକ ରଖାଯାଇ ତଦନ୍ତ ଆରମ୍ଭ କରାଯାଇଥିବା ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

# ମରଣଯନ୍ତା ପାଲଟିଛି ୧୪୯ ନମ୍ବର ରାଜପଥ

ସନ୍ଥିଛକ, ୨୮।୬ (ସନ୍ତୋଷ ପରିଡ଼ା)



ଅନୁଗୋଳ ଜିଲା ବଁଅରପାଳ ଛକଠାରୁ ତାଳଚେର ଦେଇ ଯାଇଥିବା ୧୪୯ ନଂ ଜାତୀୟ ରାଜପଥର ଅନେକ ସ୍ଥାନ ଅତି କଦର୍ଯ୍ୟ ହୋଇପଡ଼ିଛି। ମରାମତି ଅଭାବରୁ ରାଜପଥର ବିଭିନ୍ନ ସ୍ଥାନରେ ବଡ଼ ବଡ଼ ଗାତ ସୃଷ୍ଟି ହୋଇଥିବା ବେଳେ ବର୍ଷା ପାଣି ପଶି ଏକପ୍ରକାର ମରଣଯନ୍ତା ପାଲଟିଛି। ଦୈନିକ ସହସ୍ରାଧିକ ଭାରିଯାନ ଚଳାଚଳ କରୁଥିବାରୁ ବପର୍ଯ୍ୟସ୍ତ ହୋଇପଡ଼ିଥିବା ରାସ୍ତା ଯୋଗୁ ଟ୍ରାଫିକ ସମସ୍ୟା ଦେଖାଦେଉଛି। ଗୋଟମରା, ବୁଢ଼ାପଙ୍କ ପାଖଦେଇ ଯାଇଥିବା ରେଙ୍ଗାଲି ବାମ ପାର୍ଶ୍ୱ କେନାଲ ଓଭରବ୍ରିଜ୍ ଉପରେ ବଡ଼ ଗର୍ତ୍ତମାନ ହୋଇଥିବାରୁ ଦୁର୍ଘଣା ଘଟୁଛି। ଉକ୍ତ ବ୍ରିଜ୍ ଅବସ୍ଥା ମଧ ଭଲ ନ ଥିବା ଜଣାପଡ଼ିଛି। ବଁଅରପାଳ ଛକଠାରୁ ତାଳଚେର ପର୍ଯ୍ୟନ୍ତ ରାସ୍ତା ପାର୍ଶ୍ୱରେ ଆଲୋକର କି ଡ୍ରେନ ବ୍ୟବସ୍ଥା ନାହିଁ। ଗତ ୩ ମାସ ମଧରେ ଏହି ରାଜପଥରେ ଦୁର୍ଘଟଣା ଘଟି ୧୫ରୁ ଅଧିକ ଜୀବନ ଯାଇଥିବା ଅଞ୍ଚଳବାସୀ କହିଛନ୍ତି। ତୁରନ୍ତ ରାଜପଥ ମରାମତି ସହ ଆଲୋକ ବ୍ୟବସ୍ଥା, ସିସି କ୍ୟାମେରା ଲଗାଇବା ପାଇଁ ସାଧାରଣରେ ଦାବି ହେଉଛି।


GOVERNMENT OF CHHATTISGARH, WATER RESOURCES DEPARTMENT
OFFICE OF THE EXECUTIVE ENGINEER
WATER RESOURCES DIVISION RAIGARH
DISTT.-RAIGARH (C.G.)
e-Procurement Tender Notice
eProcurement Portal : https://eproc.cgstate.gov.in
Online Tenders are invited for the following works up to 14.07.2025 at 17.30 Hours

| System Tender No. | NIT No. & Date | Name of work | Probable amount of contract (in lakhs) | Tender call |
|---|---|---|---|---|
| 170858 | 15/SAC/2025-26 Dtd.26.06.2025 | CONSTRUCTION OF KHAIRPALI STOP DAM CUM ANICUT SCHEME IN RAIGARH DISTRICT | 519.49 | Third Call |
| 170861 | 16/SAC/2025-26 Dtd.26.06.2025 | RENOVATION OF BHULUMUDA TANK SCHEME | 84.22 | Third Call |

The details can be viewed and downloaded online directly from the Government of Chhattisgarh Integrated e-Procurement Portal (https://eproc.cgstate.gov.in) from Date 03.07.2025 at 17.31 Hours. (IST) onwards.
Note : All eligible /interested contractors/bidders are mandated to get enrolled on the Integrated e-procurement portal (https://eproc.cgstate.gov.in) and get approval on specific vendor class from PWD under Centralized Contractor/ Supplier Registration in order to download the tender documents and participate in the subsequent bidding process.
Sd./- Executive Engineer
Water Resources Division Raigarh
Distt.-Raigarh (C.G.)
G-252601833/4


# ଟ୍ରେଲର ଜବତ, ଚାଳକ ଗିରଫ

ବଇଣ୍ଡା,୨୮।୬(ପରିକ୍ଷିତ ସାହୁ)

ଅନୁଗୋଳ ଜିଲା କିଶୋରନଗର ବ୍ଲକ ହଣ୍ଡପା ପୋଲିସ ଶୁକ୍ରବାର ହଣ୍ଡପା ଅଞ୍ଚଳରେ ଗାଡ଼ିମୋଟର ଯାଞ୍ଚ କରିଛି। ଏହି ସମୟରେ ମଦ୍ୟପାନ କରି ଟ୍ରେଲର ଚଲାଉଥିବା ଅଭିଯୋଗରେ ଉତ୍ତରପ୍ରଦେଶ ରାଜ୍ୟର ବାବୁଲି ଚୌଧୁରୀଙ୍କୁ ଗିରଫ କରାଯାଇଛି। ଏଥିସହ ସେ ଚଳାଉଥିବା ଟ୍ରେଲର (ନମ୍ବର ସିଜି ୧୩ ଏଡବ୍ଲ୍ୟୁ ୩୩୫୧)କୁ ଜବତ କରାଯାଇଛି।

# ସ୍କେଟିଂରେ ଢେଙ୍କାନାଳର ଦେବାଂଶଙ୍କ କୃତିତ୍ୱ

ଢେଙ୍କାନାଳ,୨୮।୬(ରତନ ନାୟାର)



ପିତା ଅଜୟ ଭୂଷଣ ସାହୁଙ୍କ ସହିତ ଏଆର ଦେବାଂଶ।

ଢେଙ୍କାନାଳର ଏଆର ଦେବାଂଶ ଗତ ୧୯ରୁ ୨୩ ତାରିଖ ପର୍ଯ୍ୟନ୍ତ କଲିକତାରେ ଅନୁଷ୍ଠିତ ହୋଇଥିବା ୯ମ ଜାତୀୟ ର୍ୟାଙ୍କିଂ ସ୍ପିଡ୍ ସ୍କେଟିଂ ପ୍ରତିଯୋଗିତା ୨୦୨୫ରେ ରୌପ୍ୟ ପଦକ ହାସଲ କରିଛନ୍ତି। ସେ ଢେଙ୍କାନାଳ ସହରର ଗୁଡିଆନାଳୀ ଅଞ୍ଚଳର ଅଜୟ ଭୂଷଣ ସାହୁଙ୍କ ପୁତ୍ର ହୋଇଥିବା ବେଳେ ଭୁବନେଶ୍ୱରସ୍ଥିତ ଓଡିଏମ୍ ଗ୍ଲୋବାଲ ସ୍କୁଲରେ ୧୦ମ ଶ୍ରେଣୀର ଛାତ୍ର ଅଟନ୍ତି । ସେ ଉତ୍କଳ ୟୁନିକର୍ନସ ରୋଲର ସ୍ପୋର୍ଟସ ଏକାଡେମୀରେ ସ୍କେଟିଂ ପ୍ରଶିକ୍ଷଣ ନେଉଛନ୍ତି ।

## ମଦ ଜବତ, ପୂର୍ବତନ ସରପଞ୍ଚଙ୍କ ସ୍ୱାମୀ ସହ ୨ କୋର୍ଟ ଚାଲାଣ

ପରଜଙ୍ଗ, ୨୮।୬ (ନିଗମାନନ୍ଦ ଦଳବେହେରା)

ଢେଙ୍କାନାଳ ଜିଲା ପରଜଙ୍ଗ ଅବକାରୀ ଅଧିକାରୀଙ୍କ ନେତୃତ୍ୱରେ ଶନିବାର ଏକ ଟିମ ରୋଡ ବଜାରରେ ଥିବା ଦୁଇଟି ଦୋକାନରେ ଚଢ଼ାଉ କରିଥିଲେ। ଏହି ସମୟରେ ରୋଡ଼ ଗ୍ରାମର ପୂର୍ବତନ ସରପଞ୍ଚଙ୍କ ସ୍ୱାମୀ ବିନୟ କୁମାର ସାହୁଙ୍କ ଦୋକାନରୁ ୫୦ରୁ ଉର୍ଦ୍ଧ୍ୱ ମହୁଲି ପାଉଚ ଜବତ କରିଥିଲେ। ସେହିପରି ନିକଟରେ ଥିବା ବିରଞ୍ଚି ବେହେରାଙ୍କ ଭେରାଇଟ ଷ୍ଟୋରରୁ ବିଭିନ୍ନ ବ୍ରାଣ୍ଡର ୨୧ ଲିଟର ବିଦେଶୀ ମଦ ଜବତ କରାଯାଇଥିଲା। ଉଭୟଙ୍କ ନାମରେ ଦୁଇଟି ମାମଲା ରୁଜୁ କରାଯାଇ କୋର୍ଟଚାଲାଣ କରାଯାଇଛି।

## ଧୀରପାଟଣାରେ ରଥଯାତ୍ରା

ଢେଙ୍କାନାଳ,୨୮।୬(ରତନ ନାୟାର)

ଢେଙ୍କାନାଳ ସଦର ବ୍ଲକ ଧୀରପାଟଣା ଗ୍ରାମରେ ଚଳିତବର୍ଷର ରଥଯାତ୍ରା ପାଳିତ ହୋଇଯାଇଛି। ଯୁବରାଜ ଅମରଜ୍ୟୋତି ସିଂହଦେଓ ଅପରାହ୍ନ ସାଢେ ୪ଟା ସମୟରେ ଧୀରପାଟଣା ଗ୍ରାମସ୍ଥିତ ଜଗନ୍ନାଥ ମନ୍ଦିରରେ ମଙ୍ଗଳାର୍ପଣ ଓ ଆଳତୀ କରିଥିଲେ। ପରେ ପରେ ଧାଡି ପହଣ୍ଡିରେ ଚକ୍ରରାଜ ସୁଦର୍ଶନ, ଶ୍ରୀବଳଭଦ୍ର, ସୁଭଦ୍ରା ଓ ଶ୍ରୀ ଜଗନ୍ନାଥଙ୍କଠାରେ ଟାହିଆ ଲଗାଯାଇ ରଥାରୁଢ଼ କରାଯାଇଥିଲା। ରଥରେ ଯୁବରାଜ ଛେରା ପହଁରା କରିବା ପରେ ରଥକୁ ଗୁଣ୍ଡିଚା ମନ୍ଦିର ଅଭିମୁଖେ ଗ୍ରାମମଧ ଦେଇ ଟଣାଯାଇଥିଲା। ଢେଙ୍କାନାଳ ଶ୍ରୀଜଗନ୍ନାଥ ସେବା ପରିଷଦର ସଭାପତି ପ୍ରଦ୍ୟୁମ୍ନ ରଥ, ସଭ୍ୟ ପ୍ରେମ ଶଙ୍କର ମିଶ୍ର ଓ ରାଜପୁରୋଧା ଦିବ୍ୟଜ୍ୟୋତି ମିଶ୍ର ସାମିଲ୍ ହୋଇଥିଲେ । ଗ୍ରାମର ବିଶିଷ୍ଟ ବ୍ୟକ୍ତି ଅରୁଣ ସାହୁ, ରବିନାରାୟଣ ସାହୁ, ତ୍ରିଲୋଚନ ସାହୁ, ଗନ୍ଧର୍ବ ସାହୁ, ଦୁର୍ଯ୍ୟୋଧନ ରାଉତ, ଗ୍ରାମ ସଭାପତି ଚିତରଞ୍ଜନ ଖୁଣ୍ଟିଆ ଓ ସରପଞ୍ଚ ପ୍ରତାପ ସ୍ୱାଇଁ ପ୍ରମୁଖ ଯାତ୍ରା ପରିଚାଳନା କରିଥିଲେ ।


ହୋମି ଭାବା ବିଜ୍ଞାନ ଶିକ୍ଷା କେନ୍ଦ୍ର
ଟାଟା ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଫଣ୍ଡାମେଣ୍ଟାଲ ରିସର୍ଚ୍ଚ
tifr HBCSE
ଗଣିତରେ ଭାରତୀୟ ଅଲିମ୍ପିଆଡ୍ କ୍ୱାଲିଫାୟର୍ (ଆଇଓକ୍ୟୁଏମ୍) ୨୦୨୫-୨୬
ଭାରତୀୟ ଜାତୀୟ ଗାଣିତିକ ଅଲିମ୍ପିଆଡ୍ (ଆଇଏନ୍ଏମ୍ଓ) ୨୦୨୬ରେ ଅଂଶଗ୍ରହଣ କରିବା ପାଇଁ ଇଚ୍ଛୁକ ସମସ୍ତ ଛାତ୍ରଛାତ୍ରୀ ସେପ୍ଟେମ୍ବର ୭, ୨୦୨୫ ଦିନ ସମ୍ପୃକ୍ତ ଭାରତୀୟ ଗଣିତ ଅଲିମ୍ପିଆଡ୍ କ୍ୱାଲିଫାୟର୍ ପରୀକ୍ଷା (ଆଇଓକ୍ୟୁଏମ୍)ରେ ଭାଗ ନେବା ଜରୁରୀ ଅଟେ। ଭାରତୀୟ ଦଳର ଜଣେ ଆନୁଷ୍ଠାନିକ ସଦସ୍ୟ ଭାବେ ଅନ୍ତର୍ଜାତୀୟ ଗାଣିତିକ ଅଲିମ୍ପିଆଡ୍ (ଆଇଏମ୍ଓ) ୨୦୨୬ ଏବଂ ୟୁରୋପିଆନ୍ ବାଳିକା ଗାଣିତିକ ଅଲିମ୍ପିଆଡ୍ (ଇଜିଏମ୍ଓ) ୨୦୨୭ରେ ଅଂଶଗ୍ରହଣର ପ୍ରଥମ ପଦକ୍ଷେପ ସ୍ୱରୂପ ଆଇଓକ୍ୟୁଏମ୍‌ରେ ଯୋଗ୍ୟତା ହାସଲ କରିବାକୁ ପଡ଼ିଥାଏ।
ଅଧିକ ବିବରଣୀ ଓ ନାମଲେଖା ଲିଙ୍କ୍ ପାଇଁ: https://olympiads.hbcse.tifr.res.in ଏବଂ https://www.mtai.org.in/
ପଞ୍ଜୀକରଣ ସିଧାସଳଖ ସମ୍ପୃକ୍ତ କେନ୍ଦ୍ରଗୁଡ଼ିକରେ କରାଯାଇପାରିବ। ବିକଳ୍ପ ଭାବେ, ୧ ଜୁଲାଇ, ୨୦୨୫ ପରଠାରୁ https://ioqmexam.in/ ରେ ଅନ୍‌ଲାଇନ୍‌ରେ ପଞ୍ଜୀକରଣ କରାଯାଇପାରିବ।
ଶେଷ ତାରିଖ: ୨୬ ଜୁଲାଇ, ୨୦୨୫।
cbc 48143/12/0003/2526



Government of Jharkhand
Urban Development And Housing Department
Dhanbad Municipal Corporation, Dhanbad
e-Procurement Re-Tender Notice No. DMC/14/2025-26
Reference No. : DMC/14/2025-26 Date : 28.06.2025

| क्रम सं0 | Group No. | योजना का नाम | प्राक्कलित राशि | अग्रधन राशि | परिमाण विपत्र का मूल्य | कार्य समाप्ति का अवधि |
|---|---|---|---|---|---|---|
| 1 | DMC/14/2025-26/01 | Construction of Bitumenous Road from Rajkiya Madhya Vidyalaya Kusunda to Mahesh Kirana Store Jalan Factory via Kharikabandh Harijan Basti and from Near Jalan Factory gate to Near Kusunda Durga Mandir via Gondudih Thana in ward no. 14 under DMC, Dhanbad (2nd Call) | 14935400.00 | 2 % of BOQ | 10000.00 | 180 दिन |
| 2 | DMC/14/2025-26/02 | Construction of Bitumenous Road from Rahmatganj (Yunus Shop) to Ansar Nagar Khawajanur house and Bharat Chowk to Kumhar Patti to Das Tola via Mangru Hotel under DMC, Dhanbad | 10761200.00 | 2 % of BOQ | 10000.00 | 180 दिन |
| 3 | DMC/14/2025-26/03 | Renovation of Bitumenous Road from Polytehnic more to Bypass Road via Patel Chowk, Patel Chowk to Ara More under DMC, Dhanbad | 9028900.00 | 2 % of BOQ | 10000.00 | 180 दिन |

Date of Publication of Tender on website :- From 02.07.2025 At 03.00 PM
Online Last Date / Time for receiving of bids :- 16.07.2025 (Online) till 03:00 PM
Date of Bid Opening :- From 17.07.2025 at 03:00 PM (Online)
NOTE:- (i) Only e-Tenders will be accepted. Further details can be seen on website http://www.jharkhandtenders.gov.in
(ii) Contractor should be registered in appropriate class as per NIT
(iii) Estimated Cost / Quantity May Vary
(iv) Municipal Commissioner, Dhanbad reserves the right to reject any or all the tender(s) received without assigning any reasons thereof.
S/d-
Executive Engineer,
Dhanbad Municipal Corporation, Dhanbad
PR 356136 Urban Development(25-26)#D



केंद्रीय पेट्रोरसायन इंजीनियरिंग और प्रौद्योगिकी संस्थान
CENTRAL INSTITUTE OF PETROCHEMICALS ENGINEERING & TECHNOLOGY (CIPET)-IPT
Department of Chemicals & Petrochemicals, Ministry of Chemicals & Fertilizers, Govt of India
B/25, CNIC, Patia, Bhubaneswar, Odisha 751024, E-mail: bhubaneswar@cipet.gov.in, www.cipet.gov.in
ADMISSIONS - 2025 (2nd Phase)
CIPET: IPT Bhubaneswar, Govt. of India a premier national institution invites online applications for admission in following Under Graduate and Post Graduate programs in Engineering and Science for the Academic Year 2025-26.

| PROGRAMME | QUALIFICATION | DURATION |
|---|---|---|
| B.Tech. (Plastics Engineering); B.Tech. (Manufacturing Engineering & Technology) (Equivalent to Production Engg.) | 12th Science pass with minimum 45% mark (40% mark for SC/ST category) in aggregate with Mathematics, Physics and one more subject. | 4 Years |
| Int. M.Sc. (B.Sc. + M.Sc.) (Material Science and Engineering) | 12th Science pass with minimum 45% mark (40% mark for SC/ST category) in aggregate with Mathematics, Physics and one more subject. | 5 Years |
| Lateral Entry for B. Tech (Plastics Engineering); Lateral Entry for B. Tech. (Manufacturing Engineering & Technology) | Passed Diploma with minimum 45% mark (40% mark for SC/ST category) from any branch. or Passed B.Sc. degree with minimum 45% mark (40% mark for SC/ST category) and passed 10+2 examination with Mathematics as a subject. | 3 Years |
| M.Sc. (Polymer Science) | Any B.Sc. degree with Chemistry as one of the subject. | 2 Years |
| M.Tech. (Plastics Engineering); M.Tech. (Polymer Nanotechnology) | Passed B. Tech in Plastics Engineering or Tech. / Mechanical Engg. / Production Engg./ Polymer Engg. / Chemical Engg. / Manufacturing Engg. / Metallurgical Engg. / Materials Sc. & Engg. / Rubber & Plastcs Tech. / Textile Engg./M.Sc. in Polymer Science / Polymer Chemistry / Polymer Physics / Biopolymer Science / Chemistry / Applied Chemistry. with minimum 50% mark (45% mark for SC/ST category) | 2 Years |

Excellent Placement Track Record
Candidates may apply through the link : https://forms.gle/nUbAXmQFSfpeqe9e8
Last date for filling online application : 14.07.2025
Date of CIPET-Joint Entrance Examination : 18.07.2025
Please visit our website : www.cipet.gov.in for detailed information for Admission
Contact: 8144919800/ 8170044113/ 9348795434
Scan Me



Information & Public Relations Department
Government of Jharkhand, Suchana Bhawan, Ranchi
Annexure – I
Request For Proposal (RFP)
Request for Proposal (RFP) are invited for selection of eligible reputed qualified firms / companies with sound Technical and Financial capabilities for Conceptualization, Production & On-ground execution of innovative light & sound projection mapping (water projection) & projection mapping of building / monuments for the pilgrims at ShrawaniMela and creatively showcasing the policies and programmes at ShrawaniMela at Deoghar & Dumka.
1. The following table provides a quick overview of the key activities and some important information about this RFP :

| Sl. No. | Particulars | Details |
|---|---|---|
| 1.1 | RFP Reference No. | 822 |
| 1.2 | RFP issuing Authority | Information & Public Relation Department (I&PRD). Government of Jharkhand, Suchana Bhawan, Ranchi. |
| 1.3 | Name of the Project | Request for Proposal (RFP) are invited for selection of eligible reputed qualified firms / companies with sound Technical and Financial capabilities for Conceptualization, Production & On-ground execution of innovative light & sound projection mapping (water projection) & projection mapping of building / monuments for the pilgrims at ShrawaniMela and creatively showcasing the policies and programmes at ShrawaniMela at Deoghar & Dumka. |
| 1.4 | Date of issue of tender document | 28-06-2025; 06:00 PM |
| 1.5 | RFP Document download start date and time | 28-06-2025; 06:00 PM |
| 1.6 | RFP Document downloading end date and time | 07-07-2025; 03:00 PM |
| 1.7 | Date of Pre-bid meeting | 02-07-2025; 03:00 PM |
| 1.8 | Bid submission start date and time | 28-06-2025; 06:00 PM |
| 1.9 | Bid submission end date and time | 07-07-2025; 03:00 PM |
| 1.10 | Date of opening of Technical Bids/RFP | 08-07-2025; 03:00 PM |
| 1.11 | Date of Presentation | On day of opening of the Technical Bid. |
| 1.12 | Validation of RFP | Proposal must remain valid for 90 days after the submission Date. |
| 1.13 | EMD | INR 20,00,000/- (Rupees Twenty Lakh Only). To be paid online as per instructions on https://jharkhandtenders.gov.in/nicgep/app. EMD fee will be received through online mode only. Bidders can use internet banking facility. Refund will only be issued to the originated bank account used for the online payment of EMD Fee for the bidders which are not selected. |
| 1.14 | Address of Communication | Director, Information and Public Relations Department, Government of Jharkhand, Suchana Bhawan, Ranchi. Tel: 0651-2281522, 0651-2282458 Email ID : iprd123@gmail.com |
| 1.15 | Details of Appellate Authority | Director, Information and Public Relations Department, Government of Jharkhand, Suchana Bhawan, Ranchi. Tel: 0651-2281522, 0651-2282458 Email ID : iprd123@gmail.com |

The Terms & Conditions and detailed copy of the RFP document should be downloaded from our website http://prdjharkhand.in/iprd/ and https://jharkhandtenders.gov.in
Sd/- Director
Information & Public Relations Department,
Government of Jharkhand
PR 356182 IPRD (25-26)#D



वरीय पुलिस अधीक्षक का कार्यालय पूर्वी सिंहभूम, जमशेदपुर
लापता: आवश्यक सूचना



गुमशुदा कन्हाई सिंह उम्र–22 वर्ष
सर्व साधारण को सूचित किया जाता है कि आवेदक संजय कुमार सिंह के द्वारा अपने पुत्र कन्हाई सिंह उम्र–22 वर्ष की गुमशुदगी के संबंध में सोनारी थाना में लिखित आवेदन दिये हैं। आवेदन में इनके द्वारा बताया गया कि गुमशुदा कन्हाईया सिंह उम्र–22 वर्ष, पे0–संजय कुमार सिंह, सा0–C–150 B/B सोनारी परदेशी पाडा, थाना–सोनारी, जिला–पूर्वी सिंहभूम, जमशेदपुर घर में बिना किसी को बताये कहीं चले गये है और आज तक वापस नहीं आये हैं। परिवारवालों ने अपने स्तर से काफी खोजबीन किया परन्तु कुछ पता नहीं चल सका। गुमशुदा का हुलिया निम्न प्रकार है:–कद–05 फीट, रंग–गोरा, पहनावा–जिन्स एवं सर्ट, पैर में चमडा का चप्पल।
अत: आप सभी जन साधारण से अनुरोध है कि यदि उपरोक्त हुलिये के संबंध में किसी प्रकार की जानकारी प्राप्त होती है तो इसकी सूचना वरीय पुलिस अधीक्षक के कार्यालय में निम्नांकित फोन नम्बर पर सूचित करें।
वरीय पुलिस अधीक्षक, पूर्वी सिंहभूम, जमशेदपुर: 0657–2431006
पुलिस अधीक्षक (नगर), पूर्वी सिंहभूम, जमशेदपुर : 9471190203
पुलिस उपाधीक्षक, मु0–02 : 9431706487
थाना प्रभारी, सोनारी : 9431706507
वरीय पुलिस अधीक्षक,
पूर्वी सिंहभूम, जमशेदपुर
PR 356133 (Police)25-26*D



No.A-
GOVERNMENT OF ODISHA
DEPARTMENT OF WATER RESOURCES
OFFICE OF THE SUPERINTENDING ENGINEER,
MECHANICAL DIVISION, SALAPADA
Email Address : eemechsalapada@gmail.com
e-Procurement Notice-Bid Identification No.-SE/MDS-01/2025-26
1. Name of the Work : Mechanical Gate Works
2. No. of Works : 06 (Six)
3. Category of executors : SSI Units registered under DIC/ NSIC/MSME for Irrigation Shutters / Hydro mechanical gates
4. Bid Identification No. : SE/MDS-01/2025-26
5. Estimated Cost : Rs.6,30,698.00 to Rs.9,32,692.00
6. Period of Completion : 01 (One) calendar month
7. Date & time of availability of bid documents in the Portal : From Dt.30/06/2025 (10:00 A.M.) to Dt.07/07/2025 (05:00 P.M.)
8. Last date/time for receipt of bid in the Portal : Dt.07.07.2025 (up to 5.00 P.M.)
9. Date and Place of opening of online bids : Dt.08.07.2025 (11:00 A.M. onwards in the O/o the undersigned)
10. Name of the Officer inviting bid : Superintending Engineer, Mechanical Division, Salapada
Further details can be seen from the e-procurement portal https://tendersodisha.gov.in
Sd./- Superintending Engineer
Mechanical Division, Salapada
OIPR-32384/11/0002/2526


See Career Appointment on every Wednesday & Saturday

# ଭିଜିଲାନ୍ସ ଜାଲରେ କୋଟିପତି ଯନ୍ତ୍ରୀ

## ଅବସରର ଦୁଇଦିନ ପୂର୍ବରୁ ଚଢ଼ାଉ

- ଭୁବନେଶ୍ୱର, ଖୋର୍ଦ୍ଧା, ବ୍ରହ୍ମପୁରରେ ୬ ଉଚ୍ଚମୂଲ୍ୟ ପ୍ଲଟ୍
- ଗୋଟିଏ ବହୁତଳ ପ୍ରାସାଦ, ୨ ଫ୍ଲାଟ୍, ଘରୁ ମିଳିଲା ନଗଦ ୨.୦୫ ଲକ୍ଷ ଟଙ୍କା





ସୁଶୀଲ କୁମାର ପଣ୍ଡାଙ୍କ ବ୍ରହ୍ମପୁରସ୍ଥିତ ବାସଭବନ।

ଗଞ୍ଜାମ,(ବିଦ୍ୟାଧର ସାହୁ)/ ଭୁବନେଶ୍ୱର,୨୮।୬(ସତ୍ୟଜିତ୍ ରାଉତ)

ଜୁନ ୩୦ ତାରିଖ ଥିଲା ଚାକିରିର ଶେଷଦିନ। ଅବସର ନେବାକୁ ପ୍ରସ୍ତୁତ ହେଉଥିବାବେଳେ ଭିଜିଲାନ୍ସ ଜାଲରେ ଫସିଗଲେ କୋଟିପତି ଯନ୍ତ୍ରୀ। ଗଞ୍ଜାମ ଜିଲା ଗଞ୍ଜାମ ବ୍ଲକ୍‌ର ସହକାରୀ ନିର୍ବାହୀ ଯନ୍ତ୍ରୀ (ଏଇଇ) ସୁଶୀଲ କୁମାର ପଣ୍ଡାଙ୍କ ଘରେ ଭିଜିଲାନ୍ସ ଶନିବାର ଚଢ଼ାଉ କରିଛି। ଆୟବର୍ହିଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ସୁଶୀଲଙ୍କ ଗଞ୍ଜାମ ଓ ପୁରୀ ଜିଲାର ୭ଟି ସ୍ଥାନରେ ଭିଜିଲାନ୍ସ ନିର୍ଦ୍ଦେଶାଳୟ ପକ୍ଷରୁ ଏକକାଳୀନ ଯାଞ୍ଚ ହେଉଛି। ଏହି ସ୍ଥାନ ମଧ୍ୟରେ ଗଞ୍ଜାମ ଜିଲା କବିସୂର୍ଯ୍ୟନଗରର ଗୁଡିଆଳି ଗାଁସ୍ଥିତ ପୈତୃକ ଘର, ପୁରୁଷୋତ୍ତମପୁର ବେଢଗାଁସ୍ଥିତ ଶ୍ୱଶୁର ଘର ଓ ଗଞ୍ଜାମ ବ୍ଲକସ୍ଥିତ ଅଫିସ କାର୍ଯ୍ୟାଳୟ ଆଦି ରହିଛି। ସନ୍ଧ୍ୟା ସୁଦ୍ଧା ସୁଶୀଲଙ୍କ ଏକାଧିକ ପ୍ଲଟ୍, ଫ୍ଲାଟ ସମେତ ବହୁ ସ୍ଥାବର ଓ ଅସ୍ଥାବର ସମ୍ପତ୍ତିକୁ ଭିଜିଲାନ୍ସ ଠାବ କରିଛି। ଭିଜିଲାନ୍ସର ରିପୋର୍ଟ ଅନୁଯାୟୀ, ଭୁବନେଶ୍ୱର, ଖୋର୍ଦ୍ଧା ଓ ବ୍ରହ୍ମପୁରରେ ସୁଶୀଲଙ୍କର ୬ଟି ଉଚ୍ଚମୂଲ୍ୟ ପ୍ଲଟ୍ ରହିଛି। ଏଥିସହ ବ୍ରହ୍ମପୁର ରାମହରି ନଗରରେ ୪,୬୨୦ ବର୍ଗଫୁଟରେ ଗୋଟିଏ ୩ ମହଲା କୋଠା, ବ୍ରହ୍ମପୁର ଆଙ୍କୁଲିରେ ମୁକ୍ତେଶ୍ୱର ଆପାର୍ଟମେଣ୍ଟରେ ୭୦୦ ବର୍ଗଫୁଟ ବିଶିଷ୍ଟ ଗୋଟିଏ ୨ ବିଏଚ୍‌କେ ଫ୍ଲାଟ୍ ନଂ.୨୦୫ ଏବଂ ପୁରୀ ଚୁଡ଼ଙ୍ଗସାହିରେ ଗୋଟିଏ ୧ ବିଏଚ୍‌କେ ଫ୍ଲାଟ୍ ଠାବ ହୋଇଛି। ସେହିପରି ସୁଶୀଲଙ୍କ ଘରୁ ନଗଦ ୨ ଲକ୍ଷ ୫ ହଜାର ଟଙ୍କା, ୧୨୬ ଗ୍ରାମ୍ ସୁନା ଅଳଙ୍କାର ମିଳିଥିବା ବେଳେ ୫୦ ଲକ୍ଷ ଟଙ୍କାର ବ୍ୟାଙ୍କ ଡିପୋଜିଟ୍ ଥିବା ଜଣାପଡ଼ିଛି। ତେବେ ଅନ୍ୟାନ୍ୟ ଜମାରାଶି ସଂକ୍ରାନ୍ତରେ ଭିଜିଲାନ୍ସ ଅଧିକାରୀମାନେ ଯାଞ୍ଚ ଜାରି ରଖିଛନ୍ତି। ଏଥିସହ ସୁଶୀଲଙ୍କ ଘରୁ ଗୋଟିଏ ଚାରିଚକିଆ ଯାନ (ମହିନ୍ଦ୍ରା କେୟୁଭି), ଦୁଇଟି ଦୁଇ ଚକିଆ ଯାନ ଓ ୧୦ ଲକ୍ଷ ଟଙ୍କାର ଘରୋଇ ଉପକରଣ ମିଳିଛି। ତେବେ ବ୍ରହ୍ମପୁର ସେଣ୍ଟ୍ରାଲ କୋଅପରେଟିଭ୍ ବ୍ୟାଙ୍କରେ ସୁଶୀଲ ଓ ତାଙ୍କ ସ୍ତ୍ରୀଙ୍କ ନାଁରେ ଗୋଟିଏ ଲକର୍ ରହିଥିବା ବେଳେ ଏହାକୁ ଖୋଲାଯିବ ବୋଲି ଭିଜିଲାନ୍ସ ସୂଚନା ଦେଇଛି। ବ୍ରହ୍ମପୁର ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍‌ଙ୍କ କୋର୍ଟ ପକ୍ଷରୁ ଜାରି ସର୍ଚ୍ଚ ୱାରେଣ୍ଟ ବଳରେ ଏହି ଯାଞ୍ଚ ହେଉଥିବାବେଳେ ଏଥିରେ ଭିଜିଲାନ୍ସ ନିର୍ଦ୍ଦେଶାଳୟର ୭ ଟିମ୍‌ରେ ୬ଜଣ ଡିଏସ୍‌ପି, ୭ ଇନ୍ସପେକ୍ଟର ଏବଂ ଅନ୍ୟ ସହକାରୀ କର୍ମଚାରୀ ନିୟୋଜିତ ଅଛନ୍ତି। ଯାଞ୍ଚ ଜାରି ରହିଥିବାରୁ ଏହି ସମ୍ପତ୍ତି ପରିମାଣ ବଢ଼ିବ ବୋଲି ସୂଚନା ଦିଆଯାଇଛି।

### ଗଞ୍ଜାମ ଜିଲାରେ ଚାକିରି ଆରମ୍ଭ, ଶେଷ

ସୁଶୀଲ ଉପର ଅଫିସରଙ୍କ ସହ ସୁସମ୍ପର୍କ ରଖି ଅବସର ପର୍ଯ୍ୟନ୍ତ ଗୋଟିଏ ଜିଲାରେ ରହିଥିଲେ। ୧୯୯୭ ମସିହାରେ ସୁଶୀଲ ସାନଖେମୁଣ୍ଡି ବ୍ଲକରେ ଚୁକ୍ତିଭିତ୍ତିକ କନିଷ୍ଠ ଯନ୍ତ୍ରୀ (ଜେଇ) ଭାବେ ଚାକିରି ଆରମ୍ଭ କରିଥିଲେ। ୨୦୧୫ ଯାଏ ସେ ଗଞ୍ଜାମ ଜିଲାର ବିଭିନ୍ନ ବ୍ଲକରେ ଜେଇ ଭାବେ କାମ କରିଥିଲେ। ୨୦୧୫ରେ ଚାକିରି ନିୟମିତ ହେବା ପରେ ପୁରୁଷୋତ୍ତମପୁର ବ୍ଲକରେ ନିଯୁକ୍ତି ପାଇଥିଲେ। ୨୦୨୨ରେ ସୁଶୀଲ ସହକାରୀ ଯନ୍ତ୍ରୀ (ଏଇ) ଭାବେ ପଦୋନ୍ନତି ପାଇ ଶେରଗଡ଼ ବ୍ଲକରେ କାମ କରିଥିଲେ। ୨୦୨୩ରେ ସେ ଏଇଇ ଭାବେ ପଦୋନ୍ନତି ପାଇ ଗଞ୍ଜାମ ବ୍ଲକରେ କାର୍ଯ୍ୟ କରୁଥିଲେ। ଜୁନ ୩୦ ତାରିଖ ତାଙ୍କ ଚାକିରି ଜୀବନର ଶେଷଦିନ ଥିଲା ବୋଲି ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି। ଏହି ୨୮ବର୍ଷର ଚାକିରି କାଳରେ ସେ ବହୁ ଦୁର୍ନୀତି ଓ ଲାଞ୍ଚ ନେଇ ଏସବୁ ସମ୍ପତ୍ତି ଠୁଳ କରିଥିବା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ହେଉଛି।

# ପୂର୍ବତନ ଫାର୍ମାସିଷ୍ଟଙ୍କୁ ୨ ବର୍ଷ ଜେଲ

## ଲାଞ୍ଚ ମାମଲା



ସନତ କୁମାର ମହାନ୍ତି

ସୁନ୍ଦରଗଡ଼,୨୮।୬ (ଜୟ ନାରାୟଣ ମେଣ୍ଟୁଲି)

ସୁନ୍ଦରଗଡ଼ ଭିଜିଲାନ୍ସ କୋର୍ଟର ସ୍ୱତନ୍ତ୍ର ଜଜ୍ ଶନିବାର ଏକ ଲାଞ୍ଚ ମାମଲାର ଶୁଣାଣି କରି ଅଭିଯୁକ୍ତ ଗୁରୁଣ୍ଡିଆ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ପୂର୍ବତନ ଫାର୍ମାସିଷ୍ଟ ତଥା ବର୍ତ୍ତମାନ ହାତୀବାରି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧୀନ ଖଇରଟୋଲା ସ୍ୱାସ୍ଥ୍ୟ କେନ୍ଦ୍ରରେ ଅବସ୍ଥାପିତ ସନତ କୁମାର ମହାନ୍ତି(୫୫)ଙ୍କୁ ୨ବର୍ଷ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହିତ ୧୦ହଜାର ଟଙ୍କା ଜରିମାନା ଓ ଅନାଦାୟେ ଅଧିକ ୪ମାସ ଜେଲଦଣ୍ଡ ପାଇଁ ଜଜ୍ ତାଙ୍କ ରାୟରେ ଆଦେଶ କରିଛନ୍ତି। ମାମଲାର ବିବରଣୀ ଅନୁଯାୟୀ, ଅଭିଯୁକ୍ତ ଫାର୍ମାସିଷ୍ଟ ମହାନ୍ତି ଗୁରୁଣ୍ଡିଆ ବ୍ଲକ ବଡଗାଁର ଅଭିଯୋଗକାରୀ ଜଉରା ଓରାମଙ୍କଠାରୁ ମା' ଜିହ୍ନି ଓରାମଙ୍କୁ ଭଲ ଔଷଧ ଦେବା ପାଇଁ ୧୨୦୦ଟଙ୍କା ଲାଞ୍ଚ ନେବାବେଳେ ଭିଜିଲାନ୍ସ ହାତରେ ଧରାପଡ଼ି ଗିରଫ ହୋଇଥିଲେ। ଏନେଇ ଭିଜିଲାନ୍ସ ବିଭାଗ ପକ୍ଷରୁ ଅଭିଯୁକ୍ତ ମହାନ୍ତିଙ୍କ ବିରୋଧରେ ସମ୍ବଲପୁର ଭିଜିଲାନ୍ସ ଥାନାରେ ଏକ ମାମଲା(ନଂ. ୪୮/୧୩) ରୁଜୁ ହୋଇଥିଲା। ଏହି ମାମଲାରେ ଅଭିଯୁକ୍ତ ଦୋଷୀ ସାବ୍ୟସ୍ତ ହେବା ପରେ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ଏହି ମାମଲାର ତଦନ୍ତକାରୀ ଅଧିକାରୀଭାବେ ସୁନ୍ଦରଗଡ଼ ଭିଜିଲାନ୍ସ ବିଭାଗର ତତ୍କାଳୀନ ଡିଏସ୍‌ପି ପରମେଶ୍ୱର କିଷାନ ଥିଲାବେଳେ ଭିଜିଲାନ୍ସ କୋର୍ଟର ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ଶ୍ୟାମ ସୁନ୍ଦର ମିଶ୍ର ଓ ସହକାରୀ ପବ୍ଲିକ ପ୍ରସିକ୍ୟୁଟର ସନ୍ଦୀପ ପଣ୍ଡା ସରକାରଙ୍କ ପକ୍ଷରୁ ମାମଲା ପରିଚାଳନା କରୁଥିଲେ।

# ୨୧ଦିନରେ ଦାଖଲ ହେଲା ଚାର୍ଜଶିଟ୍

## ଦୁଇ ନାବାଳିକାଙ୍କୁ ଗଣବଳାତ୍କାର ଘଟଣା

ଗୋପାଳପୁର,୨୮।୬ (ନବୀନରାଜ୍ ଆଚାରୀ)

ଗଞ୍ଜାମ ଜିଲା ଗୋଳନ୍ଥରା ଥାନା ଅଞ୍ଚଳରେ ଦୁଇ ନାବାଳିକାଙ୍କୁ ଗଣବଳାତ୍କାର ଘଟଣାରେ ପୋଲିସ ୨୧ ଦିନରେ ଚାର୍ଜଶିଟ୍ ଦାଖଲ କରିଛି। ଘଟଣାକୁ ଗୁରୁତ୍ୱର ସହ ନେଇ ପୋଲିସ ଏଥିରେ ସଂପୃକ୍ତ ୪ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ଦାଖଲ ହୋଇଥିବା ୨୬୨ ପୃଷ୍ଠାର ଚାର୍ଜଶିଟ୍‌ରେ କେ. ଶିବାଙ୍କୁ ମୁଖ୍ୟ ଅଭିଯୁକ୍ତ ଦର୍ଶଯାଇଥିବା ବେଳେ କେ. ସାଇ, ଜି. ଗାରେୟା, ଏନ. ଶ୍ରୀନୁଙ୍କୁ ଅଭିଯୁକ୍ତ ରୂପେ ଦର୍ଶାଯାଇଥିବା ତଦନ୍ତକାରୀ ଅଧିକାରୀ ବିବେକାନନ୍ଦ ସ୍ୱାଇଁ କହିଛନ୍ତି।

ଅପରପକ୍ଷରେ ଜଣେ ନାବାଳିକାଙ୍କୁ ଗଣ ବଳାତ୍କାର କରାଯାଇଥିବା ବେଳେ ଅନ୍ୟ ଜଣେ ନାବାଳିକାଙ୍କୁ ବଳାତ୍କାର କରାଯାଇଥିବା ଚାର୍ଜଶିଟ୍‌ରେ ଉଲ୍ଲେଖ ରହିଛି। ତଦନ୍ତକାରୀ ଅଧିକାରୀ ଅତିରିକ୍ତ ଜିଲା ଓ ଦୌରାଜଜ୍ ତଥା ସ୍ୱତନ୍ତ୍ର ପୋକ୍‌ସୋ ଅଦାଲତରେ ଚାର୍ଜଶିଟ୍ ଦାଖଲ କରିଛନ୍ତି। ଖୁବ୍‌ଶୀଘ୍ର ମାମଲାର ବିଚାର ଆରମ୍ଭ ହେବ ବୋଲି ଜଣାପଡିଛି। ୪ ଅଭିଯୁକ୍ତଙ୍କ ଡ଼ାକ୍ତରୀ ମାଇନା ରିପୋର୍ଟ ପଜିଟିଭ୍ ରହିଥିବା ଜଣାପଡ଼ିଛି।

ସୂଚନାଯୋଗ୍ୟ, ଗୋଳନ୍ଥରା ଥାନା ଅଞ୍ଚଳରେ ଥିବା ମାମୁ ଘରକୁ ଜଣୈକା ନାବାଳିକା ବୁଲିବାକୁ ଆସିଥିଲେ। ଗତ ଜୁନ ୩ରେ ଅଭିଯୁକ୍ତମାନେ ବିଭିନ୍ନ ପ୍ରଲୋଭନ ଦେଖାଇ ସମ୍ପୃକ୍ତା ନାବାଳିକା ଓ ତାଙ୍କ ସମ୍ପର୍କୀୟା ଭଉଣୀ ଦୁଇଜଣଙ୍କୁ ଉଠାଇ ନେଇ ବିଭିନ୍ନ ସ୍ଥାନରେ ଦୁଇଦିନି ଧରି ସେମାନଙ୍କୁ ଗଣବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଥିଲା। ପୋଲିସ ନଂ. ୨୪୦/୨୫ରେ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା।

# ସାନଭାଇ କାଠଫାଳିଆ ମାଡ଼ରେ ବଡ଼ ମୃତ

## ଜମି ବିକ୍ରି ନେଇ ହତ୍ୟାକାଣ୍ଡ

ବରପାଲି,୨୮।୬ (ଚିତ୍ତରଞ୍ଜନ ସାହୁ)

ବରଗଡ଼ ଜିଲା ବରପାଲି ବ୍ଲକ ମହୁଲପାଲି ଗ୍ରାମରେ ଶୁକ୍ରବାର ବିଳମ୍ବିତ ରାତିରେ ଏକ ହତ୍ୟାକାଣ୍ଡ ଘଟିଛି। ଜମି ବିକ୍ରି ଘଟଣାକୁ ନେଇ ସାନଭାଇ କାଠଫାଳିଆ ମାଡ଼ରେ ବଡ଼ଭାଇଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବିବିଧ ଗଣିତ (୪୦)। ହତ୍ୟା ଅଭିଯୋଗରେ ବରପାଲି ପୋଲିସ ଅଭିଯୁକ୍ତ ସାନଭାଇ ଛାୟାକାନ୍ତ ଗଣିତ (୩୫)ଙ୍କୁ ଗିରଫ କରି ପଚରାଉଚୁରା ଚଳାଇଛି। ପ୍ରକାଶ ଯେ, ପୂର୍ବରୁ ପୈତୃକ ଜମି ବିକ୍ରି ନେଣଦେଣକୁ ନେଇ ଦୁଇ ଭାଇଙ୍କ ମଧ୍ୟରେ ବହୁବାର ଝଗଡ଼ା ହୋଇଥିଲା। ଶୁକ୍ରବାର ପୁଣି ସେମାନଙ୍କ ମଧ୍ୟରେ ଝଗଡ଼ା ହୋଇଥିଲେ। ଏଥିରେ ଛାୟାକାନ୍ତ ରାଗି ଯାଇଥିଲେ। ବଡ଼ଭାଇ ବିବିଧ ସ୍ଥାନୀୟ ରାଧାକୃଷ୍ଣ ମନ୍ଦିର ପଛପଟେ ଶୋଇଥିବା ଅବସ୍ଥାରେ ଛାୟାକାନ୍ତ ତାଙ୍କ ମୁଣ୍ଡକୁ ଏକ କାଠଫାଳିଆରେ ଆକ୍ରମଣ କରିଥିଲେ। ଫଳରେ ଘଟଣାସ୍ଥଳରେ ବିବିଧଙ୍କ ମୃତ୍ୟୁ ଘଟିଥିଲା। ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବରଗଡ଼ ମେଡିକାଲକୁ ପଠାଇଛି। ଘଟଣାସ୍ଥଳରେ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ଅନୁଧାନ କରିଥିଲା। ଏ ନେଇ ସ୍ଥାନୀୟ ଥାନାରେ ଏକ ହତ୍ୟା ମାମଲା ରୁଜୁ ହୋଇଛି।

# ଶିବାନନ୍ଦ ବିଦ୍ୟାଳୟର ସ୍ୱୀକୃତି ପ୍ରତ୍ୟାହାର ନିର୍ଦ୍ଦେଶ ଦେଲେ ଓଏଚ୍ଆରସି

## ଛାତ୍ରଙ୍କୁ ଯୌନ ନିର୍ଯାତନା ଘଟଣା

ଭୁବନେଶ୍ୱର,୨୮।୬(ସତ୍ୟଜିତ୍ ରାଉତ)

ଖଣ୍ଡଗିରିସ୍ଥିତ ଶିବାନନ୍ଦ ଶତବାର୍ଷିକୀ ବିଦ୍ୟାଳୟରେ ଛାତ୍ରଙ୍କୁ ଯୌନ ନିର୍ଯାତନା ଘଟଣାକୁ ରାଜ୍ୟ ମାନବାଧିକାର କମିଶନ (ଓଏଚ୍ଆର୍‌ସି) ଗୁରୁତ୍ୱର ସହ ନେଇଛନ୍ତି। ବିଦ୍ୟାଳୟର ସ୍ୱୀକୃତି ପ୍ରତ୍ୟାହାର ପାଇଁ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକଙ୍କୁ ଓଏଚ୍ଆର୍‌ସି ଅଧ୍ୟକ୍ଷ ନିର୍ଦ୍ଦେଶ ଦେଇଛନ୍ତି। ଜୁଲାଇ ୨୮ ସୁଦ୍ଧା ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରି ରିପୋର୍ଟ ଦାଖଲ ପାଇଁ କୁହାଯାଇଛି। ୨୦୨୪ ନଭେମ୍ବରରେ ଏହି ବିଦ୍ୟାଳୟରେ ଛାତ୍ରଙ୍କୁ ନୃଶଂସ ଭାବରେ ମାଡ଼ ମରାଯାଉଥିବା ଏବଂ କେତେଜଣ ଛାତ୍ରଙ୍କୁ ଯୌନ ନିର୍ଯାତନା ଦିଆଯାଉଥିବା ଅଭିଯୋଗ ଆସିବା ପରେ ଘଟଣା ଚର୍ଚ୍ଚା ସୃଷ୍ଟି କରିଥିଲା। ଏହି ଘଟଣାକୁ ସାମ୍ନାକୁ ଆଣିଥିବା ମାନବାଧିକାର କର୍ମୀ ତଥା ନ୍ୟାଶନାଲ ପ୍ୟାରେଣ୍ଟ ଫେଡେରେଶନର ସଭାପତି ଭୁମୋହନ ବେବର୍ତ୍ତା ପଟ୍ଟନାୟକ ଏବଂ ମାନବାଧିକାର ସାମ୍ମୁଖ୍ୟ ସଭାପତି ରମେଶ ଭାରତୀ ଉପଯୁକ୍ତ ନ୍ୟାୟ ପାଇଁ ପୋଲିସ ଏବଂ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ସଚିବଙ୍କ ନିକଟରେ ଅଭିଯୋଗ ଦାଖଲ କରିଥିଲେ। ତେବେ ତଦନ୍ତ ବିଳମ୍ବ ହେବାରୁ ପଟ୍ଟନାୟକ ଓଏଚ୍ଆରସିଙ୍କ ଦ୍ୱାରସ୍ଥ ହୋଇଥିଲେ। କମିଶନ ଅଧ୍ୟକ୍ଷ ଜଷ୍ଟିସ ଶତ୍ରୁଘ୍ନ ପୂଜାହାରି ଘଟଣାର ଉପଯୁକ୍ତ ତଦନ୍ତ ପାଇଁ ଗଣଶିକ୍ଷା ବିଭାଗ ସଚିବ ଏବଂ ଭୁବନେଶ୍ୱର ଡିସିପିଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଗଣଶିକ୍ଷା ବିଭାଗ ପକ୍ଷରୁ ତଦନ୍ତ କରାଯିବା ପରେ ଘଟଣାରେ ସତ୍ୟାସତ୍ୟ ଥିବା ଜଣାପଡିଥିଲା। ଏପରିକି ଏଭଳି ସମ୍ବେଦନଶୀଳ ଘଟଣାକୁ ଚପାଇ ଦେବା ପାଇଁ କର୍ତ୍ତୃପକ୍ଷ ବ୍ୟବସ୍ଥା କରିଥିଲେ ଏବଂ ବିଭିନ୍ନ ଅନିୟମିତତା ଅଛି ବୋଲି ରିପୋର୍ଟରେ ଉଲ୍ଲେଖ ରହିଥିଲା। ଜୁନ ୧୭ରେ ଓଏଚ୍ଆରସି ଉପରୋକ୍ତ ନିର୍ଦ୍ଦେଶନାମା ଜାରି କରିଥିଲେ।

# ୧୮ ବର୍ଷ ପରେ ତତ୍କାଳୀନ ଯନ୍ତ୍ରୀଙ୍କୁ ୨ ବର୍ଷ ଜେଲ

## ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲା

ବ୍ରହ୍ମପୁର, ୨୮।୬(ସୁବାସ ଚନ୍ଦ୍ର ପାଢ଼ୀ)

ଗଞ୍ଜାମ ଜିଲା ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ ଜ୍ଞାନେନ୍ଦ୍ର କୁମାର ବାରିକ ଶନିବାର ଏକ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲାର ରାୟ ୧୮ ବର୍ଷ ପରେ ପ୍ରକାଶ କରି ତତ୍କାଳୀନ କନିଷ୍ଠ ଯନ୍ତ୍ରୀଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ସେ ହେଉଛନ୍ତି ଦିଗପହଣ୍ଡି କ୍ଷୁଦ୍ର ଜଳସେଚନ ବିଭାଗର ତତ୍କାଳୀନ କନିଷ୍ଠ ଯନ୍ତ୍ରୀ ପ୍ରମୋଦ ଚନ୍ଦ୍ର ସେନାପତି (୫୯)। ତାଙ୍କୁ ୨ବର୍ଷ ଜେଲଦଣ୍ଡରେ ଦଣ୍ଡିତ କରାଯାଇଛି। ଏହା ସହିତ ୫୦ ହଜାର ଟଙ୍କା ଜରିମାନା ଦେବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦାୟ ଅତିରିକ୍ତ ୬ମାସ ସଶ୍ରମ କାରାଦଣ୍ଡ ଭୋଗିବାକୁ ସେ ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି। ପ୍ରମୋଦଙ୍କ ନାମରେ ଗତ ୨୦୦୮ରେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗ ହୋଇଥିଲା। ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟର ଅନୁମତିକ୍ରମେ ଭିଜିଲାନ୍ସ ବିଭାଗ ଯନ୍ତ୍ରୀଙ୍କ ଘର ସମେତ ଅନ୍ୟାନ୍ୟ ସ୍ଥାନରେ ସେତେବେଳେ ଚଢ଼ାଉ କରିଥିଲା। ଯାଞ୍ଚ ପରେ ଯନ୍ତ୍ରୀ ପ୍ରମୋଦ ଓ ପରିବାରବର୍ଗଙ୍କ ନାମରେ ପ୍ରାୟ ୨୫ ଲକ୍ଷ ୬୮ ହଜାର ଟଙ୍କାର ଆୟ ବହିର୍ଭୂତ ସମ୍ପତ୍ତି ରହିଥିବା ଭିଜିଲାନ୍ସ ବିଭାଗ ଆକଳନ କରିଥିଲା। ପରେ ଭିଜିଲାନ୍ସ ବିଭାଗ ତାଙ୍କ ବିରୋଧରେ ଚାର୍ଜସିଟ ଦାଖଲ କରିଥିଲା। ଏହି ମାମଲାର ଶୁଣାଣି ବେଳେ ୧୯ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ଆବଶ୍ୟକ ସାକ୍ଷ୍ୟ ପ୍ରମାଣ ଆଧାରରେ କୋର୍ଟ ଉପରୋକ୍ତ ଦଣ୍ଡାଦେଶ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ସୁରେନ୍ଦ୍ର ପଣ୍ଡା ମାମଲା କରିଚାଳନା କରୁଥିଲେ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ପର ଯେ ପର**
**ବାହାରିଯାଏ ଦିନ ଦି'ପହର।**

ପର ସବୁବେଳେ ପର। ଯେତେ ସ୍ନେହ ଦେଖାଇଲେ ମଧ୍ୟ ଏହାର ପ୍ରଭାବ ତାଙ୍କ ଉପରେ ପଡ଼ି ନ ଥାଏ। ସେମାନେ କେବେ ନିଜ ରକ୍ତ ପରି ହୋଇପାରି ନ ଥାନ୍ତି। ଟିକିଏ ଟିକିଏ କଥାରେ ରାଗରଷା କରି ଘରଛାଡ଼ି ପଳାଇ ଯାଇଥାନ୍ତି। ପରୋକ୍ଷରେ ପୋଷ୍ୟ ପୁତ୍ରର ଆନୁଗତ୍ୟ ପ୍ରତି ସନ୍ଦେହ ପ୍ରକାଶ ପାଇବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ପୁରୁଷର କ୍ଷଣେ ଦଶା**
**ନାରୀର ଏକା ଦଶା।**

ପୁରୁଷର ଦଶା ବା ଦୁର୍ଦ୍ଦଶା କ୍ଷଣିକେ ବଦଳିଯିବାର ସମ୍ଭାବନା ରହିଥାଏ, ପରନ୍ତୁ ନାରୀ ପାଇଁ ଏହା ସେତେଟା ସହଜ ହୋଇପାରି ନ ଥାଏ। ପୁରୁଷଠାରୁ ନାରୀ ଜୀବନ ବହୁ ସଂଘର୍ଷପୂର୍ଣ୍ଣ ତଥା କଷ୍ଟଦାୟକ ବୋଲି ଜଣାଯାଇଥାଏ। ନାରୀ ହିଁ ପୁରୁଷଠାରୁ ବେଶି ଦୁର୍ଦ୍ଦଶାଭୋଗୀ ହୋଇଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।


ଓଡ଼ିଆ ଢଗଢମାଳି ଓ ଲୋକଗୀତ-ଫ୍ରେଣ୍ଡସ ପବ୍ଲିଶର୍ସ

# ସ୍ତ୍ରୀ ଚରିତ୍ରକୁ ସନ୍ଦେହ କରି ହତ୍ୟା

ରାଉରକେଲା,୨୮।୬(ସଙ୍ଗୀତା ଜେନା)

ଦକ୍ଷିଣ ରାଉରକେଲା ଜଳଦା ଏ ବ୍ଲକ ଅନ୍ତର୍ଗତ ଫେଟକଲ ଛକର ହାଟିଂଟୋଲା ବସ୍ତିରେ ଶୁକ୍ରବାର ରାତିରେ ଏକ ଅଭାବନୀୟ ଘଟଣା ଘଟିଯାଇଛି। ଉକ୍ତ ବସ୍ତିର ଜଣେ ବ୍ୟକ୍ତି ସ୍ତ୍ରୀ ଚରିତ୍ରକୁ ସନ୍ଦେହ କରି ତାଙ୍କ ପେଟକୁ କାଠ ଫାଳିଆରେ ଭୁସି ହତ୍ୟା କରିଛନ୍ତି। ମୃତ ମହିଳା ହେଲେ ସବିତା ମୁଣ୍ଡା। ଏହି ଘଟଣାରେ ଟାଙ୍ଗରପାଲି ପୋଲିସ ମୃତା ମହିଳାଙ୍କ ସ୍ୱାମୀ ରାଇସିଂ ମୁଣ୍ଡା(୩୭)ଙ୍କୁ ଗିରଫ କରିଛି। ଶନିବାର ଘଟଣାସ୍ଥଳରେ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ତଦନ୍ତ କରିଛି। ଏ ନେଇ ଟାଙ୍ଗରପାଲି ଥାନାରେ ଏକ ମାମଲା (ନଂ.୧୩୭/୨୫) ରୁଜୁ ହୋଇଛି। ରବିବାର ମୃତଦେହ ବ୍ୟବଚ୍ଛେଦ କରାଯିବା ସହ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯିବ ବୋଲି ଥାନାଧିକାରୀ ନିରଞ୍ଜନ ସେଠୀ ସୂଚନା ଦେଇଛନ୍ତି।

ସୂଚନାନୁଯାୟୀ, ହାଟିଂଟୋଲା ବସ୍ତିରେ ରାଇସିଂ ଓ ସ୍ତ୍ରୀ ସବିତା ରହୁଥିଲେ। ଗତ ଶୁକ୍ରବାର ସବିତା ୫ ଶହ ଟଙ୍କା ନେଇ ଅନ୍ୟ ଜଣେ ଯୁବକଙ୍କ ସହ ରଥଯାତ୍ରା ଦେଖିବାକୁ ଯାଇଥିଲେ। ରାଇସିଂ କାମରୁ ଫେରି ଘରେ ସବିତା ନ ଥିବା ଦେଖିବାକୁ ପାଇଥିଲେ। ରାତି ପ୍ରାୟ ୧୧ଟା ବେଳେ ସେ ଘରକୁ ଫେରିବା ପରେ ରାଇସିଂ ଘରେ ରଖିଥିବା ୫ଶହ ଟଙ୍କା କୁଆଡେ ଗଲା ବୋଲି ତାଙ୍କୁ ପଚାରିଥିଲେ। ସବିତା ରଥଯାତ୍ରାରେ ଖର୍ଚ୍ଚ ହୋଇଯାଇଥିବା କହିବାରୁ ରାଇସିଂ ତାଙ୍କ ଚରିତ୍ରକୁ ଆକ୍ଷେପ କରିଥିଲେ। ଏହି କଥାକୁ ନେଇ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ରାଇସିଂ ଏକ ମୁନିଆ କାଠଫାଳିଆରେ ସବିତାଙ୍କୁ ପିଟିବା ସହ ପେଟକୁ ଭୁସି ଦେଇଥିଲେ। ଫଳରେ ଘଟଣାସ୍ଥଳରେ ସବିତାଙ୍କ ମୃତ୍ୟୁ ହୋଇଥିଲା। ଶନିବାର ସକାଳେ ପଡୋଶୀ ଲୋକେ ଏ ନେଇ ଟାଙ୍ଗରପାଲି ଥାନାକୁ ଖବର ଦେବା ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲା।



ଶନିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଆଈଙ୍କୁ ଠେଙ୍ଗାରେ ପିଟି ହତ୍ୟା

## ଅଭିଯୁକ୍ତ ନାତି ଫେରାର

ରେଢାଖୋଲ, ୨୮।୬(ଅଚ୍ୟୁତାନନ୍ଦ ପୁରୋହିତ)

ସମ୍ବଲପୁର ଜିଲା ଚାରମାଳ ଥାନା ଅଧୀନ ସାଗଝୋରି ଭାଟିପଡାରେ ନାତିର ଠେଙ୍ଗା ମାଡରେ ଆଈଙ୍କ ମୃତ୍ୟୁ ଘଟିଛି। ହତ୍ୟାର ଶିକାର ହୋଇଛନ୍ତି ଫୁଲତି ସୋରେନ(୮୦)। ହତ୍ୟାକାଣ୍ଡ ପରେ ଅଭିଯୁକ୍ତ ନାତି ଅଜୟ ସୋରେନ ଫେରାର ହୋଇଯାଇଛନ୍ତି। ଶନିବାର ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଭାରତୀୟ ନ୍ୟାୟ ସଂହିତାର ଦଫା ୧୦୩(ହତ୍ୟା)ରେ ଏକ ମାମଲା (ନଂ. ୮୬/୨୫) ରୁଜୁ କରି ଚାରମାଳ ଥାନା ପୋଲିସ ଅଭିଯୁକ୍ତଙ୍କୁ ଧରିବା ପାଇଁ ଉଦ୍ୟମ ଚଳାଇଛି। ସୂଚନାମତେ ସନ୍ଧ୍ୟାରେ ଫୁଲତି ଘରେ ଥିବାବେଳେ ନାତି ଅଜୟ ସେଠାକୁ ଆସିଥିଲେ। କୌଣସି କାରଣକୁ ନେଇ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଏଥିରେ ଉତ୍ୟକ୍ତ ହୋଇ ଅଜୟ ଏକ ଠେଙ୍ଗାରେ ଫୁଲତିଙ୍କୁ ପିଟି ଦେଇଥିଲେ। ଘଟଣାସ୍ଥଳରେ ଟଳି ପଡିଥିଲେ ଆଈ। ଘଟଣା ସମ୍ପର୍କରେ ଅଜୟଙ୍କ ମା' ମାନିସ ସୋରେନ ପୋଲିସକୁ ସୂଚନା ଦେଇଥିଲେ।

# ଜବତ ମୃତଦେହ, ମା'ବାପାଙ୍କ ଡିଏନ୍‌ଏ ଟେଷ୍ଟ ହେବ

- ଯୁକ୍ତ ୨ ଛାତ୍ର ନିଖୋଜକୁ ୪ ଦିନ ବିତିଲା
- କଲେଜ ଅଧ୍ୟକ୍ଷଙ୍କ ନାଁରେ ମାମଲା ରୁଜୁ



ଶୁଭମ ସ୍ୱାଇଁ

ଛତ୍ରପୁର, ୨୮।୬(ସନ୍ତୋଷ ପାଢ଼ୀ)

ଛତ୍ରପୁର ତାମ୍ପରା ନିକଟ ପ୍ରତିଭା ବିଜ୍ଞାନ ଆବାସିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରୁ ଯୁକ୍ତ ୨ ଦ୍ୱିତୀୟ ବର୍ଷ ବିଜ୍ଞାନ ଛାତ୍ର କବିସୂର୍ଯ୍ୟନଗର ଥାନା ଝାଡ଼ବନ୍ଧର ଶୁଭମ୍ ସ୍ୱାଇଁ (୧୭) ୪ ଦିନ ହେଲା ନିଖୋଜ ଅଛନ୍ତି । ବ୍ରହ୍ମପୁର ଜିଆର୍‌ପି ଥାନା ପକ୍ଷରୁ ଅନୁରୋଧକ୍ରମେ ଡିଏନ୍‌ଏ ପରୀକ୍ଷା ପାଇଁ ରେଳଧାରଣାରୁ ଜବତ ମୃତଦେହର ରକ୍ତ ନମୁନା ଗୁରୁବାର ସଂଗ୍ରହ କରାଯାଇଥିଲା। ଶୁକ୍ରବାର ନିଖୋଜ ଛାତ୍ରଙ୍କ ବାପା ସୁଶାନ୍ତ ସ୍ୱାଇଁ ଓ ମା' ସ୍ନେହଲତା ସ୍ୱାଇଁଙ୍କ ରକ୍ତ ନମୁନା ମଧ୍ୟ ବ୍ରହ୍ମପୁର ଏମ୍‌କେସିଜି ଏଫ୍‌ଏମ୍‌ଟି ବିଭାଗ ପକ୍ଷରୁ ସଂଗ୍ରହ କରାଯାଇଥିଲା। ଶନିବାର ଏସମ୍ପର୍କରେ ସମସ୍ତ ପ୍ରସ୍ତୁତି ସରିଛି। ରବିବାର ସମ୍ପୃକ୍ତ ୩ ଜଣଙ୍କ ରକ୍ତନମୁନାକୁ ଡିଏନ୍‌ଏ ଟେଷ୍ଟ ପାଇଁ ଭୁବନେଶ୍ୱରର ରସୁଲଗଡସ୍ଥିତ ରାଜ୍ୟ ଫୋରେନସିକ ସାଇନ୍ସ ଲ୍ୟାବୋରେଟୋରିକୁ ପଠାଯିବ।

ଅନ୍ୟପକ୍ଷରେ ପୁଅ ନିଖୋଜ ହେବାର ଗୋଟିଏ ଦିନ ପରେ ବାପା ସୁଶାନ୍ତ ସ୍ୱାଇଁ ଛତ୍ରପୁର ଥାନାରେ କଲେଜ କର୍ତ୍ତୃପକ୍ଷଙ୍କ ନାଁ ରେ ଏତଲା ଦେଇଥିଲେ। ଉକ୍ତ କଲେଜରେ ସିସି କ୍ୟାମେରା ଲାଗି ନ ଥିବା, ସିକ୍ୟୁରିଟି ଗାର୍ଡ ନ ଥିବା, ପାଚେରି ନ ଥିବାରୁ ପିଲାମାନେ ସୁରକ୍ଷିତ ନାହାନ୍ତି। ଏ ଦିଗରେ କଲେଜ କର୍ତ୍ତୃପକ୍ଷଙ୍କ ଅବହେଳା ସ୍ପଷ୍ଟ ହୋଇଥିବା ସୁଶାନ୍ତ ଏତଲାରେ ଉଲ୍ଲେଖ କରିଛନ୍ତି। ଛତ୍ରପୁର ପୋଲିସ ମଧ୍ୟ ଏହା ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। ମୃତଦେହ ବ୍ୟବଚ୍ଛେଦ ରିପୋର୍ଟ ଓ ଡିଏନ୍‌ଏ ଟେଷ୍ଟ ରିପୋର୍ଟ ହିଁ ଆଗାମୀ ଦିନରେ ତଦନ୍ତ ପ୍ରକ୍ରିୟାକୁ ଆଗକୁ ନେବ ବୋଲି ପୋଲିସ କହିଛି।

ସୂଚନାଯୋଗ୍ୟ, ବୁଧବାର ଯୁକ୍ତ ୨ ଛାତ୍ର ଶୁଭମ୍ ନିଖୋଜ ହୋଇଥିଲେ। ଉକ୍ତ ରାତିରେ ହିଁ ତାଙ୍କ କଲେଜଠାରୁ ମାତ୍ର ୩୦୦ ମିଟର ଦୂରରେ ଥିବା ରେଳଧାରଣାରୁ ଜଣେ ଯୁବକଙ୍କ ଖଣ୍ଡ ବିଖଣ୍ଡିତ ମୃତଦେହ ବ୍ରହ୍ମପୁର ଜିଆରପି ପୋଲିସ ଜବତ କରିଥିଲା। ଏ ସମ୍ପର୍କରେ ଖବର ପାଇ ନିଖୋଜ ଶୁଭମ୍‌ଙ୍କ ପରିବାର ଲୋକେ ପହଞ୍ଚି ମୃତଦେହକୁ ଦେଖିଥିଲେ। ତେବେ ମୃତଦେହର ଏପରି ଅବସ୍ଥା ହୋଇଥିଲା ଯେ, ଏହା ତାଙ୍କ ପୁଅ ବୋଲି ଜାଣିବା କଷ୍ଟକର ହୋଇପଡିଥିଲା ବୋଲି ବାପା ସୁଶାନ୍ତ କହିଥିଲେ। ଛାତ୍ରଙ୍କ ପରିବାର ଲୋକେ ଏହା ତାଙ୍କ ପୁଅର ମୃତଦେହ ନୁହେଁ ବୋଲି କହିବା ପରେ ପରିସ୍ଥିତି ଜଟିଳ ହୋଇଥିଲା। ଜବତ ମୃତଦେହ କାହାର ଏବଂ ତଦନ୍ତର ଅଗ୍ରଗତି ପାଇଁ ବ୍ରହ୍ମପୁର ଜିଆର୍‌ପି ପୋଲିସ ମୃତଦେହ ଚିହ୍ନଟ ପାଇଁ ମୃତଦେହ ଏବଂ ନିଖୋଜ ଛାତ୍ରଙ୍କ ମା'ବାପାଙ୍କ ଡିଏନ୍‌ଏ ପରୀକ୍ଷା ପାଇଁ ନିଷ୍ପତ୍ତି ନେଇଥିଲା।

# ସାଇବର ସିକ୍ୟୁରିଟି

## ବଢୁଛି ଡିମାଣ୍ଡ

ବର୍ତ୍ତମାନ ପର୍ସନାଲ୍ ହେଉ ବା ପ୍ରଫେଶନାଲ୍, ପ୍ରତ୍ୟେକ କ୍ଷେତ୍ରରେ ଇଣ୍ଟରନେଟ୍‌ର ବ୍ୟବହାର ଯେଉଁଭଳି ଭାବେ ବଢ଼ିବାରେ ଲାଗିଛି ସାଇବର ଅପରାଧୀଙ୍କ ସଂଖ୍ୟା ମଧ୍ୟ ସେହି ଅନୁପାତରେ ବଢ଼ିଚାଲିଛି। ଏମିତିରେ ଡାଟା ହ୍ୟାକ୍ ହେବାରୁ ରକ୍ଷା କରିବା ତଥା ସାଇବର ସିକ୍ୟୁରିଟି ଲାଗି ଲୋଡ଼ା ହୁଏ ସାଇବର ଏକ୍ସପର୍ଟଙ୍କୁ। ତେଣୁ ବର୍ତ୍ତମାନ ସାଇବର୍ ସୁରକ୍ଷା ସବୁଠୁ ଅଧିକ ଡିମାଣ୍ଡରେ ଥିବା କ୍ୟାରିୟର ଅପ୍ସନ ଲିଷ୍ଟରେ ଆସୁଥିବାରୁ ଅଧିକାଂଶ ଯୁବପିଢ଼ି ଏ କ୍ଷେତ୍ରରେ ସଫଳ କ୍ୟାରିୟର ଗଢ଼ିବା ଲାଗି ଆଗ୍ରହୀ ହେଉଥିବା ଦେଖିବାକୁ ମିଳୁଛି...







'ଡିଜିଟାଲ୍ ଇଣ୍ଡିଆ' ଆରମ୍ଭ ହେଲା ପରେ ବର୍ତ୍ତମାନ ଦେଶରେ ପ୍ରତ୍ୟେକ କ୍ଷେତ୍ରରେ ଇଣ୍ଟରନେଟ୍ ବ୍ୟବହାର ଯୋଗୁ ଅନେକ କାର୍ଯ୍ୟ ଖୁବ୍ ସହଜ ହୋଇଯାଇଛି। ହେଲେ ଅପରପକ୍ଷେ ଇଣ୍ଟରନେଟ୍‌ର ବହୁଳ ବ୍ୟବହାର ଯୋଗୁ ସାଇବର କ୍ରାଇମ୍ ବି ବଢୁଥିବା ନଜରକୁ ଆସୁଛି। ସରକାରୀ, ବେସରକାରୀ ସଂସ୍ଥାରୁ ହେଉ କିମ୍ବା କାହା କାହାର ପର୍ସନାଲ୍ ଡାଟା ଚୋରି ହେବା ଓ ମାଲ୍‌ୱେର ଆଟାକ୍ ଘଟଣା ବଢ଼ିବାରେ ଲାଗିଛି। ଡାର୍କ ୱେବ୍‌ର ଆକଳନ ଉପରେ ଆଧାରିତ ଥ୍ରେଟ୍‌ଲ୍ୟାଣ୍ଡସ୍କେପ୍ ରିପୋର୍ଟ-୨୦୨୪ ଅନୁଯାୟୀ ଆମେରିକା ପରେ ଭାରତ ଏବଂ ଇସ୍ରାଏଲ୍‌ରେ ସର୍ବାଧିକ ସାଇବର ଆଟାକ୍ ଘଟଣା ଦେଖିବାକୁ ମିଳିଛି। ଫଳରେ ଦେଶରେ ସାଇବର ସୁରକ୍ଷା ସରକାରଙ୍କ ପାଇଁ ଏକ ବଡ଼ ଚ୍ୟାଲେଞ୍ଜ ପାଲଟିଛି, ଯାହାକୁ ଆଖିଆଗରେ ରଖି ବର୍ତ୍ତମାନ ଅଧିକାଂଶ ସଂସ୍ଥାରେ ଗ୍ରାହକଙ୍କୁ ସୁରକ୍ଷା ଦେବା ଲାଗି ସାଇବର ଏକ୍ସପର୍ଟଙ୍କୁ ନିଯୁକ୍ତ କରାଯାଉଛି।

**ବଢୁଛି ଡିମାଣ୍ଡ:** ଯଦିଓ ସଫ୍ଟୱେର ଡେଭେଲପର୍ ଏବଂ ନେଟ୍‌ୱର୍କ ଆଡ୍‌ମିନିଷ୍ଟ୍ରେଟର୍‌ଙ୍କ ଭଳି ଆଇଟି ଜବ୍ ତୁଳନାରେ ସାଇବର୍ ସିକ୍ୟୁରିଟି ଜବ୍ ଏବେ କମ୍ ଦେଖିବାକୁ ମିଳୁଛି, ହେଲେ ଡିଜିଟାଲ୍ ସିଷ୍ଟମ୍ ଉପରେ ବଢୁଥିବା ନିର୍ଭରତା ଏବଂ ଏହାଦ୍ୱାରା ବଢୁଥିବା ସାଇବର୍ କ୍ରାଇମ୍‌କୁ ଦୂରେଇବା ଲାଗି ଏହି ପ୍ରଫେଶନାଲ୍‌ମାନଙ୍କ ଆବଶ୍ୟକତାକୁ ଦେଖି ଧୀରେ ଧୀରେ ଏହାର ଡିମାଣ୍ଡ ବଢ଼ିବାରେ ଲାଗିଛି; ଯେଉଁଥିପାଇଁ ଅନେକ ଯୁବତୀଯୁବକ ଏବେ ଏହି କ୍ଷେତ୍ରରେ କ୍ୟାରିୟର ଗଢ଼ିବାକୁ ଆଗ୍ରହ ପ୍ରକାଶ କରୁଛନ୍ତି। ୨୦୨୫ରେ ସାଇବର୍ ସୁରକ୍ଷା ସବୁଠୁ ଅଧିକ ଡିମାଣ୍ଡରେ ଥିବା କ୍ୟାରିୟର ଅପ୍ସନ ଲିଷ୍ଟରେ ଆସୁଛି। ଡାଟା ସିକ୍ୟୁରିଟି କାଉନ୍ସିଲ୍ ଅଫ୍ ଇଣ୍ଡିଆର ରିପୋର୍ଟ ମୁତାବକ ଚଳିତବର୍ଷ କେବଳ ଭାରତରେ ଏ କ୍ଷେତ୍ରରେ ୧୦ ଲକ୍ଷରୁ ଅଧିକ ନିଯୁକ୍ତି ସୁଯୋଗ ରହିଛି।

**କ୍ୟାରିୟର ଅପ୍ସନ:** ଏହି କ୍ଷେତ୍ରରେ ନିଜ ଯୋଗ୍ୟତା ଅନୁଯାୟୀ ଅନେକ ଜବ୍ ଅପ୍ସନ ରହିଛି। ଯଥା- ସାଇବର ସିକ୍ୟୁରିଟି ଆର୍କିଟେକ୍ଟ, ସାଇବର ସିକ୍ୟୁରିଟି ଇଞ୍ଜିନିୟର, ନେଟ୍‌ୱର୍କ ସିକ୍ୟୁରିଟି ଇଞ୍ଜିନିୟର, ମାଲ୍‌ୱେର ଆନାଲିଷ୍ଟ, ଏଥିକାଲ୍ ହ୍ୟାକର୍।

**ସାଇବର ସିକ୍ୟୁରିଟି ଆର୍କିଟେକ୍ଟ:** ବର୍ତ୍ତମାନ ଅଧିକାଂଶ କମ୍ପାନି ବା ସଂସ୍ଥାର ଆଇଟି ଇନ୍‌ଫ୍ରାଷ୍ଟ୍ରକ୍ଚରର ସୁରକ୍ଷା ନିମନ୍ତେ ସିକ୍ୟୁରିଟି ଷ୍ଟ୍ରକ୍ଚର ତିଆରି କରିବା, ଏହାକୁ ଡିଜାଇନ୍ କରି କାର୍ଯ୍ୟକାରୀ କରିବା କାର୍ଯ୍ୟ ଏହି ପ୍ରଫେଶନାଲ୍‌ମାନେ କରିଥାନ୍ତି। ସିକ୍ୟୁରିଟି ପଲିସି ପ୍ରସ୍ତୁତ କରିବାଠୁ ଆରମ୍ଭ କରି ବିପଦର ଅନୁମାନ ଲଗାଇବା ଏବଂ ସେହି ଅନୁଯାୟୀ ସୁରକ୍ଷା ବ୍ୟବସ୍ଥା କରିବା କାର୍ଯ୍ୟ ଏମାନେ କରିଥାନ୍ତି। ଏହି ଜବ୍ ପାଇଁ କମ୍ପ୍ୟୁଟର ସାଇନ୍ସ, ଇନ୍‌ଫର୍ମେଶନ୍ ଟେକ୍ନୋଲୋଜି କିମ୍ବା ଏହା ସମ୍ବନ୍ଧିତ ବ୍ୟାଚଲର୍ ଡିଗ୍ରୀ କରିପାରିବେ। ଏହା ବ୍ୟତୀତ ସାର୍ଟିଫାଏଡ୍ ଇନ୍‌ଫର୍ମେଶନ୍ ସିଷ୍ଟମ୍ ସିକ୍ୟୁରିଟି ପ୍ରଫେଶନାଲ୍, ସାର୍ଟିଫାଏଡ୍ ଇନ୍‌ଫର୍ମେଶନ୍ ସିକ୍ୟୁରିଟି ମ୍ୟାନେଜର ଭଳି କୋର୍ସର ବି ଆବଶ୍ୟକତା ରହିଛି। ନେଟ୍‌ୱର୍କ ଏବଂ ସିକ୍ୟୁରିଟି ପ୍ରୋଟୋକଲ୍, ରିସ୍କ ମ୍ୟାନେଜମେଣ୍ଟ ଓ ସିକ୍ୟୁରିଟି ଫ୍ରେମ୍‌ୱାର୍କରେ ଦକ୍ଷତା ଥିବା ଜରୁରୀ।

**ସାଇବର ସିକ୍ୟୁରିଟି ଇଞ୍ଜିନିୟର:** ନିଜ ସଂସ୍ଥାର ସିଷ୍ଟମ ସୁରକ୍ଷା ସହିତ ନେଟ୍‌ୱର୍କକୁ ସାଇବର୍ ଆଟାକ୍‌ଠୁ ଦୂରେଇ ରଖିବା କାମ ଏମାନେ କରିଥାନ୍ତି। ଏହି ଜବ୍ ପାଇଁ ଇନ୍‌ଫର୍ମେଶନ୍ ସିକ୍ୟୁରିଟି ଏବଂ ଏହା ସମ୍ବନ୍ଧିତ ଫିଲ୍ଡରେ ବ୍ୟାଚେଲର୍ ଡିଗ୍ରୀ ସହିତ ଜିଆଇଏସି ସିକ୍ୟୁରିଟି ଏସେନ୍ସିଆଲ୍, ସାର୍ଟିଫାଏଡ୍ ଇନ୍‌ଫର୍ମେଶନ୍ ସିଷ୍ଟମ୍ ସିକ୍ୟୁରିଟି ପ୍ରଫେଶନାଲ, ଅଫେନ୍ସିଭ୍ ସିକ୍ୟୁରିଟି ସାର୍ଟିଫାଏଡ୍ ପ୍ରଫେଶନାଲ୍ ଭଳି ସାର୍ଟିଫାଏଡ୍ କୋର୍ସ କରିବା ଆବଶ୍ୟକ। ଏହି କ୍ଷେତ୍ରରେ ଆଗକୁ ବଢ଼ିବା ଲାଗି ଫାୟରୱାଲ୍, ଇନ୍‌କ୍ରିପ୍ସନ ଟେକ୍ନିକ୍, ଥ୍ରେଟ୍ ଡିଟେକ୍ସନରେ ଦକ୍ଷତା ଥିବା ଜରୁରୀ।

**ନେଟ୍‌ୱର୍କ ସିକ୍ୟୁରିଟି ଇଞ୍ଜିନିୟର:** ଏହି ଇଞ୍ଜିନିୟରମାନେ ନେଟ୍‌ୱର୍କ ସୁରକ୍ଷା ସୁନିଶ୍ଚିତ କରିଥା'ନ୍ତି। ଫାୟାରୱାଲ୍‌ର ଦେଖାରଖା କରିବା ବି ଏମାନଙ୍କ ଦାୟିତ୍ୱ ହୋଇଥାଏ। ଏହି ପଦବୀ ପାଇଁ ନେଟ୍‌ୱର୍କ, ସାଇବର୍ ସିକ୍ୟୁରିଟି କିମ୍ବା ଏହା ସମ୍ବନ୍ଧିତ ପାଠରେ ବ୍ୟାଚେଲର୍ ଡିଗ୍ରୀ ସହିତ ସିସିଏନ୍‌ପି ସିକ୍ୟୁରିଟି, ସାର୍ଟିଫାଏଡ୍ ନେଟ୍‌ୱର୍କ ଡିଫେଣ୍ଡର, କମ୍ପାଟିଆ ସିକ୍ୟୁରିଟି ପ୍ଲସ୍ ଆଦି ସାର୍ଟିଫାଏଡ୍ କୋର୍ସର ଆବଶ୍ୟକତା ରହିଛି।

**ମାଲ୍‌ୱେର ଆନାଲିଷ୍ଟ:** ସାଇବର୍ ସିକ୍ୟୁରିଟି କ୍ଷେତ୍ରରେ ଏହା ମଧ୍ୟ ଏକ ନୂଆ ପ୍ରକାରର ଜବ୍, ଯେଉଁଥିରେ ସିଷ୍ଟମ୍‌କୁ କ୍ଷତି ପହଞ୍ଚାଉଥିବା ଭଳି ଭୁଲ୍ ସଫ୍ଟୱେର ଚିହ୍ନଟ କରାଯାଇଥାଏ। ବିଭିନ୍ନ ସେଫ୍ଟି ଟୁଲ୍ସ ପ୍ରସ୍ତୁତ କରି ମାଲ୍‌ୱେର୍‌କୁ ସିଷ୍ଟମ୍‌ରେ ପ୍ରବେଶ କରିବାଠୁ ଦୂରେଇ ରଖାଯାଇଥାଏ। ରିଭର୍ସ ଇଞ୍ଜିନିୟରିଂ ଯେପରି ସି ++ ଭଳି ପ୍ରୋଗ୍ରାମିଂ ଓ ଆସେମ୍ବଲୀ ଉପରେ ଜ୍ଞାନ ଥିବା ସହ ଜିଆର୍‌ଇଏମ୍, ଜିସିଏଫ୍‌ଏ ଭଳି ସାର୍ଟିଫାଏଡ୍ କୋର୍ସ କରିଥିଲେ ଏହି ଜବ୍ ପାଇଁ ଯୋଗ୍ୟ ପ୍ରାର୍ଥୀ ହୋଇପାରିବେ।

**ଏଥିକାଲ୍ ହ୍ୟାକର:** ଏମାନଙ୍କୁ ଆଇଟି କ୍ଷେତ୍ରରେ ପିନିଟେଶନ୍ ଟେଷ୍ଟର ବି କୁହାଯାଏ। ଏମାନେ ପ୍ରଫେଶନାଲ୍ ସିଷ୍ଟମ୍, ନେଟ୍‌ୱର୍କ ଏବଂ ଏହାର ଆପ୍ଲିକେଶନ୍‌ରେ କ'ଣ କମ୍ ରହିଛି ଅବା ଅସୁବିଧା ରହିଛି ଜାଣିବା ସହ ଏହାକୁ ମଜଭୁତ କରିବା କାର୍ଯ୍ୟ କରିଥାନ୍ତି। ଏହି ପଦବୀ ପାଇଁ ସିଆଇଏଚ୍, ଅଫେନ୍ସିଭ୍ ସିକ୍ୟୁରିଟି ସାର୍ଟିଫାଏଡ୍ ଏକ୍ସପର୍ଟ କିମ୍ବା ଜିଆଇଏସ୍‌ସି ପିନିଟ୍ରେଶନ୍ ଟେଷ୍ଟର ଭଳି ସାର୍ଟିଫାଏଡ୍ କୋର୍ସ କରିବାର ଆବଶ୍ୟକତା ରହିଛି।

**କେଉଁଠି କରିବେ କୋର୍ସ:** ବର୍ତ୍ତମାନ ଭାରତର ଅନେକ ସଂସ୍ଥାନରେ ସାଇବର ସିକ୍ୟୁରିଟି ବା ଏଥିକାଲ୍ ହ୍ୟାକିଂ କୋର୍ସ ଉପଲବ୍ଧ ରହିଛି। ତେବେ ସିମ୍ପଲି ଲର୍ନ, କୋର୍ସେରା, କ୍ୟାରିଅରଏରା, ଉଡେମୀ ଭଳି ପ୍ଲାଟଫର୍ମରେ ଏସମ୍ବନ୍ଧିତ ବିଭିନ୍ନ ସାର୍ଟିଫାଏଡ୍ କୋର୍ସ କରିପାରିବେ। ଆଇଆଇଟି କାନ୍‌ପୁର୍‌ରେ ମଧ୍ୟ ଏହାର ସ୍ପେଶାଲ୍ କୋର୍ସ କରିପାରିବେ।





## ଏ ସପ୍ତାହର ପ୍ରଶ୍ନ

୧- ଇଡୁକ୍କି ୱାଇଲ୍ଡଲାଇଫ୍ ସାଞ୍ଚୁଆରୀ .......... ରାଜ୍ୟରେ ଅବସ୍ଥିତ ?
୨- ୱାର୍ଲ୍ଡ ସିକିଲ୍‌ସେଲ୍ ଡେ' .............. ତାରିଖରେ ପାଳନ କରାଯାଏ ?
୩- ଗ୍ୟାଲସ୍ ଗ୍ୟାଲସ୍ ଡୋମେଷ୍ଟିକସ୍ ..........ର ବୈଜ୍ଞାନିକ ନାମ ?
୪- ଟାଇମ୍ ମେଶିନ୍ ପୁସ୍ତକର ଲେଖକ ............ ?
୫- ନ୍ୟାଶନାଲ୍ ଜିଓ ସାଇନ୍ସ ଆୱାର୍ଡ ............ ମିନିଷ୍ଟ୍ରି ପକ୍ଷରୁ ପ୍ରଦାନ କରାଯାଇଥାଏ ?

## ଗତ ଥରର ଉତ୍ତର

୧ ତାଞ୍ଜାନିଆ ଏବଂ କେନିଆ
୨ ମିନିଷ୍ଟ୍ରି ଅଫ୍ ସିଭିଲ୍ ଆଭିଏଶନ୍
୩ ମଙ୍ଗଳ
୪ ଅରୁନ୍ଧତୀ ରାୟ
୫ ଥାଇଲାଣ୍ଡ

## ଉତ୍ତରଦାତା



ମାନସ ରଞ୍ଜନ ପଟ୍ଟନାୟକ, ଭୁବନେଶ୍ୱର | କନକଲତା ଦେହୁରୀ, ଯାଜପୁର | ଦୀପ୍ତିମୟୀ ନାୟକ, କେନ୍ଦୁଝର | ବର୍ଷାରାଣୀ ପ୍ରଧାନ, ଦେଓଘର

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି ଇ -ମେଲ୍ ଠିକଣା:dharitriagamiasha@gmail.com

## ଟପ୍ ୧୦

### ସବୁଠୁ ଲୋକପ୍ରିୟ ସେଫ୍

୧- ଆଲାଇନ୍ ଡୁକାସେ .......... ଫ୍ରାନ୍ସ
୨- ଗର୍ଡନ୍ ରାମ୍‌ସେ .......... ବ୍ରିଟେନ୍
୩- ହେଷ୍ଟନ୍ ବ୍ଲୁମେଣ୍ଟାଲ୍ .......... ଲଣ୍ଡନ
୪- ଜାମି ଅଲିଭର୍ .......... ଲଣ୍ଡନ
୫- ଥୋମାସ୍ କେଲର୍ .......... ଆମେରିକା
୬- ୟାନିକ୍ ଆଲେନୋ .......... ଫ୍ରାନ୍ସ
୭- ଆନେ- ସୋଫି ପିକ୍ .......... ଫ୍ରାନ୍ସ
୮- କ୍ୱିକ୍ ଡିକୋଷ୍ଟା .......... ସ୍ପେନ୍
୯- ମାର୍କୋ ପିରେ ହ୍ୱାଇଟ୍ .......... ବ୍ରିଟେନ୍
୧୦- ହେଲେନ୍ ଡାରୋଜ୍ .......... ଫ୍ରାନ୍ସ

# ଜିନ୍ସରେ ଲାଗିବେ ଷ୍ଟାଇଲିଶ୍

ମଡର୍ନ ଓ କ୍ଲାସି ଦେଖାଯିବା ପାଇଁ ଅନେକେ ଜିନ୍ସ ଆଉଟ୍‌ଫିଟ୍‌କୁ ପସନ୍ଦ କରିଥା'ନ୍ତି। ହେଲେ କେବେକେବେ ଅଧିକ ମୋଟା କିମ୍ବା ଅତି ପତଳା ଗୋଡ଼ ହୋଇଥିବାରୁ ଅନେକଙ୍କୁ ଜିନ୍ସ ପିନ୍ଧିଲେ ଭଲ ଦିଶି ନ ଥାଏ। ତେଣୁ ଏଭଳି ଫିଗରରେ ବି ଷ୍ଟାଇଲିଶ୍ ଓ ଟ୍ରେଣ୍ଡିଂ ଲୁକ୍ ପାଇବା ଲାଗି କେଉଁଭଳି ଜିନ୍ସ ପିନ୍ଧି ପାରିବେ ଜାଣିରଖନ୍ତୁ...



**ଷ୍ଟ୍ରେଟ୍ ଜିନ୍ସ:** ଯେଉଁମାନଙ୍କ ଗୋଡ଼ ସ୍ଲିମ୍ ଏବଂ ବ୍ୟାକ୍ ଫ୍ଲାଟ୍, ସେମାନେ ଅଧିକ ହାଇଟ୍ ଏବଂ ଆଇକ୍ୟାଚି ଆପଲ୍ ଶେପ୍ ଲୁକ୍ ପାଇଁ ଏଭଳି ଷ୍ଟ୍ରେଟ୍ ଲେଗ୍ ଜିନ୍ସ କିମ୍ବା ବୁଟ୍ କଟ୍ ବା ଫ୍ଲୋୟାର୍ଡ ଜିନ୍ସ ପିନ୍ଧିପାରିବେ। ଯେଉଁମାନଙ୍କ ବଡିର ଅପର ପାର୍ଟ ମୋଟା କିମ୍ବା ଚଉଡ଼ା ଅର୍ଥାତ୍ ଷ୍ଟ୍ରବେରି ଶେପ୍ ସେମାନଙ୍କ ପାଇଁ ମଧ୍ୟ ଏଭଳି ଜିନ୍ସ ଭଲ ଲାଗିଥାଏ। ଏହା ସହିତ ଶର୍ଟ ଶାର୍ଟ, କ୍ରପ୍ ଟପ୍ ଆଦି ପିନ୍ଧିଲେ



ଆଟ୍ରାକ୍ଟିଭ୍ ଲାଗିପାରିବେ।

**ହାଇ ୱେଷ୍ଟ ସ୍କିନି ଜିନ୍ସ:** ପିଅର ଶେପ୍ ବା ଲୋୟର ବଡି ପାର୍ଟ ମୋଟା ଥିଲେ ଏହି ଜିନ୍ସ ଗୋଡ଼କୁ ଲମ୍ୱା ଏବଂ ସ୍ଲିମ୍ ଦେଖାଯିବା ପାଇଁ ବେଷ୍ଟ ଅପ୍ସନ।

**କାର୍ଗୋ:** ସରୁ ଗୋଡ଼ ଥିବା ଯୁବକ ହୁଅନ୍ତୁ ଅବା ଯୁବତୀଙ୍କ ପାଇଁ କାର୍ଗୋ ପ୍ୟାଣ୍ଟ ବେଷ୍ଟ ଅପ୍ସନ। ଏହାର ଢିଲା ଡିଜାଇନ୍ ଏବଂ ଅଧିକ ପକେଟ୍ ଷ୍ଟାଇଲିଶ୍ ଲୁକ୍ ଦେଇଥାଏ। ଏହା ସହିତ ଯୁବକମାନେ ଉଭୟ ଟି-ଶାର୍ଟ ଏବଂ ଶାର୍ଟ ପିନ୍ଧିପାରିବେ। ସେହିପରି ଯୁବତୀମାନେ ଟି-ଶାର୍ଟ, କ୍ରପ୍ ଟପ୍ସ ଆଦି ପିନ୍ଧିଲେ ସ୍ମାର୍ଟ ଲାଗିବେ। ଏହାର ଅନେକ କଲର ଉପଲବ୍ଧ, ଯାହା ମଧ୍ୟରୁ ଲାଇଟ୍ ବ୍ରାଉନ୍, ଗ୍ରେ, ଆର୍ମି ପ୍ରିଣ୍ଟ କାର୍ଗୋ ଖରାଦିନେ କ୍ଲାସି ଲୁକ୍ ଦେବ।

**ବ୍ୟାଗି ଜିନ୍ସ:** ଏହି ଜିନ୍ସ କମ୍ଫର୍ଟେବଲ୍ ଏବଂ କୁଲ୍ ଲୁକ୍ ପାଇଁ ସବୁଠୁ ଭଲ ଚଏସ୍। ଉଭୟ ଯୁବତୀ ଏବଂ ଯୁବକ ଏହି ପ୍ୟାଣ୍ଟକୁ ପିନ୍ଧିଲେ ଷ୍ଟାଇଲିଶ୍ ଓ ଟ୍ରେଣ୍ଡି ଲାଗିଥାଆନ୍ତି। ଏହାର କଲର ସହିତ କଣ୍ଟ୍ରାଷ୍ଟ କଲର ଟି-ଶାର୍ଟକୁ ପେୟାର କଲେ ଆଇକ୍ୟାଚି ଲାଗିଥାଏ। କାଜୁଆଲ୍ ଆଉଟ୍‌ଫିଟ୍ ଭାବେ ବ୍ୟବହାର କରିବା ଲାଗି ଏହା ବହୁତ ଭଲ।

**ଜଗର୍ସ:** କାଜୁଆଲ୍ ପ୍ୟାଣ୍ଟ ମଧ୍ୟରେ ବର୍ତ୍ତମାନ ଜଗର୍ସ ଖୁବ୍ ଡିମାଣ୍ଡରେ ଅଛି। ଏହା ଢିଲା ହୋଇଥିବାରୁ ସ୍କିନି ଗୋଡ଼ ଲୁଚାଇବାକୁ ବେଶ୍ କାମରେ ଆସିଥାଏ। ଏହା ଫ୍ୟାଶନେବଲ୍ ଲାଗିବା ସହ ପିନ୍ଧିବାକୁ ମଧ୍ୟ କମ୍ଫର୍ଟେବଲ୍। ଏଥିରେ କ୍ଲାସି ଲୁକ୍ ପାଇଁ ଟ୍ୟାଙ୍କ୍ ଟପ୍ ଏବଂ ବ୍ଲେଜରକୁ ଟିମ୍ ଅପ୍ କରିପାରିବେ। ଜଗର୍ସ ପ୍ୟାଣ୍ଟ ସହିତ ଲୁଜ୍ ଫିଟ୍ ଟି-ଶାର୍ଟ, କ୍ୟାପ୍ ଏବଂ ସ୍ନିକର୍ସ ପିନ୍ଧିଲେ ଆଇକ୍ୟାଚି ଟ୍ରାଭେଲ୍ ଲୁକ୍ ଦେଇପାରିବ।

### ଯୁଥ୍ ଆଲର୍ଟ

# ଆଙ୍ଗୁଠିରୁ ମୁଦି ନ ବାହାରିଲେ

ମୁଦି ପିନ୍ଧିବାକୁ ଅନେକେ ଭଲପାଆନ୍ତି। ବିଶେଷକରି ଯୁବପିଢ଼ି ଫ୍ୟାଶନ୍ ପାଇଁ ଭଳିକି ଭଳି ଡିଜାଇନ୍‌ର ମୁଦି ପିନ୍ଧିଥାନ୍ତି। ହେଲେ କେବେକେବେ ଦୀର୍ଘ ସମୟ ଧରି ମୁଦି ପିନ୍ଧିବା ପରେ ହେଉ କିମ୍ବା ନୂଆ ମୁଦି ଟ୍ରାଏ କରିବା ବେଳେ ତାହା ଆଙ୍ଗୁଠିରେ ଟାଇଟ୍ ହୋଇ ରହିଯାଏ, ଯାହାକୁ କାଢ଼ିବା ଖୁବ୍ କଷ୍ଟଦାୟକ ହୋଇଥାଏ ଏବଂ ଜବରଦସ୍ତ କାଢ଼ିଲେ କ୍ଷତ ସୃଷ୍ଟି ହୋଇଥାଏ। ଯଦି ଏପରି ପରିସ୍ଥିତି ଉପୁଜେ, ତେବେ କେଉଁ ଉପାୟରେ ମୁଦି କାଢ଼ିଲେ ଆଙ୍ଗୁଠି ସୁରକ୍ଷିତ ରହିବ ଜାଣିରଖନ୍ତୁ ସେ ସମ୍ପର୍କରେ...





➔ଆଙ୍ଗୁଠିରେ ମୁଦି ଫସିଗଲେ ବ୍ୟସ୍ତ ହୋଇ ତାହାକୁ ଆଦୌ ଜବରଦସ୍ତ ଟାଣି ଟାଣି ବାହାର କରନ୍ତୁ ନାହିଁ। ପ୍ରଥମେ ହାତକୁ ଧୀରେ ଧୀରେ ମସାଜ୍ କରନ୍ତୁ। କିଛି ସମୟ ହାତକୁ ଉପରକୁ ଟେକିରଖନ୍ତୁ। ତା'ପରେ ପାପୁଲିରୁ ଆଙ୍ଗୁଠି ଆଡ଼କୁ ଓଲଟା ଧୀରେ ଧୀରେ ମସାଜ୍ କରନ୍ତୁ। ଦେଖିବେ ମୁଦି ବାହାରି ଆସିବ। ଏହାକୁ ଏଲିଭେଶନ୍ ଟ୍ରିକ୍ କୁହାଯାଏ।

➔ଭେସ୍‌ଲିନ୍ କିମ୍ବା ତେଲ ଲଗାଇ ହାତକୁ କିଛି ସମୟ ଉଷୁମ ପାଣିରେ ବୁଡ଼ାଇ ରଖନ୍ତୁ। ମୁଦିକୁ ଧୀରେ ଧୀରେ କାଢ଼ନ୍ତୁ, ତାହା ତେଲରେ ଲାଗି ଆରାମରେ ବାହାରିଯିବ।

➔ପଲିଥିନ୍ ଟ୍ରିକ୍ ବି ଏଭଳି ପରିସ୍ଥିତିରେ ବହୁତ କାମରେ ଆସିଥାଏ। ମୁଦିର ଠିକ୍ ତଳକୁ ଆଙ୍ଗୁଠିରେ ପଲିଥିନ୍‌କୁ ପତଳା ଲେୟାର କରି ଟାଇଟ୍ କରି ଗୁଡ଼ାଇ ଦିଅନ୍ତୁ, ଯେପରି ଫୁଲା କମିଯିବ। ଏହା ବଦଳରେ ସେଲୋଟେପ୍‌ର ସାହାଯ୍ୟ ବି ନେଇପାରିବେ। ଏହା ପରେ ଧୀରେ ଧୀରେ ମୁଦିକୁ କାଢ଼ନ୍ତୁ। ଦେଖିବେ କମ୍ କଷ୍ଟରେ ମୁଦି ବାହାରିଯିବ।

➔ରିବନ୍ ଟ୍ରିକ୍ ମଧ୍ୟ ମୁଦି କାଢ଼ିବାରେ ସାହାଯ୍ୟ କରିଥାଏ। ଏକ ସାଟିନ୍ ରିବନ୍ କିମ୍ବା କଟନ୍ ସୂତାକୁ ମୁଦି ଭିତରେ ପୂରାଇ ଆରପଟେ ବାହାର କରନ୍ତୁ। ଗୋଟିଏ ପଟ ରିବନ୍‌କୁ ମୁଦି ପାଖରେ ଟାଇଟ୍ କରି ଗୁଡ଼ାନ୍ତୁ ଏବଂ ଆରପାଖ ରିବନ୍‌କୁ ଧୀରେ ଧୀରେ ଗୋଲ କରି ଟାଣିଲେ ମୁଦି ବାହାରି ଆସିବ।

➔ମନେରଖନ୍ତୁ, ଆଦୌ ଜବରଦସ୍ତ ମୁଦି ବାହାର କରିବାକୁ ଚେଷ୍ଟା କରନ୍ତୁ ନାହିଁ। ନଚେତ୍ କ୍ଷତ ସୃଷ୍ଟି ହୋଇପାରେ। ଅଧିକ କଷ୍ଟ ହେଉଥିଲେ ଡାକ୍ତରଙ୍କ ନିକଟକୁ ଯାଆନ୍ତୁ।

# ଶ୍ରୀଗୁଣ୍ଡିଚା ମନ୍ଦିର ନିକଟରେ ଲାଗିଲା ଦୁଇରଥ

## ଆଡ଼ପ ମଣ୍ଡପରେ ବିଜେକଲେ ମହାପ୍ରଭୁ

ଢେଙ୍କାନାଳ,୨୮।୬(ରତନ ନାୟାର):

ଢେଙ୍କାନାଳରେ ଶୁକ୍ରବାର ଠାକୁରଙ୍କ ନୀତିକାନ୍ତି, ପହଣ୍ଡି ଓ ରଥଟଣାରେ ଅହେତୁକ ବିଳମ୍ବ ହେବାରୁ ଅଧା ବାଟରେ ଦୁଇରଥ ଅଟକି ରହିଥିଲା। ମହାପ୍ରଭୁ ବିଜେ କରିଥିବା ବଡରଥ ଜବାହାରଚୌକ ଠାରେ ଅଟକିଥିଲା ବେଳେ ରାଜବାଟୀର ଶ୍ରୀଜୀଉ ମାନେ ବିଜେ କରିଥିବା ସାନରଥ ମହାବୀର ବଜାରଠାରେ ଅଟକି ରହିଥିଲା



ଆଡ଼ପ ମଣ୍ଡପରେ ଯୁବରାଜ ଅମରଜ୍ୟୋତି ସିଂହଦେଓ ଆଳତୀ କରୁଛନ୍ତି।

। ଏହାପରେ ଶନିବାର ସକାଳ ୯ଟାରେ ପୁନର୍ବାର ରଥଟଣା ହୋଇଥିଲା । ବଡରଥ ପୂର୍ବାହ୍ନ ୧୦ଟା ୪୫ରେ ବାଜିଚୌକସ୍ଥିତ ଶ୍ରୀଗୁଣ୍ଡିଚା ମନ୍ଦିର ନିକଟରେ ଲାଗିଥିଲା । ସାନରଥ ପୂର୍ବାହ୍ନ ୧୧ଟା ୧୦ମିନିଟରେ ଶ୍ରୀଗୁଣ୍ଡିଚା ମନ୍ଦିରରେ ଲାଗିଥିଲା । ଏହାପରେ ଅପରାହ୍ନ ୫ଟା ୨୦ମିନିଟରେ ରଥ ଉପରୁ ପହଣ୍ଡି ହୋଇ ମହାପ୍ରଭୁ ଶ୍ରୀଗୁଣ୍ଡିଚା ମନ୍ଦିର ଆଡପ ମଣ୍ଡପରେ ବିଜେ କରିଥିଲେ। ଯୁବରାଜ ଅମରଜ୍ୟୋତି ସିଂହଦେଓ ମହାପ୍ରଭୁଙ୍କୁ ପହଣ୍ଡି କରି ଆଡପ ମଣ୍ଡପକୁ ଆଣିବା ପରେ ଆଳତୀ କରି ପୂଜାର୍ଚ୍ଚନା କରିଥିଲେ । ଏହି ସମସ୍ତ କାର୍ଯ୍ୟକ୍ରମରେ ଢେଙ୍କାନାଳ ଉପଜିଲାପାଳ ତଥା ଜିଲା ଦେବୋତର ଅଧିକାରୀ ବିବୁଧ ଗଡନାୟକ, ଦେବୋତର ନୀରିକ୍ଷକ ପ୍ରଦ୍ୟୁମ୍ନ ତ୍ରିପାଠୀଙ୍କ ସମେତ ପୋଲିସ ଅଧିକାରୀମାନେ ଉପସ୍ଥିତ ଥିଲେ ।

# ନୂଆଗଡ଼ରେ ରଥଯାତ୍ରା

ଢେଙ୍କାନାଳ,୨୮।୬(ରତନ ନାୟାର)

ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ ଦିଗାମ୍ବରପୁର ଗ୍ରାମପଞ୍ଚାୟତର ନୂଆଗଡ ଗ୍ରାମରେ ପାରମ୍ପରିକ ରୀତିରେ ରଥଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଶ୍ରୀଶ୍ରୀ ତୃତୀୟଦେବ ଜୀଉ ବିଜେ ନୂଆଗଡ ପରିଚାଳନା କମିଟିର ସଭାପତି ବିଜୟ କୁମାର ସାମନ୍ତଙ୍କ ଦ୍ୱାରା ଛେରାପହଁରା କାର୍ଯ୍ୟ ସଂପନ୍ନ ହୋଇଥିଲା । ପରେ ପ୍ରଭୁ ଶ୍ରୀଜଗନ୍ନାଥ, ବଳଭଦ୍ର, ସୁଭଦ୍ରା ଓ ସୁଦର୍ଶନଙ୍କୁ ରଥାରୂଢ଼ କରାଯାଇଥିଲା । କମିଟିର ସମ୍ପାଦକ ଅଶୋକ ମହାପାତ୍ରଙ୍କ ଦ୍ୱାରା ପୂଜା ବିଧି ସମ୍ପାଦିତ ହୋଇଥିଲା। ଗ୍ରାମ ସଂଗଠନ ସଭାପତି ନିଳମଣୀ



ନୂଆଗଡ ଗ୍ରାମରେ ପାରମ୍ପରିକ ରୀତିରେ ରଥଯାତ୍ରା।

ପାତ୍ର, ସମ୍ପାଦକ ପଙ୍କଜ କୁମାର ଜେନା, ସମାଜସେବୀ ଅରୁଣ ମହାପାତ୍ର, ପ୍ରଶାନ୍ତ କୁମାର ପାତ୍ର ଓ ଯତୀଶ ମହାପାତ୍ରଙ୍କ ଦ୍ୱାରା ରଥଯାତ୍ରା ପରିଚାଳନା କରାଯାଇଥିଲା। ସଞ୍ଜୟ କୁମାର ସାମନ୍ତ, ଯୁଗଳ କିଶୋର ଦାସ, ବିରେନ୍ଦ୍ର କୁମାର ସାମନ୍ତ, ଅଧାପକ ଶ୍ରୀକାନ୍ତ ସାମନ୍ତ ଓ ଡଃ ଅମୀୟ ମହାପାତ୍ର ଧାରା ବିବରଣୀ ପ୍ରଦାନ କରିଥିଲେ।



ଦେଓଗାଁରେ ଶ୍ରଦ୍ଧାଳୁମାନେ ରଥ ଟାଣୁଛନ୍ତି।

# ଦେଓଗାଁରେ ପାରମ୍ପରିକ ରଥଯାତ୍ରା

ଢେଙ୍କାନାଳ,୨୮।୬(ରତନ ନାୟାର):

ଓଡ଼ିଶାର ପ୍ରସିଦ୍ଧ ଶୈବପୀଠ ଢେଙ୍କାନାଳ ଜିଲା କପିଳାସର ପାଦଦେଶରେ ଥିବା ଦେଓଗାଁରେ ପାରମ୍ପରିକ ରଥଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଦେବୋତ୍ତର ବିଭାଗ ଜିମାଦାରଙ୍କ ଉପସ୍ଥିତିରେ ଗଁଦିଆ ଥାନା ଅଧିକାରୀ ଶାନ୍ତନୁ କୁମାର ପ୍ରଧାନ ଓ ତହସିଲଦାର ସତ୍ୟଜିତ ମହାପାତ୍ରଙ୍କ ଉପସ୍ଥିତିରେ ପହଣ୍ଡି ବିଜେ ହୋଇ ପ୍ରଭୁ ଜଗନ୍ନାଥ, ବଳଭଦ୍ର ଓ ସୁଦର୍ଶନଙ୍କୁ ରଥ ଉପରକୁ ବିଜେ କରାଯାଇଥିଲା । ପରମ୍ପରା ଅନୁସାରେ ହେମନ୍ତ କୁମାର ନନ୍ଦଙ୍କ ଦ୍ୱାରା ଛେରାପହଁରା କାର୍ଯ୍ୟ ସଂପନ୍ନ ହୋଇଥିଲା। ଅପରାହ୍ନ ୩ଟା ସମୟରେ ରଥଟଣା କାର୍ଯ୍ୟ ଆରମ୍ଭ ହୋଇ ମାଉସୀ ମା' ମନ୍ଦିରରେ ୪ଟା ୧୫ ମିନିଟରେ ରଥ ପହଁଚିଥିଲା।

# ହାତୀପଲଙ୍କ ମଧ୍ୟରେ ସଂଘର୍ଷ,ଦନ୍ତା ଗୁରୁତର

ଗଁଦିଆ,୨୮।୬(ବିଶ୍ୱ ମୋହନ ସାହୁ)

ଢେଙ୍କାନାଳ ଜିଲା ଷଡଙ୍ଗୀ ରେଞ୍ଜ୍ ଆଙ୍କୁର୍ଦା କାଜୁ ଜଙ୍ଗଲରେ ହାତୀ ପଲଙ୍କ ମଧ୍ୟରେ ସଂଘର୍ଷ ଘଟି ଏକ ଦନ୍ତାହାତୀ ଗୁରୁତର ଭାବେ କ୍ଷତବିକ୍ଷତ ହୋଇ ପଡିଥିଲା । ସ୍ଥାନିୟ ଲୋକେ ଅସୁସ୍ଥ ହାତୀକୁ ଦେଖି ବନବିଭାଗକୁ ଖବର ଦେଇଥିଲେ । ଜିଲା ବନଖଣ୍ଡ ଅଧିକାରୀ ସୁମିତ କୁମାର କରଙ୍କ ନିର୍ଦ୍ଦେଶରେ କପିଳାସର ଏକ ସ୍ୱତନ୍ତ୍ର ଡାକ୍ତରୀ ଦଳ



ଆହତ ହାତୀଟିର ଚିକିତ୍ସା କରାଯାଉଛି।

ଘଟଣା ସ୍ଥଳରେ ପହଁଚି ଟ୍ରାଙ୍କୁଲାଇଜର କରି ହାତୀକୁ ଚିକିତ୍ସା କରିଥିଲେ । ପରେ ହାତୀଟି ସୁସ୍ଥ ହେବାପରେ ତାର ଚେତା ଫେରିବା ପରେ ତାକୁ ଜଙ୍ଗଲ ମଧ୍ୟରେ ଛାଡି ଦିଆଯାଇଥିଲା। ଘଟଣା ସ୍ଥଳରେ ସ୍ଥାନିୟ ଫରେଷ୍ଟର ଉଦ୍ଧବ ବେହେରା ଓ ହାତୀ ସ୍କ୍ୱାର୍ଡ ଦଳ ଉପସ୍ଥିତ ଥିଲେ। ୭ଦିନ ପର୍ଯ୍ୟନ୍ତ ହାତୀଟିର ସ୍ୱାସ୍ଥ୍ୟ ଅବସ୍ଥା ଉପରେ ନଜର ରଖାଯିବ ବୋଲି ଜିଲା ବନଖଣ୍ଡ ଅଧିକାରୀ ସୁମିତ କୁମାର କରଙ୍କ ସୂଚନାରୁ ଜଣାପଡିଛି ।

# ୧ହଜାର ଲିଟର ମହୁଲି ସହ ସ୍କର୍ପିଓ, ସ୍କୁଟି ଜବତ

## ୨ ଗିରଫ, ୨ ଫେରାର

ପରଜଙ୍ଗ, ୨୮।୬(ନିଗମାନନ୍ଦ ଦଳବେହେରା)

ଢେଙ୍କାନାଳ ଜିଲା ପରଜଙ୍ଗ ଥାନାଧିକାରୀ ଧିରେନ ବେହେରାଙ୍କ ନିର୍ଦ୍ଦେଶ କ୍ରମେ ଶୁକ୍ରବାର ଦୁଇଟି ଟିମ ପାଟ୍ରୋଲିଂ ପାଇଁ ବାହାରି ଯାଇଥିଲେ। ଗୋଟିଏ ଗାଡ଼ିରେ ଏସଆଇ ରଞ୍ଜିତ ପ୍ରଧାନ, ଏଏସଆଇ ଯୁଗଳ ପ୍ରଧାନ ଓ କର୍ମଚାରୀ ଯାଇଥିବା ବେଳେ ଡିହଡୋଳ-ମହାବିରୋଡ ପୂର୍ଭ ବିଭାଗ ରାସ୍ତାର ଜାମ୍ବୁନାଳି ସାହି ନିକଟରେ ଏକ ସ୍କର୍ପିଓ ପୋଲିସ ଗାଡ଼ିକୁ ଦେଖି ଜଙ୍ଗଲ ଭିତରକୁ ପଳାଇ ଯାଉଥିବା ବେଳେ ପୋଲିସ ସ୍କର୍ପିଓକୁ ପିଛା କରି ଅଟକାଇଥିଲେ। ଗାଡ଼ିର ଚାଳକ ଆମ୍ବପଳାସ ଗ୍ରାମର ଜିତେନ୍ଦ୍ର ମହାପାତ୍ର ଓ ତାଙ୍କ ଶଶୁର ଡାକ୍ତର ସାହୁ ଓ ଜାମ୍ବୁନାଳି ସାହିର ମୁନା କୁଲୁଡ଼ିଙ୍କୁ ପୋଲିସ ଗିରଫ କରିଛି। ଯାଞ୍ଚ ବେଳେ ସ୍କର୍ପିଓରୁ ୯୫୦ ଲିଟର ଚୋରା ଦେଶୀ ମହୁଲି ମଦ ଜବତ କରାଯାଇଛି। ଏ ସଂକ୍ରାନ୍ତରେ ପରଜଙ୍ଗ ଥାନାରେ ୨୮୬/୨୫ ଏକ ମାମଲା ରୁଜୁ କରାଯାଇ କୋର୍ଟ ଚାଲାଣ କରାଯାଇଛି। ସେହିପରି ଅନ୍ୟ ଏକ ଗାଡ଼ିରେ ଏସଆଇ ଦେବଗ୍ରାହୀ ମହାନ୍ତି ଓ କର୍ମଚାରୀ ପାଟ୍ରୋଲିଂ କରୁଥିବା ସମୟରେ କନ୍ଧୁର ଗ୍ରାମ ନିକଟରେ ଏକ ସ୍କୁଟିରେ ଆମ୍ବପଳାସ ଗ୍ରାମର ଚେରୁ ଦେହୁରୀ (୩୫)ଙ୍କୁ ଗିରଫ କରାଯାଇଛି। ତାଙ୍କଠାରୁ ୫୦ ଲିଟର ଚୋରା ମହୁଲି ଜବତ କରାଯାଇଛି। ତାଙ୍କ ନାମରେ ୨୮୭/୨୫ରେ ଏକ ମାମଲା ରୁଜୁ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଫେରାର ଦୁଇଜଣଙ୍କୁ ଖୁବଶୀଘ୍ର ଗିରଫ କରାଯିବ ବୋଲି ଥାନାଧିକାରୀ ଧିରେନ ବେହେରା କହିଛନ୍ତି।

# ୩ ନୂଆ ଆଇନ ଉପରେ ଜିଲାସ୍ତରୀୟ କର୍ମଶାଳା



ଢେଙ୍କାନାଳ,୨୮।୬(ରତନ ନାୟାର)

ଢେଙ୍କାନାଳ ଜିଲାର ସମସ୍ତ ଜିଲାସ୍ତରୀୟ ଅଧିକାରୀ, ପୋଲିସ ଓ ସରକାରୀ ଓକିଲ ମାନଙ୍କୁ ନେଇ ଦେଶରେ ନୂଆକରି ଲାଗୁ ହୋଇଥିବା ତିନି ଆଇନର କାର୍ଯ୍ୟକାରିତା ସମ୍ପର୍କରେ ଏକ ଆଇନ କର୍ମଶାଳା ଜିଲା କାର୍ଯ୍ୟାଳୟ ସଦଭାବନା ଗୃହରେ ଅନୁଷ୍ଠିତ ହୋଇଥିଲା । ଜିଲାପାଳ ସୋମେଶ କୁମାର ଉପାଧ୍ୟାୟ, ଏସ୍‌ପି ଅଭିନବ ସୋନକରଙ୍କ ମିଳିତ ଉଦ୍ୟମରେ ଏହି କର୍ମଶାଳା ଆୟୋଜିତ ହୋଇଥିଲା। ଦେଶରେ ଗତବର୍ଷ ଜୁଲାଇ ୧ ତାରିଖରୁ କାର୍ଯ୍ୟକାରୀ ହେଉଥିବା ଭାରତୀୟ ନ୍ୟାୟ ସଂହିତା, ଭାରତୀୟ ନାଗରିକ ସୁରକ୍ଷା ସଂହିତା, ଭାରତୀୟ ସାକ୍ଷ ଅଧିନିୟମ ଉପରେ ତାଲିମ ପ୍ରଦାନ କରାଯାଇଥିଲା। କର୍ମଶାଳାରେ ଅଧକ୍ଷତା କରି ଜିଲା ଅଭିଯୋଜନ ଉପ ନିର୍ଦ୍ଦେଶକ ଗଣେଶ କୁମାର ବେହେରା ତିନି ନୁଆ ଆଇନ ସହ ପୁରୁଣା ଆଇନର ତୁଳନାତ୍ମକ ବିଶ୍ଳେଷଣ କରିଥିଲେ । ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏସ୍‌ପି ଅଭିନବ ସୋନକର ପୀଡିତାଙ୍କୁ କିପରି ତ୍ୱରିତ ନ୍ୟାୟ ମିଳିବ ଏବଂ ପ୍ରକୃତ ଅପରାଧୀ ବିରୁଦ୍ଧରେ ଅଭିଯୋଗ ଫର୍ଦ୍ଦ ଠିକ୍ ସମୟରେ ପ୍ରଦାନ ସହ ଦଣ୍ଡବିଧାନ କରିବା ପାଇଁ ପୋଲିସ ଏବଂ ସରକାରୀ ଓକିଲମାନଙ୍କର ପ୍ରମୁଖ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ବିଶିଷ୍ଟ ଅତିଥି ଭାବେ ଯୋଗଦେଇ ସାଧାରଣ ଅଭିଯୋଜନ ନିର୍ଦ୍ଦେଶାଳୟର ଯୁଗ୍ମ ନିର୍ଦ୍ଦେଶକ, ଓଡିଶା ଅଜିତ କୁମାର ପଟ୍ଟନାୟକ ଅପରାଧୀଙ୍କୁ ଗିରଫ, ରିମାଣ୍ଡ ଆଦି ସମ୍ପର୍କରେ ପୁରୁଣା ଓ ନୂଆ ଆଇନରେ ଥିବା ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ମୁଖ୍ୟବକ୍ତା ଭାବେ ଯୋଗଦେଇ ଢେଙ୍କାନାଳ ଆଇନ ମହାବିଦ୍ୟାଳୟର ପୂର୍ବତନ ଅଧାପକ ଡ. ବିଜୟ କୁମାର ମହାପାତ୍ର, ଉଚ୍ଚତମ ନ୍ୟାୟାଳୟ ଓ ଉଚ୍ଚ ନ୍ୟାୟାଳୟମାନଙ୍କର ବହୁ ଗୁରୁତ୍ୱପୂର୍ଣ୍ଣ ରାୟ ଉପରେ ଆଲୋଚନା କରିଥିଲେ। ଡିଏସ୍‌ପି ସନ୍ଧ୍ୟାରାଣୀ ବେଉରିଆ ପୋଲିସ ଓ ମାଜିଷ୍ଟ୍ରେଟଙ୍କ ଦାୟିତ୍ୱ ଓ କର୍ତ୍ତବ୍ୟ ଉପରେ ଆଲୋଚନା କରିଥିଲେ। ଜିଲା କାର୍ଯ୍ୟାଳୟ ନ୍ୟାୟିକ ବିଭାଗର ସହକାରୀ ଜିଲାପାଳ ଅସ୍ମିଜା ଶିବଦତା କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ । କର୍ମଶାଳାରେ ସମସ୍ତ ସହକାରୀ ଜିଲାପାଳ, ବିଡିଓ, ତହସିଲଦାର, ଉପଜିଲାପାଳ, ପୋଲିସ ଅଧିକାରୀ ଓ ସରକାରୀ ଓକିଲମାନେ ଅଂଶଗ୍ରହଣ କରିଥିଲେ ।

# ହେଲେନ୍ କେଲର ଦିବସ ପାଳିତ



ଢେଙ୍କାନାଳ,୨୮।୬(ରତନ ନାୟାର)

ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ଶାଖା ଓ ଅଲ୍ଲୀ ୟବର ଜଙ୍ଗ ଜାତୀୟ ମୁକ ଏବଂ ବଧିର ଦିବ୍ୟାଙ୍ଗଜନ ଅନୁଷ୍ଠାନର ମିଳିତ ସହଯୋଗରେ ହେଲେନ୍ କେଲର ଦିବସ ଗୁରୁବାର ଅପରାହ୍ନରେ ନୂଆ ପାଠାଗାର ଠାରେ ପାଳିତ ହୋଇଯାଇଛି। ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ଡ. ରବର୍ଟ୍ ଉଇଲସନ୍ ଭାତ୍ରା ଅତିଥି ପରିଚୟ ଦେବା ସହ ଦିବସର ଗୁରୁତ୍ୱ ବିଷୟରେ ଆଲୋଚନା କରିଥିଲେ ।ପଦାର୍ଥ ବିଜ୍ଞାନ ବିଭାଗର ସହକାରୀ ପ୍ରଫେସ ଡ. ପୂର୍ଣ୍ଣଚନ୍ଦ୍ର ବରାଳ ସ୍ୱାଗତ ଭାଷଣ ଦେବା ସହ ହେଲେନ୍ କେଲରଙ୍କ ଦୃଢ଼ ଆତ୍ମବଳ ଓ ତାଙ୍କର ସାମାଜିକ ଦୃଷ୍ଟିକୋଣ ବିଷୟରେ ଆଲୋଚନା କରିଥିଲେ। ମହାବିଦ୍ୟାଳୟ ପ୍ରଶାସନିକ ଅଧିକାରୀ ଡ. ଦେବାଶିଷ ମହାନ୍ତି କାର୍ଯ୍ୟକ୍ରମର ଆଭିମୁଖ୍ୟ ସଂପର୍କରେ ଆଲୋଚନା କରିଥିଲେ। ଆମନ୍ତ୍ରିତ ଅତିଥି ଭାବେ ଭାଷା ପ୍ରଶିକ୍ଷିକା ଅଳକା ନନ୍ଦା ଯୋଶୀ ହେଲେନ୍ କେଲରଙ୍କ ଜୀବନୀ ଓ ଅଭିଜ୍ଞତା ବିଷୟରେ ଦାର୍ଶନିକ ଓ ମାନବିକ ବକ୍ତବ୍ୟ ରଖିଥିଲେ। ପ୍ରଶିକ୍ଷକ ଦିଲ୍ଲୀପ କୁମାର ପଟେଲ ସାଇନ୍ ଭାଷା ଓ ତାହାର ଗୁରୁତ୍ୱ ବିଷୟରେ ବକ୍ତବ୍ୟ ଦେଇଥିଲେ। ସାଇନ୍ ଭାଷାର ଅନ୍ୟତମ ପ୍ରଶିକ୍ଷିକା ଅଭିଲିପ୍ସା ପ୍ରଧାନ ଏହି ଭାଷା ସମ୍ପର୍କରେ ଧାରଣା ଓ ତାହାର ସାମାଜିକ ଦକ୍ଷତା ବିଷୟରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟ, ଢେଙ୍କାନାଳ ମହିଳା ମହାବିଦ୍ୟାଳୟ ଓ ଢେଙ୍କାନାଳ ସନ୍ଧ୍ୟା ମହାବିଦ୍ୟାଳୟର ସମସ୍ତ କର୍ମଚାରୀ ବୃନ୍ଦ, ଛାତ୍ରଛାତ୍ରୀ ଓ ଏନଏସ୍ଏସ୍. ସ୍ୱେଚ୍ଛାସେବୀ ମାନେ କରିଥିଲେ।

# ଦୁଇମାସ ପରେ ମଧ ଫେରାର ଅଭିଯୁକ୍ତ ଧରାପଡ଼ିଲେନି

## ମହେଶ୍ୱର ହତ୍ୟା ମାମଲା

ଢେଙ୍କାନାଳ,୨୮।୬(ରତନ ନାୟାର)

ଢେଙ୍କାନାଳ ସହର କାରୀଗର ସାହି ଅଞ୍ଚଳରେ ରହୁଥିବା ମହେଶ୍ୱର ବେହେରା ଓରଫ୍ ଟିଟନଙ୍କୁ ଗତ ୨୦.୦୪.୨୦୨୫ରେ କେତେକ ଯୁବକ ହତ୍ୟା କରିଥିଲେ । ଏହି ହତ୍ୟା ଘଟଣାର ଦୁଇମାସ ବିତିବା ପରେ ମଧ ଫେରାର ଅଭିଯୁକ୍ତମାନଙ୍କୁ ପୋଲିସ ଗିରଫ କରିପାରି ନାହିଁ । ଏହାକୁ ନେଇ ଅଞ୍ଚଳବାସୀ ଓ ମୃତ ମହେଶ୍ୱରଙ୍କ ପରିବାର ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ତୁରନ୍ତ ଫେରାର ଅଭିଯୁକ୍ତମାନଙ୍କୁ ଗିରଫ କରିବା ପାଇଁ ମହେଶ୍ୱରଙ୍କ ପତ୍ନୀ ପୂଜା ବେହେରା ନିଜର ପରିବାର ସଦସ୍ୟ, ଅଞ୍ଚଳବାସୀଙ୍କ ସହ ଗୁରୁବାର ଜିଲାପାଳ ଓ ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଥିଲେ । ଘଟଣା ଦିନ ମହେଶ୍ୱରଙ୍କୁ ତାଙ୍କ ଘରପାଖ ଗୋପାଳସାଗର ସ୍କୁଲ ପାଖରେ ସେ ବସିଥିବା ସମୟରେ ତାଙ୍କୁ ଗୁଳିମାଡ କରି ଓ ପଥରରେ ଛେଚି ଘୋଷାଡ଼ି ଘୋଷାଡ଼ି ତାଙ୍କ ପତ୍ନୀଙ୍କ ସମ୍ମୁଖରେ ମାରିଥିବା ପତ୍ନୀ ପୂଜା ବେହେରା ଅଭିଯୋଗରେ ଦର୍ଶାଇଛନ୍ତି। ଘଟଣା ଦିନ ବିଳମ୍ବିତ ରାତି ୩ଟାରେ ପତ୍ନୀ ପୂଜା ବେହେରା ଟାଉନ ଥାନାରେ ଅଭିଯୋଗ କରିଥିଲେ । ଘଟଣାର ଦୁଇଦିନ ମଧ୍ୟରେ ପୋଲିସ ୪ଜଣଙ୍କୁ ଗିରଫ କରିଥିବା ବେଳେ ଅନ୍ୟ ଫେରାର ଅଭିଯୁକ୍ତମାନଙ୍କୁ ଗିରଫ କରିପାରିନାହିଁ । ଅନ୍ୟପଟରେ ପୂଜାଙ୍କ ସମ୍ମୁଖରେ ତାଙ୍କ ସ୍ୱାମୀଙ୍କ ଗୋଡକୁ ଗୁଳିମାଡ କରାଯାଇଥିବ ବେଳେ ଶବ ବ୍ୟବଚ୍ଛେଦ ରିପୋର୍ଟରେ ଶରୀରରେ ଗୁଳି ବାଜି ନଥିବା ରିପୋର୍ଟକୁ ପୂଜା ଓ ଅଞ୍ଚଳବାସୀ ସହଜରେ ଗ୍ରହଣ କରିପାରୁନାହାନ୍ତି । ଗିରଫ ୪ଜଣଙ୍କ ମଧ୍ୟରୁ ଜଣଙ୍କୁ ଗିରଫ ହେବାର ୨୬ଦିନ ଓ ଅନ୍ୟ ଦୁଇଜଣଙ୍କୁ ଆଉ କିଛିଦିନ ପରେ ଜାମିନ ମିଳିଥିବା ନେଇ ତାଙ୍କ ପତ୍ନୀ ଓ ଅଞ୍ଚଳବାସୀ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଏପରିକି ଅଞ୍ଚଳବାସୀମାନଙ୍କୁ ଧମକଚମକ ମିଳୁଥିବାରୁ ତାଙ୍କ ଜୀବନପ୍ରତି ବିପଦ ଅଛି । ପୂଜାଙ୍କର ଦୁଇଟି ଶିଶୁକନ୍ୟା ଥିବା ବେଳେ ତାଙ୍କୁ ପୋଲିସ ପୀଡିତା ଯୋଜନାରେ ୧୫ଲକ୍ଷ ଟଙ୍କା ଦୁଇମାସ ମଧ୍ୟରେ କରାଇପାରିବେ ବୋଲି ପ୍ରତିଶ୍ରୁତି ଦେଇଥିବା ବେଳେ ଆଜି ପର୍ଯ୍ୟନ୍ତ ଏହା ମିଳିଲା ନାହିଁ ବୋଲି ସେ ଅଭିଯୋଗ କରି କୁହନ୍ତି । ଏ ସଂକ୍ରାନ୍ତରେ ଏସ୍‌ପି ଅଭିନବ ସୋନକର କୁହନ୍ତି ଯେ, ମହେଶ୍ୱର ହତ୍ୟା ଘଟଣାରେ ଟାଉନ ଥାନା ପୋଲିସ ପକ୍ଷରୁ କେସ୍ ନଂ. ୨୪୭/୨୫ରେ ଏକ ମାମଲା ରୁଜୁ କରାଯାଇ ୫ଜଣଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି। ପରେ ମୃତ ମହେଶ୍ୱରଙ୍କ ପତ୍ନୀ ଆଉ କିଛି ଜଣଙ୍କର ନାମ ଆଣି ଦେଇଥିଲେ । ସେମାନଙ୍କୁ ମଧ ତଦନ୍ତ ପରିସରଭୁକ୍ତ କରାଯାଇଛି । ଯେଉଁମାନେ ତାଙ୍କୁ ଧମକ ଦେଉଛନ୍ତି ବା ଲାଞ୍ଚ ଯାଚୁଛନ୍ତି, ସେମାନଙ୍କ ସମ୍ପର୍କରେ ଜଣାଇବା ପାଇଁ ଆମେ ତାଙ୍କୁ କହିଛୁ । ତାଙ୍କର ଅଭିଯୋଗ ଶୁଣିବା ପରେ ପୋଲିସ ପକ୍ଷରୁ ଯାହା ପଦକ୍ଷେପ ନେବାକଥା ନିଆଯାଇଛି, ସେ ସମ୍ପର୍କରେ ମଧ ଆମେ ଜଣାଇଛୁ । ଫେରାର ଅଭିଯୁକ୍ତଙ୍କ ସମ୍ପର୍କରେ କିଛି ସୁରାକ ଆମକୁ ମିଳିଛି । ଖୁବଶିଘ୍ର ସେମାନଙ୍କୁ ଧରିବା ପାଇ ପଦକ୍ଷେପ ନିଆଯାଇଛି ।

# ସର୍ପାଘାତଜନିତ ମୃତ୍ୟୁ ହ୍ରାସ ସଚେତନତା

କାମାକ୍ଷାନଗର, ୨୮।୬ (ସୁଧୀର କୁମାର ପରିଡ଼ା)

ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର କାନପୁରା ପଞ୍ଚାୟତରାଜ ଉଚ୍ଚ ବିଦ୍ୟାଳୟରେ ଗୁରୁବାର ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ଙ୍କ ପକ୍ଷରୁ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସାମ୍ପ୍ରତିକ ସମୟରେ ସର୍ପ ଆଘାତରେ ଏନେକ ମତ୍ୟୁ ବରଣ କରୁଛନ୍ତି । ଏହି ମତ୍ୟୁ ହାର କୁ କିପରି ହ୍ରାସ କରିହେବ ସେଥିପାଇଁ ସଚେତନ କରିବା ପାଇଁ ପ୍ରଧାନ୍ୱେ ଶିକ୍ଷକ ଶ୍ରୀରାମ ରାଉତ ଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମ ରେ କାମାକ୍ଷାନଗର ଉପଖଣ୍ଡ ଚିକିତ୍ସା ଅଧିକାରୀ ଡାକ୍ତର ଦିଗମ୍ବର ସାହୁ ମୁଖ୍ୟଅତିଥି ରୂପେ ଯୋଗ ଦେଇଥିଲେ । ସାପ କାମୁଡା ଜନୀତ ମୃତ୍ୟୁ ରୁ ରକ୍ଷା



ପାଇବାକୁ ହେଲେ ଅନ୍ଧ ବିଶ୍ୱାସ କୁ ଛାଡି ଚିକିତ୍ସା ବିଜ୍ଞାନ କୁ ବିଶ୍ୱାସ କରିବା ଉଚିତ। ନିଜେ ସସଚେତନ ହେବା ସହ ଅନ୍ୟକୁ ମଧ ସଚେତନ କରିଲେ ଏହି ହାର କମିବଯିବ ବୋଲି ମୁଖ୍ୟଅତିଥି ଉପଦେଶ ଦେଇଥିଲେ । ସ୍ନେକ ହେଲ୍ପ ଲାଇନ ର ସଦସ୍ୟ ସୁବ୍ରତ ରାଉତ ଓ ଆଶୁତୋଷ ନାୟକ ଛାତ୍ରଛାତ୍ରୀମାନଙ୍କୁ ତାଲିମ ପ୍ରଦାନ କରିଥିଲେ । ଶିକ୍ଷକ ନିରଞ୍ଜନ ସାହୁ ସମସ୍ତଙ୍କୁ ସୱାଗତ କରିଥିବା ବେଳେ ଯେ ଆର ସି କାଉନସିଲର ଶିକ୍ଷକ ସୁରେଶ କୁମାର ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମ ରେ ବିଦ୍ୟାଳୟ ର ଏନ ସି ସି , ସ୍କାଉଟ ଗାଇଡ଼ , ଯେ ଆର ସି ଛାତ୍ରଛାତ୍ରୀ ମାନେ ମଧ ଉପସ୍ଥିତ ଥିଲେ । ଶିକ୍ଷକ ଧ୍ରୁବ ଚରଣ ସୁନ୍ଦରାୟ , ଚନ୍ଦ୍ରମଣି ଲେଙ୍କା , ବାନାର୍ଜୀ ମହାନ୍ତି , ରୁଦ୍ରନାରାୟଣ ଶିକ୍ଷୟିତ୍ରୀ କବିତା ରାଉତ, ପ୍ରଭାତୀ ସାହୁ , ଗୀତା ମହାପାତ୍ର , କର୍ମଚାରୀ ଗିରିଶ ମହାନ୍ତି , ରବିନାରାୟଣ ରାଉତ , ଶାନ୍ତନୁ ରାଉତ ପ୍ରମୁଖ କାର୍ଯ୍ୟକ୍ରମ କୁ ପରିଚାଳନା କରିଥିଲେ ।

# ୯ମ ଜିଲା ବ୍ୟାଡମିଣ୍ଟନ ଚାମ୍ପିୟନଶିପ ଉଦ୍‌ଘାଟିତ

ଢେଙ୍କାନାଳ,୨୮।୬(ରତନ ନାୟାର)

ଢେଙ୍କାନାଳ ବିଜୁ ପଟ୍ଟନାୟକ ଇନ୍‌ଡୋର ହଲଠାରେ ଜିଲା ବ୍ୟାଡମିଣ୍ଟନ ଆସୋସିଏଶନ ଆନୁକୂଲ୍ୟରେ ୯ମ ଜିଲା ବ୍ୟାଡମିଣ୍ଟନ ଚାମ୍ପିୟନଶିପ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି । ୩ଦିନ ଧରି ଅନୁଷ୍ଠିତ ହେଉଥିବା ଏହି ଚାମ୍ପିୟନଶିପରେ ଜିଲାର ବିଭିନ୍ନ ପ୍ରାନ୍ତର ହିନ୍ଦୋଳ, କାମାକ୍ଷାନଗର, ଭୁବନ, ମେରାମଣ୍ଡଳୀ, ଗଁଦିଆ ଏବଂ ସଦର ମହକୁମାରୁ ୨୫୦ରୁ ଅଧିକ ଖେଳାଳି ଅଂଶଗ୍ରହଣ କରିଛନ୍ତି। ଏହି ଟୁର୍ନାମେଣ୍ଟରେ ୯ ବର୍ଷ ବୟସରୁ ଆରମ୍ଭ ହୋଇ ୫୫ ବର୍ଷ ବୟସର ଖେଳାଳି ବିଭିନ୍ନ ବର୍ଗରେ ଭାଗ ନେଇଛନ୍ତି। ଓଡ଼ିଶାରେ ଢେଙ୍କାନାଳ ଜିଲା ଗୋଟିଏ ବ୍ୟାଡମିଣ୍ଟନ ହବ ଭାବେ ବର୍ତ୍ତମାନ ଉଦୀୟମାନ ହୋଇଛି। ଚଳିତବର୍ଷ ଜିଲାରୁ ବହୁ ଯୁବ ଖେଳାଳି କେନ୍ଦ୍ରୀୟ ଏକାଡେମୀ ଦ୍ୱାରା ଚୟନ




ହୋଇଛନ୍ତି । ଆଶା କରାଯାଏ ଆଗାମୀ ବର୍ଷ ଜିଲାରୁ ଅଧିକ ଉଦୀୟମାନ ଖେଳାଳି କେନ୍ଦ୍ରୀୟ ବ୍ୟାଡମିଣ୍ଟନ ଏକାଡେମୀରେ ଚୟନ ହେବେ । ଏହି ଟୁର୍ନାମେଣ୍ଟକୁ ଆନୁଷ୍ଠାନିକ ଭାବେ ସମାଜସେବୀ ରାମଚନ୍ଦ୍ର ପାତ୍ର ଉଦ୍‌ଘାଟନ କରିଥିଲେ । ଆସୋସିଏସନ୍ ତରଫରୁ ସଭାପତି ଦୀପକ ଦଳେଇ, କାର୍ଯକାରୀ ସଭାପତି ଅମିତ୍ ଶତପଥୀ, ସମ୍ପାଦକ ଟଙ୍କଧର ବେହେରା, ରଶ୍ମି ପ୍ରକାଶ ପଟ୍ଟନାୟକ, ଶୁଭ୍ରାଂଶୁ ଦଳେଇ, ସୁଶାନ୍ତ କୁମାର ସାହୁ, ପ୍ରମୋଦ ସିଂ, ସୂର୍ଯ୍ୟକାନ୍ତ ମହାପାତ୍ର, ସ୍ୱଦେଶ ସିଂ, ଦେବାଶିଷ ସାହୁ ପ୍ରମୁଖ କର୍ମକର୍ତ୍ତା ଉପସ୍ଥିତ ରହି ପରିଚାଳନା କରିଥିଲେ ।

# ଅଲ୍‌ଟରନେଟିଭ ରିଦମ୍ ଥିଏଟର ପକ୍ଷରୁ ଷଷ୍ଠ 'ନାଟକ ପଠନ ସନ୍ଧ୍ୟା'

## ଭାବବିହ୍ୱଳ କଲା ନାଟକ 'ଡେଥ୍ ସେଣ୍ଟେନ୍ସ'

ଢେଙ୍କାନାଳ,୨୮।୬(ରତନ ନାୟାର)

ନାଟକ ଏକ ଦୃଶ୍ୟକାବ୍ୟ ହୋଇଥିବା ବେଳେ ଏହାର ଦୃଶ୍ୟ ସଂରଚନା ଯେତିକି ଆକର୍ଷଣିୟ, ଏହାର କାବ୍ୟ ବିଭବ ମଧ୍ୟ ସେତିକି ମର୍ମସ୍ପର୍ଶୀ। କିନ୍ତୁ ନାଟକର ମଞ୍ଚନ ଅନେକ ସମୟରେ ହେଉଥିବା ବେଳେ ଢେଙ୍କାନାଳରେ ପ୍ରଥମ କରି ଶ୍ରୁତିରେ ନାଟକକୁ ସ୍ମୃତିକରି ରଖିବା ପାଇଁ ଆରମ୍ଭ ହୋଇଛି ଏକ ନିଆରା ପ୍ରୟାସ। ଜାତୀୟସ୍ତରରେ ଜିଲା ଓ ରାଜ୍ୟ ପାଇଁ ବହୁବାର ସୁନାମ ଆଣିଥିବା ନାଟ୍ୟାନୁଷ୍ଠାନ ଅଲ୍‌ଟର୍‌ନେଟିଭ୍ ରିଦମ୍ ଥିଏଟର୍ ପକ୍ଷରୁ ନାଟକକୁ ନେଇ ଜାନୁୟାରୀ ମାସରୁ ଆରମ୍ଭ ହୋଇଥିବା ଏହି ଭିନ୍ନ



ପ୍ରୟାସ, 'ନାଟକ ପଠନ ସନ୍ଧ୍ୟା'ର ଷଷ୍ଠ ସଂସ୍କରଣ ଗୁରୁବାର ଢେଙ୍କାନାଳ ସହର କୁଞ୍ଜକାନ୍ତସ୍ଥିତ ଅନୁଷ୍ଠାନର ନାଟ୍ୟ ଶିକ୍ଷା କେନ୍ଦ୍ରରେ ପରିବେଷଣ ହୋଇଯାଇଛି। ନାଟ୍ୟକାର ଦିନେଶ ଦାସଙ୍କ ଦ୍ୱାରା ରଚିତ ନାଟକ 'ଡେଥ୍ ସେଣ୍ଟେନ୍ସ'କୁ କଳାକାରମାନେ ବାଚିକ ଅଭିନୟ ମାଧ୍ୟମରେ ପରିବେଷଣ କରିଥିଲେ। ବିଭିନ୍ନ ଭୂମିକାରେ ଦିନେଶ ଦାସ, ନିରଞ୍ଜନ ମହାନ୍ତି, ମାନସ ସାହୁ, ହରେକୃଷ୍ଣ ସାହୁ, ବିଜ୍ଞାନ ମହାନ୍ତି, ସୁଜିତ କୁମାର ଦେବତା, ମାଧବ ହେମ୍ବ୍ରମ, ଦେବଜାନୀ ଦାସ, ସୁଶ୍ରୀ, ମାୟନ ପ୍ରମୁଖ ବାଚିକ ଅଭିନୟ ପରିବେଷଣ କରିଥିଲେ। ଅନୁଷ୍ଠାନର ଉପାଧ୍ୟକ୍ଷ ମନୋହର ଶତପଥୀଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମର ପ୍ରାରମ୍ଭରେ ଅଧ୍ୟକ୍ଷା ଡଃ ପୁଷ୍ପଲତା ରଥ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ନାଟକ ପଠନ ସନ୍ଧ୍ୟାକୁ ଉଦ୍‌ଘାଟନ କରିଥିଲେ। ଶ୍ରୋତାମାନଙ୍କ ମଧ୍ୟରେ ଢେଙ୍କାନାଳ ସହରର ବହୁ ବିଶିଷ୍ଟ ବ୍ୟକ୍ତି ବିଶେଷ, ସାହିତ୍ୟିକ, ନାଟ୍ୟପ୍ରେମୀ ଏବଂ ମହାବିଦ୍ୟାଳୟ ଛାତ୍ରଛାତ୍ରୀମାନେ ଯୋଗ ଦେଇ ନାଟକ ଶୁଣିଥିଲେ। ନାଟକ ପଠନ ଶୈଳୀରେ ନାଟକ 'ଡେଥ୍ ସେଣ୍ଟେନ୍ସ' ଶ୍ରୋତାମାନଙ୍କୁ ଭାବବିହ୍ୱଳ କରିଥିବା ବେଳେ ଏଭଳି ଏକ ଭିନ୍ନ କାର୍ଯ୍ୟକ୍ରମ ପାଇଁ ଶ୍ରୋତାମାନେ ଅନୁଷ୍ଠାନକୁ ସାଧୁବାଦ ଜଣାଇଥିଲେ। ଆସନ୍ତା ଜୁଲାଇ ମାସ ୩୧ ତାରିଖ, ଶେଷ ଗୁରୁବାର ସନ୍ଧ୍ୟା ସାଢେ ୭ଟାରେ ନାଟ୍ୟକାର ପ୍ରାଣବନ୍ଧୁ କରଙ୍କ ନାଟକ 'ଶ୍ୱେତପଦ୍ମା' ପାଠ କରାଯିବ ବୋଲି ଅଲ୍‌ଟର୍‌ନେଟିଭ୍ ରିଦମ୍ ଥିଏଟର୍ ପକ୍ଷରୁ ସୂଚନା ଦିଆଯାଇଛି। ଅନୁଷ୍ଠାନର ସମସ୍ତ ସଦସ୍ୟ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ମନ୍ଧାନାଙ୍କ ବିସ୍ଫୋରକ ଶତକ

**ନଟିଂହାମ,୨୮।୬**

ଭାରତ ଓ ଇଂଲଣ୍ଡ ମଧ୍ୟରେ ଟ୍ରେଣ୍ଟ ବ୍ରିଜ୍‌ଠାରେ ଶନିବାର ପ୍ରଥମ ଟି୨୦ ମ୍ୟାଚ୍ ଖେଳାଯାଇଛି। ଆମନ୍ତ୍ରଣ ପାଇ ପ୍ରଥମେ ବ୍ୟାଟିଂ କରିଥିବା ଭାରତ ସ୍ମୃତି ମନ୍ଧାନାଙ୍କ ବିସ୍ଫୋରକ ଶତକ ବଳରେ ପ୍ରତିପକ୍ଷ ଇଂଲଣ୍ଡ ସମ୍ମୁଖରେ ୨୧୧ ରନର ଟାର୍ଗେଟ ଛିଡ଼ା କରିଛି। ଏହି ମ୍ୟାଚ୍‌ରୁ ଭାରତୀୟ ଦଳର ଅଧିନାୟିକା ହରମନପ୍ରୀତ କୌରଙ୍କୁ ବିଶ୍ରାମ ଦିଆଯାଇଛି। ତାଙ୍କ ଅନୁପସ୍ଥିତିରେ ସ୍ମୃତି ମନ୍ଧାନା ଦଳର ନେତୃତ୍ୱ ନେଉଛନ୍ତି।

ପ୍ରଥମେ ବ୍ୟାଟିଂ କରିଥିବା ଭାରତୀୟ ଦଳକୁ ଅଧିନାୟିକା ମନ୍ଧାନା ଓ ଶେଫାଳୀ ବର୍ମା ବିସ୍ଫୋରକ ଆରମ୍ଭ ପ୍ରଦାନ କରିଥିଲେ। ଦୁହେଁ ପ୍ରଥମ ଉଇକେଟ ପାଇଁ ୮.୩ ଓଭରରେ ୭୭ ରନ ଯୋଡ଼ିଥିଲେ। ଶେଫାଳୀ ୨୦ ରନ କରି ଆଉଟ୍ ହେବା ପରେ ମନ୍ଧାନାଙ୍କ ସହ କ୍ରିଜ୍‌ରେ ଯୋଗ ଦେଇଥିଲେ ହର୍ଲିନ ଦେଓଲ। ଦୁହେଁ ଧୂଆଁଧାର ବ୍ୟାଟିଂ ଜାରି ରଖି ଦ୍ୱିତୀୟ ଉଇକେଟ ପାଇଁ ଦଳୀୟ ସ୍କୋରରେ ୯୪ ରନ୍ ଯୋଡ଼ିଥିଲେ। ଇତି ମଧ୍ୟରେ ମନ୍ଧନା ଟି୨୦ କ୍ୟାରିୟରର ପ୍ରଥମ ଶତକ ପୂରଣ କରିଥିଲେ। ସେ ୬୨ ବଲରେ ୧୧୨ ରନର ଇନିଂସ ଖେଳି ଆଉଟ୍ ହୋଇଥିଲେ। ଏଥିରେ ୧୫ ଚୌକା ଓ ୩ ଛକା ସାମିଲ ଥିଲା। ଫଳରେ ଭାରତୀୟ

## ପ୍ରଥମ ଟି୨୦

ଦଳ ନିର୍ଦ୍ଧାରିତ ୨୦ ଓଭରରେ ୫ ଉଇକେଟ ହରାଇ ୨୧୦ ରନ କରିଥିଲା। ହର୍ଲିନ ୭ ଚୌକା ସହାୟତାରେ ୪୩ ରନ କରିଥିଲେ। ଇଂଲଣ୍ଡ ପକ୍ଷରୁ ଲୌରେନ ବେଲ ୩ ଉଇକେଟ ନେଇଥିବା ବେଳେ ଏମ୍ ଆରିଅଟ୍ ଓ ସୋଫି ଇକଲେଷ୍ଟୋନ ଗୋଟିଏ ଲେଖାଏ ଉଇକେଟ ହାତେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଭାରତ: ୨୦ ଓଭରରେ ୨୧୦/୫ (ସ୍ମୃତି ମନ୍ଧାନା- ୧୧୨, ହର୍ଲିନ ଦେଓଲ-୪୩, ଏମ୍ ଆରିଅଟ୍-୧/୩୮, ଲୌରେନ ବେଲ-୩/୨୭)।


ଶତକୀୟ ଇନିଂସ୍ ଅବସରରେ ସ୍ମୃତି ମନ୍ଧାନା।

## ନେଟ୍ସକୁ ଫେରିଲେ ଯଶପ୍ରୀତ ବୁମ୍‌ରା

**ବର୍ମିଂହାମ,୨୮।୬:** ଷ୍ଟାର ପେସର ଯଶପ୍ରୀତ ବୁମ୍‌ରା ଶନିବାର ଭାରତୀୟ ଦଳର ଟ୍ରେନିଂକୁ ଫେରିଛନ୍ତି। ଏଜ୍‌ବାଷ୍ଟନରେ ଖେଳାଯିବାକୁ ଥିବା ଇଂଲଣ୍ଡ ବିପକ୍ଷ ଦ୍ୱିତୀୟ ଟେଷ୍ଟ ଲାଗି ଟିମ୍ ଇଣ୍ଡିଆ ପ୍ରସ୍ତୁତିର ପ୍ରଥମ ଦିନରେ ବୁମ୍‌ରାଙ୍କ ଅନୁପସ୍ଥିତି ଚର୍ଚ୍ଚାର ବିଷୟ ପାଲଟି ଥିଲା। କିନ୍ତୁ ପ୍ରାକ୍ଟିସର ଦ୍ୱିତୀୟ ଦିନରେ ବୁମରା ଦଳର ଅନ୍ୟ ଖେଳାଳିଙ୍କ ସହ ଗ୍ରାଉଣ୍ଡରେ ଝାଳବୁହା ପରିଶ୍ରମ କରିଥିଲେ। ସାଥୀ ପେସର ପ୍ରସିଦ୍ଧ କ୍ରିଷ୍ଣାଙ୍କ ସହ ବୁମରା ଡ୍ରିଲ୍ସ କରିବା ପରେ ସମସ୍ତ ୩ ପେସର ନେଟ୍ସରେ ବୋଲିଂ ଅଭ୍ୟାସ କରିଥିଲେ। ବ୍ୟାଟରଙ୍କ ମଧ୍ୟରେ ହେଡିଙ୍ଗଲେ ଟେଷ୍ଟରେ ପଦାର୍ପଣ କରିଥିବା ସାଇ ସୁଦର୍ଶନ ଅଭ୍ୟାସ କରିଥିଲେ। କିନ୍ତୁ ଏହି ପ୍ରାକ୍ଟିସ ସେଶନରେ ଅଧିନାୟକ ଶୁବମନ ଗିଲ, ଉପ ଅଧିନାୟକ ରିଷଭ ପନ୍ତ, ଲୋକେଶ ରାହୁଲ ଓ ଯଶସ୍ୱୀ ଜୟସ୍ୱାଲ ଭାଗ ନେଇ ନ ଥିଲେ। ଏହି ୪ ବ୍ୟାଟର ଶୁକ୍ରବାର ଦୀର୍ଘ ଘଣ୍ଟା ଧରି ବ୍ୟାଟିଂ କରିଥିଲେ।

## ପ୍ରଶଂସକଙ୍କ ଗସ୍ତ ଖର୍ଚ୍ଚ ବହନ କରିବେ ନୀରଜ

**ନୂଆଦିଲ୍ଲୀ, ୨୮।୬ (ପି.ଟି.)**

ଅଲିମ୍ପିକ ଚାମ୍ପିୟନ ନୀରଜ ଚୋପ୍ରା ତାଙ୍କର ଜଣେ ପ୍ରଶଂସକଙ୍କ ସମସ୍ତ ଗସ୍ତ ଖର୍ଚ୍ଚ ବହନ କରିବେ। ପ୍ରଶଂସକ ଜଣକ ବେଙ୍ଗାଲୁରୁଠାରେ ହେବାକୁଥିବା ନୀରଜ ଚୋପ୍ରା କ୍ଲାସିକ୍‌ର ଉଦ୍‌ଘାଟନୀ ସଂସ୍କରଣ ଦେଖିବାକୁ ଆଗ୍ରହୀ ଥିଲେ। ଏଥିପାଇଁ ସେ ସର୍ବସାଧାରଣରେ ୨,୦୦୦ ଟଙ୍କାର ସହାୟତା ରାଶି ଲୋଡି ସୋସିଆଲ ମିଡିଆରେ ବୁଧବାର ଟୁଇଟ କରିଥିଲେ। ତେବେ ଶୁକ୍ରବାର ତାଙ୍କୁ ଜବାବ ମିଳିଛି। ଜୁଲାଇ ୫ରେ ହେବାକୁଥିବା ଏହି ଇଭେଣ୍ଟ ଲାଗି ସମ୍ପୂର୍ଣ୍ଣ ଭିଭିଆଇପି ଅଭିଜ୍ଞତା ଅଫର ଦେଇ ଚୋପ୍ରା ପ୍ରଶଂସକ ଜଣଙ୍କୁ ଆଶ୍ଚର୍ଯ୍ୟଚକିତ କରି ଦେଇଛନ୍ତି। ତନ୍ମଧ୍ୟରେ ରହଣି ଖର୍ଚ୍ଚ ରହିଛି। ଜାଭେଲିନ୍ ଥ୍ରୋ ପ୍ରତି ରୁଚି ରଖିଥିବା ଏହି ପ୍ରଶଂସକ ଜଣକ ହେଉଛନ୍ତି ତାମିଲନାଡୁର କୋଏମ୍ବାଟୁର୍ ବାସିନ୍ଦା। ଏହି ଟୁର୍ନାମେଣ୍ଟ ଭାରତର ଦୁଇଥର ଅଲିମ୍ପିକ ପଦକ ବିଜେତାଙ୍କ ନାମରେ




ରହିଥିବାରୁ ଦେଖିବା ଲାଗି ତାଙ୍କର ପ୍ରବଳ ଆଗ୍ରହ ଥିବା ଟୁଇଟ୍ କରିଥିଲେ। ସୋସିଆଲ ମିଡିଆରେ ଏହି ଟୁଇଟ୍ ନୀରଜଙ୍କ ନଜରକୁ ଆସିଥିଲା। ସେ ତାହାର ଜବାବ ଦେବାକୁ ଯାଇ ତାଙ୍କ ପୋଷ୍ଟରେ ଉଲ୍ଲେଖ କରିଥିଲେ 'ରଣଜିତ୍ ବେଙ୍ଗାଲୁରୁରେ ସମ୍ପୂର୍ଣ୍ଣ ଭିଭିଆଇପି ଅଭିଜ୍ଞତା ତୁମ ଅପେକ୍ଷାରେ ରହିଛି। ବିଳାସପୂର୍ଣ୍ଣ ରାଡିସନ ହୋଟେଲ୍‌ରେ ତୁମ ପାଇଁ ରହଣି ବ୍ୟବସ୍ଥା କରାଯାଇଛି। ମୋଠାରୁ ମାତ୍ର ୯୦ ମିଟର ଦୂରରେ ତୁମେ ଅବସ୍ଥାନ କରିବ। ଶୀଘ୍ର ତୁମ ସହିତ ଦେଖାହେବ। ସୂଚନାଯୋଗ୍ୟ, ଏହି ଇଭେଣ୍ଟ ପ୍ରକୃତରେ ମେ ୨୪ରେ ଆୟୋଜନ ହେବାର ଥିଲା। ମାତ୍ର ଭାରତ-ପାକିସ୍ତାନ ବିବାଦ ଯୋଗୁ ଏହାକୁ ସ୍ଥଗିତ ରଖାଯାଇଥିଲା। ଡବଲ ଅଲିମ୍ପିକ ପଦକ ବିଜେତା ଚୋପ୍ରା ଜେଏସ୍‌ଡବ୍ଲ୍ୟୁ ସ୍ପୋର୍ଟ୍ସ ସହଯୋଗରେ ଏହାର ଆୟୋଜନ କରିଛନ୍ତି। ଆଥଲେଟିକ୍ସ ଫେଡେରେଶନ ଅଫ୍ ଇଣ୍ଡିଆ (ଏଏଫ୍‌ଆଇ) ଦ୍ୱାରା ଏହା ମଧ୍ୟ ସ୍ୱୀକୃତି ଲାଭ କରିଛି।


# ପ୍ରଥମ ଟେଷ୍ଟ ଜିତିଲା ଅଷ୍ଟ୍ରେଲିଆ

**ବାର୍ବାଡୋସ,୨୮।୬**

ପେସର ଜୋଶ ହାଜେଲଉଡ୍‌ଙ୍କ ୫ ଉଇକେଟ ସଫଳତା ବଳରେ ୱେଷ୍ଟଇଣ୍ଡିଜ ବିପକ୍ଷ ପ୍ରଥମ କ୍ରିକେଟ୍ ଟେଷ୍ଟ ମ୍ୟାଚ୍‌କୁ ଅଷ୍ଟ୍ରେଲିଆ ୩ ଦିନ ମଧ୍ୟରେ ୧୫୯ ରନରେ ଜିତି ନେଇଛି। ଏଥିସହିତ ୩ ମ୍ୟାଚ୍ ବିଶିଷ୍ଟ ସିରିଜ୍‌ରେ ଅଷ୍ଟ୍ରେଲିଆ ୧-୦ରେ ଆଗୁଆ ହୋଇଛି। ମ୍ୟାଚ୍‌ର ଉଭୟ ଇନିଂସରେ ଅର୍ଦ୍ଧଶତକୀୟ ପାଳି ଖେଳିଥିବା ଟ୍ରାଭିସ ହେଡ୍‌ଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଛି। ସିରିଜର ଦ୍ୱିତୀୟ ମ୍ୟାଚ୍ ଆସନ୍ତା ୩ ତାରିଖରୁ ସେଣ୍ଟ ଜର୍ଜେସରେ ଖେଳାଯିବ।

ପ୍ରଥମ ଇନିଂସରେ ଅଷ୍ଟ୍ରେଲିଆ ୧୮୦ ରନ କରିଥିବା ବେଳେ ୱେଷ୍ଟଇଣ୍ଡିଜ ୧୯୦ ରନ କରିଥିଲା। ପ୍ରଥମ ଇନିଂସ ଭିତ୍ତିରେ ୧୦ ରନରେ ପଛୁଆ ଥିବା ଅଷ୍ଟ୍ରେଲିଆ ଦ୍ୱିତୀୟ ଇନିଂସରେ ୩୧୦ ରନ କରିଥିଲା। ଫଳରେ ଘରୋଇ ୱେଷ୍ଟଇଣ୍ଡିଜ ଆଗରେ ୩୦୧ ରନର ଟାର୍ଗେଟ ଧାର୍ଯ୍ୟ ହୋଇଥିଲା। କିନ୍ତୁ ଜୋଶ ହାଜେଲଉଡ୍‌ଙ୍କ ୫ ଉଇକେଟ ସଫଳତା ଯୋଗୁ ୱେଷ୍ଟଇଣ୍ଡିଜ ୧୪୧ ରନରେ ଅଲଆଉଟ୍ ହୋଇଯାଇଥିଲା। ଦଳ ପକ୍ଷରୁ ଜଷ୍ଟିନ ଗ୍ରେଭ୍ସ ୩୮ ରନ କରି ଅପରାଜିତ ଥିବା ବେଳେ ଶମାର ଯୋଶେଫ ୪୪ ରନ କରିଥିଲେ। ଅଷ୍ଟ୍ରେଲିଆ ପକ୍ଷରୁ ନାଥନ ଲିୟନ ୨ ଓ ଅଧିନାୟକ ପ୍ୟାଟ୍ କୁମିନ୍ସ ଗୋଟିଏ ଉଇକେଟ ନେଇଥିଲେ।

## ହାଜେଲଉଡ୍‌ଙ୍କ ୫ ଉଇକେଟ



ଉଇକେଟ ହାସଲ ପରେ ଉଲ୍ଲସିତ ଜୋସ୍ ହାଜେଲ୍‌ଉଡ୍।


ଲଣ୍ଡନଠାରେ ୱିମ୍ବେଲଡନ୍ ଓପନ ଟେନିସ ପାଇଁ ଅଭ୍ୟାସ ଅବସରରେ ନୃତ୍ୟରତ ବେଲାରୁଷର ଆରିନା ସାବାଲେଙ୍କା (ଡାହାଣ) ଓ ଆମେରିକାର କୋକୋ ଗଫ୍ ।

## ତନ୍‌ଭି, ଆୟୁଷ ସେମିଫାଇନାଲରେ

**ଲୋୱା, ୨୮।୬ (ପି.ଟି.)**

ଭାରତର ଉଦୀୟମାନ ବ୍ୟାଡ୍‌ମିଣ୍ଟନ ଖେଳାଳି ତନ୍‌ଭି ଶର୍ମା ଓ ଆୟୁଷ ଶେଟ୍ଟି ସେମାନଙ୍କ ମ୍ୟାଚରେ ବିଜୟ ହାସଲ କରି ଏଠାରେ ଚାଲିଥିବା ୟୁଏସ୍ ଓପନ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟର ସେମିଫାଇନାଲରେ ପ୍ରବେଶ କରିଛନ୍ତି। ୧୬ବର୍ଷୀୟ ତନ୍‌ଭି ଏହି ସୁପର ୩୦୦ ଟୁର୍ନାମେଣ୍ଟରେ ତାଙ୍କଠାରୁ ଉଚ୍ଚ ର୍‌ୟାଙ୍କିଙ୍ଗପ୍ରାପ୍ତ ମାଲେସିଆର କାରୁପାଥେଭାନ

## ୟୁଏସ୍ ଓପନ ବ୍ୟାଡ୍‌ମିଣ୍ଟନ

ଲେତ୍‌ସାନାଙ୍କୁ ୨୧-୧୩, ୨୧-୧୬ରେ ମାତ୍ର ୩୩ ମିନିଟ୍‌ରେ ହରାଇ ଦେଇଥିଲେ। ଆୟୁଷ ଜୁନିୟର ବିଶ୍ୱ ଚାମ୍ପିୟନ ଚାଇନିଜ ତାଇପେର କୁଓ କୁଆନ୍ ଲିନ୍‌ଙ୍କୁ ୨୨-୨୦, ୨୧-୯ରେ ପରାସ୍ତ କରିଛନ୍ତି। ତେବେ ମିଡ୍ ଆମେରିକା ସେଣ୍ଟରରେ ଅନୁଷ୍ଠିତ ପୁରୁଷ ଡବଲ୍ସ ଯୋଡ଼ି ହରିହରନ ଆମାସକାରୁନାନ୍ ଓ ରୁବାନ୍ କୁମାର ରେଥିନାସାବାବାପାର୍ଥି ସେମାନଙ୍କ କ୍ୱାର୍ଟରଫାଇନାଲ ମ୍ୟାଚ ୯-୨୧, ୧୯-୨୧ରେ ଚାଇନିଜ ତାଇପେର ଚିଆଙ୍ଗ ଚିନ୍ ଏବଂ ୱି ଉ ହୁଆନଙ୍କଠାରୁ ହାରିଯାଇଛନ୍ତି। ତନ୍‌ଭି ସେମିଫାଇନାଲରେ ୟୁକ୍ରେନର ପୋଲିନା ବୁହ୍ରୋଭାଙ୍କୁ ଭେଟିବାକୁ ଥିବାବେଳେ ଆୟୁଷ ଚାଇନିଜ ତାଇପେର ଚୋ-ତିନ୍-ଚେନ୍‌ଙ୍କ ସହ ମୁକାବିଲା କରିବେ।

# ତିମୋର ଲିଷ୍ଟକୁ ଭେଟିବ ଭାରତ

**ଚିଆଙ୍ଗ ମାଇ, ୨୮।୬ (ପି.ଟି.)**

ଚଳିତ ଏଏଫ୍‌ସି ମହିଳା ଏସିଆ କପ୍ ୨୦୨୬ କ୍ୱାଲିଫାୟର୍ସ ଫୁଟ୍‌ବଲରେ ଭାରତ ରବିବାର ତିମୋର ଲିଷ୍ଟକୁ ଭେଟିବ। ଟୁର୍ନାମେଣ୍ଟ ଓପନରରେ ବିପୁଳ ବିଜୟ ହାସଲ କରିଥିବା ଭାରତ ଏହି ଧାରା ବଜାୟ ରଖିବାକୁ ଚେଷ୍ଟା କରିବ। ୫ଟି ଦଳକୁ ନେଇ ଗ୍ରୁପ୍ 'ବି'ରେ ଇରାକ ୪ ପଏଣ୍ଟ ସହ ଟେବୁଲ ଶୀର୍ଷରେ ରହିଛି। ମଙ୍ଗୋଲିଆ ବିପକ୍ଷରେ ଇରାକ ୫-୨ରେ ବିଜୟ ହାସଲ କରିଥିବା ବେଳେ ତିମୋର ଲିଷ୍ଟ ବିପକ୍ଷ ମ୍ୟାଚ ଗୋଲ୍‌ଶୂନ୍ୟ ଡ୍ର' ରଖିଛି। ଅନ୍ୟପକ୍ଷରେ ମଙ୍ଗୋଲିଆକୁ ୧୩-୦ରେ ପରାସ୍ତ କରିଥିବା ଭାରତ ଏବଂ ତିମୋର ଲିଷ୍ଟକୁ ୪-୦ରେ ହରାଇଥିବା ଥାଇଲାଣ୍ଡ ପ୍ରତ୍ୟେକ ୩ ପଏଣ୍ଟ ଲେଖାଏ ଅର୍ଜନ କରିଛନ୍ତି। ର୍‌ୟାଙ୍କିଙ୍ଗ ତାଲିକାରେ ୧୫୮ତମ ସ୍ଥାନରେ ଥିବା ମଙ୍ଗୋଲିଆଠାରୁ ୩୨ ସ୍ଥାନ ନିମ୍ନରେ ତିମୋର ଲିଷ୍ଟ ରହିଥିଲେ ମଧ୍ୟ ଏହି ଦକ୍ଷିଣପୂର୍ବ ଏସୀୟ ଦେଶ କଡ଼ା ଚ୍ୟାଲେଞ୍ଜ ଦେଇପାରେ ବୋଲି ଭାରତ କୋଚ୍ କ୍ରିସ୍‌ପିନ୍ ଚେତ୍ରୀ ପ୍ରକାଶ କରିଛନ୍ତି।

# ଶ୍ରୀଲଙ୍କାର ବୃହତ୍ ବିଜୟ



ଟ୍ରଫି ସହ ଚାମ୍ପିୟନ ଶ୍ରୀଲଙ୍କା ଦଳ।

**କଲମ୍ବୋ,୨୮।୬(ଏପି)**

ବାମହାତୀ ସ୍ପିନର ପ୍ରବାଥ ଜୟସୁରିୟାଙ୍କ ୫ ଉଇକେଟ ସଫଳତା ବଳରେ ବାଂଲାଦେଶ ବିପକ୍ଷ ଦ୍ୱିତୀୟ ଟେଷ୍ଟରେ ଶ୍ରୀଲଙ୍କା ଏକ ଇନିଂସ ଓ ୭୮ ରନରେ ବିଜୟ ହାସଲ କରିଛି। ଏଥିସହିତ ଦୁଇ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌କୁ ଶ୍ରୀଲଙ୍କା ୧-୦ରେ ଜିତି ନେଇଛି। ମ୍ୟାଚ୍‌ରେ ଶତକୀୟ ପାଳି ଖେଳିଥିବା ପଥୁମ ନିଶଙ୍କାଙ୍କୁ ଉଭୟ ପ୍ଲେୟର ଅଫ୍ ଦି ମ୍ୟାଚ୍ ଓ ସିରିଜ୍ ବିବେଚିତ କରାଯାଇଛି।

ମ୍ୟାଚ୍‌ର ଚତୁର୍ଥ ଦିନ

## ଜୟସୁରିୟାଙ୍କ ୫ ଉଇକେଟ ସଫଳତା

ବାଂଲାଦେଶ ତା'ର ଦ୍ୱିତୀୟ ଇନିଂସ ୧୧୫/୬ ସ୍କୋରରୁ ବ୍ୟାଟିଂ ଆରମ୍ଭ କରିଥିଲା। ଦଳକୁ ଇନିଂସ ପରାଜୟ ଏଡ଼ାଇବା ପାଇଁ ୯୭ ରନର ଆବଶ୍ୟକତା ଥିଲା। କିନ୍ତୁ ଜୟସୁରିୟା ୩ ଉଇକେଟ ନେବାରୁ ପ୍ରଥମ ଅଧ ଘଣ୍ଟା ମଧ୍ୟରେ ମ୍ୟାଚ୍ ଶେଷ ହୋଇଯାଇଥିଲା। ଫଳରେ ବାଂଲାଦେଶ ୧୩୩ ରନରେ ଅଲଆଉଟ୍ ହୋଇଯାଇଥିଲା। ଶ୍ରୀଲଙ୍କା ପାଇଁ ଜୟସୁରିୟା ୫ ଉଇକେଟ ନେଇଥିବା ବେଳେ ଅଧିନାୟକ ଧନଞ୍ଜୟ ଡି ସିଲ୍‌ଭା ଓ ଥାରିନ୍ଦୁ ରତନାୟକେ ୨ଟି ଲେଖାଏ ଉଇକେଟ ନେଇଥିଲେ। ଏଥିପୂର୍ବରୁ ପ୍ରଥମ ଇନିଂସରେ ବାଂଲାଦେଶ ୨୪୭ ରନ କରିଥିବା ବେଳେ ଶ୍ରୀଲଙ୍କା ୪୫୮ ରନ କରିଥିଲା।

**ସଂକ୍ଷିପ୍ତ ସ୍କୋର**

ବାଂଲାଦେଶ ପ୍ରଥମ ଇନିଂସ: ୨୪୭/ଅଲଆଉଟ୍
ଶ୍ରୀଲଙ୍କା ପ୍ରଥମ ଇନିଂସ: ୪୫୮/ଅଲଆଉଟ୍
ବାଂଲାଦେଶ ଦ୍ୱିତୀୟ ଇନିଂସ: ୧୩୩/ଅଲଆଉଟ୍ (ମୁଶଫିକର ରହିମ-୨୬, ଲିଟନ ଦାସ-୧୪, ପ୍ରବଥ ଜୟସୁରିୟା-୫/୫୬, ଧନଞ୍ଜୟ ଡି ସିଲ୍‌ଭା-୨/୧୩, ଥାରିନ୍ଦୁ ରତନାୟକେ-୨/୧୯)।

## ଟେଷ୍ଟ ନେତୃତ୍ୱ ଛାଡ଼ିଲେ ଶାନ୍ତୋ

ନଜମୁଲ ହୋସେନ ଶାନ୍ତୋ ବାଂଲାଦେଶ ଟେଷ୍ଟ ଅଧିନାୟକ ପଦରୁ ଶନିବାର ଓହରି ଯାଇଛନ୍ତି। ଶ୍ରୀଲଙ୍କା ବିପକ୍ଷ ଦ୍ୱିତୀୟ ଟେଷ୍ଟରେ ବାଂଲାଦେଶ ଦଳର ପରାଜୟ ପରେ ଶାନ୍ତୋ ନିଜ ନିଷ୍ପତ୍ତି ସମ୍ପର୍କରେ ଘୋଷଣା କରିଛନ୍ତି। ମୁଁ ବାଂଲାଦେଶ ଟେଷ୍ଟ ଅଧିନାୟକ ପଦରୁ ଓହରୁଛି। ମୁଁ ଏହି ଫର୍ମାଟରେ ଅଧିନାୟକ ହେବାକୁ ଚାହେଁ ନାହିଁ। ମୁଁ ସଭିଙ୍କୁ ଏକ ସ୍ପଷ୍ଟ ବାର୍ତ୍ତା ଦେବାକୁ ଚାହେଁ। ମୁଁ ଆଶା କରୁଛି ଏହି ନିଷ୍ପତ୍ତି ପୂରା ଦଳର ଉନ୍ନତିରେ ସହାୟକ ହେବ।


## ଓଡ଼ିଶା ସରକାର
# କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ
## ଘୋଷଣା

ନଥି ସଂ. IX(C)-14/2025-82 ତା: ୨୯।୦୩।୨୦୨୫

No. V-03: ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR&R Act, 2013)ର ଧାରା ୧୯(୧) ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ ମୌଜା: କୁଣ୍ଡାପସି, ଥାନା: ଯୋଡ଼ା, ତହସିଲ: ବଡ଼ବିଲ, ଜିଲ୍ଲା: କେନ୍ଦୁଝର ନିମ୍ନ ସୂଚିତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ବାମେବାରୀ-ପଳଶା-ଗୁରୁଡ଼ା-କୋଇରା ରାସ୍ତାର ଉନ୍ନତୀକରଣ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR&R Act, 2013)ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୭୦୯ ତା୨୧।୧୨।୨୦୨୦ରିଖରେ ପ୍ରକାଶିତ ହୋଇଅଛି।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା: କୁଣ୍ଡାପସି, ଥାନା: ଯୋଡ଼ା, ଜିଲ୍ଲା: କେନ୍ଦୁଝରରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ। ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନା ଜିଲ୍ଲାପାଳ ଏବଂ ପୁନର୍ବାସ ଓ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ। ଏହା ମଧ୍ୟ ଜିଲ୍ଲା ୱେବସାଇଟ୍ www.kendujhar.nic.in ରେ ଏବଂ ରାଜ୍ୟ ସରକାରଙ୍କ ୱେବସାଇଟ୍ www.revenueodisha.gov.inରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପଲୋଡ୍ କରାଯାଇଅଛି। ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ଜିଲ୍ଲାପାଳ କେନ୍ଦୁଝରଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

### ତଫସିଲ - କ
### (ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)

ଜିଲ୍ଲା: କେନ୍ଦୁଝର ତହସିଲ: ବଡବିଲ

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| କୁଣ୍ଡାପସି | ଗ୍ରାମାଞ୍ଚଳ | ସଂଲଗ୍ନ | ସଂଲଗ୍ନ | ସଂଲଗ୍ନ | ଏ୪.୭୮୦ | ଏ୦.୨୮୦ | ସଂଲଗ୍ନ |

### ତଫସିଲ - ଖ
### (ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)

ଜିଲ୍ଲା: କେନ୍ଦୁଝର ତହସିଲ: ବଡବିଲ

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

ଅଧିସୂଚନାର ବୈଧ ତାରିଖ: ୨୪।୦୨।୨୦୨୧।

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./ - ଜିଲ୍ଲାପାଳ, କେନ୍ଦୁଝର

### ଭୂମି ଅନୁସୂଚୀ

ପ୍ରକଳ୍ପର ନାମ: ବାମେବାରୀ-ପଳଶା-ଗୁରୁଡା-କୋଇରା ରାସ୍ତାର ଉନ୍ନତୀକରଣ
ମୌଜା: କୁଣ୍ଡାପସି, ଥାନା: ଯୋଡ଼ା, ଥାନା ନଂ. ୫୭, ତହସିଲ: ବଡ଼ବିଲ, ତହସିଲ ନଂ. ୨, ଜିଲ୍ଲା: କେନ୍ଦୁଝର

| କ୍ରମିକ ନଂ. | ଖତିଆନ ନଂ. | ପ୍ରଜାର ନାମ ଓ ଠିକଣା | ପ୍ଲଟ ନଂ. | କିସମ | ମୋଟ ରକବା | ଅର୍ଜନ ରକବା | ମନ୍ତବ୍ୟ |
|---|---|---|---|---|---|---|---|
| ୧ | ୬ | ଗୋପୀନାଥ ଗିରି, ପି.: ସମ୍ଭୁ ଗିରି, ଜା: ଗୋପାଳ, ବା: ପଳସା (କ) | ୧୦୨ | ଘରବାରି | ୦.୭୯ | ୦.୦୫ | |
| ୨ | ୧୫ | ପ୍ରଫୁଲ କୁମାର ସାହୁ, ପୀତାମ୍ବର ସାହୁ, ପ୍ରହଲ୍ଲାଦ ସାହୁ, କୃଷ୍ଣ ଚନ୍ଦ୍ର ସାହୁ, ଅକ୍ଷୟ କୁମାର ସାହୁ, ପି.: ଦୟାନିଧି ସାହୁ, ଜା: ଚଷା, ବା: ପଳସା (କ) | ୯୭ | ତଇଳା - ୧ | ୧.୫୬ | ୦.୦୬ | |
| ୩ | ୧୭ | କାନ୍ଦୁରୁ ମୁଣ୍ଡା, ପି.: ରେଣ୍ଡ ମୁଣ୍ଡା, ଜା: କୋହ୍ଲ, ବା: ନିଜଗାଁ, ପଳାତକ ପକ୍ଷେ ଜବରଦଖଲ - ପ୍ରଫୁଲ ଚନ୍ଦ୍ର ସାହୁ, ପୀତାମ୍ବର ସାହୁ, ପ୍ରହଲ୍ଲାଦ ସାହୁ, କୃଷ୍ଣ ଚନ୍ଦ୍ର ସାହୁ, ଅକ୍ଷୟ କୁମାର ସାହୁ, ପି.: ଦୟାନିଧି ସାହୁ, ଜା: ଚଷା, ବା: ପଳସା (କ) | ୧୦୩ | ତଇଳା - ୨ | ୧.୦୭ | ୦.୦୮ | |
| ୪ | ୩୧ | ଶୁକ୍ରା ନାଏକ, ବିଦେଶୀ ନାଏକ, ପି.: ପଞ୍ଚୁ ନାଏକ, ଜା: ଭୂୟାଁ, ବା: ପଳସା (କ) | ୧୦୦ | ତଇଳା - ୧ | ୧.୦୯ | ୦.୦୬ | |
| | | | ୧୦୫/ ୩୪୦ | ଘରବାରି | ୦.୧୩ | ୦.୦୨ | |
| | | | ୧୦୫ | ଘରବାରି | ୦.୧୪ | ୦.୦୧ | |
| | | | | ମୋଟ | ୪.୭୮ | ୦.୨୮ | |

OIPR-24045/14/0032/2526
ସ୍ୱା./ - ଭୂ-ଅର୍ଜନ ଅଧିକାରୀ, କେନ୍ଦୁଝର

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................

ବୟସ:....................................

ଜନ୍ମ ତାରିଖ: ..............................



ମିହିର
ପରିବାରବର୍ଗ



ଗୁଡ଼ି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ୪.୭ ବିଲିୟନ ଡଲାରର ନନ୍-ଫେରସ୍ ଧାତୁ ବିକ୍ରୟ

ଭୁବନେଶ୍ୱର, ୨୮।୬ (ଅଭୟ ଦାଶ)

ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ବେଦାନ୍ତ ଲିମିଟେଡ୍‌ରେ ଜାତୀୟ ଏମ୍ଏସ୍ଏମ୍ଇ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେରେ କମ୍ପାନୀର ନନ୍-ଫେରସ୍ ଧାତୁ ଇ-ଷ୍ଟୋର୍ ମୋଟ ବିକ୍ରୟ ମୂଲ୍ୟରେ ୪୦,୦୦୦ କୋଟି ଟଙ୍କା କିମ୍ବା ୪.୭ ବିଲିୟନ ଡଲାର ହାସଲ କରିଛି। ବେଦାନ୍ତ ମେଟାଲ୍ ବଜାର ନାମରେ ପରିଚାଳିତ ଏବଂ ବିଶ୍ୱର ସର୍ବବୃହତ୍ ନନ-ଫେରସ୍ ଧାତୁ ଇ-ଷ୍ଟୋର୍ ଭାବେ ଏହା ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ବିଶେଷ କରି ଏହା ଆଲୁମିନିୟମ୍, ଜିଙ୍କ୍, ସୀସା ଏବଂ ତମ୍ବା ଭଳି ଧାତୁରେ ୧୨୦୦ରୁ ଅଧିକ ଷ୍ଟକ୍ କିପିଂ ୟୁନିଟ୍ ପ୍ରଦାନ କରିଥାଏ। ଏହି ପ୍ଲାଟ୍‌ଫର୍ମ ଗ୍ରାହକମାନଙ୍କ ପାଇଁ ଏକ ସୁଗମ, ଡିଜିଟାଲ୍-ପ୍ରଥମ



ସମାଧାନ ପ୍ରଦାନ କରି ବ୍ୟବସାୟକୁ ସହଜ କରିଥାଏ। ଯାହା ବ୍ୟବସାୟଗୁଡ଼ିକୁ ଆଲୁମିନିୟମ୍, ଜିଙ୍କ୍, ସୀସା ଏବଂ ତମ୍ବା ଭଳି ଅଣ-ଫେରସ୍ ଧାତୁଗୁଡ଼ିକୁ ଦକ୍ଷତାର ସହ ଏବଂ କମ୍ ଖର୍ଚ୍ଚରେ କ୍ରୟ କରିବାକୁ ସକ୍ଷମ କରିଥାଏ। ସେହିଭଳି ପାରମ୍ପରିକ ଭାବେ ଅଣ-ଫେରସ୍ ଧାତୁ କ୍ରୟ ଜଟିଳ ହୋଇପାରେ ଏବଂ ଗ୍ରାହକମାନଙ୍କୁ ସାମଗ୍ରୀ ମୂଲ୍ୟ ଗତିବିଧି ଉପରେ ନଜର ରଖିବାକୁ ସୁନିଶ୍ଚିତ କରିଥାଏ, ଯାହା କଷ୍ଟକର ଏବଂ ସମୟସାପେକ୍ଷ ହୋଇପାରେ ବୋଲି କୁହାଯାଉଛି। ଗ୍ରାହକମାନଙ୍କୁ ମୂଲ୍ୟ ନିର୍ଦ୍ଧାରଣ ସୁଯୋଗର କୌଣସି ଦୃଶ୍ୟମାନତା ବିନା ପୂର୍ବରୁ ଧାତୁ କ୍ରୟ ଯୋଜନା କରିବାକୁ ପଡିବ। ବେଦାନ୍ତ ମେଟାଲ୍ ବଜାର ଏହି ପ୍ରକ୍ରିୟାକୁ ସରଳ କରିଛି । ଏହା ଏକ ଇଓ-ଚାଳିତ ହ୍ୱାଟ୍ସଆପ୍ ଚାଟ୍‌ବଟ୍ ସହିତ ଏକ ସୁଗମ, ଡିଜିଟାଲ୍-ପ୍ରଥମ ସମାଧାନ ପ୍ରଦାନ କରିଥାଏ। ଯାହା ଗ୍ରାହକମାନଙ୍କୁ ଦକ୍ଷତାର ସହିତ ଏବଂ କମ ଖର୍ଚ୍ଚରେ ଧାତୁ କ୍ରୟ କରିବାକୁ ସକ୍ଷମ କରିଥାଏ। ପ୍ଲାଟ୍‌ଫର୍ମ ରିଅଲ୍-ଟାଇମ୍ ଶିପିଂ ଟ୍ରାକିଂ, ଅନ୍‌ଲାଇନ୍ ହେଜିଂ, ଦୀର୍ଘକାଳୀନ ଚୁକ୍ତିନାମା, ଅନ-ଦି-ସ୍ପଟ ଅର୍ଡର, ଚ୍ୟାନେଲ ପାର୍ଟନର ଲଜିଷ୍ଟିକ୍ସ ଏବଂ ଆର୍ଥିକ ସହାୟତା ଭଳି ଅନ୍ୟାନ୍ୟ ଶିଳ୍ପ-ଅଗ୍ରଣୀ ବୈଶିଷ୍ଟ୍ୟଗୁଡ଼ିକ ମଧ୍ୟ ପ୍ରଦାନ କରିଥାଏ। ଏହା ବ୍ୟବସାୟ କରିବା ପାଇଁ ଅଭୂତପୂର୍ବ ସହଜତା ପ୍ରଦାନ ଏବଂ ସମସ୍ତ ଗ୍ରାହକଙ୍କ ପାଇଁ ପ୍ରିମିୟମ ଗୁଣବତା ଧାତୁର ପ୍ରବେଶକୁ ଗଣତାନ୍ତ୍ରିକ କରିଥାଏ।

କୌଣସି କ୍ରୟ ସୀମା କିମ୍ବା ସୀମା ବିନା, ବେଦାନ୍ତ ମେଟାଲ୍ ବଜାର ବ୍ୟବସାୟଗୁଡ଼ିକୁ ଧାତୁର ସିଧାସଳଖ ପ୍ରବେଶ ସହିତ ସେମାନଙ୍କର ଉତ୍ପାଦନ ଯୋଜନା ଅନୁଯାୟୀ ଆବଶ୍ୟକ ପରିମାଣରେ ନମନୀୟତା ପ୍ରଦାନ କରିଥାଏ।

# ପୋଗୋର ନୂତନ ଅଭିଯାନ

ଭୁବନେଶ୍ୱର, ୨୮।୬

ପୋଗୋ ଇଣ୍ଡିଆର ବହୁ ପ୍ରତୀକ୍ଷିତ ତଥା ନୂତନ ଅଭିଯାନ 'ଜୟ ଜଗନ୍ନାଥ'ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏପରିକି ଜୟ ଜଗନ୍ନାଥ ସୋସିଆଲ ମିଡିଆ କ୍ୟାମ୍ପେନ ମାଧ୍ୟମରେ ଏହା ପୁରୀ ରଥଯାତ୍ରାର ଉତ୍ସାହକୁ ଜୀବନ୍ତ କରିଛି। ଭାରତୀୟ ସଂସ୍କୃତି ଓ ଭକ୍ତିର ଏକ ଆନନ୍ଦମୟ ମହୋତ୍ସବରେ ପିଲାମାନଙ୍କୁ ଓ ପରିବାରଗୁଡ଼ିକୁ ଏହି ଅଭିଯାନ ଜରିଆରେ ପ୍ଲାଟଫର୍ମ ଏକତ୍ରିତ କରିଛି। ଚଳିତ ବର୍ଷ ପୋଗୋ ପୁରୀ ରଥଯାତ୍ରାର ପାର୍ବଣ ମହତ୍ତ୍ୱକୁ କ୍ୟାପ୍ଟର କରିଛି, ପିଲାମାନେ ଉତ୍ସାହପୂର୍ଣ୍ଣ ଭାବେ 'ଜୟ ଜଗନ୍ନାଥ। 'ଆବୃତିକୁ ରେକର୍ଡିଂ କରିଛି ଏବଂ ମହାପ୍ରଭୁ ଜଗନ୍ନାଥଙ୍କ ପାଇଁ ହୃଦୟସ୍ପର୍ଶୀ ଶୁଭେଚ୍ଛା ମଧ୍ୟ ଶେୟାର କରିଛି। ଏହି ମୁହୂର୍ତ୍ତଗୁଡ଼ିକ ଏକ ଆକର୍ଷଣୀୟ ଅଡିଓ-ଭିଜୁଆଲ ମଣ୍ଟେଜରେ ମିଶ୍ରିତ ହୋଇଛି, ଯାହା ଜୟ ଜଗନ୍ନାଥ ଟାଇଟଲ ଟ୍ରାକକୁ ପ୍ରସ୍ତୁତ କରିଛି, ଏହା ପିଲାମାନେ ନୃତ୍ୟ କରୁଥିବାର ଏବଂ ପାର୍ବଣର ମହତ୍ତ୍ୱକୁ ପାଳନ କରୁଥିବା ପ୍ରଦର୍ଶିତ କରୁଛି।


# ବିର୍ଲା ଟାୟାରର ପୁନଃ ବ୍ରାଣ୍ଡିଂ

ଭୁବନେଶ୍ୱର, ୨୮।୬

ବିର୍ଲା ଟାୟାରର ନୂତନ ବ୍ରାଣ୍ଡ ପରିଚୟର ଶୁଭାରମ୍ଭ କରି ଗର୍ବିତ, ଯେଉଁଥିରେ କମ୍ପାନୀର ନୂତନ ଲୋଗୋ ଏବଂ କର୍ପୋରେଟ୍ ୱେବ୍‌ସାଇଟ୍ ଅନ୍ତର୍ଭୁକ୍ତ। ଯାହା ଏହାର ନୂତନ ପ୍ରମୋଟର ଡାଲମିଆ ଭାରତ ରେଫ୍ରାକ୍ଟୋରିଜ୍ ଲିମିଟେଡ୍ (ଡିବିଆରଏଲ୍) ଏବଂ ହିମାଦ୍ରି ସ୍ପେଶାଲିଟି କେମିକାଲ୍ ଲିମିଟେଡ୍ (ଏଚ୍ଏସ୍‌ସିଏଲ୍, ଷ୍ଟ୍ରାଟେଜିକ୍ ପାର୍ଟନର)ଙ୍କ ଦ୍ୱାରା କରାଯାଇଛି। ବିର୍ଲା ଟାୟାରର ନୂତନ ଲୋଗୋରେ ଗତି ଏବଂ ଶକ୍ତିର ପ୍ରତୀକ ସ୍ୱରୂପ ଏକ କଷ୍ଟମ୍-ଡିଜାଇନ୍ ୱାର୍ଡମାର୍କ ରହିଛି, ଏଥିରେ ଏକ ଆକର୍ଷଣୀୟ ବାଘର ସଙ୍କେତ ରହିଛି, ଯାହା ଶକ୍ତି, କ୍ଷୀପ୍ରତା ଏବଂ ନେତୃତ୍ୱକୁ ପ୍ରତିପାଦିତ କରିଥାଏ। ଏହାର ସ୍ପଷ୍ଟ ନୀଳ ଏବଂ କମଳା ପ୍ୟାଲେଟ୍ ସହିତ ଲୋଗୋ ବିଶ୍ୱାସ, ଆଶାବାଦ ଏବଂ ନେତୃତ୍ୱ ନେବା ପାଇଁ ବ୍ରାଣ୍ଡର ଦକ୍ଷତାର ଏକ ସ୍ପନ୍ଦନଶୀଳ ଉପସ୍ଥାପନା ଭାବେ ରହିଛି। ଏକତ୍ର ଭାବରେ ଏହି ଉପାଦାନଗୁଡ଼ିକ ବିର୍ଲା ଟାୟାରର ନବୀକରଣ ମହତ୍ତ୍ୱାକାଂକ୍ଷା ଏବଂ ଦ୍ରୁତ ଗତିଶୀଳତା ପରିପ୍ରେକ୍ଷୀରେ ଜିତିବା ପାଇଁ ଏହାର ପ୍ରତିବଦ୍ଧତାକୁ ସୂଚାଇଥାଏ।

ଏ ସମ୍ପର୍କରେ ହିମାଦ୍ରି ସ୍ପେଶାଲିଟି କେମିକାଲ୍ ଲିମିଟେଡ୍‌ର ଅଧ୍ୟକ୍ଷ ତଥା ଏମ୍‌ଡି ଏବଂ ସିଇଓ ଅନୁରାଗ ଚୌଧୁରୀ କହିଛନ୍ତି, ଏହି ପୁନଃ ବ୍ରାଣ୍ଡିଂ କେବଳ ଏକ ଦୃଶ୍ୟ ପରିବର୍ତ୍ତନ ନୁହେଁ; ଏହା ଉଦ୍ଦେଶ୍ୟମୂଳକ ବିକାଶ ଏବଂ ପ୍ରଗତି ପ୍ରତି ଆମର ସମର୍ପଣର ପ୍ରମାଣ ବୋଲି କୁହାଯାଉଛି।

ସେହିଭଳି ଡାଲମିଆ ଭାରତ ରିଫ୍ରାକ୍ଟୋରିଜ୍ ଲିମିଟେଡ୍‌ର ପୂର୍ଣ୍ଣକାଳୀନ ନିର୍ଦ୍ଦେଶକ ତଥା ସିଇଓ ଡ. ଚନ୍ଦ୍ର ନାରାୟଣ ମାହେଶ୍ୱରୀ କହିଛନ୍ତି, ଆମର ନୂତନ ଲୋଗୋ ବିର୍ଲା ଟାୟାରର ଆଭିମୁଖ୍ୟକୁ ପ୍ରକାଶ କରିଛି, ଯାହା ଚାରୋଟି ମୌଳିକ ସ୍ତମ୍ଭ ଉପରେ ପ୍ରତିଷ୍ଠିତ ରହିଛି।



# ଜୁଲାଇ ୧୨ରୁ ପ୍ରାଇମ ଡେ

ଭୁବନେଶ୍ୱର, ୨୮।୬

ଆମାଜନ ଇଣ୍ଡିଆର ବହୁ ପ୍ରତୀକ୍ଷିତ ସେଲ ତଥା ୩ ଦିନିଆ ପ୍ରାଇମ ଡେ' ସମ୍ପର୍କରେ ଘୋଷଣା କରାଯାଇଛି। ଭାରତରେ ପ୍ରଥମ ଥର ପାଇଁ ଏକ ତିନିଦିନିଆ ସେଲିବ୍ରେଶନ ହେବ। ୨୦୨୫ ଜୁଲାଇ ୧୨ ମଧ୍ୟରାତ୍ରୀରୁ ଜୁଲାଇ ୧୪ ରାତି ୧୧ଟା ୫୯ ମିନିଟ ପର୍ଯ୍ୟନ୍ତ ଏହି ସେଲ ଚାଲିବ। ଏହି ପ୍ରାଇମ ଡେ' ୨୦୨୫ ପ୍ରାଇମ ମେମ୍ବରଙ୍କ ପାଇଁ ୭୨ ଘଣ୍ଟାର ଉନ୍ନତ ଡିଲ, ସେଭିଙ୍ଗ୍, ନୂଆ ଲଞ୍ଚ ଓ ସ୍ୱତନ୍ତ୍ର ମନୋରଞ୍ଜନ ପ୍ରଦାନ କରିବ। ଏ ସମ୍ପର୍କରେ ଆମାଜନର ନିର୍ଦ୍ଦେଶକ (ଇଣ୍ଡିଆ ଓ ଏମର୍ଜିଙ୍ଗ ମାର୍କେଟ୍‌ର ପ୍ରାଇମ, ଡେଲିଭରି ଓ ରିଟର୍ଣ୍ଣସ ବିଭାଗ) ଅକ୍ଷୟ ସାହି କହିଛନ୍ତି, ଚଳିତ ବର୍ଷ ପ୍ରଥମ ଥର ପାଇଁ ପ୍ରାଇମ ଡେକୁ ଆମେ ୩ ଦିନକୁ ବିସ୍ତାର କରିଛୁ। ଏହା ଆମର ସଦସ୍ୟଙ୍କୁ ସପିଂ, ସଞ୍ଚୟ ଓ ମନୋରଞ୍ଜନ ପାଇଁ ଅଧିକ ସମୟ ପ୍ରଦାନ କରିବ।

# ଡ. ସତ୍ୟବ୍ରତ ମୀନକେତନଙ୍କୁ ବୈଶ୍ୱିକ ଉତ୍କର୍ଷ ଶିକ୍ଷା ପୁରସ୍କାର



ଅତିଥିଙ୍କଠାରୁ ଓଡିଏମ୍ ଶିକ୍ଷା ସମୂହର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ.ସତ୍ୟବ୍ରତ ମୀନକେତନ ପୁରସ୍କାର ଗ୍ରହଣ କରୁଛନ୍ତି।

ଭୁବନେଶ୍ୱର, ୨୮।୬

ରାଜ୍ୟର ପ୍ରମୁଖ ଘରୋଇ ଶିକ୍ଷା ଶିକ୍ଷାନୁଷ୍ଠାନ ତଥା ଭୁବନେଶ୍ୱରର ପଟିଆସ୍ଥିତ ଓଡିଏମ୍ ଶିକ୍ଷା ସମୂହର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ.ସତ୍ୟବ୍ରତ ମୀନକେତନଙ୍କୁ ଆଉ ଏକ ସମ୍ମାନ 'ବୈଶ୍ୱିକ ଉତ୍କର୍ଷ ଶିକ୍ଷା ପୁରସ୍କାର' ମିଳିଛି। ସେହିଭଳି ଭାରତୀୟ ଶିକ୍ଷା ନେତୃତ୍ୱକୁ ବିଶ୍ୱ ମଞ୍ଚରେ ଗର୍ବିତ ଭାବେ ପ୍ରତିନିଧିତ୍ୱ କରିଥିବା ଡ. ସତ୍ୟବ୍ରତ ମୀନକେତନଙ୍କୁ ବ୍ରିଟେନ (ଲଣ୍ଡନ)ର ଐତିହାସିକ ହାଉସ୍ ଅଫ୍ ଲର୍ଡସ୍‌ରେ ଏହି ସ୍ୱୀକୃତି ସହ ସମ୍ମାନିତ ହୋଇଛନ୍ତି। ବିଶେଷକରି ବିଶ୍ୱ ଶିକ୍ଷା ସମ୍ମିଳନୀ-୨୦୨୫ (ୱାର୍ଲଡ ଏଡୁକେଶନ ସମ୍ମିଟ-୨୦୨୫) ଅବସରରେ ଡ. ମୀନକେତନଙ୍କୁ ବୈଶ୍ୱିକ ଉତ୍କର୍ଷ ଶିକ୍ଷା ପୁରସ୍କାରରେ ପୁରସ୍କୃତ କରାଯାଇଛି। ସେହିପରି ଏହି ସମ୍ମାନ ତାଙ୍କୁ ଶିକ୍ଷାକ୍ଷେତ୍ରରେ ବୃହତ୍ତର ଅବଦାନ ପାଇଁ ବ୍ରିଟିଶ୍ ସାଂସଦ ଲର୍ଡ ଡାନିଏଲ୍ ମୟଲାନ୍ ଓ ସାଉଥୱାର୍କ ମେୟର ସୁନୀଲ୍ ଚୋପ୍ରା ପ୍ରଦାନ କରିଥିଲେ। ଅପରପକ୍ଷରେ ଡ. ମୀନକେତନଙ୍କ ନୀତିନୈତିକତା, ଉନ୍ନତ ମାନବିକ ଓ ଚାପମୁକ୍ତ ଶିକ୍ଷା ମାନଦଣ୍ଡ ବିକାଶ ପ୍ରତି ତାଙ୍କର ଦୃଢ ଦୃଷ୍ଟିକୋଣ ବିଶ୍ୱ ମଞ୍ଚରେ ପୁନଃ ପ୍ରଶଂସିତ କରାଯାଇଛି। ସେହିପରି ଶନିବାର ବିଶ୍ୱ ପ୍ରସିଦ୍ଧ ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଡ. ମୀନକେତନଙ୍କ ଆତ୍ମଜୀବନୀ 'ବ୍ୟାରିଅର ବ୍ରେକର'ର ଉନ୍ମୋଚନ କରାଯାଇଛି। ଏହି ପୁସ୍ତକରେ ତାଙ୍କ ଜୀବନର ଗଭୀର ସଂଘର୍ଷ, ଆତ୍ମସାଧନା ଓ ଶିକ୍ଷା ମାଧ୍ୟମରେ ସମାଜ ପରିବର୍ତ୍ତନର ଅଭିଯାନ ବର୍ଣ୍ଣିତ ହୋଇଛି। ଏ ସମ୍ପର୍କରେ ଡ. ମୀନକେତନ କହିଥିଲେ, ବ୍ୟାରିଅର ବ୍ରେକର ମୋ ଜୀବନ କାହାଣୀ ନୁହେଁ,ଏହା ସେହି ସମସ୍ତଙ୍କ ଲାଗି ଏକ ଅଭିବ୍ୟକ୍ତି। ଯେଉଁମାନେ ସଂଘର୍ଷକୁ ସ୍ୱୀକାରକରି ସ୍ୱପ୍ନ ପୂରଣ କରିବା ଆଶା ରଖନ୍ତି ବୋଲି ସେ ବିସ୍ତୃତ ଭାବେ ଆଲୋକପାତ କରିଛନ୍ତି।

# ଖିମ୍‌ଜୀ ଜୁଏଲର୍ସରେ ଦି ଗ୍ରାଣ୍ଡ ମହାସେଭର

ଭୁବନେଶ୍ୱର, ୨୮।୬

ଖିମ୍‌ଜୀ ଜୁଏଲର୍ସର ବହୁ ପ୍ରତୀକ୍ଷିତ ତଥା ଏଣ୍ଡ ଅଫ୍ ସିଜନ୍ ସେଲ୍ 'ଦି ଗ୍ରାଣ୍ଡ ମହାସେଭର୍'ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏହିପରିପ୍ରେକ୍ଷୀରେ ଖିମ୍‌ଜୀ ଜୁଏଲର୍ସ ପକ୍ଷରୁ ଏକ ଆକର୍ଷଣୀୟ ରିହାତି ଅଫର ସମ୍ପର୍କରେ ଘୋଷଣା କରାଯାଇଛି। ଏହି ଅଫର ଜରିଆରେ ଗ୍ରାହକମାନେ ସୁନା ଅଳଙ୍କାରର ଗଢ଼ା ମୂଲ୍ୟ ଉପରେ ଫ୍ଲାଟ୍ ୫୦% ରିହାତି ଏବଂ ହୀରା ଅଳଙ୍କାର ଉପରେ ଫ୍ଲାଟ୍ ୨୦% ରିହାତି ଓ ରୁପା ଅଳଙ୍କାରର ଓଜନ ମୂଲ୍ୟରେ ଫ୍ଲାଟ୍ ୨୫% ରିହାତି ପାଇପାରିବେ। ଏପରିକି ରୁପା ଏବଂ ଫ୍ୟାଶନ ଜୁଏଲେରିର ଏମ୍ଆର୍‌ପି ଉପରେ ଫ୍ଲାଟ୍ ୧୫% ରିହାତି ଏବଂ ହାତଘଣ୍ଟାଗୁଡ଼ିକ ଉପରେ ୫୦% ପର୍ଯ୍ୟନ୍ତ ରିହାତି ଓ ଆର୍ଟିଫ୍ୟାକ୍ଟ ଉପରେ ଫ୍ଲାଟ୍ ୧୦% ରିହାତି ପାଇପାରିବେ। ବିଶେଷକରି ଏହି ସେଲ୍ ଜରିଆରେ ଗ୍ରାହକମାନେ ସୁନା, ହୀରା, ରୁପା, ଫ୍ୟାଶନ ଗହଣା ଏବଂ ହାତଘଣ୍ଟା ଆଦିକୁ ଅବିଶ୍ୱସନୀୟ ରିହାତି ସହ କିଣିପାରିବେ। ଜୀବନ କାଳରେ ଥରେ ମାତ୍ର ସୁଯୋଗ ଆକାରରେ ଆସିଥିବା ଏହି ସେଲ୍ ଓଡ଼ିଶାର ସମସ୍ତ ଖିମ୍‌ଜୀ ଜୁଏଲର୍ସର ସମସ୍ତ ଶୋ'ରୁମ୍‌ରେ ଉପଲବ୍ଧ ରହିଛି।




ଏ ସମ୍ପର୍କରେ ଖିମ୍‌ଜୀ ଜୁଏଲର୍ସର ଏମ୍‌ଡି/ପରିଚାଳନା ନିର୍ଦ୍ଦେଶକ ମିତେଶ ଖିମ୍‌ଜୀ କହିଥିଲେ, ଆମେ ଆମର ଗ୍ରାହକଙ୍କୁ ସମ୍ମାନିତ କରିବା ଏବଂ ସେମାନଙ୍କ ବିଶ୍ୱାସକୁ ପୁରସ୍କୃତ କରିବାରେ ବିଶ୍ୱାସ କରୁଛୁ। ଗ୍ରାଣ୍ଡ ମହାସେଭର୍ ହେଉଛି ଆମର ଏକ ଉପାୟ, ଯେଉଁଥିରେ ବଡ଼ ବଡ଼ ଅଫର ସହ ଆମେ ସେମାନଙ୍କୁ ଫେରସ୍ତ ଦେଉଛୁ ଏବଂ ଏକ ଆନନ୍ଦଦାୟକ କ୍ରୟ ଅନୁଭୂତି ନିଶ୍ଚିତ କରୁଛୁ। ଉଲ୍ଲେଖଯୋଗ୍ୟ, ଏହି ସେଲ୍ ଖିମ୍‌ଜୀ ଜୁଏଲର୍ସର ଭୁବନେଶ୍ୱର, କଟକ, ରାଉରକେଲା, ବ୍ରହ୍ମପୁର, ପୁରୀ ଓ ଝାରସୁଗୁଡ଼ାର ସମସ୍ତ ଶୋ'ରୁମ୍‌ରେ ଉପଲବ୍ଧ ରହିଛି, ଅସାଧାରଣ ମୂଲ୍ୟରେ ସମୟହୀନ ଅଳଙ୍କାର କିଣିବାର ଏହି ସୀମିତ ସମୟ ଅଫରକୁ ହାତଛଡ଼ା କରନ୍ତୁ ନାହିଁ।

# Classified Everyday

**0674-2580101, 9692975378**



**MATRIMONIAL**

**BRIDE WANTED**

MBA XIMB, 5'8", 40yrs, unmarried Karan boy, working in Private Bank, in AGM rank, Hyderabad, own house in BBSR seeks unmarried B.Sc/ B.Com/ MBA girl from Karan/ Khandayat/Brahmin educated family within 35yrs height above 5'2". Contact: 9337003506 between 7pm-10pm. D-945

Handsome Khandayat Boy 1996, 5'8", B.Tech Serving Bank Officer Nationalised Bank. "SUNASANSAR". 9937512659. D-76278

**GROOM WANTED**

Beautiful Bhandari girl 1997, 5'1", MBA, B. COM. need the same caste well established 8249059188. D- 1050

ପାଠକଙ୍କ ପାଇଁ ସୂଚନା: କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



**REAL ESTATE**

**SALE**

BDA Approved Triplex/ Apartment for sale near Fulnakhara Chhack (In- between Twin City CTC- BBSR) Loan facility- Available. details- 9853916309, 9338401309. D-71398

**A COMMERCIAL Plot Facing to NH (NAKKARA to NIALI ) 10 KM from NAKHARA 60×166 3 sides Road Personal plot Contact only owners 7809525452.** D-76469




Newly open spa positively health benefits (Expert therapist). Contact: 7749034655 D-76922

## LEGAL NOTICE

IR No.- 1086, Date- 26.06.25

ମାନ୍ୟବର ଅତିରିକ୍ତ କମିଶନର (ଶ୍ରୀ ପ୍ରଦୀପ କୁମାର ନାୟକ, IAS), ଅତିରିକ୍ତ ଅଦାଲତ ନ୨ମ୍ବର ଇଜିଲାସ, ୪ର୍ଥ ମହଲା, ହେଡ୍ ଅଫ୍ ଡିପାର୍ଟମେଣ୍ଟ ବିଲ୍ଡିଂ ଭୁବନେଶ୍ୱର।

ଓଡ଼ିଶା ସର୍ଭେ ଓ ସେଟେଲମେଣ୍ଟ ୧୯୫୮ ଆଇନର ଧାରା ୧୫(ଖ) ଅନୁଯାୟୀ

ଓ.ଏସ୍.ଏସ୍.କେଶ୍ ନମ୍ବର: ୯୩୫/୨୦୧୯

୧. ବିନୋଦ ବିହାରୀ ରାଉତ ......ବାଦୀ

ବନାମ

୨. ନାରଣ ପାଣି, ପିତା- ମଦନ ପାଣି, ଠିକଣା: ସା/ ପୋଷ୍ଟ- ଦାରୁଠେଙ୍ଗ, ଥାନା- ଚନ୍ଦକା, ଜିଲ୍ଲା- ଖୋର୍ଦ୍ଧା, ୩. ଅରକ୍ଷିତ ପାଣି, ପିତା- ଶ୍ରୀଧର ପାଣି, ସା/ ପୋଷ୍ଟ- ଦାରୁଠେଙ୍ଗ, ଥାନା- ଚନ୍ଦକା, ଜିଲ୍ଲା- ଖୋର୍ଦ୍ଧା, ୪. ସଚିଦାନନ୍ଦ ଜଗଦେବ, ପିତା- କୁବେର ଚନ୍ଦ୍ର ଜଗଦେବ, ଠିକଣା: ପ୍ଲଟ୍ ନଂ. ଏନ୍.- ୩/୯୪, ଆଇ.ଆର.ସି. ଭିଲେଜ୍, ଥାନା- ନୟାପଲ୍ଲୀ, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା, ୫. ପ୍ରଫୁଲ୍ଲ କୁମାର ରାୟବିଧାର, ଅଧ୍ୟକ୍ଷ, ବସୁନ୍ଧରା ଡେଭ୍‌ଲପର, ଠିକଣା: ଘର ନ୨ମ୍ବର, ଏମ୍.ଆଇ.ଜି., ଚନ୍ଦ୍ରଶେଖରପୁର, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା। ......ପ୍ରତିବାଦୀମାନେ

ନୋଟିସ ଅର୍ଡ଼ର- ୫ ରୁଲ୍- ୨୦ ମୁତାବକ

ଏତଦ୍ୱାରା ସମସ୍ତ ପ୍ରତିବାଦୀମାନଙ୍କ ଅବଗତି ନିମନ୍ତେ ସମ୍ବାଦପତ୍ର ବିଜ୍ଞାପନ ଦ୍ୱାରା ଜଣାଇ ଦିଆଯାଉଛି ଯେ, ଉପର ଲିଖିତ ରିଭିଜନ କେସ୍‌ର ଶୁଣାଣି ମାନ୍ୟବର କମିଶନର, ଅତିରିକ୍ତ ଅଦାଲତ ନଂ. ୨, ଇଜିଲାସ, ୪ର୍ଥ ମହଲା ହେଡ୍‌ସ ଅଫ ଡିପାର୍ଟମେଣ୍ଟ ବିଲ୍ଡିଂ, ଭୁବନେଶ୍ୱର କାର୍ଯ୍ୟାଳୟରେ ଆସନ୍ତା ତା୨୯।୦୭।୨୦୨୫ରିଖ ଦିବା ୧୧.୧୫ ମିନିଟ୍‌ରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଛି।

ଜମିର ବିବରଣୀ

ମୌଜା: ଭୁଆସୁଣୀ, ଥାନା- ଚନ୍ଦକା, ତହସିଲ- ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା ସାବକ- ଖାତା ନଂ.- ୧୯୧, ପ୍ଲଟ୍ ନମ୍ବର- ୪୩୬(ପାର୍ଟ), ରକବା- ଏ୧.୧୦୮ ଡିସିମିଲ ସ୍ୱଧରୁ ଏ୦.୦୫୫ଡି, ସ୍ୱତ୍ୱ- ସ୍ଥିତିବାନ୍

ହାଲ୍- ଖାତା ନଂ.- ୧୧୨୨, ପ୍ଲଟ୍ ନମ୍ବର- ୧୯୬୮, ରକବା- ଏ୦.୩୭୦ ଡିସିମିଲରୁ ଏ୦.୦୫୫ ଡିସିମିଲ ଓ.ଏସ୍.ଏସ୍ ନ ୯୩୫/୨୦୧୯ମ୍ବର ଦାବି ରକବା, ସ୍ୱତ୍ୱ- ସ୍ଥିତିବାନ୍

ଏଣୁ ଉପରୋକ୍ତ ମାମଲାରେ ପ୍ରତିବାଦୀମାନେ ନିଜେ କିମ୍ବା ସେମାନଙ୍କର ଉତ୍ତରାଧିକାରୀମାନେ ତାଙ୍କର କ୍ଷମତାପ୍ରାପ୍ତ ଓକିଲଙ୍କ ଜରିଆରେ ଏହି ନିର୍ଦ୍ଧାରିତ ତାରିଖ ଓ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ରହି ମୋକଦ୍ଦମାର ଶୁଣାଣିରେ ଅଂଶ ଗ୍ରହଣ କରିବେ। ଅନ୍ୟଥା ନିୟମ ଅନୁଯାୟୀ ଉକ୍ତ ମୋକଦ୍ଦମା ବିଚାର କରାଯିବ।

ତା:

ଭୁବନେଶ୍ୱର

ମାନ୍ୟବର ଅତିରିକ୍ତ ଆୟୁକ୍ତ ରିଭିଜନ ଅଦାଲତ ନ୨ମ୍ବର, ଭୁବନେଶ୍ୱର ଆଦେଶକ୍ରମେ
ସ୍ୱା./- କୋର୍ଟ ଅଧିକାରୀ

ଧ-୧୦୯୬

IR No.- 1085, Date- 26.06.25

ମାନ୍ୟବର ଅତିରିକ୍ତ କମିଶନର (ଶ୍ରୀ ପ୍ରଦୀପ କୁମାର ନାୟକ, IAS), ଅତିରିକ୍ତ ଅଦାଲତ ନ୨ମ୍ବର ଇଜିଲାସ, ୪ର୍ଥ ମହଲା, ହେଡ୍ ଅଫ୍ ଡିପାର୍ଟମେଣ୍ଟ ବିଲ୍ଡିଂ, ଭୁବନେଶ୍ୱର।

ଓଡ଼ିଶା ସର୍ଭେ ଓ ସେଟେଲମେଣ୍ଟ ୧୯୫୮ ଆଇନର ଧାରା ୧୫(ଖ) ଅନୁଯାୟୀ

ଓ.ଏସ୍.ଏସ୍.କେଶ୍ ନମ୍ବର: ୯୨୦/୨୦୧୯

୧. ସନ୍ଦିପ୍ କୁମାର ରାଉତ ......ବାଦୀ

ବନାମ

୨. ନାରଣ ପାଣି, ପିତା- ମଦନ ପାଣି, ଠିକଣା: ସା/ ପୋଷ୍ଟ- ଦାରୁଠେଙ୍ଗ, ଥାନା- ଚନ୍ଦକା, ଜିଲ୍ଲା- ଖୋର୍ଦ୍ଧା, ୩. ଅରକ୍ଷିତ ପାଣି, ପିତା- ଶ୍ରୀଧର ପାଣି, ସା/ପୋଷ୍ଟ- ଦାରୁଠେଙ୍ଗ, ଥାନା- ଚନ୍ଦକା, ଜିଲ୍ଲା- ଖୋର୍ଦ୍ଧା, ୪. ସଚିଦାନନ୍ଦ ଜଗଦେବ, ପିତା- କୁବେର ଚନ୍ଦ୍ର ଜଗଦେବ, ଠିକଣା: ପ୍ଲଟ ନଂ. ଏନ୍.- ୩/୯୪, ଆଇ.ଆର.ସି. ଭିଲେଜ୍, ଥାନା- ନୟାପଲ୍ଲୀ, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା, ୫. ପ୍ରଫୁଲ୍ଲ କୁମାର ରାୟବିଧାର, ଅଧ୍ୟକ୍ଷ, ବସୁନ୍ଧରା ଡେଭ୍‌ଲପର, ଠିକଣା: ଘର ନ୨ମ୍ବର, ଏମ୍.ଆଇ.ଜି., ଚନ୍ଦ୍ରଶେଖରପୁର, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା। ......ପ୍ରତିବାଦୀମାନେ

ନୋଟିସ ଅର୍ଡ଼ର- ୫ ରୁଲ୍- ୨୦ ମୁତାବକ

ଏତଦ୍ୱାରା ସମସ୍ତ ପ୍ରତିବାଦୀମାନଙ୍କ ଅବଗତି ନିମନ୍ତେ ସମ୍ବାଦପତ୍ର ବିଜ୍ଞାପନ ଦ୍ୱାରା ଜଣାଇ ଦିଆଯାଉଛି ଯେ, ଉପରଲିଖିତ ରିଭିଜନ କେସ୍‌ର ଶୁଣାଣି ମାନ୍ୟବର କମିଶନର, ଅତିରିକ୍ତ ଅଦାଲତ ନଂ. ୨, ଇଜିଲାସ, ୪ର୍ଥ ମହଲା ହେଡ୍‌ସ ଅଫ ଡିପାର୍ଟମେଣ୍ଟ ବିଲ୍ଡିଂ, ଭୁବନେଶ୍ୱର କାର୍ଯ୍ୟାଳୟରେ ଆସନ୍ତା ତା ୨୯।୦୭।୨୦୨୫ରିଖ ଦିବା ୧୧.୧୫ ମିନିଟ୍‌ରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଛି।

ଜମିର ବିବରଣୀ

ମୌଜା: ଭୁଆସୁଣୀ, ଥାନା- ଚନ୍ଦକା, ତହସିଲ- ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା ସାବକ- ଖାତା ନଂ.- ୧୯୧, ପ୍ଲଟ୍ ନମ୍ବର- ୪୩୬(ପାର୍ଟ), ରକବା- ଏ୧.୧୦୮ ଡିସିମିଲ ସ୍ୱଧରୁ ଏ୦.୦୫୫ଡି, ସ୍ୱତ୍ୱ- ସ୍ଥିତିବାନ୍

ହାଲ୍- ଖାତା ନଂ.- ୧୧୨୨, ପ୍ଲଟ୍ ନମ୍ବର- ୧୯୬୮, ରକବା- ଏ୦.୩୭୦ ଡିସିମିଲରୁ ଏ୦.୦୫୫ ଡିସିମିଲ ଓ.ଏସ୍.ଏସ୍ ନ ୯୨୦/୨୦୧୯ମ୍ବର ଦାବି ରକବା, ସ୍ୱତ୍ୱ- ସ୍ଥିତିବାନ୍

ଏଣୁ ଉପରୋକ୍ତ ମାମଲାରେ ପ୍ରତିବାଦୀମାନେ ନିଜେ କିମ୍ବା ସେମାନଙ୍କର ଉତ୍ତରାଧିକାରୀମାନେ ତାଙ୍କର କ୍ଷମତାପ୍ରାପ୍ତ ଓକିଲଙ୍କ ଜରିଆରେ ଏହି ନିର୍ଦ୍ଧାରିତ ତାରିଖ ଓ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ରହି ମୋକଦ୍ଦମାର ଶୁଣାଣିରେ ଅଂଶଗ୍ରହଣ କରିବେ। ଅନ୍ୟଥା ନିୟମ ଅନୁଯାୟୀ ଉକ୍ତ ମୋକଦ୍ଦମା ବିଚାର କରାଯିବ।

ତା:

ଭୁବନେଶ୍ୱର

ମାନ୍ୟବର ଅତିରିକ୍ତ ଆୟୁକ୍ତ ରିଭିଜନ ଅଦାଲତ ନ୨ମ୍ବର, ଭୁବନେଶ୍ୱର ଆଦେଶକ୍ରମେ
ସ୍ୱା./- କୋର୍ଟ ଅଧିକାରୀ

ଧ-୧୦୯୭

## ମନେ ପଡ଼ନ୍ତି

**SHRADHANJALI**



**Late Bhagabati Dehury**

DOB- 20.07.1939, DOD- 16.06.2025

Bhutapara, Sambalpur

*In Fond and Loving Memory of my mother Bhagabati Dehury, a woman of unwavering will, steadfast spirit, and a heart generous beyond measure. She left behind a legacy of courage and resilience which shall remain forever etched in our memories. Her strength, compassion, and enduring warmth will be cherished always.*

**Mahaveer Dehury & Family**

ଧ-୧୦୯୮

ଧରିତ୍ରୀ DHARITRI

**Scan & Pay**

ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।

BHIM | UPI

ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

# ଆଡ଼ପମଣ୍ଡପରେ ଦର୍ଶନ ଦେଲେ ଚତୁର୍ଦ୍ଧାମୂର୍ତ୍ତି



ଆଡ଼ପମଣ୍ଡପରେ ଭକ୍ତଙ୍କୁ ଦର୍ଶନ ଦେଉଛନ୍ତି ଶ୍ରୀଜୀଉ।

**ଅନୁଗୋଳ,୨୮।୬ (ଜ୍ୟୋତିରଞ୍ଜନ ସାହୁ)**

ନବଦିନାତ୍ମକ ଯାତ୍ରାରେ ରତ୍ନବେଦିରୁ ଜନ୍ମବେଦିକୁ ଆସିଛନ୍ତି ଚତୁର୍ଦ୍ଧାମୂର୍ତ୍ତି। ଅନୁଗୋଳ ଶୈଳଶ୍ରୀକ୍ଷେତ୍ର ମନ୍ଦିରରୁ ୩ ରଥରେ ମାଉସୀ ଘରକୁ ଆସିଥିବା ଚତୁର୍ଦ୍ଧାମୂର୍ତ୍ତି ଶନିବାର ଆଡ଼ପମଣ୍ଡପରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଇଛନ୍ତି। ଅପରାହ୍ନ ୫ଟା ୩୦ରେ ରଥରୁ ଠାକୁରମାନଙ୍କୁ ଗୋଟି ପହଣ୍ଡିରେ ଜନ୍ମବେଦିକୁ ନିଆଯାଇଥିଲା। ଏହାପରେ ଶ୍ରୀଜୀଉମାନଙ୍କୁ ଦର୍ଶନକୁ କରିବାକୁ ମନ୍ଦିର ପରିସରରେ ସହସ୍ରାଧିକ ଭକ୍ତଙ୍କ ଭିତରେ ଉତ୍ସାହ ଦେଖିବାକୁ ମିଳିଥିଲା। ହେଲେ ସନ୍ଧ୍ୟାରୁ ବେଶ୍ କିଛି ଘଣ୍ଟା ସେମାନଙ୍କୁ ଅପେକ୍ଷା କରିବାକୁ ପଡ଼ିଥିଲା। ରାତି ୯ଟା ୧୪ରେ ଆଡ଼ପମଣ୍ଡପରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ବେଶ କାର୍ଯ୍ୟ ସରିବା ପରେ ଦ୍ୱାର ଫିଟାଯାଇଥିଲା। ଏହାପରେ ଭକ୍ତମାନେ ଧାଡ଼ିରେ ଯାଇ ଜନ୍ମବେଦିରେ ଚତୁର୍ଦ୍ଧା ମୂର୍ତ୍ତିଙ୍କ ଦିବ୍ୟଦର୍ଶନ କରି ଭାବବିହ୍ୱଳ ହୋଇଉଠିଥିଲେ। ଏହି ଅବସରରେ ପରିବେଶକୁ ଅଧିକ ଭାବବିହ୍ୱଳ କରିବାକୁ ମନ୍ଦିର ପରିଚାଳନା କମିଟି ପକ୍ଷରୁ ଭଜନ ସନ୍ଧ୍ୟାର ଆୟୋଜନ କରାଯାଇଛି। ବାହୁଡ଼ା ଯାତ୍ରା ପର୍ଯ୍ୟନ୍ତ ଗୁଣ୍ଡିଚା ମନ୍ଦିର ଠାରେ ପ୍ରତିଦିନ ସନ୍ଧ୍ୟାରେ ଏହି ଭଜନସନ୍ଧ୍ୟା ଆୟୋଜିତ ହେବ। ପ୍ରଥମ ଦିନରେ କଟକରୁ ଆସିଥିବା 'ଭଜନ ମଞ୍ଚ' ଗ୍ରୁପ୍‌ର ସୁନାମଧନ୍ୟ କଣ୍ଠଶିଳ୍ପୀମାନଙ୍କ ସୁମଧୁର ଭଜନ ଭକ୍ତମାନଙ୍କୁ ବିମୋହିତ କରିଦେଇଥିଲା। ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ଦିଆଯାଉଥିବା କାକରା ଖିରିକୁ ଭକ୍ତମାନେ ଆନନ୍ଦର ସହ ଖାଇଥିଲେ।



ମନ୍ଦିର ପରିଚାଳନା କମିଟି ପକ୍ଷରୁ ଆୟୋଜିତ ଭଜନ ସନ୍ଧ୍ୟା।

# ପ୍ରଶାସନ କଲାନି, ଲୋକେ କଲେ ରାସ୍ତା ମରାମତି

**ଉଦାହରଣ ସୃଷ୍ଟି କଲେ ଧୋଡ଼ାଖୋଳ ଗ୍ରାମବାସୀ**



**ବଇଣ୍ଡା, ୨୮।୬ (ପରିକ୍ଷିତ ସାହୁ)**

ଦୀର୍ଘବର୍ଷ ହେଲା ରାସ୍ତାର ମରାମତି ହୋଇନାହିଁ। ମାଟି ରାସ୍ତାରେ ମାଟି ମୁଠାଏ ପକାଯାଇ ନ ଥିବାରୁ ବର୍ଷାଦିନେ ଯାତାୟାତ କରିହେଉନାହିଁ। ଅସୁବିଧା ସମ୍ପର୍କରେ ବାରମ୍ବାର ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଇଛି। କଂକ୍ରିଟକରଣ କରିବାକୁ ଦାବି କରାଯାଇଛି। ହେଲେ ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଗଲା ନାହିଁ। ତେଣୁ ପ୍ରଶାସନ ଉପରୁ ଆସ୍ଥା ହରାଇ ଶେଷରେ ଗାଁ ଲୋକେ ଶନିବାର ଏକାଠି ହୋଇ କରିଛନ୍ତି ରାସ୍ତା ମରାମତି। ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ ମଇମୁରା ପଞ୍ଚାୟତର ଧୋଡ଼ାଖୋଳ ଗ୍ରାମବାସୀ ଏପରି କାର୍ଯ୍ୟ କରି ଅନ୍ୟମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛନ୍ତି।

ଧୋଡ଼ାଖୋଳ ଗ୍ରାମବାସୀ କହିଛନ୍ତି, ଜଙ୍ଗଲ ଅଧୁଷିତ ଅଞ୍ଚଳ ହୋଇଥିବାରୁ ଗ୍ରାମର ବିକାଶ ଦିଗରେ ଆବଶ୍ୟକ ଧ୍ୟାନ ଦିଆଯାଉନାହିଁ। ବିଶେଷକରି ରାସ୍ତାର ଉନ୍ନତୀକରଣ ହେଉନାହିଁ। ଠାକୁରଗଡ଼-କନ୍ତପଡ଼ା ପୂର୍ତ୍ତ ବିଭାଗ ରାସ୍ତାର କୁତୁଲିସିଙ୍ଗା ଗ୍ରାମରୁ ଧୋଡ଼ାଖୋଳକୁ ଯାଇଥିବା ୨ କି.ମି. ମାଟି ରାସ୍ତା ଉପରେ ଧୋଡ଼ାଖୋଳ, କଳିଚିକଟା, ଗୋପପୁର ଗ୍ରାମବାସୀ ନିର୍ଭର କରନ୍ତି। ୨୦୦୭ ମସିହାରେ ଏମ୍‌ଜିଏନ୍‌ଆର୍‌ଇଜିଏରେ ୩ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇ ଏହି ମାଟି ରାସ୍ତା ନିର୍ମାଣ ହୋଇଥିଲା। ଦୀର୍ଘଦିନ ଧରି ମରାମତି କରାଯାଇ ନ ଥିବାରୁ ଏହି ୨ କି.ମି. ରାସ୍ତା ଅତି କଦର୍ଯ୍ୟ ହୋଇପଡ଼ିଛି। ଅନେକ ସ୍ଥାନରେ ଖାଲଖମା ସୃଷ୍ଟି ହୋଇଥିବା ବେଳେ ଏହାକୁ ବ୍ଲକ ପ୍ରଶାସନ ପକ୍ଷରୁ ମରାମତି କରାଯାଉ ନାହିଁ। ଫଳରେ ଯାତାୟାତ ବେଳେ ବହୁ ଲୋକ ପଡ଼ି ଆହତ ହେଉଛନ୍ତି। ରାସ୍ତାକୁ କଂକ୍ରିଟ କିମ୍ବା ପିଚୁ କରିବାକୁ ଦାବି କରାଯାଇ ଆସୁଥିଲେ ମଧ୍ୟ ପଦକ୍ଷେପ ନିଆଯାଉ ନାହିଁ। ତେଣୁ ଶନିବାର ଗ୍ରାମ ସଭାପତି ସଞ୍ଜୟ କୁମାର ପ୍ରଧାନଙ୍କ ନେତୃତ୍ୱରେ ଭାଗୀରଥି ବେହେରା, ଗୋପାଳ ସେଠୀ, ରାଜା ପ୍ରଧାନ, ସତ୍ୟ ପ୍ରଧାନ, ସୋମନାଥ ବେହେରା, ହଗୁରୁ ନାୟକ, ସୁଦାମ ପ୍ରଧାନ, ରାଜ କିଶୋର ନାୟକ, ନରୋତ୍ତମ ବେହେରାଙ୍କ ସମେତ ଅଞ୍ଚଳବାସୀ ଏକଜୁଟ ହୋଇ ରାସ୍ତା ମରାମତି କରିଥିଲେ। ତୁରନ୍ତ ଉକ୍ତ ରାସ୍ତାକୁ ପିଚୁ କିମ୍ବା କଂକ୍ରିଟ କରିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ଏ ସମ୍ପର୍କରେ ଆଠମଲ୍ଲିକ ବିଡିଓ ଟିଟସ ମହାନନ୍ଦିଆ କହିଛନ୍ତି, ପ୍ରଶାସନ ପକ୍ଷରୁ ତର୍ଜମା କରାଯାଇ ଉକ୍ତ ରାସ୍ତାକୁ କଂକ୍ରିଟ କରାଯିବା ପାଇଁ ପଦକ୍ଷେପ ନିଆଯିବ।

# ପୋକ୍‌ସୋ ଆକ୍ଟ ଉପରେ ସଚେତନତା କାର୍ଯ୍ୟକ୍ରମ

**ଆଠମଲ୍ଲିକ,୨୮।୬(ଉଦୀପ୍ତ ପୁରୋହିତ)**

ଅନୁଗୋଳ ଜିଲା ଆଠମଲ୍ଲିକ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସର ସଭାଗୃହରେ ତାଲୁକ ଆଇନସେବା କମିଟି ତରଫରୁ ପୋକ୍ସୋ ଆକ୍ଟ ଓ ଜେ.ଜେ. ସିପିସି ଆକ୍ଟ ଉପରେ ଏକ ସଚେତନତା କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ତାଲୁକ ଆଇନସେବା କମିଟି ଅଧ୍ୟକ୍ଷ ତଥା ଅତିରିକ୍ତ ଜିଲା ଦୌରାଜଜ୍ ରଞ୍ଜନ କୁମାର ସୂତାର, ଏସ୍‌ଡିଜେଏମ୍ ସିଙ୍କୁନ ରୟ ପ୍ରମୁଖ ଯୋଗଦେଇ ଉଭୟ ଆକ୍ଟ ଉପରେ ସଚେତନ କରାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ଆଇନଜୀବୀ ତଥା ସରକାରୀ ଓକିଲ ଅସିତ ରଞ୍ଜନ ଦେଓ, ଓକିଲ ସଂଘ ସଭାପତି ସୁଶାନ୍ତ କୁମାର ମହାପାତ୍ର, ଆଇନଜୀବୀ ସୁଧାଂଶୁ ଶେଖର ବେହେରା, ଆଇନଜୀବୀ ପ୍ରାଣବନ୍ଧୁ ମେଣ୍ଡୁଲି, ସ୍କୁଲ ପରିଚାଳନା କମିଟି ସଭାପତି ଆଦିତ୍ୟ କୁମାର ସାହୁ ପ୍ରମୁଖ ଯୋଗ ଦେଇଥିଲେ। ପ୍ରଧାନ ଆଚାର୍ଯ୍ୟ ତରୁଣ କୁମାର ଦାଶ, ଶତାଧିକ ଛାତ୍ରୀଛାତ୍ର, ଗୁରୁମା, ଗୁରୁଜୀ ଉପସ୍ଥିତ ଥିଲେ।



# ଜନ୍ମବେଦୀରେ ବିଜେ କଲେ ଶ୍ରୀଜୀଉ



ମାଉସୀ ମା ମନ୍ଦିରରେ ମତ୍ସ୍ୟ ଓ କଚ୍ଛପ ଅବତାରରେ ଦର୍ଶନ ଦେଉଛନ୍ତି ଶ୍ରୀଜୀଉ।

**ଆଠମଲ୍ଲିକ,୨୮।୬(ଉଦୀପ୍ତ ପୁରୋହିତ)**

ଅନୁଗୋଳ ଜିଲା ଆଠମଲ୍ଲିକରେ ରଥଯାତ୍ରା ଶାନ୍ତିଶୃଙ୍ଖଳାର ସହିତ ସମାପନ ହୋଇଛି। ଶୁକ୍ରବାର ଅପରାହ୍ନ ୩ ଟାରେ ପହଣ୍ଡି ଆରମ୍ଭ କରାଯାଇଥିବା ବେଳେ ମନ୍ଦିର ପୂଜକ ଚିତ୍ତରଞ୍ଜନ ପାଣିଗ୍ରାହୀ, ଦେବୋତ୍ତର ପୁରୋହିତ ପ୍ରଫୁଲ୍ଲ ପାଣିଗ୍ରାହୀଙ୍କ ସହାୟତାରେ ଉପଜିଲାପାଳ ତଥା ଦେବୋତ୍ତର ଅଧିକାରୀ ଉପେନ୍ଦ୍ର ଲୁହା ଛେରା ପହଁରା କରିଥିଲେ। ସନ୍ଧ୍ୟା ୬ଟାରେ ରଥଟଣା ଆରମ୍ଭ ହୋଇଥିଲା। ପାଗ ଅନୁକୂଳ ଥିବାରୁ ପ୍ରବଳ ଜନ ସମାଗମ ହୋଇଥିଲା। ରାତି ୮ଟାରେ ମାଉସୀ ମା' ମନ୍ଦିର ନିକଟରେ ରଥା ପହଞ୍ଚିଥିଲା। ଏହାପରେ ଧାଡ଼ି ପହଣ୍ଡିରେ ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ଶ୍ରୀଗୁଣ୍ଡିଚା ମନ୍ଦିର ଜନ୍ମବେଦିକୁ ନିଆଯାଇଥିଲା। ମାଜିଷ୍ଟ୍ରେଟ ଦାୟିତ୍ୱରେ ସହକାରୀ ଜିଲାପାଳ ତଥା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ତନ୍ମୟ ରଞ୍ଜନ ପାତ୍ର ଏବଂ ଅତିରିକ୍ତ ତହସିଲଦାର ଦେବାଶିଷ ରଣା ଥିଲାବେଳେ ଏସ୍‌ଡିପିଓ ସୁଶାନ୍ତ ତାଉଡ଼ିଆ, ଆଠମଲ୍ଲିକ ଥାନା ଆଇଆଇସି ପ୍ରକାଶ ଚନ୍ଦ୍ର ମାଝୀ ଶୃଙ୍ଖଳା ରକ୍ଷା କରିଥିଲେ। ଏହି ଅବସରରେ ବରିଷ୍ଠ ଡାହୁକ ଭବାନୀ ମିଶ୍ରଙ୍କୁ ଉପଜିଲାପାଳ ସମ୍ବର୍ଦ୍ଧିତ କରିଥିଲେ।

# ୭୬ ବର୍ଷରେ ବେଦିରେ ବସିଲେ ଦିବାକର



ବେଦିରେ ବସି ବିବାହ କରୁଛନ୍ତି ଦିବାକର ସାହୁ।

**■୪୫ ବର୍ଷୀୟା କନ୍ୟାଙ୍କୁ କଲେ ଦ୍ୱିତୀୟ ବିବାହ**

**■୨୦ ବରଯାତ୍ରୀଙ୍କୁ ମିଳିଲା ଆମ୍ବ, ପଣସ ଉପହାର**

**ବନ୍ତଳା,୨୮।୬ (ସୁଶିତ ସାହୁ)**

୨ ମାସ ତଳେ ଆରପାରିକୁ ଚାଲିଗଲେ ସ୍ତ୍ରୀ। ପିଲାଛୁଆ ନ ଥିବାରୁ ସଂସାରରେ ଏକା ହୋଇଗଲେ ୭୬ ବର୍ଷୀୟ ଦିବାକର ସାହୁ। ଜୀବନର ବାକି ସମୟତକ କିପରି କାଟିବେ, କାହାକୁ ସାହା ଭରସା କରିବେ, ତାହାକୁ ନେଇ ଚିନ୍ତାରେ ଥିବାବେଳେ ମିଳିଥିଲା ଦ୍ୱିତୀୟ ବିବାହ ପ୍ରସ୍ତାବ। ଆଉ ସେଥିରେ ହଁ ଭରିବା ପରେ ଶୁକ୍ରବାର ଶ୍ରୀଗୁଣ୍ଡିଚା ଦିନ ସମ୍ପୂର୍ଣ୍ଣ ବୈଦିକ ରୀତିରେ ବେଦିରେ ବସି ୪୫ ବର୍ଷୀୟା କନ୍ୟାଙ୍କ ହାତ ଧରିଛନ୍ତି ଦିବାକର। ଅନୁଗୋଳ ବ୍ଲକ ଇଙ୍କରବନ୍ଧ ପଞ୍ଚାୟତ ନୂଆପଡ଼ା ଗ୍ରାମର ଦିବାକରଙ୍କ ଏହି ଦ୍ୱିତୀୟ ବିବାହ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ପୁତୁରା ହେମନ୍ତ ସାହୁଙ୍କ ସମ୍ପୂର୍ଣ୍ଣ ସହଯୋଗରେ ଦିବାକର ଏହି ଦ୍ୱିତୀୟ ବିବାହ କରିପାରିଛନ୍ତି। ଦିବାକରଙ୍କ ସହ ଗାଁରୁ ୨୦ଜଣ ବରଯାତ୍ରୀ ଯାଇ ଭୋଜିଭାତ ଖାଇଥିବାବେଳେ କନ୍ୟା ଘର ପକ୍ଷରୁ ବରଯାତ୍ରୀମାନଙ୍କୁ ୨ଟି ଲେଖାଏ ପାଚିଲା ପଣସ ଓ ୨ କିଲୋ ଲେଖାଏ ଆମ୍ବ ଉପହାର ଆକାରରେ ପ୍ରଦାନ କରାଯାଇଛି। ଏ ସମ୍ପର୍କରେ ଦିବାକର କହିଛନ୍ତି, ବୟସର ଅପରାହ୍ନରେ ଏକା ଏକା ଲାଗୁଥିଲା। ଶେଷ ଜୀବନରେ ସାହାରା ଟିକେ ପାଇଁ ଦୂର ସମ୍ପର୍କୀୟାଙ୍କୁ ୨ୟ ବିବାହ କରିଛି।

# ସ୍ୱାସ୍ଥ୍ୟ ପରୀକ୍ଷା ଶିବିର

**ତାଳଚେର,୨୮।୬ (ମନୋଜ ନନ୍ଦ)**

ଅନୁଗୋଳ ଜିଲା ତାଳଚେର ସରସ୍ୱତୀ ଶିଶୁବିଦ୍ୟା ମନ୍ଦିର ବଡ଼ଯୋରଡ଼ାଠାରେ ଏମ୍‌ସିଏଲ୍ ନନ୍ଦିରା କୋଲିୟରୀ ଚିକିତ୍ସାଳୟ ଓ ମହିଳାମଣ୍ଡଳ ତାଳଚେର ମିଳିତ ସହଯୋଗରେ ଏକ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଶିବିରରେ ଡାକ୍ତର ସତ୍ୟବ୍ରତ ଖୁଣ୍ଟିଆ ଓ ସ୍ନେହଲତା ତିର୍କୀ ଯୋଗଦେଇଥିଲେ। ଶିବିରରେ ଛାତ୍ରୀଛାତ୍ରମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ମହିଳା ମଣ୍ଡଳ ତାଳଚେର ଶାଖା ତରଫରୁ ସଦସ୍ୟା ରଶ୍ମିତା ସାହୁ ଓ ଉମାଶ୍ରୀ ସେନାପତି ଯୋଗଦେଇ ଶିଶୁ ଭଉଣୀଭାଇମାନଙ୍କୁ ଉତ୍ସାହିତ କରିଥିଲେ।




ଶିବିରରେ ଛାତ୍ରୀମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉଛି।

# ବିପଦସଙ୍କୁଳ ସ୍କୁଲଗୃହରେ ଚାଲିଛି ପାଠପଢ଼ା



ବିପଦସଙ୍କୁଳ ଅବସ୍ଥାରେ ଥିବା ସ୍କୁଲ ଗୃହ।

**ଖମାର,୨୮।୬ (ରଜନୀକାନ୍ତ ମହାରଣା)**

ସ୍କୁଲ କାନ୍ଥ ଫାଟି ଆଁ କରିଛି। ଭଙ୍ଗା ଦଦରା ଛପର ଉପରେ ଘାସ ଉଠିଯାଇଛି। ବିପଦସଙ୍କୁଳ ଅବସ୍ଥାରେ ଶ୍ରେଣୀଗୃହଗୁଡ଼ିକ ଥିବାରୁ ଏହାକୁ ଅସୁରକ୍ଷିତ ଘୋଷଣା କରାଯାଇଛି। ହେଲେ ସେହି ଅସୁରକ୍ଷିତ ଶ୍ରେଣୀଗୃହ ମଧ୍ୟରେ ଚାଲିଛି ପାଠପଢ଼ା। ଯେ କୌଣସି ସମୟରେ ବିପଦ ଆଶଙ୍କା ଥିଲେ ମଧ୍ୟ ସେଠାରେ ବସୁଛନ୍ତି ଛାତ୍ରୀଛାତ୍ର। ଅନୁଗୋଳ ଜିଲା ପାଲଲହଡ଼ା ଉପଖଣ୍ଡ ରୋହିଲା ପଞ୍ଚାୟତର ଚୁଙ୍ଗମାଟିଆ ପ୍ରାଥମିକ ବିଦ୍ୟାଳୟରେ ଏପରି ବିପଦପୂର୍ଣ୍ଣ ଅବସ୍ଥାରେ ଶିକ୍ଷାଦାନ ଚାଲିଥିବାରୁ ଏହାକୁ ନେଇ ଅଭିଭାବକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ସୃଷ୍ଟି ହୋଇଛି।

ସୂଚନା ଅନୁଯାୟୀ, ୧୯୮୦ ମସିହାରେ ଚୁଙ୍ଗମାଟିଆ ପ୍ରାଥମିକ ବିଦ୍ୟାଳୟ ଗୃହ ନିର୍ମାଣ ହୋଇଥିବା ବେଳେ ଏଠାରେ ଶିଶୁ ବାଟିକାଠାରୁ ଆରମ୍ଭ କରି ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ମୋଟ ୮୬ ଜଣ ଛାତ୍ରୀଛାତ୍ର ପଢୁଛନ୍ତି। ଶିକ୍ଷାଦାନ ପାଇଁ ୩ ଜଣ ଶିକ୍ଷକ ନିଯୁକ୍ତି ପାଇଛନ୍ତି। କିନ୍ତୁ ଶ୍ରେଣୀଗୃହ କହିଲେ ଭଙ୍ଗା ଦଦରା ଖପର ଘର। ଏପରି କି ପୂର୍ବରୁ ପାଠପଢ଼ା ଚାଲିଥିବା ବେଳେ ଶ୍ରେଣୀଗୃହ ଭୁଶୁଡ଼ି ପଡ଼ିବାର ନଜିର ମଧ୍ୟ ରହିଛି। ବର୍ଷାବେଳେ ଶ୍ରେଣୀଗୃହଗୁଡ଼ିକରୁ ପାଣି ଗଳୁଥିବାରୁ ଏହା ଅତି ବିପଦସଙ୍କୁଳ ଅବସ୍ଥାକୁ ଆସିଯାଇଛି। ତେଣୁ ଯେ କୌଣସି ସମୟରେ ଏହା ଭୁଶୁଡ଼ି ପଡ଼ିବାର ଆଶଙ୍କା ରହିଛି। ଏ ସମ୍ପର୍କରେ ସିଆର୍‌ସିସି ଗୁରୁଦେବ ବେହେରା କହିଛନ୍ତି, ସ୍କୁଲ ଘରକୁ ବହୁ ପୂର୍ବରୁ ଅସୁରକ୍ଷିତ ଘୋଷଣା କରାଯାଇଛି। ନିର୍ମାଣ ହୋଇଥିବା ନୂତନ ଗୃହଗୁଡ଼ିକର ଚାବି ଠିକାଦାର ଏଯାଏ ହସ୍ତାନ୍ତର କରିନାହାନ୍ତି। ତେଣୁ ବାଧ୍ୟ ହୋଇ ସେହି ଶ୍ରେଣୀଗୃହ ଗୁଡ଼ିକରେ ପିଲାମାନେ ପଢୁଛନ୍ତି। ଏ ନେଇ ସରପଞ୍ଚଙ୍କ ଠାରୁ ଆରମ୍ଭ କରି ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରାଯାଇଥିଲେ ମଧ୍ୟ ସୁଫଳ ମିଳୁନାହିଁ।

# କୋଶଳା ପିଏମ୍‌ଶ୍ରୀ ଉଚ୍ଚବିଦ୍ୟାଳୟରେ ଶିକ୍ଷକ ସଙ୍କଟ

**ଛେଣ୍ଡିପଦା,୨୮।୬ (ଅଜିତ ଧଳ)**

ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକର କୋଶଳା ପିଏମ୍‌ଶ୍ରୀ ଉଚ୍ଚବିଦ୍ୟାଳୟରେ ଦୀର୍ଘଦିନ ହେବ ଶିକ୍ଷକ ସମସ୍ୟା ରହିଥିବାରୁ ଶିକ୍ଷାଦାନ ବାଧାପ୍ରାପ୍ତ ହେଉଥିବା ଅଭିଯୋଗ ହେଉଛି। ଏହି ବିଦ୍ୟାଳୟରେ ବର୍ତ୍ତମାନ ଷଷ୍ଠ ଶ୍ରେଣୀରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ମୋଟ ୫୫୪ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ପାଠ୍ୟ ଖସଡ଼ା ମୁତାବକ ବିଦ୍ୟାଳୟରେ ୨୦ରୁ ଅଧିକ ଶିକ୍ଷକ ଆବଶ୍ୟକ ଥିବାବେଳେ ବର୍ତ୍ତମାନ ମାତ୍ର ୧୦ଜଣ ଶିକ୍ଷକ ଶିକ୍ଷାଦାନ କାର୍ଯ୍ୟ ତୁଲାଉଛନ୍ତି। ଏପରି କି ବିଦ୍ୟାଳୟଟି ସ୍ମାର୍ଟ ସ୍କୁଲରେ ଅନ୍ତର୍ଭୁକ୍ତ ଥିବାବେଳେ ସେହି ତୁଳନାରେ ଅନେକ କାର୍ଯ୍ୟ ହୋଇ ନ ଥିବା ପରିଚାଳନା କମିଟି ଓ କୋଶଳା ଗ୍ରାମ୍ୟ କମିଟି ପକ୍ଷରୁ ଅଭିଯୋଗ କରାଯାଇଛି। ବିଦ୍ୟାଳୟରେ ଆବଶ୍ୟକ ଶିକ୍ଷକ ନିଯୁକ୍ତି ସହ ଭିତ୍ତିଭୂମି ସମସ୍ୟାର ସମାଧାନ ଦିଗରେ ପ୍ରଶାସନ ଓ ଶିକ୍ଷା ବିଭାଗ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ଗ୍ରାମବାସୀ, ଅଭିଭାବକଙ୍କ ପକ୍ଷରୁ ଦାବି ହୋଇଛି। ଏ ଦିଗରେ ଆବଶ୍ୟକ ପଦକ୍ଷେପ ନିଆ ନ ଗଲେ ଆଗାମୀ ଦିନରେ କୋଶଳା ଗ୍ରାମବାସୀ ରାସ୍ତାକୁ ଓହ୍ଲାଇବେ ବୋଲି କୋଶଳା ଗ୍ରାମ ସଭାପତି କୃତାର୍ଥ ଦେହୁରୀ ଚେତାବନୀ ଦେଇଛନ୍ତି।

# ଯୁବକଙ୍କୁ ମାଡ଼ ଅଭିଯୋଗ

**ବଇଣ୍ଡା,୨୮।୬(ପରିକ୍ଷିତ ସାହୁ):**

ଅନୁଗୋଳ ଜିଲା କିଶୋରନଗର ବ୍ଲକ ହଣ୍ଡପା ଥାନା ବାଗେଡ଼ିଆ ଗ୍ରାମର ଭାଗୀରଥି ନାୟକଙ୍କୁ ଆମ୍ବମୁଣ୍ଡା ଗ୍ରାମର ବାସୁ ନାୟକ, ତାଙ୍କ ସ୍ତ୍ରୀ ବାରି ନାୟକ ମିଶି ରଶିରେ ବାନ୍ଧି ମାଡ଼ ମାରିବା ସହ ହତ୍ୟା ଉଦ୍ୟମ କରିଥିବା ଭାଗୀରଥିଙ୍କ ସ୍ତ୍ରୀ ସୁକାନ୍ତି ନାୟକ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ନମ୍ବର ୨୨୮/୨୫ରେ ଏକ ମାମଲା ରୁଜୁ କରିଛି। ପୋଲିସ କହିଛି, ଭାଗୀରଥି ଏକ ଝିଅ ଦେଖିବାକୁ ଅଙ୍ଗପଡ଼ା ଯାଇଥିଲେ। ସେଠାରୁ ଆମ୍ବମୁଣ୍ଡା ଦେଇ ଘରକୁ ଫେରୁଥିବା ବେଳେ ଅଭିଯୁକ୍ତ ଦମ୍ପତି ତାଙ୍କୁ ଅଟକାଇ ମାଡ଼ ମାରିଥିଲେ। ପରେ ଏକ ରଶି ସାହାଯ୍ୟରେ ବାନ୍ଧି ହତ୍ୟା କରିବା ପାଇଁ ଉଦ୍ୟମ କରିଥିବା ଅଭିଯୋଗପତ୍ରରେ ଉଲ୍ଲେଖ କରାଯାଇଛି। ସେହିପରି ହଣ୍ଡପା ଥାନା ମାଙ୍କଡ଼ଚୁଆ ଗ୍ରାମର ଶତ୍ରୁଘ୍ନ ମିର୍ଦ୍ଧାଙ୍କୁ ସେହି ଗ୍ରାମର ଅରୁଣ ମିର୍ଦ୍ଧା ପଥରରେ ଆକ୍ରମଣ କରିଥିବା ଶତ୍ରୁଘ୍ନ ଶୁକ୍ରବାର ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ନମ୍ବର ୨୩୦/୨୫ରେ ଏକ ମାମଲା ରୁଜୁ କରିଛି।

# ମୃତ ବିଶ୍ୱଜିତଙ୍କ ପରିବାରକୁ ଭେଟିଲେ ଏମ୍‌ପି

**ତାଳଚେର,୨୮।୬ (ମନୋଜ ନନ୍ଦ)**

ଅନୁଗୋଳ ଜିଲା ତାଳଚେର ଦେଉଳବେଡ଼ା କଲୋନୀରେ ରହୁଥିବା ଲାଙ୍ଗିଯୋଡ଼ା ଗ୍ରାମର ବିଶ୍ୱଜିତ ନାଏକଙ୍କୁ କିଛିଦିନ ତଳେ ଅପହରଣ ଓ ହତ୍ୟା କରାଯାଇଥିଲା। ଏହିଘଟଣାରେ ପୋଲିସ ୨ ଅଭିଯୁକ୍ତଙ୍କୁ ଗିରଫ କରିଛି। ମଙ୍ଗଳବାର ଢେଙ୍କାନାଳ ଏମ୍‌ପି ରୁଦ୍ର ନାରାୟଣ ପାଣି ଦେଉଳବେଡ଼ାସ୍ଥିତ ବିଶ୍ୱଜିତ୍‌ଙ୍କ ବାସଭବନକୁ ଯାଇ ଶୋକସନ୍ତପ୍ତ ପରିବାରକୁ ଭେଟି ସମବେଦନା ଜଣାଇବା ସହ ପୋଲିସ ଆଇଜି ସତ୍ୟବ୍ରତ ଭୋଇ, ଏସ୍‌ପି ରାହୁଲ ଜୈନ ଓ ଏସ୍‌ଡିପିଓ ଭରତ ସାହୁଙ୍କୁ ଫୋନ କରି ହତ୍ୟା ମାମଲାର ଠିକ୍ ତଦନ୍ତ କରି ଦୋଷୀଙ୍କୁ ଉପଯୁକ୍ତ ଦଣ୍ଡ ବିଧାନ ପାଇଁ ପରାମର୍ଶ ଦେଇଥିଲେ। ଏମ୍‌ପିଙ୍କ ସହ ଭାଜପା ଜୋନାଲ ମିଡିଆ ସେଲ୍ ସଂଯୋଜକ ପର୍ଶୁରାମ ବାରିକ, ପ୍ରାକ୍ତନ ମଣ୍ଡଳ ସଭାପତି ବରୁଣ ସାହୁ, ଜିତେନ୍ଦ୍ର ଦାସ, ଜଗଦୀଶ ସିଂହ, ସୁନୀଲ ପଟ୍ଟନାୟକ, କାଉନସିଲର ସ୍ୱାଧୀନ ଅମ୍ବ, ବିନ୍ଦା ସିଂହଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।



ମୃତ ବିଶ୍ୱଜିତଙ୍କ ପରିବାରକୁ ଭେଟୁଛନ୍ତି ଢେଙ୍କାନାଳ ଏମ୍‌ପି।

# ଦିବାକର ମିଶ୍ରଙ୍କ ୧୧୦ ତମ ଜୟନ୍ତୀ

**ତାଳଚେର,୨୮।୬(ମନୋଜ ନନ୍ଦ)**

ତାଳଚେର ସହରର ବଡ଼ ବଜାରଠାରେ ସାମ୍ବାଦିକ ଗୌରବ ସ୍ୱର୍ଗତ ଦିବାକର ମିଶ୍ରଙ୍କ ୧୧୦ ତମ ଜୟନ୍ତୀ ଗୁରୁବାର ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଢେଙ୍କାନାଳର ପୂର୍ବତନ ଏମ୍‌ପି ମହେଶ ସାହୁ, ଅନ୍ୟତମ ଅତିଥି ଭାବେ ତାଳଚେର ନଗରପାଳ ପବିତ୍ର ଭୂତିଆ,ବିରଜା ମିଶ୍ର, କେଶବ ଭୂତିଆ, ବାନାମ୍ବର ଭୂତିଆ, କାଉନସିଲର ଆସିଫ ଖାନ, ଯଶୋବନ୍ତ ମିଶ୍ର, ସନ୍ତୋଷ କୁମାର ବେହେରା, ବାବୁନି ସାଇଁ, ଜ୍ୟୋତି ରଞ୍ଜନ ଦାସ, ଜିଲା ଭାଜପା ସମ୍ପାଦକ ପ୍ରକାଶ ମହାରଣା, କଂଗ୍ରେସ ନେତା ବଜରଙ୍ଗ ଅଗ୍ରୱାଲା, ଶିକ୍ଷାବିତ୍ ବିଭୂତି ମିଶ୍ର, ସ୍ମୃତି କମିଟି ସଂଯୋଜକ ତପନ କୁମାର ମହାରଣା ପ୍ରମୁଖ ଯୋଗଦେଇ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ସିଟିଜେନ ଫୋରମ ସଂଯୋଜକ ଜିତେନ୍ଦ୍ର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ତାଳଚେର ପ୍ରେସ୍ କ୍ଲବଠାରେ ସଭାପତି ପୂର୍ଣ୍ଣଚନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଜୟନ୍ତୀ ସଭା ଅନୁଷ୍ଠିତ ହୋଇଥିଲା।

# ଉତ୍କଳମଣିଙ୍କ ଜୀବନୀ ଉପରେ ଆଲୋକପାତ

**ତାଳଚେର,୨୮।୬(ମନୋଜ ନନ୍ଦ)/ ପବିତ୍ରନଗର (ନିରୋଜ ପ୍ରଧାନ)**



ତାଳଚେରଠାରେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଶ୍ରାଦ୍ଧ ଦିବସ ପାଳନ କରାଯାଉଛି।

ଅନୁଗୋଳ ଜିଲା ତାଳଚେର ଟାଉନ ହଲ୍ ନିକଟସ୍ଥ ପଣ୍ଡିତ ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତିସ୍ଥଳଠାରେ ଗୁରୁବାର ପଣ୍ଡିତ ଗୋପବନ୍ଧୁ ଦାସଙ୍କ ୯୭ ତମ ଶ୍ରାଦ୍ଧ ଦିବସ ପାଳିତ ହୋଇଯାଇଛି। ଢେଙ୍କାନାଳର ପୂର୍ବତନ ଏମ୍‌ପି ମହେଶ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉତ୍କଳ ମଣି ଗୋପବନ୍ଧୁଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ଅନ୍ୟତମ ଅତିଥି ଭାବେ ତାଳଚେର ନଗରପାଳ ପବିତ୍ର ଭୂତିଆ ଯୋଗଦେଇ ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଅବଦାନକୁ ଭୁଲି ହେବନାହିଁ ବୋଲି ପ୍ରକାଶ କରିଥିଲେ। ବିରଜା ମିଶ୍ର, କେଶବ ଭୂତିଆ, ବାନାମ୍ବର ଭୂତିଆ, କାଉନସିଲର ଆସିଫ ଖାନ, ଯଶୋବନ୍ତ ମିଶ୍ର, ସନ୍ତୋଷ କୁମାର ବେହେରା, ବାବୁନି ସାଇଁ, ଜ୍ୟୋତି ରଞ୍ଜନ ଦାସ, ଜିଲା ଭାଜପା ସମ୍ପାଦକ ପ୍ରକାଶ ମହାରଣା, ପ୍ରକାଶ ସାହୁ, କଂଗ୍ରେସ ନେତା ବଜରଙ୍ଗ ଅଗ୍ରୱାଲା, ଶିକ୍ଷାବିତ୍ ବିଭୂତି ମିଶ୍ର, ସଂଯୋଜକ ତପନ କୁମାର ମହାରଣା, ରାମଚନ୍ଦ୍ର ଭୂତିଆ, ମନୋଜ ମହାପାତ୍ର, ଭାଗୀରଥି ମହାପାତ୍ର, ପ୍ରଦୀପ ମହାରଣା, ଜିତେନ୍ଦ୍ର ମହାପାତ୍ର ପ୍ରମୁଖ ଯୋଗଦେଇ ପଣ୍ଡିତ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ସେହିପରି କଣିହାଁ ବ୍ଲକ ରେଙ୍ଗାଳି ପ୍ରକଳ୍ପସ୍ଥିତ ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ପରିସରରେ ପ୍ରତିଷ୍ଠିତ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତି ମଣ୍ଡପରେ ୯୭ତମ ଶ୍ରାଦ୍ଧ ଦିବସ ପାଳିତ ହୋଇଯାଇଛି। ଏଥିରେ ରେଙ୍ଗାଳି ଥାନା ଆଇଆଇସି ଜୟନ୍ତ କୁମାର ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ ମାଲ୍ୟାର୍ପଣ କରିଥିଲେ। ସମ୍ମାନିତ ଅତିଥି ଭାବେ ଓଏଚ୍‌ପିସି ଡିଜିଏମ୍ ଫକୀର ଉଦ୍ଦିନ ଅଲ୍ଲୀ ଅହମ୍ମଦ, ଡ୍ୟାମ୍ ଡିଭିଜନର ସହକାରୀ ଯନ୍ତ୍ରୀ ସୂର୍ଯ୍ୟକାନ୍ତ ବେହେରା, ରେଙ୍ଗାଳି ଲକ୍ଷ୍ମୀ ବଜାର କମିଟି ସଭାପତି ଶତ୍ରୁଘନ ପ୍ରଧାନ, ସମ୍ପାଦକ ଅକ୍ଷୟ କୁମାର ସାହୁ, ପୂର୍ବତନ ସମ୍ପାଦକ ସଞ୍ଜୟ କୁମାର ସାହୁ, ସୀମାଞ୍ଚଳ ସାବତ, ପ୍ରଦୀପ କୁମାର ବେହେରା, ଜନ୍ମେଞ୍ଜୟ ରାଉତ, ପୂର୍ଣ୍ଣଚନ୍ଦ୍ର ବେହେରା, ଶଶି ଶେଖର ସିଂ ପ୍ରମୁଖ ଯୋଗ ଦେଇଥିଲେ।

ଧରିତ୍ରୀ 51 Years
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ରବିବାର, ଜୁନ୍ ୨୯/୨୦୨୫ Bhubaneswar, Sunday, June 29/ 2025

# ପୁଲ୍ 'ବି'ରେ ଭାରତ, ପାକିସ୍ତାନ

**ଲାଉସାନେ, ୨୮ା୬ (ପି.ଟି.)**




ନଭେମ୍ବର ୨୮ରୁ ଡିସେମ୍ବର ୧୦ ପର୍ଯ୍ୟନ୍ତ ଚେନ୍ନାଇ ଓ ମଦୁରାଇରେ ଜୁନିୟର ପୁରୁଷ ହକି ବିଶ୍ୱକପ୍ ଅନୁଷ୍ଠିତ ହେବ। ଏଥିପାଇଁ ସ୍ଥାନୀୟ ଏଫ୍‌ଆଇଏଚ୍ ମୁଖ୍ୟ କାର୍ଯ୍ୟାଳୟରେ ଶନିବାର ଡ୍ର' ଉଠାଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ତଦନୁସାରେ ଗ୍ରୁପ୍ 'ବି'ରେ ଦୁଇ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ଭାରତ ଓ ପାକିସ୍ତାନ ବ୍ୟତୀତ ଚିଲି ଓ ସୁଇଜରଲାଣ୍ଡ ସ୍ଥାନ ପାଇଛନ୍ତି। ଏହି ସଂସ୍କରଣରେ ପ୍ରଥମ ଥର ୨୪ଟି ଦଳ ଅଂଶଗ୍ରହଣ କରିବେ। ପୁଲ୍ 'ଏ'ରେ ଜର୍ମାନୀ, ଦକ୍ଷିଣ ଆଫ୍ରିକା, କାନାଡା ଓ ଆୟର୍ଲାଣ୍ଡ ସ୍ଥାନ ପାଇଥିବା ବେଳେ ପୁଲ୍ 'ସି'ରେ ଆର୍ଜେଣ୍ଟିନା, ନ୍ୟୁଜିଲାଣ୍ଡ, ଜାପାନ ଓ ଚାଇନାକୁ ସ୍ଥାନ ମିଳିଛି। ପୁଲ୍ 'ଡି'ରେ ସ୍ପେନ, ବେଲଜିୟମ, ଇଜିପ୍ଟ ଓ ନାମ୍ବିଆ ଏବଂ ପୁଲ୍ 'ଇ'ରେ ନେଦରଲାଣ୍ଡ୍ସ, ମାଲେସିଆ, ଇଂଲଣ୍ଡ ଓ ଅଷ୍ଟ୍ରିଆ ରହିଛନ୍ତି। ସେହିପରି ପୁଲ୍ 'ଏଫ୍'ରେ ଫ୍ରାନ୍ସ, ଅଷ୍ଟ୍ରେଲିଆ, କୋରିଆ ଓ ବାଂଲାଦେଶକୁ ନିଆଯାଇଛି। ଇଣ୍ଟରନ୍ୟାଶନାଲ ହକି ଫେଡେରେଶନ ସଭାପତି ତୟାବ ଇକ୍ରାମ, ହକି ଇଣ୍ଡିଆ ସାଧାରଣ ସମ୍ପାଦକ ଭୋଲାନାଥ ସିଂ ଏବଂ ହକି ଇଣ୍ଡିଆ ମହାନିର୍ଦ୍ଦେଶକ ଆର୍.କେ. ଶ୍ରୀବାସ୍ତବ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଜର୍ମାନୀ ବର୍ତ୍ତମାନ ଜୁନିୟର ପୁରୁଷ ବିଶ୍ୱକପ୍ ଚାମ୍ପିୟନ। ୨୦୨୩ ସଂସ୍କରଣରେ ଦଳ ଫାଇନାଲରେ ଫ୍ରାନ୍ସକୁ ୨-୧ ଗୋଲ୍‌ରେ ପରାସ୍ତ କରିଥିଲା। ଜର୍ମାନୀ ରେକର୍ଡ ସର୍ବାଧିକ, ସେ ୬ଥର ଏହି ଟୁର୍ନାମେଣ୍ଟର ଟାଇଟଲ ବିଜୟୀ ହୋଇଛି।



ବେଙ୍ଗାଲୁରୁସ୍ଥିତ କାନ୍ତିରାଭା ଷ୍ଟାଡିୟମରେ ଚାଲିଥିବା ଇଣ୍ଡିଆ ଓପନ ଆଥଲେଟିକ୍ ମିଟ୍ ୨୦୨୫ରେ ଶନିବାର ଅନୁଷ୍ଠିତ ମହିଳା ୪୦୦ମିଟର ହର୍ଡଲ୍ସ ଇଭେଣ୍ଟରେ ତାମିଲନାଡୁର ଅଶ୍ୱିନୀ ଆର୍.।

# ଲୋୟର ଅର୍ଡର ବ୍ୟାଟରଙ୍କ ବ୍ୟାଟିଂ ଅଭ୍ୟାସ

**ବର୍ମିଂହାମ,୨୮ା୬(ପି.ଟି.)**

ଇଂଲଣ୍ଡ ବିପକ୍ଷ ପ୍ରଥମ ଟେଷ୍ଟରେ ଭାରତୀୟ ଦଳର ପରାଜୟ ପଛରେ ଲୋୟର ଅର୍ଡର ବ୍ୟାଟରଙ୍କ ବିଫଳତା ଅନ୍ୟତମ ମୁଖ୍ୟ କାରଣ ରହିଥିଲା। ପ୍ରଥମ ଇନିଂସରେ ଭାରତୀୟ ଦଳ ଅନ୍ତିମ ୭ ଉଇକେଟ ୪୧ ରନରେ ଓ ଦ୍ୱିତୀୟ ଇନିଂସରେ ୩୨ ରନରେ ଅନ୍ତିମ ୬ ଉଇକେଟ ହରାଇଥିଲା। ଏଥିଯୋଗୁ ମହମ୍ମଦ ସିରାଜ, ଯଶପ୍ରୀତ ବୁମରା ଓ ପ୍ରସିଦ୍ଧ କ୍ରିଷ୍ଣା ନେଟ୍ସରେ ବ୍ୟାଟିଂ ପ୍ରାକ୍ଟିସ କରୁଛନ୍ତି, ଯାହା ଫଳରେ ଆସନ୍ତା ୨ ତାରିଖରୁ ଆରମ୍ଭ ହେବାକୁ ଥିବା ଦ୍ୱିତୀୟ ଟେଷ୍ଟ ଲାଗି ସେମାନେ ଭଲ ଭାବେ ପ୍ରସ୍ତୁତ ହୋଇପାରିବେ। ଏ ସମ୍ପର୍କରେ ଭାରତୀୟ ପେସର ପ୍ରସିଦ୍ଧ ଖବରଦାତା ସମ୍ମିଳନୀରେ କହିଛନ୍ତି, ଜଣେ ଲୋୟର ଅର୍ଡର ବ୍ୟାଟ୍ସମ୍ୟାନ ଭାବେ ଆମେ ନିଶ୍ଚିତ ଆମ ବ୍ୟାଟିଂ ଉପରେ କାମ କରୁଛୁ। ନେଟ୍ସରେ ସମସ୍ତ ଲୋୟର ଅର୍ଡର ବ୍ୟାଟର ଝାଳବୁହା ପରିଶ୍ରମ କରୁଛନ୍ତି। ମୋ ମତରେ କ୍ରିଜ୍‌ରେ ଅଧିକ ସମୟ ବିତାଇବା ପାଇଁ ନିଜ ଦକ୍ଷତା ଉପରେ ଭରସା କରିବାକୁ ପଡ଼ିବ। ଆମେ ଏ ଦିଗରେ କାମ କରୁଛୁ।

# ହମ୍‌ବର୍ଗ ଓପନ ଜିତିଲେ ପେଗୁଲା

**ହମ୍‌ବର୍ଗ (ଜର୍ମାନୀ), ୨୮ା୬**



ବିଶ୍ୱର ୩ ନମ୍ବର ମହିଳା ସିଙ୍ଗଲ୍ସ ଟେନିସ ଖେଳାଳି ଆମେରିକାର ଜେସିକା ପେଗୁଲା ଏଠାରେ ବ୍ୟାଡ୍ ହମ୍‌ବର୍ଗ ଓପନ ଟେନିସ ଟୁର୍ନାମେଣ୍ଟ ଟାଇଟଲ ବିଜୟୀ ହୋଇଛନ୍ତି। ଶନିବାର ଅନୁଷ୍ଠିତ ଫାଇନାଲରେ ସେ ବିଶ୍ୱର ପୂର୍ବତନ ନମ୍ବର ୱାନ ପୋଲାଣ୍ଡର ଇଗା ସ୍ୱିଟେକ୍‌ଙ୍କୁ ୬-୪, ୭-୫ରେ ହରାଇ ଦେଇଛନ୍ତି। ଫଳରେ ଏକ ଗ୍ରାସ୍‌କୋର୍ଟ ଟୁର୍ନାମେଣ୍ଟରେ ବିଜୟ ସହ ୱିମ୍ବଲଡନକୁ ଅଗ୍ରସର ହେବ। ଗତ ସପ୍ତାହରେ ବର୍ଲିନ ଓପନ ଟେନିସରେ ଟାଇଟଲ ବଜାୟ ଲକ୍ଷ୍ୟରେ ଯାଇଥିବା ପେଗୁଲା ସେଠାରେ ପ୍ରଥମ ରାଉଣ୍ଡରୁ ବିଦାୟ ନେଇଥିଲେ। କିନ୍ତୁ ବ୍ୟାଡ୍ ହମବର୍ଗରେ ୪ଟି ମ୍ୟାଚରେ ବିଜୟ ସହ ସେ ତାଙ୍କ କ୍ୟାରିୟରର ଦ୍ୱିତୀୟ ଗ୍ରାସ୍‌କୋର୍ଟ ଟାଇଟଲ ଜିତିବାରେ ସଫଳ ହୋଇଛନ୍ତି। ପେଗୁଲା ସ୍ୱିଟେକ୍‌ଙ୍କ ସହ ମୁକାବିଲା କରିଥିବା ଗତ ୬ଟି ମ୍ୟାଚ ମଧ୍ୟରେ ଏହାଥିଲା ୪ର୍ଥ ବିଜୟ। ଚଳିତ ସିଜନରେ ମଧ୍ୟ ଏହା ତାଙ୍କର ତୃତୀୟ ଟାଇଟଲ। କ୍ୱାର୍ଟର ଓ ସେମିଫାଇନାଲରେ ଯଥାକ୍ରମେ ଏମା ନାଭାରୋ ଓ ଲିଣ୍ଡା ନୋସ୍କୋଭାଙ୍କ ବିପକ୍ଷ ମ୍ୟାଚ ଜିତିବା ଲାଗି ଏହି ଟପ୍ ସିଡ୍ ଖେଳାଳିଙ୍କୁ ୩ ସେଟ୍ ବିଶିଷ୍ଟ ମ୍ୟାଚ ଜିତିବାକୁ ପଡ଼ିଥିଲା।










Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ